॥ ଶ୍ରୀହରିଃ ॥

1299▲

ଭଗବାନ ଓ ଭଗବଭକ୍ତି

भगवान् और उनकी भक्ति (ओड़िआ)

गीताप्रेस गोरखपुर
GITA PRESS, GORAKHPUR [SINCE 192...]

ସ୍ୱାମୀ ରାମସୁଖଦାସ

1299

॥ ଶ୍ରୀହରିଃ ॥

ଭଗବାନ ଓ ଭଗବଦ୍‌ଭକ୍ତି

भगवान् और उनकी भक्ति (ओड़िआ)

ତ୍ୱମେବ ମାତା ଚ ପିତା ତ୍ୱମେବ
ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ ।
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ
ତ୍ୱମେବ ସର୍ବଂ ମମ ଦେବଦେବ ॥

ସ୍ୱାମୀ ରାମସୁଖଦାସ

ଭାଷାନ୍ତର—ଦୀନବନ୍ଧୁ ବ୍ରହ୍ମଗ୍ୱରୀ

Books are also available at—

1. Gita Press, Gorakhpur Ki Pustak-Dukan, Bharatiya Towers, Badam Badi, Cuttack ✆ (0671) 2335481, Mob. 8847856627
2. Cuttack, Railway Station, Platform No.1
3. Bhubaneswar, Railway Station, Platform No.1
4. Howrah, Railway Station, Platform No.5&18 Both.
5. Gobind Bhavan, 151, Mahatma Gandhi Road, Kolkata ✆ (033) 40605293, 22680251; 22686894

Eighteenth Reprint 2018 2,000

Total 44,500

❖ **Price : ₹ 12**

(Twelve Rupees only)

Printed & Published by :

Gita Press, Gorakhpur—273005 (INDIA)

(a unit of Gobind Bhavan-Karyalaya, Kolkata)

Phone : (0551) 2334721, 2331250, 2333030

web : **gitapress.org** e-mail : **booksales@gitapress.org**

Visit gitapressbookshop.in for online purchase of Gitapress publications

॥ ଶ୍ରୀହରିଃ ॥

ନିବେଦନ

ଶ୍ରୀମଦ୍ଭଗବଦ୍‌ଗୀତା ଏପରି ଏକ ଅଲୌକିକ ଗ୍ରନ୍ଥ, ଯାହାର ସୀମା ଆଜିପର୍ଯ୍ୟନ୍ତ କେହି ପାଇ ନାହିଁ, ପାଇ ପାରିବ ନାହିଁ କି ପାଇବା ସମ୍ଭବ ମଧ୍ୟ ନୁହେଁ । ଗଭୀରଭାବରେ ମନନ ଓ ଅଧ୍ୟୟନ କଲେ ଏଥିରୁ ନିତ୍ୟ ନବୀନ ଭାବମାନ ଉଦ୍ରେକ ହୁଏ । ଏହି ଅଗାଧ ଗୀତାର୍ଣ୍ଣବର ଗଭୀରତମ ପ୍ରଦେଶରେ ପ୍ରବେଶ କରି ଅନ୍ୱେଷଣ କରିବାରୁ ପରମ ଶ୍ରଦ୍ଧେୟ ସ୍ୱାମୀଜୀ ମହାରାଜଙ୍କୁ ଅନେକ ଅମୂଲ୍ୟ ରତ୍ନ ମିଳିଛି ଏବଂ ଏବେ ମଧ୍ୟ ମିଳୁଛି । କିଛି ବର୍ଷ ପୂର୍ବେ ରାଜସ୍ଥାନ ଅନ୍ତର୍ଗତ ମଥାନିୟା ନାମକ ସ୍ଥାନରେ ଚାତୁର୍ମାସ୍ୟ ସତ୍‌ସଙ୍ଗ ସମୟରେ ଶ୍ରଦ୍ଧେୟ ସ୍ୱାମୀଜୀଙ୍କୁ ଗୀତାରୁ ଭଗବାନଙ୍କ ସଗୁଣ ସ୍ୱରୂପ ଓ ଭକ୍ତି ସମ୍ବନ୍ଧୀୟ ଅନେକ ବିଚିତ୍ର ଭାବ ପ୍ରାପ୍ତ ହେଲା । ସେହି ଭାବଗୁଡ଼ିକୁ ଆଧାର କରି ପ୍ରସ୍ତୁତ ପୁସ୍ତକଟି ରଚନା କରାଯାଇଛି । ଆଶା, ବିଚାରଶୀଳ ତଥା ଭଗବତ୍‌ପ୍ରେମୀ ସାଧକମାନଙ୍କ ପାଇଁ ଏହା ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିବ ଏବଂ ସହଜରେ ଭଗବତ୍‌ପ୍ରାପ୍ତିର ମାର୍ଗ ପ୍ରଦର୍ଶିତ କରାଇ ପାରିବ ।

ସୁଧୀ ପାଠକବୃନ୍ଦ ଏହି ପୁସ୍ତକଟିକୁ ମନୋଯୋଗପୂର୍ବକ ଅଧ୍ୟୟନ କରି ଲାଭାନ୍ୱିତ ହେବା ପାଇଁ ବିନମ୍ର ନିବେଦନ ।

—ପ୍ରକାଶକ

॥ ଶ୍ରୀହରିଃ ॥

ସୂଚୀପତ୍ର

ବିଷୟ	ପୃଷ୍ଠା
୧-ଭକ୍ତି, ଭକ୍ତ ଓ ଭଗବାନ	5
୨-ଭକ୍ତି ଓ ତାହାର ମହିମା	14
୩-ଭଗବାନଙ୍କର ସଗୁଣ ସ୍ୱରୂପ ଓ ଭକ୍ତି	23
୪-ପ୍ରେମ, ପ୍ରେମୀ ଓ ପ୍ରେମାସ୍ପଦ	51
୫-ସର୍ବଶ୍ରେଷ୍ଠ ସାଧନ	61
୬-ସବୁକିଛି ଭଗବାନ	74
୭-ବିଲକ୍ଷଣ ଭଗବଦ୍‌କୃପା	85
୮-ବାସ୍ତବ ସିଦ୍ଧିର ମାର୍ଗ	94
୯-ପ୍ରାର୍ଥନା ଓ ଶରଣାଗତି	104

✦✦✦

॥ ଶ୍ରୀହରିଃ ॥

୧. ଭକ୍ତି, ଭକ୍ତ ଓ ଭଗବାନ

ଶ୍ରୀମଦ୍ଭଗବଦ୍‌ଗୀତାରେ ଭକ୍ତିର ବିଶେଷ ମହିମା ଗାନ କରାଯାଇଛି । ଅର୍ଜୁନଙ୍କ ପ୍ରାର୍ଥନା ଶୁଣି ଯେତେବେଳେ ଭଗବାନ ତାଙ୍କର ବିଶ୍ୱରୂପ ଦେଖାଇଲେ, ସେତେବେଳେ ବିଶ୍ୱରୂପଦର୍ଶନର ଦୁର୍ଲଭତା ସମ୍ବନ୍ଧରେ ଅର୍ଜୁନଙ୍କୁ କହିଲେ ଯେ, ତୁମ ବ୍ୟତୀତ ପୂର୍ବରୁ କେହି ଏହାକୁ ଦେଖି ନ ଥିଲେ ଏବଂ ଏହାକୁ କେହି ଦେଖିବା ସମ୍ଭବ ମଧ୍ୟ ନୁହେଁ । (ଗୀତା ୧୧ । ୪୭, ୪୮) । ପୁନଶ୍ଚ ଅର୍ଜୁନଙ୍କ ପ୍ରାର୍ଥନା ଅନୁସାରେ ଭଗବାନ ତାଙ୍କର ଚତୁର୍ଭୁଜ (ବିଷ୍ଣୁ) ରୂପ ଦେଖାଇଲେ ଏବଂ ସେ ବିଷୟରେ ଅର୍ଜୁନଙ୍କୁ କହିଲେ—

ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା ।
ଶକ୍ୟ ଏବଂବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା ॥

(ଗୀତା ୧୧ । ୫୩)

"ତୁମେ ଯେପରି ଦେଖିଲ, ଏହିପରି ଚତୁର୍ଭୁଜ ରୂପରେ ମୋତେ ବେଦାଧ୍ୟୟନ, ଦାନ ଓ ଯଜ୍ଞ ଦ୍ୱାରା ମଧ୍ୟ ଦେଖିବା ସମ୍ଭବ ନୁହେଁ ।"

ଯଦି କୌଣସି ସାଧନ ଦ୍ୱାରା ଦେଖିବା ସମ୍ଭବ ନୁହେଁ, ତେବେ କେମିତି ଦେଖି ହେବ? ଏଥିନେଇ ଭଗବାନ କହୁଛନ୍ତି—

ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜୁନ ।
ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ॥

(ଗୀତା ୧୧ । ୫୪)

"କିନ୍ତୁ ହେ ଶତ୍ରୁତାପନ ଅର୍ଜୁନ! ଏହିପରି (ଚତୁର୍ଭୁଜରୂପରେ) ମୋତେ ଅନନ୍ୟଭକ୍ତି ଦ୍ୱାରା ହିଁ ତତ୍ତ୍ୱତଃ ଜାଣି ହୁଏ, ଦେଖି ହୁଏ ଓ ମୋ'ଠାରେ ପ୍ରବେଶ କରି ହୁଏ ।"

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭକ୍ତି ଦ୍ୱାରା ଜାଣିବା, ଦେଖିବା ଓ

ପ୍ରବେଶ କରିବା—ତିନୋଟିଯାକ ହୋଇପାରେ । କିନ୍ତୁ ଯେଉଁଠି ଭଗବାନ ଜ୍ଞାନର ପରାନିଷ୍ଠା ବିଷୟରେ କହିଛନ୍ତି, ସେଠାରେ ଜ୍ଞାନ ଦ୍ୱାରା କେବଳ ଜାଣିବା ଓ ପ୍ରବେଶ କରିବା କଥା ହିଁ କହିଛନ୍ତି—**'ତତୋ ମାଂ ତତ୍ତ୍ୱତୋ ଜ୍ଞାତ୍ୱା ବିଶତେ ତଦନନ୍ତରମ୍'** (୧୮ । ୫୫) । ଭକ୍ତି ଦ୍ୱାରା ଭଗବାନଙ୍କର ଦର୍ଶନ ମଧ୍ୟ ହୋଇପାରେ—ଏହା ହେଉଛି ଭକ୍ତିର ବିଶେଷତ୍ୱ; କିନ୍ତୁ ଜ୍ଞାନର ପରାନିଷ୍ଠା ହେବାପରେ ମଧ୍ୟ ଭଗବାନଙ୍କ ଦର୍ଶନ ହୁଏ ନାହିଁ ।

ରାମଚରିତମାନସରେ ମଧ୍ୟ ଭକ୍ତିର ବିଶେଷ ମହିମା ବର୍ଣ୍ଣିତ ହୋଇଛି । ସେଥିରେ ଜ୍ଞାନକୁ ଦୀପର ଉପମା ଦିଆଯାଇଥିବା ସ୍ଥଳେ ଭକ୍ତିକୁ ମଣି ସହିତ ତୁଳନା କରାଯାଇଛି (ମାନସ, ଉତ୍ତର. ୧୧୭ । ୧୨୦) । ଦୀପ ପ୍ରଜ୍ୱଳିତ କରିବାକୁ ହେଲେ ଘିଅ, ସଳିତା ଆଦି ଆବଶ୍ୟକ ହୁଏ ଏବଂ ପବନ ହେଲେ ଦୀପ ଲିଭିଯାଏ, କିନ୍ତୁ ମଣି ପାଇଁ ଘିଅ, ସଳିତା ଇତ୍ୟାଦିର ଆବଶ୍ୟକତା ନ ଥାଏ ଏବଂ ପବନ ହେଲେ ମଧ୍ୟ ତାହା ଲିଭେ ନାହିଁ—

ପରମ ପ୍ରକାସ ରୂପ ଦିନ ରାତୀ । ନହିଁ କଛୁ ଚହିଅ ଦିଆ ଘୃତ ବାତୀ ॥
ମୋହ ଦରିଦ୍ର ନିକଟ ନହିଁ ଆୱା । ଲୋଭ ବାତ ନହିଁ ତାହି ବୁଝାୱା ॥
ପ୍ରବଲ ଅବିଦ୍ୟା ତମ ମିଟି ଜାଈ । ହାରହିଁ ସକଲ ସଲଭ ସମୁଦାଈ ॥

(ମାନସ, ଉତ୍ତର. ୧୨୦ । ୨,୩)

କେବଳ ସେତିକି ନୁହେଁ, ଯେଉଁ ମୁକ୍ତି ଜ୍ଞାନ ଦ୍ୱାରା ଅତି କଷ୍ଟରେ ମିଳେ, ତାହା ଭଗବାନଙ୍କ ଭଜନ କଲେ ବିନା ଇଚ୍ଛାରେ ଆପେ ଆପେ ମିଳିଯାଏ—

ଅତି ଦୁର୍ଲଭ କୈବଲ୍ୟ ପରମପଦ । ସଂତ ପୁରାନ ନିଗମ ଆଗମ ବଦ ॥
ରାମ ଭଜତ ସୋଇ ମୁକୁତି ଗୋସାଈଁ । ଅନଇଚ୍ଛିତ ଆୱଇ ବରିଆଈଁ ॥

(ମାନସ, ଉତ୍ତର. ୧୧୯ । ୨)

ସେଥିପାଇଁ ଜ୍ଞାନମାର୍ଗକୁ ବହୁତ କଠିନ କୁହାଯାଇଛି—***'ଗ୍ୟାନ ପଂଥ କୃପାନ କୈ ଧାରା'*** (ମାନସ, ଉତ୍ତର. ୧୧୯ । ୧), କିନ୍ତୁ ଭକ୍ତିମାର୍ଗକୁ ଅତି ସହଜ କୁହାଯାଇଛି—***'ଭଗତି କେ ସାଧନ କହଉଁ ବଖାନୀ । ସୁଗମ ପଂଥ ମୋହି ପାୱହିଁ ପ୍ରାନୀ ॥'*** (ମାନସ, ଅରଣ୍ୟ. ୧୬ । ୩) । ଭକ୍ତମାନଙ୍କ ପାଇଁ ଭଗବାନଙ୍କୁ ପାଇବା ସହଜ ବୋଲି ଭଗବାନ ନିଜେ ମଧ୍ୟ କହିଛନ୍ତି—

ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ ।
ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ ॥

(ଗୀତା ୮ । ୧୪)

"ହେ ପାର୍ଥ! ଯେଉଁ ଅନନ୍ୟଚିତ୍ତ ଭକ୍ତ ନିତ୍ୟ ଓ ନିରନ୍ତର ମୋତେ ସ୍ମରଣ କରେ, ସେହି ନିତ୍ୟଯୁକ୍ତ ଯୋଗୀ ପାଇଁ ମୁଁ ସୁଲଭ ।"

ଜ୍ଞାନମାର୍ଗର ପଥିକ ନିଜ ସାଧନାକୁ ବଳ ମନେକରେ, କିନ୍ତୁ ଭକ୍ତର ବୈଶିଷ୍ଟ୍ୟ ହେଲା, ସେ ନିଜ ସାଧନାର ବଳ ଉପରେ ଭରସା ରଖେ ନାହିଁ । 'ମୁଁ ଏତେ ଜପ କରୁଛି, ଏତେ ତପ କରୁଛି, ଏତେ ଧ୍ୟାନ କରୁଛି, ଏତେ ସତ୍‌ସଙ୍ଗ କରୁଛି'—ଭିତରେ ଏପରି ଅଭିମାନ ସ୍ଥାନ ପାଇଲେ ଭକ୍ତି ମିଳେ ନାହିଁ । ଯେଉଁମାନେ ସିଧା-ସରଳ ସ୍ୱଭାବର ଓ ଭଗବାନଙ୍କ ଉପରେ ନିର୍ଭରଶୀଳ ତଥା ପ୍ରତ୍ୟେକ ପରିସ୍ଥିତିରେ ହର୍ଷିତ ଓ ଆନନ୍ଦିତ ରହନ୍ତି, ସେହିମାନଙ୍କୁ ହିଁ ଭକ୍ତି ମିଳେ—

କହହୁ ଭଗତି ପଥ କଵନ ପ୍ରୟାସା । ଜୋଗ ନ ମଖ ଜପ ତପ ଉପଵାସା ॥
ସରଲ ସୁଭାଵ ନ ମନ କୁଟିଲାଈ । ଜଥା ଲାଭ ସଂତୋଷ ସଦାଈ ॥

(ମାନସ, ଉତ୍ତର. ୪୬ । ୧)

ନିଜ ସାଧନା ପାଇଁ ଅଭିମାନ ଥିବାପର୍ଯ୍ୟନ୍ତ ପ୍ରକୃତ ଭକ୍ତି ମିଳେ ନାହିଁ । ଭକ୍ତି ପ୍ରାପ୍ତ ହେଲେ ଭକ୍ତ ମନରେ କଦାପି ଏପରି ଭାବନା ଆସେ ନାହିଁ ଯେ, ମୁଁ ଭଜନ କରୁଛି । ଆଦର୍ଶ ଭକ୍ତ ହନୁମାନ କହିଲେ— ***'ଜାନଉଁ ନହିଁ କଛୁ ଭଜନ ଉପାଈ'*** (ମାନସ, କିଷ୍କିନ୍ଧା. ୩ । ୨) । ଭକ୍ତିର ପ୍ରଧାନ ଆଚାର୍ଯ୍ୟ ହୋଇ ମଧ୍ୟ ହନୁମାନ କହୁଛନ୍ତି ଯେ ଭଜନ କ'ଣ, ତାହା କିପରି କରାଯାଏ—ଏସବୁର ଉପାୟ ମୁଁ ଜାଣି ନାହିଁ । ଶବରୀକୁ ଏ କଥା ଜଣା ନ ଥିଲା ଯେ ଭକ୍ତି ନଅ ପ୍ରକାରର ଓ ସେସବୁ ତା'ଠାରେ ପୂର୍ଣ୍ଣରୂପେ ବିଦ୍ୟମାନ! ସେ ରାମଚନ୍ଦ୍ରଙ୍କୁ କହିଲା—

ଅଧମ ତେ ଅଧମ ଅଧମ ଅତି ନାରୀ । ତିନ୍ହ ମହଁ ମୈଁ ମତିମଂଦ ଅଘାରୀ ॥

(ମାନସ, ଅରଣ୍ୟ. ୩୫ । ୨)

କିନ୍ତୁ ଭଗବାନ ତାକୁ କହିଲେ—

ନବଧା ଭଗତି କହଉଁ ତୋହି ପାହୀଁ । ସାଵଧାନ ସୁନୁ ଧରୁ ମନ ମାହୀଁ ॥

. . . .

ନଷମହୁଁ ଏକଉ ଚିହ୍ନ କେଁ ହୋଇ । ନାରି ପୁରୁଷ ସଚରାଚର କୋଇ ॥
ସୋଇ ଅତିସୟ ପ୍ରିୟ ଭାମିନି ମୋରେଁ । ସକଲ ପ୍ରକାର ଭଗତି ଦୃଢ଼ ତୋରେଁ ॥

(ମାନସ, ଅରଣ୍ୟ. ୩୫ । ୪, ୩୬ । ୩,୪)

ହନୁମାନ ଓ ଶବରୀ ମିଛ କହୁ ନାହାନ୍ତି, ଶ୍ଳାଘି କରୁ ନାହାନ୍ତି, ବରଂ ସହଜ ଓ ନିଷ୍କପଟ ଭାବରେ କହୁଛନ୍ତି, କାରଣ ସେମାନଙ୍କ ଠାରେ ଲେଶମାତ୍ର ବି ଅଭିମାନ ନାହିଁ। ଭକ୍ତ ନିଜଠାରେ କୌଣସି ବିଶେଷତ୍ୱ ନ ଦେଖି ସବୁଥିରେ ଭଗବାନଙ୍କର କୃପା ଅନୁଭବ କରେ । ଯଦି ନିଜର ବୋଲି କିଛି ନାହିଁ, ତେବେ ଅଭିମାନ କାହିଁକି ହେବ? ନିଜଠାରେ ଗୁଣ ଦେଖାଗଲେ ଓ ତାହାକୁ ନିଜର ମନେକଲେ ହିଁ ଅଭିମାନ ଅଙ୍କୁରିତ ହୁଏ। ଭକ୍ତକୁ ତ ନିଜଠାରେ କୌଣସି ଗୁଣ ଦେଖାଯାଏ ନାହିଁ ଓ କୌଣସି ଗୁଣକୁ ସେ ନିଜର ମନେକରେ ନାହିଁ, ପୁଣି ତା'ର ଅଭିମାନ ଜାତ ହେବାର ଅବକାଶ କାହିଁ? ତା'ର ଉପାୟ ଓ ଉପେୟ ତଥା ସାଧନ ଓ ସାଧ୍ୟ ହେଉଛନ୍ତି ଏକମାତ୍ର ଭଗବାନ । ସେ ସାଧନର ଅଗ୍ରଗତିକୁ ମଧ୍ୟ ଭଗବାନଙ୍କର କୃପା ମନେକରେ ଏବଂ ସାଧ୍ୟର ପ୍ରାପ୍ତିକୁ ମଧ୍ୟ ଭଗବାନଙ୍କ କୃପା ମନେକରେ ।

ଭଗବାନଙ୍କ କୃପା ସମସ୍ତଙ୍କ ଉପରେ ସମାନ—***'ସବ ପର ମୋହି ବରାବରି ଦାୟା'*** (ମାନସ, ଉତ୍ତର. ୮୭ । ୪) । ସମସ୍ତଙ୍କ ଉପରେ ସୂର୍ଯ୍ୟଙ୍କ କିରଣ ସମାନଭାବରେ ପଡ଼େ, କିନ୍ତୁ ଆତସୀ କାଚ ତାହାକୁ କେନ୍ଦ୍ରିତ କରି ଅଗ୍ନି ଉତ୍ପନ୍ନ କରିଦିଏ । ଅଗ୍ନି ଉତ୍ପନ୍ନ କରିବା ସୂର୍ଯ୍ୟଙ୍କର କାମ ଏବଂ ସୂର୍ଯ୍ୟଙ୍କ କିରଣକୁ ଧାରଣ କରି କେନ୍ଦ୍ରିତ କରିବା ଆତସୀ କାଚର କାମ । ସେହିପରି କୃପା ବୃଷ୍ଟି କରିବା ଭଗବାନଙ୍କର କାମ ଏବଂ ସେହି କୃପାକୁ ଗ୍ରହଣ କରିବା ଭକ୍ତର କାମ । ଭଗବାନଙ୍କ କୃପାରେ କୌଣସି ପକ୍ଷପାତ ନ ଥାଏ । ନିଜଠାରେ ଅଭିମାନ ନ ରହିଲେ ସେହି କୃପାର ପ୍ରବାହ ସିଧାସଳଖ ପ୍ରବାହିତ ହୁଏ । କିନ୍ତୁ ବୁଦ୍ଧି, ଜ୍ଞାନ, ଯୋଗ୍ୟତା ଇତ୍ୟାଦି ଯୋଗୁଁ ନିଜଠାରେ କୌଣସି ବିଶେଷତ୍ୱର ଅଭିମାନ ସ୍ଥାନ ପାଇଲେ ସେହି କୃପାର ପ୍ରବାହରେ ବିଘ୍ନ ସୃଷ୍ଟି ହୁଏ ।

ନିଜଠାରେ ସାମାନ୍ୟ ବି ଗୁଣ, ବିଶେଷତ୍ୱ, ପୁରୁଷାର୍ଥ, ଯୋଗ୍ୟତା ଇତ୍ୟାଦି ଦେଖାଗଲେ ଭକ୍ତି ମିଳେ ନାହିଁ। ଅଭିମାନ ହିଁ ଭକ୍ତିରେ ପ୍ରତିବନ୍ଧକ। ଏଣୁ କୌଣସି ଭଲ କାର୍ଯ୍ୟ ହୋଇଗଲେ ଭକ୍ତ ତାହାକୁ ନିଜର କୃତି ନ ମାନି ଭଗବାନଙ୍କର ମନେକରେ । ତା'ର ବୃତ୍ତି ସ୍ୱାଭାବିକଭାବେ ଭଗବାନଙ୍କ ଆଡ଼କୁ

ଗ୍ଲିଯାଏ । କୌଣସି ଭଲ କାର୍ଯ୍ୟ ହେଲେ ତାହା ଭଗବାନ, ସଦ୍‌ଗୁରୁ ଅଥବା ସନ୍ଥଙ୍କ କୃପାରୁ ହେଲା ବୋଲି ବୁଝିବାକୁ ହେବ । ମହର୍ଷି ବାଲ୍ମୀକି ଭଗବାନଙ୍କୁ କହିଛନ୍ତି—

ଗୁନ ତୁମ୍‌ହାର ସମୁଝଇ ନିଜ ଦୋସା । ଜେହି ସବ ଭାଁତି ତୁମ୍‌ହାର ଭରୋସା ॥

(ମାନସ, ଅଯୋଧ୍ୟା. ୧୩୧ । ୨)

ଭକ୍ତ ଗୁଣଗୁଡ଼ିକୁ ଭଗବାନଙ୍କର ମନେକରେ ଓ ସମସ୍ତ ଦୋଷକୁ ନିଜର ମନେକରେ । କାରଣ ସମସ୍ତ ଗୁଣ ଭଗବାନଙ୍କର ଓ ସ୍ୱତଃସିଦ୍ଧ ଏବଂ ଅବଗୁଣ ବ୍ୟକ୍ତିଗତ ତଥା ଅଭିମାନଜନିତ । ତେଣୁ ଭକ୍ତକୁ ଦେଖାଯାଏ ଯେ ଯାହାକିଛି ଭଲ କାର୍ଯ୍ୟ ହେଉଛି, ତାହା ଭଗବାନଙ୍କ କୃପାରୁ ହିଁ ହେଉଛି ଏବଂ ଯାହା ଖରାପ ହେଉଛି, ତାହା ମୋର ଭୁଲ୍ ଯୋଗୁଁ ହେଉଛି । ପ୍ରକୃତରେ ଦେଖିବାକୁ ଗଲେ ଏହା ହିଁ ସତ୍ୟ । ଭକ୍ତ ବାକ୍‌ଚାତୁରୀ ଦେଖାଏ ନାହିଁ କି ମିଛ କହେ ନାହିଁ, ତାକୁ ଏପରି ସ୍ପଷ୍ଟ ଦେଖାଯାଏ । ସେ ଭାବେ ମୁଁ ତ ଜଣେ ସାଧାରଣ ଲୋକ! ଏହି ଭଲ କାର୍ଯ୍ୟ ତ ଠାକୁରଙ୍କ କୃପାରୁ ହିଁ ସମ୍ଭବ ହେଲା, ଲୋକେ ମିଛଟାରେ ଏହାକୁ ମୋର କୃତି ମନେକରି ମୋତେ ପ୍ରଶଂସା କରୁଛନ୍ତି । ହନୁମାନ ଲଙ୍କାରୁ ଫେରି ରାମଚନ୍ଦ୍ରଙ୍କ ନିକଟକୁ ଗଲେ, ସେ ସମୟରେ ପ୍ରଭୁ କହିଲେ—

ସୁନୁ କପି ତୋହି ସମାନ ଉପକାରୀ । ନହିଁ କୋଉ ସୁର ନର ମୁନି ତନୁଧାରୀ ॥

(ମାନସ, ସୁନ୍ଦର. ୩୨ । ୩)

ଏହା ଶୁଣି ହନୁମାନ 'ତ୍ରାହି! ତ୍ରାହି!!' କହି ଭଗବାନଙ୍କ ଚରଣତଳେ ପଡ଼ିଗଲେ—

ସୁନି ପ୍ରଭୁ ବଚନ ବିଲୋକି ମୁଖ ଗାତ ହରଷି ହନୁମଂତ ।
ଚରନ ପରେଉ ପ୍ରେମାକୁଲ ତ୍ରାହି ତ୍ରାହି ଭଗବଂତ ॥

(ମାନସ, ସୁନ୍ଦର. ୩୨)

ହନୁମାନଙ୍କ ଉପରେ ଏପରି କି ବିପଦ ପଡ଼ିଲା ଯେ ସେଥିରୁ ରକ୍ଷା ପାଇବା ପାଇଁ ସେ 'ତ୍ରାହି! ତ୍ରାହି!!' କହିଲେ? ସେହି ବିପଦଟି ଥିଲା— ଅଭିମାନ । ଭଗବାନଙ୍କ ମୁଖରୁ ନିଜର ପ୍ରଶଂସା ଶୁଣି କାଳେ ଅଭିମାନ ଆସିଯିବ, ସେଥିପାଇଁ ସେ ତ୍ରାହି ତ୍ରାହି ଉଚ୍ଚାରଣ କରି କହିଲେ—"ପ୍ରଭୁ! ଏସବୁ କେବଳ ଆପଣଙ୍କ ପ୍ରତାପରୁ ହିଁ ସମ୍ଭବ ହୋଇପାରିଛି, ମୋ ବଳରେ ନୁହେଁ"—

ସୋ ସବ ତଵ ପ୍ରତାପ ରଘୁରାଈ । ନାଥ ନ କଛୂ ମୋରି ପ୍ରଭୁତାଈ ॥

(ମାନସ, ସୁନ୍ଦର ୩୩ । ୫)

ଅଭିମାନ ନ ଥିଲେ ସାଧକ ପାଇଁ କୌଣସି ବିଘ୍ନ ନ ଥାଏ । **ବିଘ୍ନ** ସେହିଠାରେ ଉପସ୍ଥିତ ହୁଏ, ଯେଉଁଠି ନିଜଠାରେ କିଛି ଯୋଗ୍ୟତା, ବଳ, ବୁଦ୍ଧିମତ୍ତା, ବିଦ୍ୟା, ବୈରାଗ୍ୟ, ତ୍ୟାଗ, ତପସ୍ୟା ଇତ୍ୟାଦିର **ଅଭିମାନ** ରହିଥାଏ । ଭକ୍ତ ନିଜଠାରେ କୌଣସି ଯୋଗ୍ୟତା ଦେଖେ ନାହିଁ, ବରଂ ନିଜକୁ ସମ୍ପୂର୍ଣ୍ଣ ଅଯୋଗ୍ୟ ମନେକରେ । ସେଥିପାଇଁ ତା'ଠାରେ ଭଗବାନଙ୍କର ଯୋଗ୍ୟତା କାମ କରେ । କେବଳ ଭଗବାନଙ୍କର ଶରଣାପନ୍ନ ହୋଇଗଲେ ଭଗବାନ ସମସ୍ତ କାର୍ଯ୍ୟ ତୁଲାଇ ନିଅନ୍ତି—**'ଯୋଗକ୍ଷେମଂ ବହାମ୍ୟହମ୍'** (ଗୀତା ୯ । ୨୨) । ଏହା ହେଉଛି ଅନନ୍ୟଭକ୍ତି । ଭଗବାନଙ୍କର ଏହା ସ୍ୱଭାବ ଯେ ଯାହାର ଅନ୍ୟ କୌଣସି ଆଶ୍ରୟ ନ ଥାଏ, ସେହି ଭକ୍ତ ତାଙ୍କୁ ପ୍ରିୟ ଲାଗେ—

ଏକ ବାନି କରୁନାନିଧାନ କୀ । ସୋ ପ୍ରିୟ ଜାକେଁ ଗତି ନ ଆନ କୀ ॥

(ମାନସ, ଅରଣ୍ୟ, ୧୦ । ୪)

ଏଣୁ—

ଏକ ଭରୋସୋ ଏକ ବଲ ଏକ ଆସ ବିସ୍ୱାସ ।
ଏକ ରାମ ଘନ ସ୍ୟାମ ହିତ ଚାତକ ତୁଲସୀଦାସ ॥

(ଦୋହାବଳୀ ୨୭୭)

—ଏହିପରି ଧାରଣା କରି କେବଳ ଭଗବାନଙ୍କର ଆଶ୍ରିତ ରହି ତାଙ୍କର ଭଜନ କରନ୍ତୁ । ଭଜନ ପାଇଁ ମଧ୍ୟ ଅଭିମାନ ହେବା ଠିକ୍ ନୁହେଁ ଯେ, ମୁଁ ଏତେ ଜପ କରୁଛି, ମୁଁ ଏତେ ଧ୍ୟାନ କରୁଛି ଇତ୍ୟାଦି । ଭକ୍ତ ଜପ ଇତ୍ୟାଦି ବ୍ୟତୀତ ଆଉ କରିବ ବା କ'ଣ? ସେଥିପାଇଁ ସେ ଏସବୁ କରେ! କାରଣ ଏଇ ହେଲା ସବୁଠୁ ଭଲ କାମ । କିନ୍ତୁ ଭଜନ ବଳରେ ଯେ ସେ ଭଗବାନଙ୍କୁ ପାଇଯିବ, ଏପରି ଭାବ ତା'ର କଦାପି ଉଦୟ ହୁଏ ନାହିଁ । ତା'ର ଧାରଣା ଯେ ପ୍ରକୃତରେ ଭଗବାନଙ୍କ କୃପାରୁ ହିଁ ଭଜନ ହେଉଛି ଏବଂ ଭଗବାନଙ୍କ କୃପାରୁ ହିଁ ଭଗବାନ ମିଳିବେ । ଭଗବାନଙ୍କ ଆଶ୍ରୟ ବ୍ୟତୀତ ଅନ୍ୟ କୌଣସି ଆଶ୍ରୟ ନ ରହିବା ହିଁ ଅନନ୍ୟଭକ୍ତି । ଅନନ୍ୟଭକ୍ତିରେ ଭଗବାନ ସୁଲଭ ହୋଇଯାଆନ୍ତି ।

ଭଗବାନଙ୍କ ଭଜନଠାରୁ ବଳି ଆଉ କୌଣସି ମିଠା ଜିନିଷ ଦୁନିଆରେ ନାହିଁ। ସେଥିପାଇଁ ଭକ୍ତ ନିରନ୍ତର ଭଗବାନଙ୍କ ଭଜନରେ ଆନନ୍ଦବିଭୋର ରହେ। ଭଗବାନ କହିଛନ୍ତି—

ମଚ୍ଚିତ୍ତା ମଦ୍‌ଗତପ୍ରାଣା ବୋଧୟନ୍ତଃ ପରସ୍ପରମ୍।
କଥୟନ୍ତଶ୍ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ॥

(ଗୀତା ୧୦।୯)

"ମଦ୍‌ଗତଚିତ୍ତ ଓ ମଦ୍‌ଗତପ୍ରାଣ ଭକ୍ତଜନ ପରସ୍ପର ମଧ୍ୟରେ ମୋର ଗୁଣ, ପ୍ରଭାବ ଇତ୍ୟାଦିକୁ ଅବଗତ କରାଇ ଓ ଆଲୋଚନା କରି ନିରନ୍ତର ସନ୍ତୁଷ୍ଟ ରହନ୍ତି ଏବଂ ମୋତେ ପ୍ରେମ କରନ୍ତି।"

କାରଣ ସେମାନଙ୍କ ପାଇଁ ଭଗବାନଙ୍କ ଭଜନ ବ୍ୟତୀତ ଅନ୍ୟ କୌଣସି କାମ ବାକି ନ ଥାଏ। ଭାଗବତରେ ଅଛି—

ଅକାମଃ ସର୍ବକାମୋ ବା ମୋକ୍ଷକାମ ଉଦାରଧୀଃ।
ତୀବ୍ରେଣ ଭକ୍ତିଯୋଗେନ ଯଜେତ ପୁରୁଷଂ ପରମ୍॥

(ଶ୍ରୀମଭା. ୨।୩।୧୦)

"ଯେଉଁମାନେ ବୁଦ୍ଧିମାନ୍, ସେମାନେ ସମସ୍ତ କାମନାରୁ ମୁକ୍ତ ହୋଇଥାନ୍ତୁ ବା ସମସ୍ତ କାମନାରେ ଯୁକ୍ତ ହୋଇଥାନ୍ତୁ ଅଥବା ମୋକ୍ଷକାମୀ ହୋଇଥାନ୍ତୁ, ସେମାନଙ୍କୁ କେବଳ ତୀବ୍ର ଭକ୍ତିଯୋଗରେ ପରମପୁରୁଷ ଭଗବାନଙ୍କର ହିଁ ଭଜନ କରିବା ଉଚିତ।"

କେହି ଯଦି କହେ ଯେ, ମୋର ତ କିଛି ଆବଶ୍ୟକ ନାହିଁ, ମୋର କୌଣସି ପ୍ରକାର କାମନା ନାହିଁ, ପୁଣି କ'ଣ ବା କରିବି? ଏହାର ଉତ୍ତରରେ କୁହାଯିବ ଯେ ସେ ଭଗବାନଙ୍କର ହିଁ ଭଜନ କରୁ। କେହି ଯଦି ଭୋଗ, ମୋକ୍ଷ, ସମ୍ମାନ, ନୀରୋଗତା, ପୁଅଝିଅ ସବୁ କିଛି ଚ୍ହୁଁଥାଏ, ତେବେ ସେ କ'ଣ କରିବ? ଏହାର ଉତ୍ତର ହେଲା ଯେ, ସେ ମଧ୍ୟ ଭଗବାନଙ୍କର ଭଜନ କରିବା ଉଚିତ। କାରଣ ସବୁ ଜିନିଷ କେବଳ ଭଗବାନ ହିଁ ଦେଇ ପାରିବେ। ପୁରୁଷାର୍ଥରୁ ସବୁ ଜିନିଷ ମିଳିବା ସମ୍ଭବ ନୁହେଁ। କେହି ଯଦି ମୁକ୍ତି ବ୍ୟତୀତ ଆଉ କିଛି ଚ୍ହୁଁ ନ ଥାଏ, ତେବେ ସେ କ'ଣ କରିବ? ସେହି ଏକା ଉତ୍ତର ମିଳିବ ଯେ, କେବଳ ଭଗବାନଙ୍କର ଭଜନ କର। ସମସ୍ତଙ୍କ ପାଇଁ ଗୋଟିଏ ଉପାୟ ଯେ ରାତିଦିନ ଭଗବାନଙ୍କ

ଭଜନ କର, ତାଙ୍କ ସହିତ ସଂଲଗ୍ନ ରୁହ। ପିଲା ଯେପରି ମାଆ ଉପରେ ପୂରା ନିର୍ଭର କରେ, ସେହିପରି ତାଙ୍କ ଉପରେ ନିର୍ଭର କର। କୌଣସି କାମ ପଡ଼ିଲେ ପିଲା ମାଆ ମାଆ କହି ଡାକ ପକାଏ। ଏହାଛଡ଼ା ସେ ଆଉ କରନ୍ତା ବା କ'ଣ? ତା'ର ଆଉ କ'ଣ ବା ଶକ୍ତି ଅଛି? ସେ ଏଇଥିପାଇଁ ମାଆ ମାଆ କରେ ଯେ ତାକୁ ମାଆ ନାମ ଅତ୍ୟନ୍ତ ମଧୁର ଓ ପ୍ରିୟ ଲାଗେ। ଆଦିଶଙ୍କରାଚାର୍ଯ୍ୟ ଏତେ ବଡ଼ ଦାର୍ଶନିକ ସନ୍ଥ ହୋଇଥିଲେ ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କୁ 'ମାଆ' ସମ୍ବୋଧନ କରିଛନ୍ତି—

ମାୟାହସ୍ତେଽର୍ପୟିତ୍ୱାଭରଣକୃତିକୃତେ ମୋହମୂଲୋଦ୍ଭବଂ ମାଂ
ମାତଃ କୃଷ୍ଣାଭିଧାନେ ଚିରସମୟମୁଦାସୀନଭାବଂ ଗତାସି।
କାରୁଣ୍ୟୈକାଧିବାସେ ସକୃଦପି ବଦନଂ ନେକ୍ଷସେ ତ୍ୱଂ ମଦୀୟଂ
ତତ୍ସର୍ବଜ୍ଞେ ନ କର୍ତ୍ତୁଂ ପ୍ରଭବତି ଭବତୀ କିଂ ନୁ ମୂଳସ୍ୟ ଶାନ୍ତିମ୍॥

(ପ୍ରବୋଧସୁଧାକର ୨୪୪)

"ହେ କୃଷ୍ଣ ନାମଧାରିଣୀ ମାଆ! ମୋହରୂପୀ ମୂଳ (ମୂଳା) ନକ୍ଷତ୍ରରେ ଜନ୍ମ ନେଇଥିବା ମୋ ଭଳି ପୁତ୍ରର ଭରଣପୋଷଣର ଦାୟିତ୍ୱ ମାୟା ହସ୍ତରେ ଅର୍ପଣ କରି ତୁ ଦୀର୍ଘଦିନରୁ ମୋ ପ୍ରତି ଉଦାସୀନ ହୋଇଯାଇଛୁ। ହେ ଏକମାତ୍ର କରୁଣାମୟୀ ମାଆ! ତୁ ଥରେ ହେଲେ ବି ମୋ ପ୍ରତି ଦୃଷ୍ଟି ଦେଉ ନାହୁଁ। ହେ ସର୍ବଜ୍ଞେ! କଣ ତୁ ଏହି ମୋହରୂପୀ ମୂଳକୁ ଶମନ କରିବା ପାଇଁ ସମର୍ଥା ନୋହୁଁ?"

ଜ୍ଞାନୀ ଆରମ୍ଭରୁ ନିଜକୁ ବଡ଼ (ବ୍ରହ୍ମ) ମନେକରେ, କିନ୍ତୁ ଭକ୍ତ ନିଜକୁ ସର୍ବଦା ଛୋଟ (ପିଲା) ମନେକରେ, କେବେ ବି ବଡ଼ ମନେକରେ ନାହିଁ। ସେଥିପାଇଁ ଭଗବାନ କହିଛନ୍ତି—

ମୋରେ ପ୍ରୌଢ଼ ତନୟ ସମ ଗ୍ୟାନୀ। ବାଲକ ସୁତ ସମ ଦାସ ଅମାନୀ॥

(ମାନସ, ଅରଣ୍ୟ. ୪୩।୪)

ଗୋସ୍ୱାମୀ ତୁଳସୀଦାସ ବୃଦ୍ଧ ହେବାପରେ ମଧ୍ୟ ନିଜକୁ ପିଲା ମନେ କରୁଥିଲେ ଏବଂ ଜଗଜ୍ଜନନୀ ମାତା ସୀତାଙ୍କ ନିକଟରେ ବିନତି କରୁଥିଲେ—

କବହୁଁକ ଅଂବ, ଅଵସର ପାଇ।
ମେରିଔ ସୁଧି ଦ୍ୟାଇବୀ, କଛୁ କରୁନ-କଥା ଚଲାଇ॥ ୧॥

ଦୀନ, ସବ ଅଁଗହୀନ, ଛୀନ, ମଲୀନ, ଅଘୀ ଅଘାଇ ।
ନାମ ଲୈ ଭରୈ ଉଦର ଏକ ପ୍ରଭୁ-ଦାସୀ-ଦାସ କହାଇ ॥ ୨ ॥
ବୂଝିହୈଁ 'ସୋ ହୈ କୌନ', କହିବୀ ନାମ ଦସା ଜନାଇ ।
ସୁନତ ରାମ କୃପାଲୁ କେ ମେରୀ ବିଗରିଔ ବନି ଜାଇ ॥ ୩ ॥
ଜାନକୀ ଜଗଜନନି ଜନ କୀ କିୟେ ବଚନ ସହାଇ ।
ତରୈ ତୁଲସୀଦାସ ଭଵ ତଵ ନାଥ-ଗୁନ-ଗନ ଗାଇ ॥ ୪ ॥

ପିଲା ମନକୁ କୌଣସି କଥା ଆସିଗଲେ ସେ ଯାଇ ଆଗ ମାଆକୁ କହିଦିଏ । ଗୋସ୍ୱାମୀଙ୍କ ମନକୁ କିଛି କଥା ଆସିବାରୁ ସେ ମାତା ସୀତାଙ୍କୁ କହୁଛନ୍ତି—"ମାଆ! ପ୍ରଭୁ ରଘୁନାଥଙ୍କ ଆଗରେ ହଠାତ୍ ମୋ ନାଆଁ କହିବ ନାହିଁ । ପ୍ରଥମେ ଭକ୍ତଙ୍କର କୌଣସି କରୁଣ ପ୍ରସଙ୍ଗ ଚଲାଇବ ଏବଂ ପ୍ରଭୁ ରଘୁନାଥ ପ୍ରେମମଗ୍ନ ହୋଇଗଲେ, ତାଙ୍କର ହୃଦୟ ଗଦ୍‌ଗଦ ଓ ଦ୍ରବିତ ହୋଇଗଲେ ତା'ପରେ ମୋ ନାଆଁ କହିବ, ନହେଲେ ତାଙ୍କର ଦୃଷ୍ଟି ମୋ ଲକ୍ଷଣ ଆଡ଼କୁ ଗ୍ଳଲିଯିବ! ମୋ ନାଆଁ ସିଧାସଳଖ କହିବ ନାହିଁ । ପ୍ରଥମେ କହିବ ଯେ ତୁମର ଏପରି ଜଣେ ଭକ୍ତ ଅଛି, ଯେ କି ତୁମ ନାଆଁ ଧରି ପେଟ ପୋଷୁଛି ଓ ତୁମ ଦାସୀ ତୁଳସୀର ଦାସ ବୋଲାଉଛି ।" ଗୋସ୍ୱାମୀଜୀ ମାଆକୁ ମଧ୍ୟ ଲୋଭ ଦେଖାଇ କହୁଛନ୍ତି—"ମାଆ! ମୋର କାମ ସଫଳ ହୋଇଗଲେ ମୁଁ ତୁମ ପତିଙ୍କର ଗୁଣଗାନ କରିବି ।" ଏହା ଭକ୍ତମାନଙ୍କର ଅମାୟିକ ଭାଷା, ଗ୍ଳତୁର୍ଯ୍ୟପୂର୍ଣ୍ଣ ଭାଷା ନୁହେଁ । ଭକ୍ତମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି— ***'ସରଲ ସୁଭାଵ ନ ମନ କୁଟିଲାଈ'*** (ମାନସ, ଉତ୍ତର. ୪୬ । ୧) ।

କପଟ ଗାଁଠ ମନ ମେଁ ନହୀଁ, ସବସୋଁ ସରଲ ସୁଭାଵ ।
'ନାରାୟଣ' ତା ଭକ୍ତ କୀ, ଲଗୀ କିନାରେ ନାଵ ॥

✦✦✦

୨. ଭକ୍ତି ଓ ତାହାର ମହିମା

କଲ୍ୟାଣପ୍ରାପ୍ତିର ସମସ୍ତ ସାଧନା ମଧ୍ୟରେ ଭକ୍ତି ହେଉଛି ସର୍ବଶ୍ରେଷ୍ଠ—**'ତ୍ରିସତ୍ୟସ୍ୟ ଭକ୍ତିରେବ ଗରୀୟସୀ ଭକ୍ତିରେବ ଗରୀୟସୀ ।'** (ନାରଦଭକ୍ତିସୂତ୍ର ୮୧) । ଭଗବଦ୍‌ଭଜନର ନାମ ଭକ୍ତି । ଭଜନର ଅର୍ଥ—ସେବନ କରିବା । ଯେପରି ଶରୀର ପାଇଁ ଅନ୍ନ, ଜଳ ଓ ବାୟୁ ସେବନ କରାଯାଏ, ସେହିପରି ନିଜ ପାଇଁ ଭଗବାନଙ୍କୁ ସେବନ କରିବା ଅର୍ଥାତ୍ ତାଙ୍କ ସହିତ ପ୍ରେମ କରିବା ହିଁ ଭଜନ ।

ପନ୍ନଗାରି ସୁନୁ ପ୍ରେମ ସମ ଭଜନ ନ ଦୂସର ଆନ ।
ଅସ ବିଚାରି ମୁନି ପୁନି ପୁନି କରତ ରାମ ଗୁନ ଗାନ ॥

(ମାନସ, ଅରଣ୍ୟ. ୧୦(କ)ର ପାଠାନ୍ତର)

ପ୍ରେମ ସଦୃଶ ଅନ୍ୟ କୌଣସି ଭଜନ ନାହିଁ, ସେଥିପାଇଁ ମୁନିଜନ ବାରମ୍ବାର ଭଗବାନଙ୍କର ଗୁଣଗାନ କରନ୍ତି । ଏହାର ଅଭିପ୍ରାୟ ଯେ, ଭଗବାନଙ୍କ ଗୁଣଗାନ କଲେ ତାଙ୍କ ପ୍ରତି ପ୍ରେମ ହୋଇଯାଏ । ଭଗବାନ ଭଲ ଲାଗିବା, ମଧୁର ଲାଗିବା ଓ ପ୍ରିୟ ଲାଗିବା ହିଁ ପ୍ରେମ । ଜଡ଼ ନାଶବାନ୍ ପଦାର୍ଥ ପ୍ରତି ଅର୍ଥାତ୍ ଟଙ୍କାପଇସା, ଭୋଗ, କୁଟୁମ୍ବ, ଶରୀର ଇତ୍ୟାଦି ପ୍ରତି ଆମର ଯେଉଁ ଆକର୍ଷଣ ରହିଛି, ତାହା ଦୂର ହୋଇ କେବଳ ଭଗବାନଙ୍କ ପ୍ରତି ଆକର୍ଷଣ ହୋଇଯିବାର ନାମ ପ୍ରେମ । ପ୍ରକୃତରେ ଆମର ଆକର୍ଷଣ ଭଗବାନଙ୍କ ପ୍ରତି ରହିଛି, କିନ୍ତୁ ନାଶବାନ୍ ପଦାର୍ଥଗୁଡ଼ିକୁ ମହତ୍ତ୍ୱ ଦେବାରୁ ସେହି ଆକର୍ଷଣ ସଂସାର ପ୍ରତି ହୋଇଯାଏ । ଉଦାହରଣାର୍ଥ—ଗଙ୍ଗାଜଳ ଏତେ ପବିତ୍ର ଯେ ତାହାର ଦର୍ଶନ ଦ୍ୱାରା ଶତଜନ୍ମର ପାପ ଧ୍ୱଂସ ହୋଇଯାଏ । କିନ୍ତୁ ବର୍ଷାଋତୁରେ ବନ୍ୟା ଛାଡ଼ିଯିବା ପରେ ଯେତେବେଳେ ଗଙ୍ଗାରେ ପାଣି କମିଯାଏ, ସେତେବେଳେ କିଛି ପାଣି ଖାଲ ବା ଗାଡ଼ମାନଙ୍କରେ ରହିଯାଏ । ଗାଡ଼ରେ ରହିଯାଇଥିବା ସେହି ପାଣିକୁ 'ଗଙ୍ଗୋଜ୍‌ଝ' କହନ୍ତି । ତାହା ମଦ ଭଳି ଅତ୍ୟନ୍ତ ଅପବିତ୍ର । ଏହାର କାରଣ ହେଲା, ତାହା ଗଙ୍ଗାର ପ୍ରବାହଠାରୁ ପୃଥକ୍

ହୋଇଯାଇଛି, ସେଥିରୁ ବିମୁଖ ହୋଇଯାଇଛି, ଗଙ୍ଗା ତାହାକୁ ପରିତ୍ୟାଗ କରିଛି। ଆମେ ଗଙ୍ଗାରୁ ମାଠିଆଏ ପାଣି ଆଣିଲେ ତାହା ଅଶୁଦ୍ଧ ହୁଏ ନାହିଁ, କାରଣ ଗଙ୍ଗା ତାହାକୁ ପରିତ୍ୟାଗ କରି ନ ଥାଏ, ବରଂ ଆମେ ତାହା ଗଙ୍ଗାର ସ୍ରୋତରୁ ଆଣିଥାଉ। ସେହିପରି ଭଗବାନ ଅତୀବ ପବିତ୍ର—**'ପବିତ୍ରଂ ପରମଂ ଭବାନ୍'** (ଗୀତା ୧୦।୧୨) ଏବଂ ତାଙ୍କର ଅଂଶ ହୋଇଥିବାରୁ ଆମେ ମଧ୍ୟ ପବିତ୍ର—***ଚେତନ ଅମଲ ସହଜ ସୁଖ ରାସୀ'*** (ମାନସ, ଉତ୍ତର. ୧୧୭।୧)। କିନ୍ତୁ ଆମର ଆକର୍ଷଣ ଭଗବାନଙ୍କ ପ୍ରତି ନ ହୋଇ ସଂସାର ପ୍ରତି ହୋଇଯିବାରୁ ଆମ ଜୀବନ ଗଙ୍ଗୋଜ୍ଝ ପରି ଅତ୍ୟନ୍ତ ଅପବିତ୍ର ହୋଇଗଲା। ଗଙ୍ଗାର ପ୍ରବାହ ବଢ଼ିବା ଦ୍ୱାରା ସେହି ଗଙ୍ଗୋଜ୍ଝ ଯେତେବେଳେ ପୁଣିଥରେ ଗଙ୍ଗାରେ ମିଶିଯାଏ, ସେତେବେଳେ ତାହା ଅତ୍ୟନ୍ତ ପବିତ୍ର ହୋଇଯାଏ। ସେହିପରି ଆମର ଆକର୍ଷଣ ଭଗବାନଙ୍କ ପ୍ରତି ହୋଇଗଲେ ଆମର ଜୀବନ ଅତୀବ ପବିତ୍ର ହୋଇଯିବ।

ଗଙ୍ଗାର ପ୍ରବାହ ଯେପରି ନିରନ୍ତର ସମୁଦ୍ର ଅଭିମୁଖେ ଗତି କରେ, ସେହିପରି ଚବିଶ ଘଣ୍ଟା ଆମର ବୃତ୍ତିଗୁଡ଼ିକର ପ୍ରବାହ ଭଗବଦ୍ ଅଭିମୁଖୀ ହେବା ଉଚିତ। ଭଗବାନ ଆମକୁ ଦର୍ଶନ ଦିଅନ୍ତୁ ବା ନ ଦିଅନ୍ତୁ, ଆମକୁ ସ୍ୱୀକାର କରନ୍ତୁ ବା ନ କରନ୍ତୁ, କିନ୍ତୁ ଆମ ମନ କେବଳ ଭଗବାନଙ୍କ ପ୍ରତି ଆକୃଷ୍ଟ ହେବା ଉଚିତ। ଯେପରି ଭରତ କହିଛନ୍ତି—

ଜାନହୁଁ ରାମ କୁଟିଲ କରି ମୋହୀ। ଲୋଗ କହଉ ଗୁରୁ ସାହିବ ଦ୍ରୋହୀ॥
ସୀତା ରାମ ଚରନ ରତି ମୋରେଁ। ଅନୁଦିନ ବଢ଼ଉ ଅନୁଗ୍ରହ ତୋରେଁ॥

(ମାନସ, ଅଯୋଧ୍ୟା. ୨୦୫।୧)

ଜଗନ୍ମାତା ପାର୍ବତୀ କହିଛନ୍ତି—

ଜନ୍ମ କୋଟି ଲଗି ରଗର ହମାରୀ। ବରଉଁ ସଂଭୁ ନ ତ ରହଉଁ କୁଆରୀ॥
ତଜଉଁ ନ ନାରଦ କର ଉପଦେସୂ। ଆପୁ କହହିଁ ସତ ବାର ମହେସୂ॥

(ମାନସ, ବାଲ. ୮୧।୩)

ଏହିପରି ଭାବରେ ପ୍ରେମରେ ଭକ୍ତର ମନ କେବଳ ଭଗବାନଙ୍କ ଆଡ଼କୁ ଆକୃଷ୍ଟ ହେଉଥାଏ। ପ୍ରେମକୁ ମୋକ୍ଷଠାରୁ ବି ବଡ଼ ମନେକରାଯାଏ। ଧର୍ମ, ଅର୍ଥ, କାମ ଓ ମୋକ୍ଷକୁ ପୁରୁଷାର୍ଥ କୁହାଯାଇଛି। ପ୍ରେମ ଏହି

ଗ୍ରୋଚିଠାରୁ ମଧ୍ୟ ଉଚ୍ଚ ପଞ୍ଚମ ପୁରୁଷାର୍ଥ । ମୋକ୍ଷରେ ମନୁଷ୍ୟ ସ୍ୱସୁଖ ଇଚ୍ଛା କରେ, କିନ୍ତୁ ପ୍ରେମରେ ସେ ଭଗବାନଙ୍କର ସୁଖ ଦେଖେ । ପ୍ରେମୀ ଭକ୍ତର ଭାବନା ଯେ, ମୋତେ ନରକକୁ ଯିବାକୁ ପଡ଼ିଲେ କୌଣସି ଆପତ୍ତି ନାହିଁ, କିନ୍ତୁ ଭଗବାନଙ୍କୁ ସୁଖ ମିଳିବା ଦରକାର, ତାଙ୍କୁ ଆରାମ ମିଳିବା ଦରକାର । ଗୋପୀମାନେ ବୃନ୍ଦାବନରେ ରହୁଥିଲେ ଏବଂ ଭଗବାନ ଶ୍ରୀକୃଷ୍ଣ ମଥୁରାରେ ରହୁଥିଲେ । କିନ୍ତୁ ଗୋପୀମାନେ ମଥୁରା ଗଲେ ନାହିଁ; କାରଣ ସେମାନେ ମଥୁରା ଯିବାକୁ ଶ୍ରୀକୃଷ୍ଣ ଗ୍ୱହୁଁ ନ ଥିଲେ । ଏହା ସତ୍ତ୍ୱେ ଗୋପୀମାନଙ୍କର ମନ ସର୍ବଦା ଭଗବାନଙ୍କ ଠାରେ ସଂଲଗ୍ନ ଥିଲା । ବୃହସ୍ପତିଙ୍କର ପ୍ରଧାନ ଶିଷ୍ୟ ଉଦ୍ଧବଙ୍କ ପରି ଜ୍ଞାନୀ ପୁରୁଷ ମଧ୍ୟ ସେମାନଙ୍କୁ ବିଚଳିତ କରି ପାରି ନ ଥିଲେ । ବିଚଳିତ କ'ଣ କରିବେ, ବରଂ ସେ ସେମାନଙ୍କର ପ୍ରେମଭାବ ଦେଖି ନିଜେ ଜ୍ଞାନରୁ ବିଚଳିତ ହୋଇଗଲେ! ଗୋପୀମାନଙ୍କ ପରି ଆମର ମନ ମଧ୍ୟ ସର୍ବଦା ଭଗବାନଙ୍କର ଚିନ୍ତନ କରୁ, ଆମ ବାଣୀ ଭଗବାନଙ୍କର ହିଁ ଗୁଣଗାନ କରୁ, ଆମର କାନ ଭଗବାନଙ୍କର ହିଁ ଗୁଣଚର୍ଚ୍ଚା ଶୁଣୁ । ଆମର ସମସ୍ତ ବୃତ୍ତି ସ୍ୱାଭାବିକଭାବେ ଭଗବାନଙ୍କ ଠାରେ ସଂଲଗ୍ନ ରହୁ—

ବାଣୀ ଗୁଣାନୁକଥନେ ଶ୍ରବଣୌ କଥାୟାଂ
ହସ୍ତୌ ଚ କର୍ମସୁ ମନସ୍ତବ ପାଦୟୋର୍ନଃ ।
ସ୍ମୃତ୍ୟାଂ ଶିରସ୍ତବ ନିବାସଜଗତ୍ପ୍ରଣାମେ
ଦୃଷ୍ଟିଃ ସତାଂ ଦର୍ଶନେଽସ୍ତୁ ଭବତ୍ତନୂନାମ୍ ॥

(ଶ୍ରୀମଭା. ୧୦ । ୧୦ । ୩୮)

"ହେ ପ୍ରଭୁ! ମୋର ବାଣୀ ଆପଣଙ୍କ ଗୁଣଗାନରେ ସଂଲଗ୍ନ ରହୁ, ମୋର କାନ ଆପଣଙ୍କ କଥା ଶ୍ରବଣରେ ସଂଲଗ୍ନ ରହୁ, ମୋର ହାତ ଆପଣଙ୍କ ସେବାରେ ନିୟୋଜିତ ରହୁ ଏବଂ ମନ ଆପଣଙ୍କ ଚରଣକମଳରେ ଲାଗିରହୁ । ମୋର ମସ୍ତକ ଆପଣଙ୍କ ନିବାସଭୂତ ଜଗତକୁ ପ୍ରଣାମ କରିବା ପାଇଁ ଅବନତ ରହୁ ଏବଂ ମୋର ନେତ୍ର ଆପଣଙ୍କ ସ୍ୱରୂପଭୂତ ସନ୍ଥଜନଙ୍କର ଦର୍ଶନ କରୁଥାଉ ।"

ଆମେ ହିଁ ସଂସାରକୁ ସତ୍ତା ଦେଲେ ଏବଂ ସତ୍ତା ଦେବା ପରେ ତାହାକୁ ମହତ୍ତ୍ୱ ଦେଲେ, ସେଥିପାଇଁ ଆମର ବୃତ୍ତିଗୁଡ଼ିକ ସଂସାରରେ ସଂଶ୍ଳିଷ୍ଟ ହୋଇଗଲେ ।

ଆମର ବୃତ୍ତିଗୁଡ଼ିକର ପ୍ରବାହ ସଂସାର ଆଡ଼ୁ ଅପସରିଯାଇ ଭଗବାନଙ୍କ ଆଡ଼କୁ ଧାବମାନ ହେବାର ନାମ ଭକ୍ତି। ପିଲାକୁ ଯେପରି ମାଆ ଅତି ପ୍ରିୟ ଲାଗେ, ମାଆ ନାମ ସବୁଠୁ ମଧୁର ଲାଗେ, ମାଆ କୋଳରେ ରହିବାକୁ ପିଲା ବହୁତ ଭଲ ପାଏ, ସେହିପରି ଭଗବାନ, ତାଙ୍କର ନାମ ଓ ତାଙ୍କର ସାନ୍ନିଧ୍ୟ ଆମକୁ ମଧୁର ଓ ପ୍ରିୟ ଲାଗିବା ଉଚିତ। ଏହା ଭକ୍ତିର ସୂତ୍ରପାତ। କେହି ବିନା ଇଚ୍ଛାରେ ବା ଅଜାଣତରେ ଅଗ୍ନିକୁ ସ୍ପର୍ଶ କରିଦେଲେ ମଧ୍ୟ ଯେପରି ହାତ ପୋଡ଼ିଯାଏ, ସେହିପରି ଯେକୌଣସି ପ୍ରକାରେ ମନ ଭଗବାନଙ୍କ ଠାରେ ସଂଯୁକ୍ତ ହୋଇଗଲେ ମଧ୍ୟ ତାହା କଲ୍ୟାଣକର ହୋଇଥାଏ। ଯଦ୍ୟପି ଭଗବାନଙ୍କ ସହିତ ବୈର, ଭୟ, ଦ୍ୱେଷ ଆଦି ଭାବରେ ସମ୍ବନ୍ଧ ଯୋଡ଼ିବା ମଧ୍ୟ କଲ୍ୟାଣକର, ତଥାପି ତାହା ଭକ୍ତି ନୁହେଁ। ଯେଉଁଥିରେ ଭଗବାନଙ୍କ ସହିତ ସୁମଧୁର ସମ୍ପର୍କ ହୋଇଯାଏ, ତାହା ହିଁ ଭକ୍ତି। ଗଙ୍ଗାରେ ମାଘମାସରେ ସ୍ନାନ କରାଯାଏ ଏବଂ ବୈଶାଖମାସରେ ମଧ୍ୟ ସ୍ନାନ କରାଯାଏ। ଉଭୟ ପ୍ରକାର ସ୍ନାନର ମାହାତ୍ମ୍ୟ ସମାନ। ମାଘସ୍ନାନରେ ଥଣ୍ଡା ଯୋଗୁଁ ବଡ଼ କଷ୍ଟ ହୁଏ। ଗଙ୍ଗାଜଳ ଥଣ୍ଡା ହୋଇଥିବା ସାଙ୍ଗକୁ ଥଣ୍ଡା ପବନ ମଧ୍ୟ ବହୁଥାଏ! ସ୍ନାନ କଲାବେଳେ ଶରୀର କମ୍ପିଉଠେ, ଦେହରେ ସ୍ଥାନେ ସ୍ଥାନେ ରକ୍ତ ଜମାଟ ବାନ୍ଧିଯାଏ। ହାତରେ ଲୁଗା ଚିପୁଡ଼ିବା କଠିନ ହୋଇପଡ଼େ। କିନ୍ତୁ ବୈଶାଖସ୍ନାନରେ ବଡ଼ ଆନନ୍ଦ ମିଳେ। ଗ୍ରୀଷ୍ମକାଳ ହୋଇଥିବାରୁ ଗଙ୍ଗାର ଶୀତଳ ଜଳରେ ସ୍ନାନ କଲେ ବଡ଼ ମଜା ଲାଗେ। ଠିକ୍ ସେହିପରି ବୈର, ଭୟ, ଦ୍ୱେଷ ଆଦିରେ ଭଗବାନଙ୍କ ସହିତ ସମ୍ବନ୍ଧ ଯୋଡ଼ିବା ମାଘସ୍ନାନ ଭଳି ଏବଂ ପ୍ରେମର ସହିତ ସମ୍ବନ୍ଧ ଯୋଡ଼ିବା ବୈଶାଖସ୍ନାନ ଭଳି। ପ୍ରେମରେ ଭଗବାନ ବହୁତ ପ୍ରିୟ ଓ ମଧୁର ଲାଗନ୍ତି। ତାଙ୍କ ଗୁଣ, ମହିମା, ନାମ ଇତ୍ୟାଦିର ଶ୍ରବଣରେ ଚିତ୍ତ ଦ୍ରବିତ ଓ ଆନନ୍ଦିତ ହୋଇଉଠେ।

ଜ୍ଞାନୀର ଯେପରି ନିଜ ସ୍ୱରୂପ ପ୍ରତି ପ୍ରୀତି (ଆତ୍ମରତି) ହୁଏ, ସେହିପରି ଭକ୍ତର ଭଗବାନଙ୍କ ପ୍ରତି ପ୍ରୀତି ହୁଏ—**'ତୁଷ୍ୟନ୍ତି ଚ ରମନ୍ତି ଚ'** (ଗୀତା ୧୦।୯)। ଭଗବତ୍‌ପ୍ରୀତି ହେତୁ ସେ ଦିନରାତି ଭଗବାନଙ୍କର ହିଁ ଗୁଣଗାନ କରୁଥାଏ, ଭଗବାନଙ୍କର ଚର୍ଚ୍ଚା କରୁଥାଏ ଓ ଭଗବାନଙ୍କର ଯଶ ଶ୍ରବଣ କରୁଥାଏ। ତାକୁ ଭଗବାନଙ୍କର ଧ୍ୟାନ କରିବାକୁ ପଡ଼େ ନାହିଁ, ବରଂ ତା' ଦ୍ୱାରା ଧ୍ୟାନ ଆପେ ଆପେ ହୁଏ। ଯେପରି କ୍ଷୁଧାର୍ତ୍ତର ଅନ୍ନ କଥା ଆପେ ଆପେ ମନେପଡ଼େ,

ତାକୁ ମନେ ପକାଇବାକୁ ପଡ଼େ ନାହିଁ, ସେହିପରି ଭକ୍ତର ଭଗବତ୍‌ସ୍ମରଣ ସ୍ୱତଃ ହୁଏ। ଇନ୍ଦ୍ରଙ୍କ ସହିତ ଯୁଦ୍ଧ କଲାବେଳେ ବୃତ୍ରାସୁର ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛି—

ଅଜାତପକ୍ଷା ଇବ ମାତରଂ ଖଗାଃ
ସ୍ତନ୍ୟଂ ଯଥା ବତ୍ସତରାଃ କ୍ଷୁଧାର୍ତ୍ତାଃ।
ପ୍ରିୟଂ ପ୍ରିୟେବ ବ୍ୟୁଷିତଂ ବିଷଣ୍ଣା
ମନୋଽରବିନ୍ଦାକ୍ଷ ଦିଦୃକ୍ଷତେ ତ୍ୱାମ୍‌॥

(ଶ୍ରୀମଦ୍ଭା. ୬।୧୧।୨୬)

"ନବଜାତ ପକ୍ଷହୀନ ପକ୍ଷୀଶାବକମାନେ ଯେପରି ମାଆକୁ ପ୍ରତୀକ୍ଷା କରିଥାନ୍ତି, କେବଳ କ୍ଷୀର ଉପରେ ନିର୍ଭରଶୀଳ କ୍ଷୁଧାର୍ତ୍ତ ବାଛୁରୀମାନେ ଯେପରି ମାଆର କ୍ଷୀର ପିଇବା ପାଇଁ ଆତୁର ହେଉଥାନ୍ତି ଏବଂ ବିରହିଣୀ ପତିବ୍ରତା ଯେପରି ପତିଙ୍କ ସହ ଭେଟିବା ପାଇଁ ଉତ୍କଣ୍ଠିତ ହୋଇ ରହିଥାଏ, ହେ କମଳନୟନ! ମୋର ମନ ତୁମର ଦର୍ଶନ ପାଇଁ ସେହିପରି ବ୍ୟାକୁଳ ହେଉଛି।"

ମାତା ପାର୍ବତୀଙ୍କ ଅଭିଶାପରେ ବୃତ୍ରାସୁର ବାହ୍ୟ ଆକୃତିରେ ଅସୁର ହୋଇଯାଇଥିଲା ସତ, କିନ୍ତୁ ହୃଦୟରେ ସେ ଭଗବାନଙ୍କର ପ୍ରେମୀ ଭକ୍ତ ଥିଲା। ସେଥିପାଇଁ ସେ କହିଛି—

ନ ନାକପୃଷ୍ଠଂ ନ ଚ ପାରମେଷ୍ଠ୍ୟଂ
ନ ସାର୍ବଭୌମଂ ନ ରସାଧିପତ୍ୟମ୍‌।
ନ ଯୋଗସିଦ୍ଧୀରପୁନର୍ଭବଂ ବା
ସମଞ୍ଜସ ତ୍ୱା ବିରହଯ୍ୟ କାଙ୍‌କ୍ଷେ॥

(ଶ୍ରୀମଦ୍ଭା. ୬।୧୧।୨୫)

"ସର୍ବସୌଭାଗ୍ୟନିଧେ! ମୁଁ ତୁମକୁ ଛାଡ଼ି ସ୍ୱର୍ଗ, ବ୍ରହ୍ମଲୋକ, ଭୂମଣ୍ଡଳର ସାମ୍ରାଜ୍ୟ, ରସାତଳର ଏକଛତ୍ର ରାଜ୍ୟ, ଯୋଗର ଅନେକ ସିଦ୍ଧି, ଏପରି କି ମୋକ୍ଷ ମଧ୍ୟ ଚାହୁଁ ନାହିଁ।"

ପ୍ରେମୀ ଭକ୍ତ ମୁକ୍ତି ଚାହାନ୍ତି ନାହିଁ, କାରଣ ସେମାନଙ୍କ ପାଇଁ ବନ୍ଧନ ବୋଲି କିଛି ନ ଥାଏ। ବନ୍ଧନ ଥିଲେ ହିଁ ମୁକ୍ତିର ଇଚ୍ଛା ହୁଏ। ସଂସାର ପ୍ରତି

ଆସକ୍ତି ହେବା ହିଁ ବନ୍ଧନ । ପ୍ରେମୀ ଭକ୍ତର ସାଂସାରିକ ଆସକ୍ତିରୂପକ ବନ୍ଧନ ରହେ ନାହିଁ । ତା'ର କେବଳ ଗୋଟିଏ ବନ୍ଧନ—

ମୁକ୍ତିର ଇଚ୍ଛା କେବେହେଁ ନ କରେ ବ୍ୟାକୁଳ,
ନିତ୍ୟ ନବୀନ ବନ୍ଧନ ତବ ଶ୍ରୀମୁଖ ଦର୍ଶନ
ମୁକ୍ତି ତ ଲୋଟୁଛି ତୁମ ଚରଣ ତଳ ।

ଭଗବାନଙ୍କ ମୁଖାରବିନ୍ଦ ହିଁ ସେମାନଙ୍କ ପାଇଁ ଏକମାତ୍ର ବନ୍ଧନ ଏବଂ ତାହା ନିତ୍ୟ ନବୀନ ହେଉଥାଏ!

ଦିନେ ଦିନେ ନବଂ ନବଂ ନମାମି ନନ୍ଦସମ୍ଭବମ୍ ।

(କୃଷ୍ଣାଷ୍ଟକ ୫)

'ଆଜ ଅନୂପ ବନୀ, ଯୁଗଲ ଛବି ଆଜ ଅନୂପ ବନୀ ॥'

ସେଥିପାଇଁ ଭକ୍ତିର ରସ ପ୍ରତିକ୍ଷଣ ବର୍ଦ୍ଧମାନ ହେଉଥାଏ । ଜ୍ଞାନର ଆନନ୍ଦ ଅଖଣ୍ଡ, ଶାନ୍ତ ଓ ଏକରସ ହୋଇଥିବାସ୍ଥଳେ ଭକ୍ତିର ଆନନ୍ଦ ଅନନ୍ତ ହୋଇଥାଏ । ଚନ୍ଦ୍ର ଗୋଟିଏ ଲେଖାଏଁ କଳା ବଢ଼ି ବଢ଼ି ପୂର୍ଣ୍ଣିମାରେ ପହଞ୍ଚିଯାଏ, କିନ୍ତୁ ଭଗବତ୍‌ପ୍ରେମରୂପୀ ଚନ୍ଦ୍ରରେ କଦାପି ପୂର୍ଣ୍ଣିମା ଆସେ ନାହିଁ—

ପ୍ରେମ ସଦା ବଢ଼ିବୌ କରୈ, ଜ୍ୟୋଁ ସସିକଲା ସୁବେଷ ।
ପୈ ପୂନୌ ଯାମେଁ ନହୀଁ, ତାତେଁ କବହୁଁ ନ ସେଷ ॥

(ପଦ-ରତ୍ନାକର ୬୪୬)

ଭଗବାନଙ୍କର ଅନନ୍ତ ଶକ୍ତି ମଧ୍ୟରୁ ଦୁଇଟି ଶକ୍ତି ମୁଖ୍ୟ—ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ । ଐଶ୍ୱର୍ଯ୍ୟରେ ପ୍ରଭାବ ଓ ମାଧୁର୍ଯ୍ୟରେ ପ୍ରେମ ପ୍ରକଟିତ ହୁଏ । ମାଧୁର୍ଯ୍ୟରେ ଭଗବାନ ନିଜର ଐଶ୍ୱର୍ଯ୍ୟ, ପ୍ରଭାବ ଓ ଭଗବତ୍ତାକୁ ଭୁଲିଯାଆନ୍ତି । ଭକ୍ତଜନଙ୍କର ପ୍ରେମ ଭଗବାନଙ୍କୁ ଭୋଳା ସ୍ୱଭାବର କରିଦିଏ । ମାଆ ଯଶୋଦା ଭଗବାନ ଶ୍ରୀକୃଷ୍ଣଙ୍କୁ ବାନ୍ଧିବା ପାଇଁ ଧରି ପକାଇଲେ ମାଆ ମାରିବ ବୋଲି ଭାବି ଭଗବାନ କାନ୍ଦିବା ଆରମ୍ଭ କରି ଦିଅନ୍ତି! ଭୟ ମଧ୍ୟ ଯାହାଙ୍କୁ ଭୟ କରେ, ସେହି ଭଗବାନ ପୁଣି ମାଆକୁ ଭୟ କରୁଛନ୍ତି ! ଏହା ଭଗବାନଙ୍କର ମାଧୁର୍ଯ୍ୟଲୀଳା ।

ଭଗବାନ ପ୍ରେମରେ ବଶୀଭୂତ ହୋଇଯାଆନ୍ତି । ଭକ୍ତଜନଙ୍କ ପ୍ରେମର ପ୍ରତିବଦଳରେ ଭଗବାନ ସେମାନଙ୍କୁ କ'ଣ ଯେ ଦେବେ, ଚିନ୍ତାରେ ପଡ଼ିଯାଆନ୍ତି! ଗୋପିକାମାନଙ୍କର ପ୍ରେମ ପାଇଁ ଭଗବାନ ସେମାନଙ୍କୁ କହୁଛନ୍ତି—

ନ ପାରୟେଽହଂ ନିରବଦ୍ୟସଂଯୁଜାଂ
ସ୍ୱସାଧୁକୃତ୍ୟଂ ବିବୁଧାୟୁଷାପି ବଃ ।
ଯା ମାଭଜନ୍ ଦୁର୍ଜରଗେହଶୃଙ୍ଖଳାଃ
ସଂବୃଶ୍ଚ୍ୟ ତଦ୍ ବଃ ପ୍ରତିଯାତୁ ସାଧୁନା ॥

(ଶ୍ରୀମଭା. ୧୦।୩୨।୨୨)

"ମୋ ସହିତ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ସମ୍ବନ୍ଧ ସ୍ଥାପନ କରି ତୁମମାନଙ୍କର ମୋ ଉପରେ ଯେଉଁ ଋଣ ହୋଇଯାଇଛି, ତାହାକୁ ମୁଁ ଦେବତାମାନଙ୍କ ପରି ଦୀର୍ଘ ଆୟୁ ପାଇଲେ ମଧ୍ୟ ପରିଶୋଧ କରି ପାରିବି ନାହିଁ। ବଡ଼ ବଡ଼ ମୁନିଋଷି ମଧ୍ୟ ଗୃହ ପ୍ରତି ମମତାରୂପକ ଯେଉଁ ଶିକୁଳିକୁ ସହଜରେ ଛିଣ୍ଡାଇ ପାରନ୍ତି ନାହିଁ, ତାହାକୁ ତୁମ୍ଭେମାନେ ଅକ୍ଳେଶରେ ଛିଣ୍ଡାଇଦେଲ।"

ଭଗବାନ ଗୋପିକାମାନଙ୍କ ଆଗରେ ନିଜକୁ ଋଣୀ କହୁଛନ୍ତି! ସେ କହୁଛନ୍ତି ଯେ ତୁମ୍ଭମାନଙ୍କର ମୋ ପ୍ରତି ଯେପରି ପ୍ରେମ, ମୋର ତୁମ୍ଭମାନଙ୍କ ପ୍ରତି ସେପରି ପ୍ରେମ ନାହିଁ। ମୋ ବ୍ୟତୀତ ତୁମ୍ଭମାନଙ୍କର ଅନ୍ୟ କାହା ପ୍ରତି ଲେଶମାତ୍ର ପ୍ରେମ ନାହିଁ, କିନ୍ତୁ ମୋର ତ ଅନେକ ଭକ୍ତଙ୍କ ପ୍ରତି ପ୍ରେମ ରହିଛି! ଏଣୁ ମୁଁ ତୁମ୍ଭମାନଙ୍କର ସମକକ୍ଷ ହୋଇ ପାରିବି ନାହିଁ। ତୁମ୍ଭେମାନେ ଯେପରି ମୋ ବ୍ୟତୀତ ଆଉ କାହାରିକୁ ନିଜର ମାନୁ ନାହଁ, ସେହିପରି ମୁଁ ତୁମ୍ଭମାନଙ୍କ ବ୍ୟତୀତ ଆଉ କାହାକୁ ନିଜର ନ ମାନିଲେ ହିଁ ସମକକ୍ଷ ହୋଇ ପାରନ୍ତି! ମାତ୍ର ମୋର ତ ଅନେକ ଭକ୍ତ ଅଛନ୍ତି ଏବଂ ମୁଁ ସେମାନଙ୍କୁ ଆପଣାର ମାନୁଛି, ଏଣୁ ମୁଁ ତୁମ୍ଭମାନଙ୍କ ନିକଟରେ ଋଣୀ!

ୟହି ଦରବାର ଦୀନକୋ ଆଦର, ରୀତି ସଦା ଚଲି ଆଈ ।

(ବିନୟପତ୍ରିକା ୧୬୫।୫)

ଯେଉଁମାନେ ଦୀନ, ଛୋଟ, ଶରଣାଗତ ଓ ଭଗବତ୍‌ପରାୟଣ, ଭଗବାନଙ୍କ ଦରବାରରେ ସେମାନଙ୍କର ଆଦର ଯଥେଷ୍ଟ ଅଧିକ। ଯେଉଁମାନେ ଭଗବାନଙ୍କୁ ଯେତେ ପ୍ରେମ ଦେଉଥିଲେ ମଧ୍ୟ ତୃପ୍ତ ହୁଅନ୍ତି ନାହିଁ, ଭଗବାନ ସେମାନଙ୍କର ବଶୀଭୂତ ହୋଇଯାଆନ୍ତି ଏବଂ ସେମାନଙ୍କ ପାଇଁ ସବୁକିଛି କରି ପାରନ୍ତି। ପ୍ରେମର ବଶୀଭୂତ ହୋଇ ସେ ସାରଥି ସାଜି ଘୋଡ଼ା ଚଳାନ୍ତି, ଅଇଁଠାପତ୍ର ଉଠାନ୍ତି ଏବଂ ଏପରି କରି ଖୁସୀ ମଧ୍ୟ ହୁଅନ୍ତି। ମାଆକୁ ଯେପରି

ପିଲାର ମଳମୂତ୍ର ସଫା କରିବାରେ ଆନନ୍ଦ ମିଳେ, ସେହିପରି ଭଗବାନଙ୍କୁ ଭକ୍ତମାନଙ୍କର ଅତି ଛୋଟ ଛୋଟ କାମ କରିବାରେ ମଧ୍ୟ ଆନନ୍ଦ ମିଳେ। ମାଆର ସ୍ୱାର୍ଥ ଓ ମମତା ଥାଏ, କିନ୍ତୁ ଭଗବାନଙ୍କର ସ୍ୱାର୍ଥ ବା ମମତା ନ ଥାଏ, ଥାଏ କେବଳ ପ୍ରେମ। ସାଧାରଣ ଲୋକ ବଡ଼ ହେବାକୁ ଇଚ୍ଛା କରୁଥାଏ, କିନ୍ତୁ ଭଗବାନ ସବୁଠୁ ବଡ଼ ହୋଇଥିବାରୁ ତାଙ୍କୁ ଛୋଟ ହେବାରେ ଆନନ୍ଦ ମିଳେ।

ମୁଁ ଅଟେ ଭକତର ଦାସ, ଭକତ ମୋହର ସର୍ବସ୍ୱ।

ଏଥିପାଇଁ ଭଗବାନ ଭକ୍ତଜନଙ୍କର ମହିମା ଗାନ କରି କରି ତୃପ୍ତ ହୁଅନ୍ତି ନାହିଁ। ଏହା ହେଉଛି ଭକ୍ତିର ମାହାତ୍ମ୍ୟ! ଭକ୍ତି ଦୁଇ ଭାଗରେ ବିଭକ୍ତ—ସାଧନଭକ୍ତି ଓ ସାଧ୍ୟଭକ୍ତି। ସାଧନଭକ୍ତି ଦ୍ୱାରା ସାଧ୍ୟଭକ୍ତି ମିଳେ— **'ଭକ୍ତ୍ୟା ସଂଜାତୟା ଭକ୍ତ୍ୟା'** (ଶ୍ରୀମଭା. ୧୧।୩।୩୧)। ସାଧନଭକ୍ତି ନଅ ପ୍ରକାରର—

ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦସେବନମ୍।
ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମାତ୍ମନିବେଦନମ୍॥

(ଶ୍ରୀମଭା. ୭।୫।୨୩)

"ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମସମର୍ପଣ—ଏହା ହେଉଛି ନବଧା ଭକ୍ତି।" ଏହି ନଅଟିକୁ ତିନୋଟି ସ୍ତରରେ ବିଭକ୍ତ କରାଯାଇଛି। ଶ୍ରବଣ, କୀର୍ତ୍ତନ ଓ ସ୍ମରଣରେ ଭକ୍ତ ନିଜକୁ ଭଗବାନଙ୍କ ଠାରୁ ଦୂର ମନେକରେ। ପାଦସେବନ, ଅର୍ଚ୍ଚନ ଓ ବନ୍ଦନରେ ଭକ୍ତ ଭଗବାନଙ୍କୁ ନିକଟ ମନେକରେ। ଦାସ୍ୟ, ସଖ୍ୟ ଓ ଆତ୍ମସମର୍ପଣରେ ଭକ୍ତ ଭଗବାନଙ୍କୁ ଅତ୍ୟନ୍ତ ନିକଟତର ମନେକରେ। ଏହିପରିଭାବରେ ଶ୍ରବଣଠାରୁ ଆରମ୍ଭ କରି ଆତ୍ମସମର୍ପଣ ପର୍ଯ୍ୟନ୍ତ ଭକ୍ତ ଯଥାକ୍ରମେ ନିଜକୁ ଭଗବାନଙ୍କର ନିକଟବର୍ତ୍ତୀ ମନେକରିଥାଏ। ଆତ୍ମସମର୍ପଣରେ ଭକ୍ତ ଭଗବାନଙ୍କ ଠାରେ ସମ୍ପୂର୍ଣ୍ଣ ତଲ୍ଲୀନ ହୋଇଯାଏ।

ଭକ୍ତର ପ୍ରଥମେ ଦାସ୍ୟଭାବ ହୁଏ ଏବଂ ସେଥିରେ ସେ ଭଗବାନଙ୍କୁ ମାଲିକ ଓ ନିଜକୁ ତାଙ୍କର ଦାସ ବୋଲି ଭାବେ। ଏହି ଭାବରେ ସଂକୋଚ, ଭୟ ଓ ଲଜ୍ଜା ରହିଥାଏ ଯେ ମୁଁ ଭଗବାନଙ୍କର ଦାସ, ତେଣୁ ମୋ ଦ୍ୱାରା

କେବେ କୌଣସି ତ୍ରୁଟି ହୋଇ ନ ଯାଉ! ତା'ପରେ କ୍ରମେ କ୍ରମେ ସଖ୍ୟଭାବ ହୋଇଯାଏ। ସଖ୍ୟଭାବରେ ଭକ୍ତ ନିଜକୁ ଭଗବାନଙ୍କର ସଖା ମନେକରେ, ଭଗବାନଙ୍କ ସହ ସେ ଅଭିନ୍ନ ହୋଇଯାଏ। ଏହି ଭାବରେ ଦାସ୍ୟଭାବ ଭଳି କୌଣସି ଭୟ ବା ସଂକୋଚ ନ ଥାଏ। ଭଗବାନ ସଖାମାନଙ୍କ ସଙ୍ଗରେ ଖେଳନ୍ତି। ଖେଳରେ ସେ ହାରିଗଲେ ମଧ୍ୟ ଜିତିଛନ୍ତି ବୋଲି କହନ୍ତି! ତା'ପରେ ସଖାମାନେ ତାଙ୍କୁ ଖେଳରୁ ବାହାର କରିଦିଅନ୍ତି ଏବଂ କହନ୍ତି ଆମେ ତୋତେ ଖେଳେଇବୁ ନାହିଁ! ତୋର ଗାଈ ଅଧିକ ବୋଲି କଣ ତୁ ବଡ଼ ହୋଇଗଲୁ?

ଭଗବାନଙ୍କର ପ୍ରଭାବ ଜାଣିଥିଲେ ମଧ୍ୟ ଗୋପୀମାନେ ଭଗବାନଙ୍କୁ ସଖା ମନେକରନ୍ତି ଏବଂ କହନ୍ତି—

ନ ଖଲୁ ଗୋପିକାନନ୍ଦନୋ ଭବାନଖିଳଦେହିନାମନ୍ତରାତ୍ମଦୃକ୍ ।
ବିଖନସାର୍ଥିତୋ ବିଶ୍ୱଗୁପ୍ତୟେ ସଖ ଉଦେୟିବାନ୍ ସାତ୍ୱତାଂ କୁଳେ ॥

(ଶ୍ରୀମଭା. ୧୦।୩୧।୪)

"ସଖେ! ତୁମେ କେବଳ ଯଶୋଦାପୁତ୍ର ନୁହଁ, ବରଂ ସମସ୍ତ ପ୍ରାଣୀଙ୍କ ଅନ୍ତରାତ୍ମାର ସାକ୍ଷୀ। ବ୍ରହ୍ମାଙ୍କ ପ୍ରାର୍ଥନା ରକ୍ଷା କରି ବିଶ୍ୱରକ୍ଷା ପାଇଁ ହିଁ ତୁମେ ଯଦୁକୁଳରେ ଅବତୀର୍ଣ୍ଣ ହୋଇଛ।"

ଆତ୍ମସମର୍ପଣରେ ଭକ୍ତ ନିଜକୁ ପୂର୍ଣ୍ଣରୂପେ ଭଗବାନଙ୍କ ନିକଟରେ ଅର୍ପଣ କରିଦିଏ। ତା' ପାଖରେ ତା'ର ନିଜର ବୋଲି କିଛି ରହେ ନାହିଁ, ସବୁକିଛି ଭଗବାନଙ୍କର ହୋଇଯାଏ। ତା'ର ତଥାକଥିତ ଶରୀର, ଇନ୍ଦ୍ରିୟ, ମନ, ବୁଦ୍ଧି, ପ୍ରାଣ, ଅହମ୍ ସବୁକିଛି ଭଗବାନଙ୍କର ହିଁ ହୋଇଯାଏ, କିଛି ନିଜର ହୋଇ ରହେ ନାହିଁ। ଏହିପରି ଆତ୍ମସମର୍ପଣ ପରେ ସାଧ୍ୟଭକ୍ତି ଅର୍ଥାତ୍ ପ୍ରେମଲକ୍ଷଣା ଭକ୍ତି ପ୍ରାପ୍ତ ହୁଏ। ପ୍ରେମଲକ୍ଷଣା ଭକ୍ତିରେ କିଏ ଭକ୍ତ ଓ କିଏ ଭଗବାନ, କିଏ ପ୍ରେମୀ ଓ କିଏ ପ୍ରେମାସ୍ପଦ, ତାହା ଜଣାପଡ଼େ ନାହିଁ ଅର୍ଥାତ୍ ଭକ୍ତ ଓ ଭଗବାନ ଅଭିନ୍ନ ହୋଇଯାଆନ୍ତି—'**ତସ୍ମିଂସ୍ତଜନେ ଭେଦାଭାବାତ୍**' (ନାରଦଭକ୍ତିସୂତ୍ର ୪୧), '**ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହମ୍**' (ଗୀତା ୯।୨୯)।

✦✦✦

୩. ଭଗବାନଙ୍କର ସଗୁଣ ସ୍ୱରୂପ ଓ ଭକ୍ତି

୧ . ଗୀତାରେ ସମଗ୍ର(ସଗୁଣ)ର ପ୍ରାଧାନ୍ୟ

ଶ୍ରୀମଦ୍‌ଭଗବଦ୍‌ଗୀତାରେ ଭଗବାନ କହିଛନ୍ତି—

ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ ।
କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍ ଯୋଗୀ ଭବାର୍ଜୁନ ॥

(୬ । ୪୬)

"ମୋ ମତରେ ତପସ୍ୱୀମାନଙ୍କ ଠାରୁ ମଧ୍ୟ ଯୋଗୀ ଶ୍ରେଷ୍ଠ, ଜ୍ଞାନୀମାନଙ୍କ ଠାରୁ ମଧ୍ୟ ଯୋଗୀ ଶ୍ରେଷ୍ଠ ଏବଂ କର୍ମୀମାନଙ୍କ ଠାରୁ ମଧ୍ୟ ଯୋଗୀ ଶ୍ରେଷ୍ଠ । ତେଣୁ ହେ ଅର୍ଜୁନ! ତୁମେ ଯୋଗୀ ହୁଅ ।"

—ଯୋଗର ଏହିପରି ମହିମା ଦର୍ଶାଇ ଭଗବାନ ପୁଣି କହୁଛନ୍ତି—

ଯୋଗିନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନା ।
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ ॥

(୬ । ୪୭)

"ସମସ୍ତ ଯୋଗୀଙ୍କ ମଧ୍ୟରେ ବି ଯେଉଁ ଶ୍ରଦ୍ଧାବାନ୍ ଭକ୍ତ ତଲ୍ଲୀନ ମନରେ (ପ୍ରେମପୂର୍ବକ) ମୋର ଭଜନ କରେ, ମୋ ମତରେ ସେ ହେଉଛି ସର୍ବଶ୍ରେଷ୍ଠ ଯୋଗୀ* ।"

ଭଗବାନ କହିଛନ୍ତି ଯେ, କର୍ମଯୋଗୀ, ଭକ୍ତିଯୋଗୀ, ହଠଯୋଗୀ, ଲୟଯୋଗୀ, ରାଜଯୋଗୀ, ମନ୍ତ୍ରଯୋଗୀ ପ୍ରଭୃତି ସମସ୍ତ ଯୋଗୀଙ୍କ ମଧ୍ୟରେ

---

* ଭଗବାନ ତାଙ୍କ ଭକ୍ତଙ୍କ ବିଷୟରେ ଏପରି କଥା ଆଗକୁ ମଧ୍ୟ କହିଛନ୍ତି; ଯଥା—

(୧) ମଯ୍ୟାସକ୍ତମନାଃ ପାର୍ଥ ଯୋଗଂ ଯୁଞ୍ଜନ୍ମଦାଶ୍ରୟଃ । (୭ । ୧)
(୨) ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ । (୭ । ୨୯)
(୩) ମଯ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ ।
ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ ॥ (୧୨ । ୨)
(୪) ଯେ ତୁ ଧର୍ମ୍ୟାମୃତମିଦଂ ଯଥୋକ୍ତଂ ପର୍ଯ୍ୟୁପାସତେ ।
ଶ୍ରଦ୍ଦଧାନା ମତ୍ପରମା ଭକ୍ତାସ୍ତେଽତୀବ ମେ ପ୍ରିୟାଃ ॥ (୧୨ । ୨୦)

ମୋର ଭକ୍ତ ସର୍ବଶ୍ରେଷ୍ଠ। ଭଗବାନଙ୍କ କଥା ପଢ଼ିଲେ ଭକ୍ତଜନ ଯେପରି ଆନନ୍ଦବିଭୋର ହୋଇଯାଆନ୍ତି, ସେମାନଙ୍କୁ ଅନ୍ୟ କଥା ଭଲ ଲାଗେ ନାହିଁ, ସେହିପରି ଏଠାରେ ଭକ୍ତମାନଙ୍କ କଥା ପଢ଼ିବାରୁ ଭଗବାନ ମଧ୍ୟ ଆନନ୍ଦବିଭୋର ହୋଇ, ଆଉ ସବୁ କଥା ଭୁଲିଯାଇଛନ୍ତି ଏବଂ ଭକ୍ତି ବିଷୟରେ କହିବା ପାଇଁ ତାଙ୍କ ହୃଦୟରେ ବିଶେଷ ପ୍ରବାହ ପ୍ରବାହିତ ହୋଇଛି। ସେଥିପାଇଁ ଅର୍ଜୁନ ପ୍ରଶ୍ନ ନ କରିଥିଲେ ମଧ୍ୟ ଭଗବାନ ନିଜଆଡ଼ୁ ସପ୍ତମ ଅଧ୍ୟାୟ ଆରମ୍ଭ କରିଛନ୍ତି।

ସପ୍ତମ ଅଧ୍ୟାୟ ଆରମ୍ଭରେ ଭଗବାନ ଅର୍ଜୁନଙ୍କୁ କହିଲେ ଯେ, ମୁଁ ବିଜ୍ଞାନସହିତ ଜ୍ଞାନ କହିବି, ଯାହାଦ୍ୱାରା ତୁମେ ମୋର 'ସମଗ୍ର' ରୂପ ବିଷୟରେ ଜାଣିଯିବ ଏବଂ ତାହାକୁ ଜାଣିବାପରେ ଆଉ କିଛିହେଲେ ଜାଣିବା ବାକି ରହିବ ନାହିଁ। ପରିଶେଷରେ ନିଜ ସମଗ୍ରରୂପର ବର୍ଣ୍ଣନା କରି ଭଗବାନ କହିଲେ—

ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ।
ତେ ବ୍ରହ୍ମ ତଦ୍‌ବିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମ ଚାଖିଳମ୍॥
ସାଧିଭୂତାଧିଦୈବଂ ମାଂ ସାଧିଯଜ୍ଞଂ ଚ ଯେ ବିଦୁଃ।
ପ୍ରୟାଣକାଲେଽପି ଚ ମାଂ ତେ ବିଦୁର୍ଯୁକ୍ତଚେତସଃ॥

(ଗୀତା ୭।୨୯,୩୦)

"ଜରା ଓ ମରଣରୁ ମୁକ୍ତି ପାଇବା ପାଇଁ ମୋର ଆଶ୍ରୟ ନେଇ ଯେଉଁମାନେ ଯତ୍ନ କରନ୍ତି, ସେମାନେ ସେହି ବ୍ରହ୍ମକୁ, ସମ୍ପୂର୍ଣ୍ଣ ଅଧ୍ୟାତ୍ମକୁ ଓ ସମସ୍ତ କର୍ମକୁ ଜାଣିଯାଆନ୍ତି। ଯେଉଁମାନେ ଅଧିଭୂତ, ଅଧିଦୈବ ଓ ଅଧିଯଜ୍ଞ ସହିତ ମୋତେ ଜାଣନ୍ତି, ସେହି ଯୁକ୍ତଚେତା ମନୁଷ୍ୟ ଅନ୍ତକାଳରେ ମଧ୍ୟ ମୋତେ ହିଁ ଜାଣନ୍ତି ଅର୍ଥାତ୍ ପ୍ରାପ୍ତ ହୁଅନ୍ତି।"

ଗୀତାରେ ଭଗବାନ ଜନ୍ମ ଓ ମରଣ କଥା ଅନେକ ସ୍ଥାନରେ କହିଛନ୍ତି, କିନ୍ତୁ 'ଜରା ଓ ମରଣ' ବିଷୟରେ କେବଳ ଏହି ଶ୍ଳୋକ ଦୁଇଟିରେ ହିଁ କହିଛନ୍ତି। କହିବାର ଉଦ୍ଦେଶ୍ୟ ହେଲା, ଭଗବାନଙ୍କୁ ଭକ୍ତି କରୁଥିବା ବ୍ୟକ୍ତି ଜରା ଓ ମୃତ୍ୟୁରୁ ମୁକ୍ତ ହୋଇଯାଏ ଅର୍ଥାତ୍ ଶରୀର ଥିବା ସମୟରେ ମଧ୍ୟ ତାକୁ ବୃଦ୍ଧାବସ୍ଥାର ଦୁଃଖ ହୁଏ ନାହିଁ ଏବଂ ମରିବା ପରେ କେଉଁ ଗତି ହେବ—ଏପରି ଗତିବିଷୟକ କୌଣସି ଦୁଃଖ ମଧ୍ୟ ହୁଏ ନାହିଁ। ଏଭଳି ଭକ୍ତମାନେ ଭଗବାନଙ୍କର ଆଶ୍ରୟ

ନେଇ ପ୍ରଯତ୍ନ କରୁଥିବାରୁ ଭଗବାନଙ୍କର ସମଗ୍ରରୂପକୁ ଜାଣିପାଆନ୍ତି ଅର୍ଥାତ୍ ବିଜ୍ଞାନସହିତ ଜ୍ଞାନକୁ ଜାଣିପାଆନ୍ତି । ବ୍ରହ୍ମ (ନିର୍ଗୁଣନିରାକାର), ଅଧ୍ୟାତ୍ମ (ଅନନ୍ତ ଜୀବ) ଓ କର୍ମ (ସୃଷ୍ଟିସର୍ଜନାରୂପକ କର୍ମ)*—ଏହା 'ଜ୍ଞାନ' (ନିର୍ଗୁଣ)ର ବିଷୟ ଏବଂ ଅଧିଭୂତ (ଅନନ୍ତ ବ୍ରହ୍ମାଣ୍ଡ), ଅଧିଦୈବ (ହିରଣ୍ୟଗର୍ଭ ବ୍ରହ୍ମା) ଓ ଅଧିଯଜ୍ଞ (ଅନ୍ତର୍ଯାମୀ ବିଷ୍ଣୁ)—ଏହା 'ବିଜ୍ଞାନ' (ସଗୁଣ)ର ବିଷୟ । ଏ ଦୁଇଟିକୁ ସେହି ଶରଣାଗତ ଭକ୍ତ ଜାଣିପାଆନ୍ତି । କାରଣ ସମଗ୍ରସ୍ୱରୂପର ଜ୍ଞାନ ବିଚାର ଦ୍ୱାରା ହୁଏ ନାହିଁ, ବରଂ ଶରଣାଗତ ହେବାପରେ ଭଗବତ୍‌କୃପାରୁ ହୋଇଥାଏ ।

ଏଠାରେ ବିଶେଷ ଉଲ୍ଲେଖଯୋଗ୍ୟ ଯେ ନିର୍ଗୁଣନିରାକାର ବ୍ରହ୍ମର ନାମ ଭଗବାନଙ୍କ ସମଗ୍ରରୂପର ଅନ୍ତର୍ଗତ ହୋଇଛି । ଲୋକରେ ପ୍ରାୟ ପ୍ରସିଦ୍ଧି ଅଛି ଯେ ସଗୁଣ ଈଶ୍ୱର ନିର୍ଗୁଣନିରାକାର ବ୍ରହ୍ମର ଅନ୍ତର୍ଗତ; ବ୍ରହ୍ମ ମାୟାରହିତ ଓ ଈଶ୍ୱର ମାୟାଯୁକ୍ତ । ଏଣୁ ବ୍ରହ୍ମର ଏକ ଅଂଶରେ ଈଶ୍ୱର ସ୍ଥିତ । କିନ୍ତୁ ଗୀତାରେ ଭଗବାନ କହୁଛନ୍ତି ଯେ ମୋ ସମଗ୍ରରୂପର ଏକ ଅଂଶରେ ବ୍ରହ୍ମ ଅବସ୍ଥିତ! ସେଥିପାଇଁ ଭଗବାନ ନିଜକୁ ବ୍ରହ୍ମର ଆଧାର କହିଛନ୍ତି—**'ବ୍ରହ୍ମଣୋ ହି ପ୍ରତିଷ୍ଠାହମ୍'** (ଗୀତା ୧୪ । ୨୭) 'ମୁଁ ହେଉଛି ବ୍ରହ୍ମର ପ୍ରତିଷ୍ଠା (ଆଶ୍ରୟ)' ଏବଂ **'ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତମୂର୍ତ୍ତିନା'** (ଗୀତା ୯ । ୪) 'ଏ ସମଗ୍ର ସଂସାର ମୋର ଅବ୍ୟକ୍ତ ସ୍ୱରୂପ ଦ୍ୱାରା ବ୍ୟାପ୍ତ ।' ଭଗବାନ ଏହି ସବୁ ଉକ୍ତିରେ ଦର୍ଶାଇବାକୁ ଚାହାନ୍ତି ଯେ 'ବ୍ରହ୍ମ ମୋର ଅଂଶ, ମୁଁ ବ୍ରହ୍ମର ଅଂଶ ନୁହେଁ' । ଅତଏବ ନିଷ୍କର୍ଷ ହୋଇ ବିଚାର କଲେ ଜଣାଯାଏ ଯେ ଗୀତାରେ ବ୍ରହ୍ମର ପ୍ରାଧାନ୍ୟ ନାହିଁ, ବରଂ ସମଗ୍ର ଭଗବାନଙ୍କର ପ୍ରାଧାନ୍ୟ ରହିଛି । ପୂର୍ଣ୍ଣତତ୍ତ୍ୱ ହେଲେ ସମଗ୍ର ପରମାତ୍ମା । ସମଗ୍ରରୂପରେ ସଗୁଣ, ନିର୍ଗୁଣ, ସାକାର, ନିରାକାର ସବୁକିଛି ଅନ୍ତର୍ଭୁକ୍ତ ହୋଇଯାଏ । ବାସ୍ତବରେ ଦେଖିଲେ ସାକାର ହିଁ ସମଗ୍ରରୂପ ହୋଇପାରେ; କାରଣ ନିର୍ଗୁଣ ସଗୁଣର ଅନ୍ତର୍ଗତ ହୋଇପାରିବ, କିନ୍ତୁ ସଗୁଣ ନିର୍ଗୁଣର ଅନ୍ତର୍ଗତ ହୋଇପାରିବ ନାହିଁ । ଅତଏବ ସଗୁଣ ହିଁ ସମଗ୍ର, ନିର୍ଗୁଣ ନୁହେଁ ।

---

* ଭଗବାନଙ୍କର ସୃଷ୍ଟିସର୍ଜନାରୂପକ କର୍ମ ପ୍ରକୃତରେ 'ଅକର୍ମ' ଅଟେ । ଭଗବାନ ମଧ୍ୟ କହିଛନ୍ତି—'ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟମ୍' (ଗୀତା ୪ । ୧୩) 'ସୃଷ୍ଟିସର୍ଜନାର କର୍ତ୍ତା ହୋଇଥିଲେ ମଧ୍ୟ ମୋ ଭଳି ଅବ୍ୟୟ ପରମେଶ୍ୱରକୁ ତୁମେ ଅକର୍ତ୍ତା ବୋଲି ଜାଣ ।' ଏଥିପାଇଁ ଏହି କର୍ମକୁ ଭଗବାନ 'ତ୍ୟାଗ' ନାମରେ ଅଭିହିତ କରିଛନ୍ତି—'ବିସର୍ଗଃ କର୍ମସଂଜ୍ଞିତଃ' (୮ । ୩) ।

ନିର୍ଗୁଣନିରାକାରକୁ ମାନୁଥିବା ଲୋକେ ଜୀବ ଓ ବ୍ରହ୍ମକୁ ସ୍ୱରୂପ ଦୃଷ୍ଟିରୁ ଏକ ମନେ କରନ୍ତି* । ଗୀତାରେ ମଧ୍ୟ ଜୀବ ଓ ବ୍ରହ୍ମର ସମାନ ଲକ୍ଷଣ ବର୍ଣ୍ଣିତ । ଭଗବାନ ଦେହୀ(ଦେହଧାରୀ ଜୀବ)ର ଯେଉଁ ସବୁ ଲକ୍ଷଣ ଦର୍ଶାଇଛନ୍ତି, ସେହି ଲକ୍ଷଣ ଦେହରହିତ ବ୍ରହ୍ମର ମଧ୍ୟ ଦର୍ଶାଇଛନ୍ତି ।¥ କହିବାର ଉଦ୍ଦେଶ୍ୟ ହେଲା, ଦେହସହିତ ରହି ଯିଏ ଜୀବ ହୋଇଛି, ସେ ଦେହରହିତ ହୋଇଗଲେ ବ୍ରହ୍ମ ଅଟେ ଅର୍ଥାତ୍ ଜୀବ କେବଳ ଶରୀରର ଉପାଧି ଯୋଗୁଁ ପୃଥକ୍ ହୋଇଛି, ନଚେତ୍ ସେ ବ୍ରହ୍ମ ହିଁ ଅଟେ । ସୁତରାଂ ନିର୍ଗୁଣ ଉପାସନାରେ ଯିଏ ଦେହସହିତ, ସେ ହେଉଛି ଉପାସକ ଓ ଯେ ଦେହରହିତ ସେ ହେଉଛନ୍ତି 'ଉପାସ୍ୟ' । ଦେହ ସଙ୍ଗେ ସ୍ୱୀକୃତ ସମ୍ବନ୍ଧ ହିଁ ଜୀବ ଓ ବ୍ରହ୍ମର ଏକତ୍ୱରେ ମୁଖ୍ୟ ବିଘ୍ନ । ଏଥିପାଇଁ ଦେହାଭିମାନୀଙ୍କ ପକ୍ଷେ ନିର୍ଗୁଣୋପାସନାର ସିଦ୍ଧି ବଡ଼ କଷ୍ଟରେ ଓ ବିଳମ୍ବରେ ହୁଏ—**'ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ'** (ଗୀତା ୧୨ । ୫) । କିନ୍ତୁ ସଗୁଣୋପାସନାରେ ଦେହ ସହିତ ସମ୍ବନ୍ଧ ସେତେ ବିଘ୍ନ ନୁହେଁ, ବରଂ ଭଗବାନଙ୍କ ପ୍ରତି ବିମୁଖତା ହିଁ ବିଘ୍ନ । ଏଣୁ ଭକ୍ତ ଆରମ୍ଭରୁ ହିଁ ନିଜକୁ ଭଗବାନଙ୍କର ଓ ଭଗବାନଙ୍କୁ ନିଜର ମାନି ଭଗବାନଙ୍କର ସମ୍ମୁଖୀ ହୋଇଯାଏ । ଏହା ଫଳରେ ସଗୁଣୋପାସକର ଭଗବାନଙ୍କ କୃପାରୁ ଶୀଘ୍ର ଓ ସହଜରେ ଉଦ୍ଧାର ହୋଇଯାଏ ।§ କାରଣ ଭକ୍ତ ସାଧନାର ଆଶ୍ରିତ ନ ହୋଇ ଭଗବାନଙ୍କର

---

* ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ ।
ଅନେନ ବେଦ୍ୟଂ ସଚ୍ଛାସ୍ତ୍ରମିତି ବେଦାନ୍ତଡିଣ୍ଡିମଃ ॥ (ବ୍ରହ୍ମଜ୍ଞାନାବଳୀମାଳା ୨୦)

¥ ଉଦାହରଣାର୍ଥ—ଗୀତାରେ ଭଗବାନ ଦ୍ୱିତୀୟ ଅଧ୍ୟାୟର ୧୭ଶ ଶ୍ଳୋକରେ 'ଅବ୍ୟୟ, ୨୦ଶ ଶ୍ଳୋକରେ 'ପୁରାଣ', ୨୪ଶ ଶ୍ଳୋକରେ 'ସର୍ବଗତ', 'ଅଚଳ' ଓ 'ସନାତନ' ତଥା ୨୫ଶ ଶ୍ଳୋକରେ 'ଅବ୍ୟକ୍ତ' ଓ 'ଅଚିନ୍ତ୍ୟ' ଆଦି ଶବ୍ଦ ଜୀବାତ୍ମାର ଲକ୍ଷଣ ପାଇଁ ବ୍ୟବହାର କରିଛନ୍ତି । ଏହି ଶବ୍ଦଗୁଡ଼ିକ ପରମାତ୍ମାଙ୍କ ଲକ୍ଷଣ ପାଇଁ ମଧ୍ୟ ପ୍ରଯୁକ୍ତ ହୋଇଛି; ଯଥା—'ଅବ୍ୟୟ' (୧୮ । ୨୦), 'ପୁରାଣ' (୮ । ୯), 'ସର୍ବଗତ' (୩ । ୧୫), 'ଅଚଳ' (୧୨ । ୩), 'ସନାତନ' (୪ । ୩୧), 'ଅବ୍ୟକ୍ତ' (୧୨ । ୫) ଓ 'ଅଚିନ୍ତ୍ୟ' (୮ । ୯; ୧୨ । ୩) ଇତ୍ୟାଦି । ଭଗବାନ ଯେପରି 'ଯେନ ସର୍ବମିଦଂ ତତମ୍' (୨ । ୧୭) ପଦଗୁଡ଼ିକରେ ଜୀବାତ୍ମାକୁ ସର୍ବବ୍ୟାପକ କହିଛନ୍ତି, ସେହିପରି 'ଯେନ ସର୍ବମିଦଂ ତତମ୍' (୮ । ୨୨; ୧୮ । ୪୬) ପଦଗୁଡ଼ିକରେ ପରମାତ୍ମାଙ୍କୁ ମଧ୍ୟ ସର୍ବବ୍ୟାପକ କହିଛନ୍ତି ।

§ ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାରସାଗରାତ୍ ।
ଭବାମି ନଚିରାତ୍ ପାର୍ଥ ମଯ୍ୟାବେଶିତଚେତସାମ୍ ॥ (ଗୀତା ୧୨ । ୭)

"ହେ ପାର୍ଥ! ମୋ'ଠାରେ ନିବିଷ୍ଟଚିତ୍ତ ସେହି ଭକ୍ତମାନଙ୍କ ପାଇଁ ମୁଁ ନିଜେ ମୃତ୍ୟୁରୂପକ ସଂସାରସାଗରରୁ ଉଦ୍ଧାରକର୍ତ୍ତା ହୋଇଯାଏ ।"

ଆଶ୍ରିତ ହୋଇଥାଏ । ଏହା ହିଁ ସଗୁଣୋପାସନାର ବୈଶିଷ୍ଟ୍ୟ! ସଗୁଣୋପାସନାର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଯେ ଏଥିରେ ଭକ୍ତ ଜଗତକୁ ମିଥ୍ୟା ମନେକରି ତାହାକୁ ତ୍ୟାଗ କରିବା ଉପରେ ଗୁରୁତ୍ୱ ଦିଏ ନାହିଁ, କାରଣ ତାହାର ଧାରଣାରେ ଜଡ଼-ଚେତନ, ସ୍ଥାବର-ଜଙ୍ଗମ, ସତ୍-ଅସତ୍ ସବୁକିଛି ଭଗବାନ— **'ଅମୃତଂ ଚୈବ ମୃତ୍ୟୁଶ୍ଚ ସଦସଚ୍ଚାହମର୍ଜୁନ'** (ଗୀତା ୯ । ୧୯) । ଏଣୁ ସଗୁଣର ଉପାସନା ସମଗ୍ରରୂପର ଉପାସନା ଅଟେ । ଗୀତାରେ ସଗୁଣକୁ ସମଗ୍ର ମନେ କରାଯାଇଛି ଏବଂ ବ୍ରହ୍ମ, ଜୀବ, କର୍ମ, ଜଗତ୍, ହିରଣ୍ୟଗର୍ଭ ବ୍ରହ୍ମା ଓ ଅନ୍ତର୍ଯାମୀ ବିଷ୍ଣୁଙ୍କୁ ସମଗ୍ର ଭଗବାନଙ୍କର ଅଙ୍ଗ ମନେ କରାଯାଇଛି (୭ । ୨୯,୩୦) । ଏଥିରୁ ଜଣାପଡ଼େ ଯେ ନିର୍ଗୁଣୋପାସନା (ବ୍ରହ୍ମର ଉପାସନା) ସମଗ୍ର ଭଗବାନଙ୍କ ଏକ ଅଙ୍ଗର ହିଁ ଉପାସନା ଏବଂ ସଗୁଣୋପାସନା ସ୍ୱୟଂ ସମଗ୍ର ଭଗବାନଙ୍କର ଉପାସନା* ।

ନିର୍ଗୁଣନିରାକାର ବ୍ରହ୍ମ ଓ ନାଶବାନ୍ ଜଗତ ସମଗ୍ର ଭଗବାନଙ୍କର ଐଶ୍ୱର୍ଯ୍ୟ ଅଟେ ।¥ ଭକ୍ତ ଐଶ୍ୱର୍ଯ୍ୟ ସହ ପ୍ରେମ କରେ ନାହିଁ, ବରଂ ଐଶ୍ୱର୍ଯ୍ୟବାନ୍‌ଙ୍କ ସହ

ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ ।
ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ ॥ (ଗୀତା ୮ । ୧୪)

"ହେ ପୃଥାନନ୍ଦନ! ଅନନ୍ୟ ଚିତ୍ତଯୁକ୍ତ ଯେଉଁ ମନୁଷ୍ୟ ମୋତେ ନିତ୍ୟ ନିରନ୍ତର ସ୍ମରଣ କରେ, ସେହି ନିତ୍ୟଯୁକ୍ତ ଯୋଗୀ ପାଇଁ ମୁଁ ସୁଲଭ ।"

* ଯେ ସମଗ୍ର ଭଗବାନଙ୍କର କୌଣସି ଗୋଟିଏ ଅଙ୍ଗର ଉପାସନା କରେ, ତାକୁ ମଧ୍ୟ ଶେଷରେ ସମଗ୍ର ଭଗବାନ ହିଁ ମିଳନ୍ତି (ଗୀତା ୧୨ । ୩,୪; ୧୮ । ୫୩—୫୫) । ଏଣୁ ଯେଉଁମାନଙ୍କୁ ନିର୍ଗୁଣ ଉପାସନା ଭଲ ଲାଗେ, ସେମାନେ ନିର୍ଗୁଣର ଉପାସନା କରନ୍ତୁ, କିନ୍ତୁ ସେଥିପ୍ରତି ଆଗ୍ରହ ରଖି ସଗୁଣର ତିରସ୍କାର କରିବା ଉଚିତ ନୁହେଁ । ସଗୁଣର ତିରସ୍କାର, ନିନ୍ଦା ଓ ଖଣ୍ଡନ କରିବା ନିର୍ଗୁଣ ଉପାସକମାନଙ୍କ ପାଇଁ ବହୁତ କ୍ଷତିକାରକ ।

¥ ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍ ॥ (ଗୀତା ୧୦ । ୪୨)

"ମୁଁ ନିଜର କୌଣସି ଏକ ଅଂଶରେ ସମଗ୍ର ଜଗତକୁ ବ୍ୟାପ୍ତ କରି ସ୍ଥିତ ହୋଇଛି ।"

ଇହୈକସ୍ଥଂ ଜଗତ୍କୃତ୍ସ୍ନଂ ପଶ୍ୟାଦ୍ୟ ସଚରାଚରମ୍ ।
ମମ ଦେହେ ଗୁଡାକେଶ ଯଚ୍ଚାନ୍ୟଦ୍ରଷ୍ଟୁମିଚ୍ଛସି ॥ (ଗୀତା ୧୧ । ୭)

"ହେ ଗୁଡ଼ାକେଶ! ମୋର ଏହି ଶରୀରର କୌଣସି ଏକ ସ୍ଥାନରେ ସମଗ୍ର ସଚରାଚର ଜଗତକୁ ଦେଖ । ଏହା ବ୍ୟତୀତ ତୁମେ ଆଉ ଯାହା ଦେଖିବାକୁ ଚାହୁଁଛ, ତାହା ମଧ୍ୟ ଦେଖ ।"

ପ୍ରେମ କରେ। ସେଥିପାଇଁ ସମଗ୍ରର ଉପାସକମାନଙ୍କୁ ଭଗବାନ ସର୍ବଶ୍ରେଷ୍ଠ କହିଛନ୍ତି (ଗୀତା ୬।୪୭; ୧୨।୨), ଅଧିକନ୍ତୁ 'ସବୁକିଛି ଭଗବାନ'—ଏହିପରି ସମଗ୍ରରୂପର ଅନୁଭବ କରୁଥିବା ମହାତ୍ମାଙ୍କୁ ଅତ୍ୟନ୍ତ ଦୁର୍ଲଭ କହିଛନ୍ତି— 'ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ' (ଗୀତା ୭।୧୯)।

ଗଭୀର ବିଚାର କଲେ ସଗୁଣରୂପର ପ୍ରାଧାନ୍ୟ ଯୁକ୍ତିଯୁକ୍ତ ଲାଗୁଛି। କେବଳ ନିର୍ଗୁଣକୁ ମୁଖ୍ୟ ମାନିଲେ ସବୁ କଥାର ସମୁଚିତ ସମାଧାନ ହୋଇ ପାରୁ ନାହିଁ, କିନ୍ତୁ ସଗୁଣକୁ ମୁଖ୍ୟ ମାନିଲେ କୌଣସି ସନ୍ଦେହ ବାକି ରହୁ ନାହିଁ। ଆଜିକାଲି ସଗୁଣକୁ ମାୟାଯୁକ୍ତ ମନେକରି ତିରସ୍କାର କରାଯାଉଛି, ଏହା ଠିକ୍ ନୁହେଁ। ସଗୁଣ ଭଗବାନ ମାୟାଯୁକ୍ତ ନୁହନ୍ତି, ବରଂ ମାୟାର ଅଧିପତି*। ସନକାଦି, ଶୁକଦେବ, ଜନକ ପ୍ରଭୃତି ତତ୍ତ୍ୱଜ୍ଞ ମହାପୁରୁଷଙ୍କର ସଗୁଣ ପ୍ରତି ସ୍ୱାଭାବିକ ପ୍ରେମ ଥିଲା ଏବଂ ତାହା ସମୟ ସମୟରେ ପରିପ୍ରକାଶିତ ହେଉଥିଲା। ଶ୍ରୀମଦ୍ଭାଗବତରେ ଅଛି—

ଆତ୍ମାରାମାଶ୍ଚ ମୁନୟୋ ନିର୍ଗ୍ରନ୍ଥା ଅପ୍ୟୁରୁକ୍ରମେ।
କୁର୍ବନ୍ତ୍ୟହୈତୁକୀଂ ଭକ୍ତିମିତ୍ଥମ୍ଭୂତଗୁଣୋ ହରିଃ ॥
(୧।୭।୧୦)

"ଜ୍ଞାନ ଦ୍ୱାରା ଯେଉଁମାନଙ୍କର ଚିଜ୍ଜଡ଼ଗ୍ରନ୍ଥି ଛେଦନ ହୋଇ ସାରିଛି, ସେପରି ଆତ୍ମାରାମ ମୁନିଗଣ ମଧ୍ୟ ଭଗବାନଙ୍କୁ ଅହୈତୁକୀ (ନିଷ୍କାମ) ଭକ୍ତି କରନ୍ତି; କାରଣ ଭଗବାନଙ୍କର ଗୁଣ ଏତେ ବିଚିତ୍ର ଯେ ସେ ପ୍ରାଣୀମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରି ନିଅନ୍ତି।"

୨. ପରମାତ୍ମା ସମସ୍ତ ଶକ୍ତିର ମୂଳ ଉତ୍ସ

ଯେଉଁ ଶକ୍ତି ଦ୍ୱାରା ସମଗ୍ର ସୃଷ୍ଟିର ସଂଚାଳନ ହେଉଛି, ଉତ୍ପତ୍ତି, ସ୍ଥିତି ଓ

---

* ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା। (ଗୀତା ୪।୬)
ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍ ॥ (ଗୀତା ୯।୧୦)
ଜଗତ ପ୍ରକାସ୍ୟ ପ୍ରକାସକ ରାମୂ। ମାୟାଧୀସ ଗ୍ୟାନ ଗୁନ ଧାମୂ ॥
(ମାନସ, ବାଲ. ୧୧୭।୪)
ମାୟା ବସ୍ୟ ଜୀଵ ଅଭିମାନୀ। ଈସ ବସ୍ୟ ମାୟା ଗୁନ ଖାନୀ ॥
ପରବସ ଜୀଵ ସ୍ୱବସ ଭଗଵଂତା। ଜୀଵ ଅନେକ ଏକ ଶ୍ରୀକଂତା ॥
(ମାନସ, ଉତ୍ତର. ୭୮।୩,୪)

ପ୍ରଳୟ ହେଉଛି, ତାହା ପରମାତ୍ମାଙ୍କର ବୋଲି ମାନିବାକୁ ପଡ଼ିବ । ପରମାତ୍ମାଙ୍କ ଠାରେ ଯଦି କୌଣସି ଶକ୍ତି ଥିବାର ସ୍ୱୀକାର ନ କରିବା, ତେବେ ସୃଷ୍ଟିସର୍ଜନା ଆଦି କାର୍ଯ୍ୟ ସମ୍ପାଦନ ହେବା ସମ୍ଭବ ହୋଇ ପାରିବ ନାହିଁ! ଗୀତାପ୍ରେସ୍‌ର ସଂସ୍ଥାପକ, ସଂଗ୍ରାଳକ ତଥା ସଂରକ୍ଷକ ଶ୍ରୀଜୟଦୟାଲଜୀ ଗୋୟନ୍ଦକା, ଯେ କି ନିର୍ଗୁଣକୁ ମୁଖ୍ୟ ମନେ କରୁଥିଲେ, ଥରେ ମୋତେ ଏକାନ୍ତରେ କହିଥିଲେ ଯେ ପରମାତ୍ମାଙ୍କ ଠାରେ ଏକ ଶକ୍ତି ଅଛି ବୋଲି ମାନିବାକୁ ପଡ଼ିବ, ନ ମାନିବାକୁ ବାଟ ନାହିଁ ।

କେତେକ ମାନନ୍ତି ଯେ ସବୁକିଛିକୁ ନିଷେଧ (ଅସ୍ୱୀକାର) କରିଦେଲା ପରେ କେବଳ ଶୂନ୍ୟ ହିଁ ଅବଶେଷ ରହିଯାଏ, ଏଣୁ ଶୂନ୍ୟ ବ୍ୟତୀତ ଆଉ କିଛି ନାହିଁ । ଯଦି ଶୂନ୍ୟ ବ୍ୟତୀତ କିଛି ନାହିଁ ବୋଲି କହିବା, ତେବେ ଏହାର ଜ୍ଞାନ କାହାକୁ ହେଲା? ଶୂନ୍ୟକୁ ଶୂନ୍ୟର ଜ୍ଞାନ ହେବା ଆଦୌ ସମ୍ଭବ ନୁହେଁ । ଦ୍ୱିତୀୟତଃ ଶୂନ୍ୟ ବ୍ୟତୀତ ଆଉ କିଛି ନାହିଁ ବୋଲି ଯଦି କୁହାଯାଏ, ତେବେ ଏ ସୃଷ୍ଟି କାହାଠାରୁ ଉତ୍ପନ୍ନ ହେଲା? ଅଭାବରୁ ଭାବ ଉତ୍ପନ୍ନ ହୋଇ ପାରିବ କିପରି—**"କଥମସତଃ ସଜ୍ଜାୟେତେତି"** (ଛାନ୍ଦୋଗ୍ୟ. ୬ । ୨ । ୨)? ଏଣୁ ବ୍ରହ୍ମସୂତ୍ରର ଆରମ୍ଭରେ ଉଲ୍ଲିଖିତ ହୋଇଛି—

'ଅଥାତୋ ବ୍ରହ୍ମଜିଜ୍ଞାସା । ଜନ୍ମାଦ୍ୟସ୍ୟ ଯତଃ ।' (୧ । ୧ । ୧,୨) ।

"ବର୍ତ୍ତମାନ ଏହିଠାରୁ ବ୍ରହ୍ମବିଷୟକ ବିଗ୍ରର ଆରମ୍ଭ କରାଯାଉଛି । ଏ ଜଗତର ଜନ୍ମ ପ୍ରଭୃତି (ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ) ଯାହାଠାରୁ ହୁଏ, ସେ ହେଉଛି ବ୍ରହ୍ମ ।"

ସର୍ବୋପେତା ଚ ତଦ୍ଦର୍ଶନାତ୍ । (୨ । ୧ । ୩୦)

"ସେହି ବ୍ରହ୍ମ ସର୍ବଶକ୍ତିସମ୍ପନ୍ନ, କାରଣ ଶ୍ରୁତିମାନଙ୍କରେ ଏପରି ଦେଖାଯାଏ ।"

କହିବାର ଉଦ୍ଦେଶ୍ୟ ହେଲା, ପରମାତ୍ମା ସମସ୍ତ ଶକ୍ତି, ବିଦ୍ୟା, କଳା ଇତ୍ୟାଦିର ଭଣ୍ଡାର । ଶକ୍ତି ଜଡ଼ ପ୍ରକୃତିଠାରେ ରହିବା ଅସମ୍ଭବ । ତାହା ଚିନ୍ମୟ ପରମାତ୍ମତତ୍ତ୍ୱରେ ହିଁ ରହି ପାରିବ । ଜ୍ଞାନପୂର୍ବକ ଯାହା କିଛି ହୁଏ, ତାହା ଜଡ଼ର ହେବ କିପରି? ଯଦି ସମସ୍ତ ଶକ୍ତି ପ୍ରକୃତିର ବୋଲି ଧରାଯାଏ, ତେବେ ମଧ୍ୟ ମାନିବାକୁ ପଡ଼ିବ ଯେ ସେହି ଶକ୍ତିଗୁଡ଼ିକୁ ଉପଯୋଗ (ସୃଷ୍ଟିସର୍ଜନା ପ୍ରଭୃତି) କରିବାର ଯୋଗ୍ୟତା ପ୍ରକୃତିଠାରେ ନାହିଁ । ଉଦାହରଣାର୍ଥ—କମ୍ପ୍ୟୁଟର ଜଡ଼

ହୋଇଥିଲେ ମଧ୍ୟ ଅନେକ ବିଚିତ୍ର ବିଚିତ୍ର କାର୍ଯ୍ୟ କରିପାରେ, କିନ୍ତୁ ତାହାର ନିର୍ମାତା ଓ ସଂଗ୍ଳକ ଚେତନ (ମନୁଷ୍ୟ) ହିଁ ହୋଇଥାଏ । ମନୁଷ୍ୟ ଦ୍ୱାରା ନିର୍ମିତ, ପ୍ରଶିକ୍ଷିତ ଓ ସଂଗ୍ଳିତ ନ ହେଲେ ତାହା କୌଣସି କାର୍ଯ୍ୟ କରିବାରେ ସକ୍ଷମ ହୋଇ ପାରିବ ନାହିଁ । କମ୍ପ୍ୟୁଟର ସ୍ୱତଃସିଦ୍ଧ ନୁହେଁ, ବରଂ ତାହା କୃତ୍ରିମ ବା ନିର୍ମିତ, ମାତ୍ର ପରମାତ୍ମା ସ୍ୱତଃସିଦ୍ଧ । ସଂସାରରେ ବିବିଧ ଆବିଷ୍କାର ହେଉଛି, କିନ୍ତୁ ଚେତନ ହିଁ ଆବିଷ୍କାରକର୍ତ୍ତା । ଅତଏବ ସଂସାରରେ ଯାହା ବି ବିଶେଷତ୍ୱ ଓ ବୈଚିତ୍ର୍ୟ ଦୃଷ୍ଟିଗୋଚର ହେଉଛି, ତାହା ପରମାତ୍ମାଙ୍କ ଠାରୁ ଆସିଛି—

ଯଦ୍ ଯଦ୍ ବିଭୂତିମତ୍ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା ।
ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶସମ୍ଭବମ୍ ॥

(ଗୀତା ୧୦ । ୪୧)

"ଯେଉଁ ସବୁ ଐଶ୍ୱର୍ଯ୍ୟଯୁକ୍ତ, ଶୋଭାଯୁକ୍ତ ଓ ବଳଯୁକ୍ତ ବସ୍ତୁ ରହିଛି, ସେସବୁକୁ ତୁମେ ମୋର ହିଁ ତେଜ (ଯୋଗ)ର ଅଂଶରୁ ଉତ୍ପନ୍ନ ବୋଲି ଜାଣ ।"

ଯଦି ପରମାତ୍ମାଙ୍କର ଶକ୍ତି ନ ଥାନ୍ତା, ତେବେ ତାହା ସଂସାରକୁ ଆସିଥାନ୍ତା କେଉଁଠୁ? ଯେଉଁ ଶକ୍ତି ମଞ୍ଜିରେ ଥାଏ, ତାହା ହିଁ ଗଛକୁ ଆସେ । ମଞ୍ଜିରେ ଯେଉଁ ଶକ୍ତି ନାହିଁ, ତାହା ଗଛକୁ କେମିତି ଆସିବ? ସେହି ପରମାତ୍ମାଙ୍କର ବକ୍ତୃତ୍ୱ-ଶକ୍ତି ବକ୍ତାଠାରେ ଆସେ, ତାଙ୍କରି ଲେଖନ-ଶକ୍ତି ଲେଖକଠାରେ ଆସେ, ତାଙ୍କରି ଦାତୃତ୍ୱ-ଶକ୍ତି ଦାତାଠାରେ ଆସେ, ତାଙ୍କରି କବିତ୍ୱ-ଶକ୍ତି କବିଠାରେ ଆସେ । ମୁକ୍ତି, ଜ୍ଞାନ, ପ୍ରେମ ଆଦି ସବୁକିଛି ସେହି ପରମାତ୍ମାଙ୍କର ଦାନ । ଏସବୁ ପ୍ରକୃତିର କାର୍ଯ୍ୟ ନୁହେଁ । ଯଦି ଏହା ସତ୍ୟ ଯେ 'ମୁଁ ମୁକ୍ତସ୍ୱରୂପ', ତେବେ ବନ୍ଧନ କେଉଁଠୁ ଆସିଲା? ଯଦି ଏହା ସତ୍ୟ ଯେ 'ମୁଁ ଜ୍ଞାନସ୍ୱରୂପ', ତେବେ ଅଜ୍ଞାନ କେଉଁଠୁ ଆସିଲା? କେମିତି ଆସିଲା, କାହିଁକି ଆସିଲା ଓ କେବେ ଆସିଲା? ସୂର୍ଯ୍ୟଙ୍କ ନିକଟରେ ଅମାବାସ୍ୟାରାତ୍ରି ହେବା କ'ଣ ସମ୍ଭବ? ବାସ୍ତବରେ ଜ୍ଞାନ ହେଉଛି ପରମାତ୍ମାଙ୍କର, କିନ୍ତୁ ଆମେ ତାହାକୁ ନିଜର ମାନିନେଲୁ! ଏଥିପାଇଁ ଅଜ୍ଞାନ ଆସିଲା* । 'ମୁଁ ଜ୍ଞାନସ୍ୱରୂପ ଓ ଜ୍ଞାନ ମୋର'—ଏହି 'ମୁଁ ଓ

* ଜ୍ଞାନ ବା ଜାଣିବାର ଶକ୍ତି ପ୍ରକୃତିରେ ନ ଥାଏ । ପ୍ରକୃତି କଦାପି ଏକରୂପେ ରହେ ନାହିଁ, ତାହା ପ୍ରତିକ୍ଷଣ ବଦଳୁଥାଏ । ଯଦି ପ୍ରକୃତିରେ ଜ୍ଞାନ ରହିଥାନ୍ତା, ତେବେ ତାହା ମଧ୍ୟ ଏକରୂପେ ନ ରହି ବାରମ୍ବାର ବଦଳୁଥାଆନ୍ତା । ଯେଉଁ ଜ୍ଞାନ ଉତ୍ପନ୍ନ ହେବ, ତାହା ଶାଶ୍ୱତ ହୋଇ ନ ପାରେ, ତାହା ଅନିତ୍ୟ ହିଁ ହେବ । ଯଦି କେହି ମାନୁଥାନ୍ତି ଯେ ଜ୍ଞାନ ପ୍ରକୃତିରେ ହିଁ

'ମୋର' (ଅହଂଭାବ ଓ ମମତ୍ୱ) ହିଁ ଅଜ୍ଞାନ। ଯାହାଙ୍କ ଠାରୁ ମୁକ୍ତି, ଜ୍ଞାନ, ପ୍ରେମ ପ୍ରଭୃତି ମିଳିଛି, ତାଙ୍କ ଆଡ଼କୁ ଦୃଷ୍ଟି ନ ଦେବାରୁ ଏଗୁଡ଼ିକ ନିଜର ଭଳି ମନେ ହେଉଛି ଯେ ମୁକ୍ତି ମୋର, ଜ୍ଞାନ ମୋର, ପ୍ରେମ ମୋର ଇତ୍ୟାଦି। ସେହି ପରମଦାତା(ପରମାତ୍ମା)ଙ୍କର ଦେବାର ଶୈଳୀ ଏଡ଼େ ବିଚିତ୍ର ଯେ ନେବା ବ୍ୟକ୍ତିକୁ ପଦାର୍ଥଗୁଡ଼ିକ ନିଜର ପରି ଲାଗେ। ମନୁଷ୍ୟର ବଡ଼ ଭୁଲ୍ ହେଉଛି ଯେ ସେ ମିଳିଥିବା ବସ୍ତୁଗୁଡ଼ିକୁ ତ ନିଜର ମନେକରେ, କିନ୍ତୁ ଯାହାଙ୍କ ଠାରୁ ଏସବୁ ମିଳିଛି, ତାଙ୍କ ଆଡ଼କୁ ଦୃଷ୍ଟି ଦିଏ ନାହିଁ! ସେ ମିଳିଥିବା ଜିନିଷଗୁଡ଼ିକୁ ଦେଖେ, କିନ୍ତୁ ଏହାର ପ୍ରଦାନକାରୀକୁ ଦେଖେ ନାହିଁ! କାର୍ଯ୍ୟକୁ ଦେଖେ, କିନ୍ତୁ ଯାହାର ଶକ୍ତିରୁ କାର୍ଯ୍ୟ ହୁଏ, ସେହି କାରଣକୁ ଦେଖେ ନାହିଁ! ବାସ୍ତବରେ ବସ୍ତୁ ଆମର ନିଜର ନୁହେଁ, ବରଂ ପ୍ରଦାନକାରୀ ଆମର ନିଜର। ଭକ୍ତ ପ୍ରହ୍ଲାଦ କହିଛନ୍ତି—

ଶାସ୍ତା ବିଷ୍ଣୁରଶେଷସ୍ୟ ଜଗତୋ ଯୋ ହୃଦି ସ୍ଥିତଃ।
ତମୃତେ ପରମାତ୍ମାନଂ ତାତ କଃ କେନ ଶାସ୍ୟତେ॥

(ବିଷ୍ଣୁପୁରାଣ ୧।୧୭।୨୦)

"ହୃଦୟରେ ବିରାଜମାନ ଭଗବାନ ବିଷ୍ଣୁ ହିଁ ସମଗ୍ର ଜଗତର ଉପଦେଶକ। ହେ ତାତ! ସେହି ପରମାତ୍ମାଙ୍କ ବ୍ୟତୀତ ଆଉ କିଏ ବା କାହାକୁ ଶିକ୍ଷା ଦେଇପାରିବ? ଆଦୌ ସମ୍ଭବ ନୁହେଁ।"

ଧ୍ରୁବ କହିଛନ୍ତି—

ଯୋଽନ୍ତଃପ୍ରବିଶ୍ୟ ମମ ବାଚମିମାଂ ପ୍ରସୁପ୍ତାଂ
ସଂଜୀବୟତ୍ୟଖିଳଶକ୍ତିଧରଃ ସ୍ୱଧାମ୍ନା।
ଅନ୍ୟାଂଶ୍ଚ ହସ୍ତଚରଣଶ୍ରବଣତ୍ୱଗାଦୀନ୍
ପ୍ରାଣାନ୍ନମୋ ଭଗବତେ ପୁରୁଷାୟ ତୁଭ୍ୟମ୍॥

(ଶ୍ରୀମଭା. ୪।୯।୬)

"ହେ ପ୍ରଭୁ! ଆପଣ ସର୍ବଶକ୍ତିସମ୍ପନ୍ନ। ଆପଣ ହିଁ ମୋର ଅନ୍ତଃକରଣରେ ପ୍ରବିଷ୍ଟ ହୋଇ ନିଜର ଶକ୍ତି ଦ୍ୱାରା ମୋର ପ୍ରସୁପ୍ତ ବାଣୀକୁ ସଜୀବ କରନ୍ତି

ରହିଛି, ତେବେ ସେହି ପ୍ରକୃତିକୁ ହିଁ ଆମେ ପରମାତ୍ମା କହୁଛୁ, କେବଳ ଶବ୍ଦରେ ପାର୍ଥକ୍ୟ! ତାତ୍ପର୍ଯ୍ୟ ହେଲା, ଜ୍ଞାନ ପ୍ରକୃତିରେ ନାହିଁ; ଯଦି ରହିଛି ବୋଲି କୁହାଯାଏ, ତେବେ ତାହା ହିଁ ପରମାତ୍ମା।

ତଥା ହସ୍ତ, ପଦ, କର୍ଣ୍ଣ, ତ୍ୱକ୍ ଆଦି ଅନ୍ୟାନ୍ୟ ଇନ୍ଦ୍ରିୟଗଣଙ୍କୁ ଓ ପ୍ରାଣମାନଙ୍କୁ ମଧ୍ୟ ଚୈତନ୍ୟ ପ୍ରଦାନ କରନ୍ତି। ହେ ଅନ୍ତର୍ଯାମୀ ଭଗବନ୍! ଆପଣଙ୍କୁ ମୁଁ ପ୍ରଣାମ କରୁଛି।''

କେନୋପନିଷଦ୍‌ରେ ଅଛି—

ବ୍ରହ୍ମ ହ ଦେବେଭ୍ୟୋ ବିଜିଗ୍ୟେ ତସ୍ୟ ହ ବ୍ରହ୍ମଣୋ ବିଜୟେ ଦେବା ଅମହୀୟନ୍ତ ତ ଐକ୍ଷନ୍ତାସ୍ମାକମେବାୟଂ ବିଜୟୋଽସ୍ମାକମେବାୟଂ ମହିମେତି। (୩।୧)

''ପରବ୍ରହ୍ମ ପରମେଶ୍ୱର ନିଜେ ଦେବତାମାନଙ୍କ ଉଦ୍ଦେଶ୍ୟରେ (ସେମାନଙ୍କୁ ନିମିତ୍ତ କରି) ଅସୁରମାନଙ୍କ ଉପରେ ବିଜୟୀ ହେଲେ। କିନ୍ତୁ ସେହି ବିଜୟରେ ଇନ୍ଦ୍ରାଦି ଦେବତାମାନେ ନିଜେ ବିଜୟ ଲାଭ କଲେ ବୋଲି ଭାବି ଅଭିମାନ କଲେ। ଏହି ବିଜୟକୁ ସେମାନେ ନିଜର ଶକ୍ତି ଓ ମହିମାର ପରାକାଷ୍ଠା ମନେକଲେ।''

ଦେବତାମାନଙ୍କର ଏହି ଅଭିମାନ ଚୂର୍ଣ୍ଣ କରିବା ପାଇଁ ପରମାତ୍ମା ଯକ୍ଷ ରୂପ ଧାରଣ କରି ସେମାନଙ୍କ ସମ୍ମୁଖରେ ଉଭା ହେଲେ। ଯକ୍ଷକୁ ଦେଖି ଦେବଗଣ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଭାବିଲେ ଯେ, ଏ ଯକ୍ଷ ପୁଣି କିଏ? ତାଙ୍କର ପରିଚୟ ପାଇବା ନିମନ୍ତେ ଦେବଗଣ ଅଗ୍ନିଦେବଙ୍କୁ ତାଙ୍କ ପାଖକୁ ପଠାଇଲେ। ଯକ୍ଷ ପଗ୍ଚରିବାରୁ ଅଗ୍ନିଦେବ କହିଲେ—ମୁଁ 'ଜାତବେଦା' ନାମରେ ପ୍ରସିଦ୍ଧ ଅଗ୍ନିଦେବତା। ମୁଁ ଗ୍ଚହିଁଲେ ସାରା ପୃଥିବୀକୁ ପୋଡ଼ି ଭସ୍ମ କରିଦେଇ ପାରିବି। ଏହା ଶୁଣି ଯକ୍ଷ ତାଙ୍କ ସମ୍ମୁଖରେ ଖଣ୍ଡିଏ ତୃଣ ରଖିଦେଇ ତାହାକୁ ପୋଡ଼ିଦେବାକୁ କହିଲେ। ଅଗ୍ନିଦେବ ତାଙ୍କର ପୂର୍ଣ୍ଣଶକ୍ତି ପ୍ରୟୋଗ କରି ମଧ୍ୟ ଅସଫଳ ହେଲେ ଏବଂ ଲଜ୍ଜିତ ହୋଇ ଫେରି ଆସି ଦେବଗଣଙ୍କୁ କହିଲେ—ସେ ଯକ୍ଷ କିଏ, ମୁଁ ଜାଣି ପାରିଲି ନାହିଁ। ତା'ପରେ ଦେବଗଣ ବାୟୁଦେବଙ୍କୁ ଯକ୍ଷଙ୍କ ନିକଟକୁ ପଠାଇଲେ। ଯକ୍ଷ ପଗ୍ଚରିବାରୁ ବାୟୁଦେବ କହିଲେ—ମୁଁ 'ମାତରିଶ୍ୱା' ନାମରେ ପ୍ରସିଦ୍ଧ ବାୟୁଦେବତା। ମୁଁ ଗ୍ଚହିଁଲେ ପୃଥିବୀର ସବୁକିଛି ଉଡ଼ାଇ ଦେଇ ପାରିବି। ଏହା ଶୁଣି ଯକ୍ଷ ତାଙ୍କ ସମ୍ମୁଖରେ ଖଣ୍ଡିଏ ତୃଣ ରଖିଦେଇ ତାହାକୁ ଉଡ଼ାଇଦେବାକୁ କହିଲେ। ବାୟୁଦେବ ତାଙ୍କର ପୂର୍ଣ୍ଣଶକ୍ତି ପ୍ରୟୋଗ କରି ମଧ୍ୟ ଅସଫଳ ହେଲେ ଏବଂ ଲଜ୍ଜିତ ହୋଇ ଫେରି ଆସି ଦେବଗଣଙ୍କୁ କହିଲେ—ମୁଁ ଯକ୍ଷଙ୍କୁ ଜାଣି ପାରିଲି ନାହିଁ। ତା'ପରେ ଦେବତାମାନେ ସେହି ଯକ୍ଷଙ୍କର ପରିଚୟ ପାଇଁ ଇନ୍ଦ୍ରଙ୍କୁ ପଠାଇଲେ। ଇନ୍ଦ୍ର ସେଠାରେ ପହଞ୍ଚିବାକ୍ଷଣି

ସେ ଅନ୍ତର୍ଦ୍ଧାନ ହୋଇଗଲେ ଏବଂ ସେହି ସ୍ଥାନରେ ହିମାଳୟପୁତ୍ରୀ ଉମାଦେବୀ ଆବିର୍ଭୂତା ହେଲେ। ଇନ୍ଦ୍ର ପଗ୍ରିବାରୁ ଉମାଦେବୀ କହିଲେ ଯେ ସ୍ୱୟଂ ପରମାତ୍ମା ହିଁ ତୁମ୍ଭମାନଙ୍କ ଅଭିମାନ ଚୂର୍ଣ୍ଣ କରିବା ପାଇଁ ଯକ୍ଷରୂପରେ ଆବିର୍ଭୂତ ହୋଇଥିଲେ। ତାତ୍ପର୍ଯ୍ୟ ହେଉଛି ଯେ, ପରମାତ୍ମା ହିଁ ସମସ୍ତ ଶକ୍ତିର ମୂଳ ଉତ୍ସ। ଉପନିଷଦ୍‌ରେ ଅଛି—

'ପରାସ୍ୟ ଶକ୍ତିର୍ବିବିଧୈବ ଶ୍ରୂୟତେ ସ୍ୱାଭାବିକୀ ଜ୍ଞାନବଳକ୍ରିୟା ଚ।

(ଶ୍ୱେତାଶ୍ୱତର. ୬।୮)

"ଏହି ପରମେଶ୍ୱରଙ୍କ ଜ୍ଞାନ, ବଳ ଓ କ୍ରିୟାରୂପକ ସ୍ୱାଭାବିକ ଦିବ୍ୟ ଶକ୍ତି ନାନାପ୍ରକାରର ବୋଲି ଶୁଣିବାକୁ ମିଳେ।"

ଏଷ ସର୍ବେଶ୍ୱର ଏଷ ସର୍ବଜ୍ଞ ଏଷୋଽନ୍ତର୍ଯାମ୍ୟେଷ ଯୋନିଃ ସର୍ବସ୍ୟ ପ୍ରଭବାପ୍ୟୟୌ ହି ଭୂତାନାମ୍॥ (ମାଣ୍ଡୂକ୍ୟ. ୬)

"ଏ ହେଉଛନ୍ତି ସମସ୍ତଙ୍କର ଈଶ୍ୱର, ସର୍ବଜ୍ଞ, ସର୍ବାନ୍ତର୍ଯାମୀ ଓ ସମଗ୍ର ଜଗତର କାରଣ; କାହିଁକି ନା, ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟର ଏ ହେଉଛନ୍ତି ଏକମାତ୍ର ସ୍ଥାନ।"

ଯତୋ ବା ଇମାନି ଭୂତାନି ଜାୟନ୍ତେ ଯେନ ଜାତାନି ଜୀବନ୍ତି। ଯତ୍ପ୍ରୟନ୍ତ୍ୟଭିସଂବିଶନ୍ତି। ତଦ୍‌ବିଜିଜ୍ଞାସସ୍ୱ। ତଦ୍ ବ୍ରହ୍ମେତି। (ତୈତ୍ତିରୀୟ. ୩।୧)

"ପ୍ରତ୍ୟକ୍ଷ ଦୃଷ୍ଟିଗୋଚର ହେଉଥିବା ଏ ସମସ୍ତ ପ୍ରାଣୀ ଯାହାଠାରୁ ଉତ୍ପନ୍ନ ହୁଅନ୍ତି ଏବଂ ଉତ୍ପନ୍ନ ହୋଇ ଯାହା ଆଶ୍ରୟରେ ଜୀବିତ ରହନ୍ତି ତଥା ପରିଶେଷରେ ଇହଲୋକରୁ ପ୍ରୟାଣ କରି ଯାହାଠାରେ ପ୍ରବେଶ କରନ୍ତି, ତାହାକୁ ତତ୍ତ୍ୱତଃ ଜାଣିବାକୁ ଇଚ୍ଛା କର, ସେ ହିଁ ବ୍ରହ୍ମ।"

ତସ୍ମାଦ୍ ବା ଏତସ୍ମାଦାତ୍ମନ ଆକାଶଃ ସମ୍ଭୂତଃ। ଆକାଶାଦ୍ ବାୟୁଃ। ବାୟୋରଗ୍ନିଃ। ଅଗ୍ନେରାପଃ। ଅଦ୍‌ଭ୍ୟଃ ପୃଥିବୀ। ପୃଥିବ୍ୟା ଓଷଧୟଃ। ଓଷଧୀଭ୍ୟୋଽନ୍ନମ୍। ଅନ୍ନାତ୍ପୁରୁଷଃ। (ତୈତ୍ତିରୀୟ. ୨।୧)

"ନିଶ୍ଚିତଭାବେ ସେହି ପରମାତ୍ମାଙ୍କ ଠାରୁ ସର୍ବପ୍ରଥମେ ଆକାଶ-ତତ୍ତ୍ୱ ଉତ୍ପନ୍ନ ହେଲା। ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ ଓ ଜଳ-ତତ୍ତ୍ୱରୁ ପୃଥିବୀ ଉତ୍ପନ୍ନ ହେଲା। ପୃଥିବୀରୁ ସମସ୍ତ ଓଷଧି ଉତ୍ପନ୍ନ ହେଲେ, ଓଷଧିମାନଙ୍କ ଠାରୁ ଅନ୍ନ ଉତ୍ପନ୍ନ ହେଲା ଏବଂ ଅନ୍ନରୁ ମାନବଶରୀର ଉତ୍ପନ୍ନ ହେଲା।"

ସ ବିଶ୍ୱକୃଦ୍ ବିଶ୍ୱବିଦାତ୍ମଯୋନିର୍ଜ୍ଞଃ କାଳକାଳୋ ଗୁଣୀ ସର୍ବବିଦ୍ ଯଃ।

(ଶ୍ୱେତାଶ୍ୱତର. ୬।୧୬)

"ସେହି ଜ୍ଞାନସ୍ୱରୂପ ପରମାତ୍ମା ସମଗ୍ର ଜଗତର ରଚୟିତା, ସର୍ବଜ୍ଞ, ନିଜେ ହିଁ ନିଜ ପ୍ରାକଟ୍ୟର ହେତୁ, କାଳର ମଧ୍ୟ ମହାକାଳ, ସମସ୍ତ ଦିବ୍ୟଗୁଣସମ୍ପନ୍ନ ଏବଂ ସମସ୍ତଙ୍କର ଜ୍ଞାତା।"

ଯଃ ସର୍ବଜ୍ଞଃ ସର୍ବବିଦ୍ୟସ୍ୟ ଜ୍ଞାନମୟଂ ତପଃ।
ତସ୍ମାଦେତଦ୍‌ବ୍ରହ୍ମ ନାମ ରୂପମନ୍ନଂ ଚ ଜାୟତେ॥

(ମୁଣ୍ଡକ. ୧।୧।୯)

"ଯେ ସର୍ବଜ୍ଞ ଓ ସମସ୍ତଙ୍କର ଜ୍ଞାତା ତଥା ଯାହାର ତପ ଜ୍ଞାନମୟ, ସେହି ପରମେଶ୍ୱରଙ୍କ ଠାରୁ ଏହି ବିରାଟରୂପ ଜଗତ ତଥା ନାମ, ରୂପ ଓ ଅନ୍ନ ଉତ୍ପନ୍ନ ହୁଏ।"

ଏତସ୍ମାଜ୍ଜାୟତେ ପ୍ରାଣୋ ମନଃ ସର୍ବେନ୍ଦ୍ରିୟାଣି ଚ।
ଖଂ ବାୟୁର୍ଜ୍ୟୋତିରାପଃ ପୃଥିବୀ ବିଶ୍ୱସ୍ୟ ଧାରିଣୀ॥

(ମୁଣ୍ଡକ. ୨।୧।୩)

"ସେହି ପରମେଶ୍ୱରଙ୍କ ଠାରୁ ପ୍ରାଣ, ମନ (ଅନ୍ତଃକରଣ), ଇନ୍ଦ୍ରିୟଗଣ, ଆକାଶ, ବାୟୁ, ତେଜ, ଜଳ ଓ ସମସ୍ତ ପ୍ରାଣୀଙ୍କର ଧାରଣକର୍ତ୍ତ୍ରୀ ପୃଥିବୀ ଉତ୍ପନ୍ନ ହୁଏ।"

ଉପନିଷଦ୍‌ରେ ଉଲ୍ଲିଖିତ ଉପର୍ଯ୍ୟୁକ୍ତ ବିଷୟ ସଗୁଣ ପରମାତ୍ମାଙ୍କ ଉଦ୍ଦେଶ୍ୟରେ କୁହାଯାଇଛି, ନିର୍ଗୁଣ ଆତ୍ମା ଉଦ୍ଦେଶ୍ୟରେ କୁହାଯାଇ ନାହିଁ। ଗୀତାରେ ମଧ୍ୟ ସଗୁଣ ପରମାତ୍ମାଙ୍କ ଠାରୁ ସୃଷ୍ଟିର ଉତ୍ପତ୍ତି ଇତ୍ୟାଦି ହୁଏ ବୋଲି କୁହାଯାଇଛି—

ସର୍ବଭୂତାନି କୌନ୍ତେୟ ପ୍ରକୃତିଂ ଯାନ୍ତି ମାମିକାମ୍।
କଳ୍ପକ୍ଷୟେ ପୁନସ୍ତାନି କଳ୍ପାଦୌ ବିସୃଜାମ୍ୟହମ୍॥
ପ୍ରକୃତିଂ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃ ପୁନଃ।
ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍॥

(୯।୭,୮)

"ହେ କୁନ୍ତୀନନ୍ଦନ! କଳ୍ପମାନଙ୍କର ଶେଷରେ ସମସ୍ତ ପ୍ରାଣୀ ମୋର ପ୍ରକୃତିକୁ ପ୍ରାପ୍ତ ହୁଅନ୍ତି ଏବଂ କଳ୍ପମାନଙ୍କର ଆରମ୍ଭରେ ମୁଁ ପୁନଶ୍ଚ ସେମାନଙ୍କୁ ସର୍ଜନା କରେ। ପ୍ରକୃତିର ବଶରେ ରହି ପରାଧୀନ ହୋଇଥିବା ଏହି ପ୍ରାଣୀସମୁଦାୟକୁ ମୁଁ (କଳ୍ପମାନଙ୍କର ଆରମ୍ଭରେ) ନିଜ ପ୍ରକୃତିକୁ ଅଧୀନ କରି ବାରମ୍ବାର ସର୍ଜନା କରୁଥାଏ।"

ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍ ।

(୯ । ୧୦)

"ପ୍ରକୃତି ମୋର ଅଧ୍ୟକ୍ଷତାରେ ସଚରାଚର ଜଗତକୁ ସର୍ଜନା କରେ ।"

ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା ॥

(୭ । ୬)

"ମୁଁ ସମଗ୍ର ଜଗତର ପ୍ରଭବ ଓ ପ୍ରଳୟ ଅଟେ ।"

୩. ସମସ୍ତଙ୍କର ଶାସକ—ପରମାତ୍ମା

ଆମ୍ଭେମାନେ ଯେଉଁ ସଂସାରରେ ରହିଛୁ, ତାହାର ଶାସକ ଓ ସ୍ୱାମୀ ହେଉଛନ୍ତି ସଗୁଣ ଈଶ୍ୱର । ରାଜ୍ୟରେ ଯେପରି ରାଜା ମୁଖ୍ୟ, ସଂସାରରେ ସେହିପରି ସଗୁଣ ଈଶ୍ୱର ମୁଖ୍ୟ । ଯେପରି ପ୍ରତ୍ୟେକ ସମାଜର କେହି ଜଣେ ଶାସକ ଥାଏ, ସେହିପରି ସୃଷ୍ଟିର ମଧ୍ୟ କେହି ଜଣେ ଶାସକ ନିଶ୍ଚୟ ଥିବେ । ନିର୍ଗୁଣନିରାକାର ସୃଷ୍ଟିର ଶାସକ ହୋଇ ନ ପାରନ୍ତି, କାରଣ ନିର୍ଗୁଣନିରାକାରଙ୍କ ଠାରେ କୌଣସି ପ୍ରକାର ସ୍ଫୁରଣ ଉତ୍ପନ୍ନ ହୁଏ ନାହିଁ । ଏଣୁ ସଗୁଣସାକାର ଈଶ୍ୱର ହିଁ ଏହାର ଶାସକ ହୋଇ ପାରନ୍ତି । ଉପନିଷଦ୍‌ରେ ମଧ୍ୟ ପରମାତ୍ମାଙ୍କୁ ସମସ୍ତଙ୍କର ଶାସକ ଓ ସ୍ୱାମୀ ବୋଲି କୁହାଯାଇଛି—

କ୍ଷରଂ ପ୍ରଧାନମମୃତାକ୍ଷରଂ ହରଃ କ୍ଷରାତ୍ମାନାବୀଶତେ ଦେବ ଏକଃ ।

(ଶ୍ୱେତାଶ୍ୱତର. ୧ । ୧୦)

"ପ୍ରକୃତି ବିନାଶଶୀଳ ଏବଂ ଏହାର ଉପଭୋକ୍ତା ଜୀବାତ୍ମା ଅମୃତସ୍ୱରୂପ ଅବିନାଶୀ । ଏ ଦୁହିଙ୍କୁ (କ୍ଷର ଓ ଅକ୍ଷରକୁ) ଏକମାତ୍ର ଈଶ୍ୱର ହିଁ ନିଜର ଶାସନରେ ରଖନ୍ତି ।"

କ୍ଷରଂ ତ୍ୱବିଦ୍ୟା ହ୍ୟମୃତଂ ତୁ ବିଦ୍ୟା ବିଦ୍ୟାବିଦ୍ୟେ ଈଶତେ ଯସ୍ତୁ ସୋଽନ୍ୟଃ । (ଶ୍ୱେତାଶ୍ୱତର. ୫ । ୧)

"ବିନାଶଶୀଳ ଜଡ଼ବର୍ଗ ଅବିଦ୍ୟା ନାମରେ ପରିଚିତ ଏବଂ ଅବିନାଶୀ ଜୀବାତ୍ମା ବିଦ୍ୟା ନାମରେ ପରିଚିତ । ଯେ ଏହି ବିଦ୍ୟା ଓ ଅବିଦ୍ୟାର ଶାସକ, ସେହି ପରମେଶ୍ୱର ଏ ଦୁଇଟିରୁ ଭିନ୍ନ ବା ସମ୍ପୂର୍ଣ୍ଣ ବିଲକ୍ଷଣ ।"

ଏତସ୍ୟ ବା ଅକ୍ଷରସ୍ୟ ପ୍ରଶାସନେ ଗାର୍ଗି ସୂର୍ଯ୍ୟାଚନ୍ଦ୍ରମସୌ ବିଧୃତୌ ତିଷ୍ଠତ ଏତସ୍ୟ ବା ଅକ୍ଷରସ୍ୟ ପ୍ରଶାସନେ ଗାର୍ଗି ଦ୍ୟାବାପୃଥିବ୍ୟୌ ବିଧୃତେ ତିଷ୍ଠତ.... । (ବୃହଦାରଣ୍ୟକ. ୩ । ୮ । ୯)

''ହେ ଗାର୍ଗି! ଏହି ଅକ୍ଷରଙ୍କର ପ୍ରଶାସନରେ ସୂର୍ଯ୍ୟ ଓ ଚନ୍ଦ୍ର ବିଶେଷରୂପେ ଧାରିତ ହୋଇଛନ୍ତି। ହେ ଗାର୍ଗି! ଏହି ଅକ୍ଷରଙ୍କର ପ୍ରଶାସନରେ ଦ୍ୟୁଲୋକ ଓ ପୃଥିବୀ ବିଶେଷରୂପେ ଧାରିତ ହୋଇଛନ୍ତି.......... ।''

ଭୟାଦସ୍ୟାଗ୍ନିସ୍ତପତି ଭୟାତ୍ ତପତି ସୂର୍ଯ୍ୟଃ ।
ଭୟାଦିନ୍ଦ୍ରଶ୍ଚ ବାୟୁଶ୍ଚ ମୃତ୍ୟୁର୍ଧାବତି ପଞ୍ଚମଃ ॥

(କଠ. ୨।୩।୩)

''ଏହାଙ୍କ ଭୟରେ ଅଗ୍ନି ଉତ୍ତପ୍ତ ହୁଏ, ସୂର୍ଯ୍ୟ ଉତ୍ତପ୍ତ ହୁଏ ତଥା ଏହାଙ୍କ ଠାରୁ ଭୟଭୀତ ହୋଇ ଇନ୍ଦ୍ର, ବାୟୁ ଓ ପଞ୍ଚମରେ ମୃତ୍ୟୁ ଦେବତା ନିଜ ନିଜର କର୍ମରେ ବ୍ୟାପୃତ ଅଛନ୍ତି।''

ଗୀତାରେ ଅଛି—

ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ॥
ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ॥

(୧୫।୧୬,୧୭)

''ଏହି ସଂସାରରେ କ୍ଷର (ନାଶବାନ୍) ଓ ଅକ୍ଷର (ଅବିନାଶୀ) ନାମରେ ଦୁଇ ପ୍ରକାର ପୁରୁଷ ଅଛନ୍ତି। ସମସ୍ତ ପ୍ରାଣୀମାନଙ୍କର ଶରୀର ନାଶବାନ୍ ଏବଂ କୂଟସ୍ଥ (ଜୀବାତ୍ମା) ଅବିନାଶୀ ନାମରେ କଥିତ। ଉତ୍ତମ ପୁରୁଷ ହେଉଛନ୍ତି ଅନ୍ୟ, ଯାହାଙ୍କୁ ପରମାତ୍ମା କୁହାଯାଇଛି। ସେହି ଅବିନାଶୀ ଈଶ୍ୱର ତିନି ଲୋକରେ ପ୍ରବିଷ୍ଟ ହୋଇ ସମସ୍ତଙ୍କର ଭରଣପୋଷଣ କରନ୍ତି।''

୪. ପରମାତ୍ମାଙ୍କ ସଗୁଣ ସ୍ୱରୂପର ପ୍ରାଧାନ୍ୟ

ଗୀତାରେ ଭଗବାନ ପ୍ରକୃତିକୁ ଅନାଦି କହିଛନ୍ତି—

ପ୍ରକୃତିଂ ପୁରୁଷଂ ଚୈବ ବିଦ୍ଧ୍ୟନାଦୀ ଉଭାବପି ।

(୧୩।୧୯)

ଯଦି ନିର୍ଗୁଣକୁ ସର୍ବଶ୍ରେଷ୍ଠ ମନେ କରିବା, ତେବେ ତାହାର ଶକ୍ତି ପ୍ରକୃତି ଅନାଦି ହେବ କିପରି? ଏଣୁ ବାସ୍ତବରେ ସଗୁଣ ହିଁ ସର୍ବଶ୍ରେଷ୍ଠ। ଏଣୁ ଗୀତାରେ ସଗୁଣସାକାର ଭଗବାନ ଶ୍ରୀକୃଷ୍ଣଙ୍କୁ 'ବ୍ରହ୍ମ' ନାମରେ କୁହାଯାଇଛି; ଯଥା—

ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ଯଃ ।

(୫ । ୧୦)

ପରଂ ବ୍ରହ୍ମ ପରଂ ଧାମ ପବିତ୍ରଂ ପରମଂ ଭବାନ୍ ।

(୧୦ । ୧୨)

ଗୀତାରେ ବ୍ରହ୍ମର ତିନୋଟି ନାମ ଦର୍ଶାଇ ଦିଆଯାଇଛି—**'ଓଁ', 'ତତ୍'** ଓ **'ସତ୍'** (୧୭ । ୨୩) । ନାମ ଓ ନାମୀଙ୍କର ପରସ୍ପର ସମ୍ପର୍କ ଥିବାରୁ ଏହା ମଧ୍ୟ ସଗୁଣ ହିଁ ହେଲା । ବୈଷ୍ଣବମାନେ ମଧ୍ୟ ସଗୁଣସାକାର ଭଗବାନଙ୍କର ଉତ୍ସବକୁ 'ବ୍ରହ୍ମୋତ୍ସବ' କହନ୍ତି । ଶ୍ରୀମଦ୍ଭାଗବତରେ ମଧ୍ୟ ବ୍ରହ୍ମ (ନିର୍ଗୁଣନିରାକାର), ପରମାତ୍ମା (ସଗୁଣନିରାକାର) ଓ ଭଗବାନ (ସଗୁଣସାକାର)—ଏ ତିନିଙ୍କୁ ଏକ କୁହାଯାଇଛି—

ବଦନ୍ତି ତତ୍ତତ୍ତ୍ୱବିଦସ୍ତତ୍ତ୍ୱଂ ଯଜ୍ଜ୍ଞାନମଦ୍ୱୟମ୍ ।
ବ୍ରହ୍ମେତି ପରମାତ୍ମେତି ଭଗବାନିତି ଶବ୍ଦ୍ୟତେ ॥

(୧ । ୨ । ୧୧)

"ତତ୍ତ୍ୱଜ୍ଞ ମହାପୁରୁଷ ସେହି ଜ୍ଞାନସ୍ୱରୂପ ଓ ଅଦ୍ୱିତୀୟ ତତ୍ତ୍ୱକୁ ହିଁ ବ୍ରହ୍ମ, ପରମାତ୍ମା ଓ ଭଗବାନ ନାମରେ ଅଭିହିତ କରନ୍ତି ।"

ନିର୍ଗୁଣନିରାକାରର ଅନନ୍ୟ ଉପାସକ ଶ୍ରୀ ମଧୁସୂଦନାଚାର୍ଯ୍ୟଙ୍କୁ ମଧ୍ୟ କହିବାକୁ ପଡ଼ିଲା—

ଅଦ୍ୱୈତବୀଥୀପଥିକୈରୁପାସ୍ୟାଃ ସ୍ୱାରାଜ୍ୟସିଂହାସନଲବ୍ଧଦୀକ୍ଷାଃ ।
ଶଠେନ କେନାପି ବୟଂ ହଠେନ ଦାସୀକୃତା ଗୋପବଧୂବିଟେନ ॥

"ଅଦ୍ୱୈତମାର୍ଗର ଅନୁଗାମୀମାନଙ୍କ ଦ୍ୱାରା ପୂଜ୍ୟ ତଥା ସ୍ୱାରାଜ୍ୟରୂପୀ ସିଂହାସନରେ ପ୍ରତିଷ୍ଠିତ ହେବାର ଅଧିକାର ପ୍ରାପ୍ତ ମୋତେ ଗୋପୀମାନଙ୍କ ପଛେ ପଛେ ବୁଲୁଥିବା କେହି ଜଣେ ଧୂର୍ତ୍ତ ବଳପୂର୍ବକ ତା'ଚରଣର ଦାସ କରିଦେଲା !"

ସେଥିପାଇଁ ସେ ପରିଷ୍କାରଭାବରେ କହିଦେଲେ ଯେ ଭଗବାନ ଶ୍ରୀକୃଷ୍ଣଙ୍କ ଠାରୁ (ସଗୁଣସାକାରରୁ) ଉର୍ଦ୍ଧ୍ୱରେ କୌଣସି ତତ୍ତ୍ୱ ନାହିଁ—

ବଂଶୀବିଭୂଷିତକରାନ୍ନବନୀରଦାଭାତ୍
ପୀତାମ୍ବରାଦରୁଣବିମ୍ବଫଳାଧରୋଷ୍ଠାତ୍ ।
ପୂର୍ଣ୍ଣେନ୍ଦୁସୁନ୍ଦରମୁଖାଦରବିନ୍ଦନେତ୍ରାତ୍
କୃଷ୍ଣାତ୍ ପରଂ କିମପି ତତ୍ତ୍ୱମହଂ ନ ଜାନେ ॥

ଉଦ୍ଧବ ନିର୍ଗୁଣନିରାକାର ବ୍ରହ୍ମକୁ ସର୍ବଶ୍ରେଷ୍ଠ ମନେ କରୁଥିଲେ, କିନ୍ତୁ ଗୋପୀମାନଙ୍କ ସଗୁଣ-ଭକ୍ତି (ଶ୍ରୀକୃଷ୍ଣଙ୍କ ପ୍ରତି ପ୍ରେମ) ଆଗରେ ତାଙ୍କର ଅଭିମାନ ବିଗଳିତ ହୋଇଗଲା! ପଦ୍ମପୁରାଣରେ ଅଛି ଯେ 'ବ୍ରହ୍ମ' ଭଗବାନ ଶ୍ରୀକୃଷ୍ଣଙ୍କ ନଖର ଏକ କିରଣମାତ୍ର—

ଯନ୍ନଖେନ୍ଦୁରୁଚିର୍ବ୍ରହ୍ମ ଧ୍ୟେୟଂ ବ୍ରହ୍ମାଦିଭିଃ ସୁରୈଃ ।
ଗୁଣତ୍ରୟମତୀତଂ ତଂ ବନ୍ଦେ ବୃନ୍ଦାବନେଶ୍ୱରମ୍ ॥

(ପାତାଳ. ୭୭ । ୬୦)

"(ଭଗବାନ ଶିବ କହିଛନ୍ତି—) ଯାହାଙ୍କ ନଖଚନ୍ଦ୍ରର କାନ୍ତିରୂପକ ବ୍ରହ୍ମକୁ ଦେବଗଣ ଧ୍ୟାନ କରନ୍ତି, ସେହି ତ୍ରିଗୁଣାତୀତ ବୃନ୍ଦାବନେଶ୍ୱର ଭଗବାନ ଶ୍ରୀକୃଷ୍ଣଙ୍କୁ ମୁଁ ବନ୍ଦନା କରୁଛି ।"

ହନୁମନ୍ନାଟକରେ ଅଛି—

ଯଂ ଶୈବାଃ ସମୁପାସତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନୋ
ବୌଦ୍ଧା ବୁଦ୍ଧ ଇତି ପ୍ରମାଣପଟବଃ କର୍ତ୍ତେତି ନୈୟାୟିକାଃ ।
ଅର୍ହନ୍ନିତ୍ୟଥ ଜୈନଶାସନରତାଃ କର୍ମେତି ମୀମାଂସକାଃ
ସୋଽୟଂ ନୋ ବିଦଧାତୁ ବାଞ୍ଛିତଫଳଂ ତ୍ରୈଲୋକ୍ୟନାଥୋ ହରିଃ ॥

(୧ । ୩)

"ଶୈବମାନେ ଶିବରୂପରେ, ବୈଦାନ୍ତୀମାନେ ବ୍ରହ୍ମରୂପରେ, ବୌଦ୍ଧମାନେ ବୁଦ୍ଧରୂପରେ, ପ୍ରମାଣକୁଶଳ ନୈୟାୟିକମାନେ କର୍ତ୍ତାରୂପରେ, ଜୈନମାନେ ଅର୍ହନ୍‌ରୂପରେ ଓ ମୀମାଂସକମାନେ କର୍ମରୂପରେ ଯାହାଙ୍କର ଉପାସନା କରନ୍ତି, ସେହି ତ୍ରୈଲୋକ୍ୟାଧିପତି ଶ୍ରୀହରି ମୋତେ ବାଞ୍ଛିତ ଫଳ ପ୍ରଦାନ କରନ୍ତୁ ।"

—ଉକ୍ତ ଶ୍ଳୋକରେ ମଧ୍ୟ ବ୍ରହ୍ମକୁ ସଗୁଣର (ଶ୍ରୀହରିଙ୍କର) ଗୋଟିଏ ରୂପ ବୋଲି କୁହାଯାଇଛି । ଏଣୁ ଭଗବାନଙ୍କର ସଗୁଣରୂପ ସର୍ବୋପରି ଶ୍ରେଷ୍ଠ ।

'ସଗୁଣ'ର ଅର୍ଥ ନୁହେଁ ଯେ ସତ୍ତ୍ୱ, ରଜ ଓ ତମଗୁଣରେ ଯୁକ୍ତ; ବରଂ ଯାହାଠାରେ ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟ, ଔଦାର୍ଯ୍ୟ ଆଦି ଦିବ୍ୟ ଗୁଣମାନ ନିତ୍ୟ ବିଦ୍ୟମାନ, ତାହାର ନାମ 'ସଗୁଣ' । ଶ୍ରୀରାମାନୁଜାଚାର୍ଯ୍ୟ ତାଙ୍କ ଗୀତାଭାଷ୍ୟରେ ଲେଖିଛନ୍ତି—

'ସ୍ୱାଭାବିକାନବଧିକାତିଶୟଜ୍ଞାନବଲୈଶ୍ୱର୍ଯ୍ୟବୀର୍ଯ୍ୟଶକ୍ତିତେଜଃ ପ୍ରଭୃତ୍ୟସଂଖ୍ୟେୟକଲ୍ୟାଣଗୁଣଗଣମହୋଦଧିଃ ।'

''ଯିଏ ସ୍ୱାଭାବିକଭାବେ ଅସୀମ ଅତିଶୟ ଜ୍ଞାନ, ବଳ, ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଶକ୍ତି, ତେଜ ପ୍ରଭୃତି ଅସଂଖ୍ୟ କଲ୍ୟାଣମୟ ଗୁଣସମୂହର ମହାସମୁଦ୍ର ।''

'ଅପାରକାରୁଣ୍ୟସୌଶୀଲ୍ୟବାତ୍ସଲ୍ୟୌଦାର୍ଯ୍ୟମହୋଦଧିଃ'

''ଯେ ଅପାର କରୁଣା, ସୁଶୀଳତା, ବାତ୍ସଲ୍ୟ ଓ ଔଦାର୍ଯ୍ୟର ମହାସମୁଦ୍ର ।'' ଏହି ଗୁଣଗୁଡ଼ିକ ମାୟା(ଜଡ଼)ର ହୋଇ ନ ପାରେ, ଏଗୁଡ଼ିକ ଚେତନର ହିଁ ହେବା ସମ୍ଭବ ।

ଶ୍ରୀମଦ୍ଭାଗବତରେ ସଗୁଣ ଉପାସନା(ଭକ୍ତି)କୁ ନିର୍ଗୁଣ କୁହାଯାଇଛି ଅର୍ଥାତ୍ ସତ୍ତ୍ୱ, ରଜ ଓ ତମ ଗୁଣରୁ ଅତୀତ କୁହାଯାଇଛି; ଯଥା— **'ମନ୍ନିକେତଂ ତୁ ନିର୍ଗୁଣମ୍'** (୧୧ । ୨୫ । ୨୫), **'ମତ୍ସେବାୟାଂ ତୁ ନିର୍ଗୁଣା'** (୧୧ । ୨୫ । ୨୭) ଇତ୍ୟାଦି । ଗୀତାରେ ମଧ୍ୟ କଥିତ ଅଛି ଯେ ସଗୁଣ ଉପାସକ ତିନିଗୁଣରୁ ଅତୀତ ହୋଇଯାଏ—

ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ ।
ସ ଗୁଣାନ୍ ସମତୀତ୍ୟୈତାନ୍ ବ୍ରହ୍ମଭୂୟାୟ କଳ୍ପତେ ॥

(୧୪ । ୨୬)

ବ୍ରହ୍ମସୂତ୍ରରେ ମଧ୍ୟ **'ଜନ୍ମାଦ୍ୟସ୍ୟ ଯତଃ'** (୧ । ୧ । ୨) ସୂତ୍ରରେ ସଗୁଣ ବ୍ରହ୍ମକୁ ମୁଖ୍ୟରୂପେ ଗ୍ରହଣ କରାଯାଇଛି । କାରଣ ସୃଷ୍ଟିର ସ୍ରଷ୍ଟା ସଗୁଣ ହିଁ ହୋଇ ପାରିବେ, ନିର୍ଗୁଣ କେବେହେଲେ ସ୍ରଷ୍ଟା ହେବା ସମ୍ଭବ ନୁହେଁ । ବ୍ରହ୍ମସୂତ୍ରର ଦ୍ୱିତୀୟ ଅଧ୍ୟାୟର ପ୍ରଥମ ପାଦରେ ମଧ୍ୟ ବ୍ରହ୍ମକୁ ବିଭିନ୍ନ ଯୁକ୍ତି ମାଧ୍ୟମରେ ସୃଷ୍ଟିର କର୍ତ୍ତାରୂପେ ପ୍ରମାଣିତ କରାଯାଇଛି ଏବଂ ତାହାକୁ ସର୍ବଶକ୍ତିସମ୍ପନ୍ନ ଦର୍ଶାଯାଇଛି—**'ସର୍ବୋପେତା ଚ ତଦ୍ଦର୍ଶନାତ୍'** (୨ । ୧ । ୩୦) । ଆଦିଶଙ୍କରାଚାର୍ଯ୍ୟ ମଧ୍ୟ ତାଙ୍କ ଗୀତାଭାଷ୍ୟରେ 'ପୁରୁଷୋତ୍ତମ'ଙ୍କୁ ବ୍ରହ୍ମ ମନେ କରିଛନ୍ତି (୧୫ । ୧୮) । 'ପ୍ରବୋଧସୁଧାକର'ରେ ସେ କହିଛନ୍ତି—

ଭୂତେଷ୍ୱନ୍ତର୍ଯାମୀ ଜ୍ଞାନମୟଃ ସଚ୍ଚିଦାନନ୍ଦଃ ।
ପ୍ରକୃତେଃ ପରଃ ପରାତ୍ମା ଯଦୁକୁଳତିଳକଃ ସ ଏବାୟମ୍ ॥ ୧୯୫ ॥

''ଯେଉଁ ଜ୍ଞାନସ୍ୱରୂପ, ସଚ୍ଚିଦାନନ୍ଦ, ପ୍ରକୃତିରୁ ଅତୀତ ପରମାତ୍ମା ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଅନ୍ତର୍ଯାମୀ ଭାବରେ ସ୍ଥିତ, ସେ ହିଁ ଏହି ଯୁଦୁକୁଳତିଳକ ଶ୍ରୀକୃଷ୍ଣ ।''

ଉପନିଷଦ୍‌ରେ ମଧ୍ୟ ଏପରି କେତେକ ମନ୍ତ୍ର ଦେଖିବାକୁ ମିଳେ, ଯେଉଁଥିରୁ କି ସଗୁଣର ପ୍ରାଧାନ୍ୟ ପ୍ରମାଣିତ ହୁଏ; ଯଥା—

ଏତଜ୍‌ଜ୍ଞେୟଂ ନିତ୍ୟମେବାତ୍ମସଂସ୍ଥଂ ନାତଃ ପରଂ ବେଦିତବ୍ୟଂ ହି କିଞ୍ଚିତ୍‌ ।
ଭୋକ୍ତା ଭୋଗ୍ୟଂ ପ୍ରେରିତାରଂ ଚ ମତ୍ୱା ସର୍ବଂ ପ୍ରୋକ୍ତଂ ତ୍ରିବିଧଂ ବ୍ରହ୍ମମେତତ୍‌ ॥

(ଶ୍ୱେତାଶ୍ୱତର. ୧ । ୧୨)

"ନିଜ ମଧ୍ୟରେ ସ୍ଥିତ ଏହି ବ୍ରହ୍ମଙ୍କୁ ହିଁ ସର୍ବଦା ଜାଣିବା ଉଚିତ, କାରଣ ଏହାଠାରୁ ବଳି ଜାଣିବାର ଯୋଗ୍ୟ ତତ୍ତ୍ୱ ଅନ୍ୟ କିଛି ନାହିଁ । ଭୋକ୍ତା (ଜୀବାତ୍ମା), ଭୋଗ୍ୟ (ଜଡ଼ବର୍ଗ) ଓ ଏମାନଙ୍କର ପ୍ରେରକ ପରମେଶ୍ୱରଙ୍କୁ ଜାଣିଗଲେ ମନୁଷ୍ୟ ସବୁକିଛି ଜାଣିଯାଏ । ବ୍ରହ୍ମଙ୍କୁ ହିଁ ଏହି ତିନିରୂପରେ କୁହାଯାଇଛି ଅର୍ଥାତ୍‌ ଜୀବାତ୍ମା, ପ୍ରକୃତି ଓ ପରମାତ୍ମା ତିନିହେଁ ସମଗ୍ର ବ୍ରହ୍ମର ହିଁ ସ୍ୱରୂପ ।"*

ମାୟାଂ ତୁ ପ୍ରକୃତିଂ ବିଦ୍ୟାନ୍ମାୟିନଂ ତୁ ମହେଶ୍ୱରମ୍‌ ।

(ଶ୍ୱେତାଶ୍ୱତର. ୪ । ୧୦)

"ପ୍ରକୃତିକୁ ମାୟା ଓ ମହେଶ୍ୱରଙ୍କୁ ମାୟାଧିପତି ବୋଲି ବୁଝିବା ଉଚିତ ।"

ଯଦା ପଶ୍ୟ ପଶ୍ୟତେ ରୁକ୍ମବର୍ଣ୍ଣଂ କର୍ତ୍ତାରମୀଶଂ ପୁରୁଷଂ ବ୍ରହ୍ମଯୋନିମ୍‌ ।
ତଦା ବିଦ୍ୱାନ୍‌ ପୁଣ୍ୟପାପେ ବିଧୂୟ ନିରଞ୍ଜନଃ ପରମଂ ସାମ୍ୟମୁପୈତି ॥

(ମୁଣ୍ଡକ. ୩ । ୧ । ୩)

"ଯେତେବେଳେ ଏହି ଦ୍ରଷ୍ଟା (ଜୀବାତ୍ମା) ସମସ୍ତଙ୍କର ଶାସକ, ବ୍ରହ୍ମାଙ୍କର ମଧ୍ୟ ଆଦି କାରଣ, ସମଗ୍ର ଜଗତର ରଚୟିତା, ଦିବ୍ୟ ପ୍ରକାଶସ୍ୱରୂପ ପୁରୁଷୋତ୍ତମଙ୍କର ସାକ୍ଷାତ୍କାର କରିନିଏ, ସେତେବେଳେ ପାପ ଓ ପୁଣ୍ୟକୁ ଉତ୍ତମରୂପେ ଦୂର କରି ନିର୍ମଳ ହୋଇଥିବା ସେହି ଜ୍ଞାନୀ ମହାପୁରୁଷ ସର୍ବୋତ୍ତମ ସମତା ଲାଭ କରେ ।"

---

* ଗୀତାରେ ଜୀବାତ୍ମା, ପ୍ରକୃତି ଓ ପରମାତ୍ମାଙ୍କର ଏକସଙ୍ଗରେ ପୃଥକ୍‌ ପୃଥକ୍‌ ନାମରେ ବର୍ଣ୍ଣନା ଏହିରୂପେ ହୋଇଛି ।

ଅଧ୍ୟାୟ/ଶ୍ଳୋକ	ଜୀବାତ୍ମା	ପ୍ରକୃତି	ପରମାତ୍ମା
୭ । ୪—୬	ପରାପ୍ରକୃତି	ଅପରାପ୍ରକୃତି	ଅହମ୍‌
୮ । ୩-୪	ଅଧ୍ୟାତ୍ମ; ଅଧିଦୈବ	କର୍ମ; ଅଧିଭୂତ	ବ୍ରହ୍ମ; ଅଧିଯଜ୍ଞ
୧୩ । ୧-୨	କ୍ଷେତ୍ରଜ୍ଞ	କ୍ଷେତ୍ର	ମାମ୍‌
୧୪ । ୩-୪	ଗର୍ଭ; ବୀଜ	ମହଦ୍‌ବ୍ରହ୍ମ; ଯୋନି	ଅହମ୍‌; ପିତା
୧୫ । ୧୬ ଓ ୧୮	ଅକ୍ଷର	କ୍ଷର	ପୁରୁଷୋତ୍ତମ

ମନୋମୟଃ ପ୍ରାଣଶରୀରୋ ଭାରୂପଃ ସତ୍ୟସଂକଳ୍ପ ଆକାଶାତ୍ମା ସର୍ବକର୍ମା ସର୍ବକାମଃ ସର୍ବଗନ୍ଧଃ ସର୍ବରସଃ ସର୍ବମିଦମଭ୍ୟାତ୍ତୋଽବାକ୍ୟନାଦରଃ ।

(ଛାନ୍ଦୋଗ୍ୟ. ୩ । ୧୪ । ୨)

''ସେହି ବ୍ରହ୍ମ ମନୋମୟ, ପ୍ରାଣଶରୀର, ପ୍ରକାଶସ୍ୱରୂପ, ସତ୍ୟସଙ୍କଳ୍ପ, ଆକାଶସ୍ୱରୂପ, ସର୍ବକର୍ମା, ସର୍ବକାମ, ସର୍ବଗନ୍ଧ, ସର୍ବରସ, ସମଗ୍ର ଜଗତରେ ସର୍ବତୋଭାବେ ବ୍ୟାପ୍ତ, ବାକ୍‌ରହିତ ଓ ସମ୍ଭ୍ରମଶୂନ୍ୟ ଅଟନ୍ତି ।''

ତେ ଧ୍ୟାନଯୋଗାନୁଗତା ଅପଶ୍ୟନ୍
ଦେବାତ୍ମଶକ୍ତିଂ ସ୍ୱଗୁଣୈର୍ନିଗୂଢାମ୍ ।
ଯଃ କାରଣାନି ନିଖିଳାନି ତାନି
କାଳାତ୍ମଯୁକ୍ତାନ୍ୟଧିତିଷ୍ଠତ୍ୟେକଃ ॥

(ଶ୍ୱେତାଶ୍ୱତର. ୧ । ୩)

''ସେହି ମହର୍ଷିମାନେ ଧ୍ୟାନଯୋଗରେ ସ୍ଥିତ ହୋଇ ନିଜ ଗୁଣମାନଙ୍କ ଦ୍ୱାରା ଆବୃତ ହୋଇଥିବା ସେହି ପରମାତ୍ମଦେବଙ୍କ ସ୍ୱରୂପଭୂତ ଶକ୍ତିର ସାକ୍ଷାତ୍‌କାର କରିଛନ୍ତି, ଯେଉଁ ପରମାତ୍ମଦେବ ଏକାକୀ ସେହି କାଳଠାରୁ ଆରମ୍ଭ କରି ଆତ୍ମା ପର୍ଯ୍ୟନ୍ତ ସମସ୍ତ କାରଣକୁ ଶାସନ କରନ୍ତି ।''

ସଗୁଣ ବା ନିର୍ଗୁଣ, ସମସ୍ତ ଉପାସନା ସଗୁଣନିରାକାରରୁ ହିଁ ଆରମ୍ଭ ହୁଏ । ପରମାତ୍ମା ଅଛନ୍ତି—ଏହି ଧାରଣା ମଧ୍ୟ ସଗୁଣନିରାକାରକୁ ଆଧାର କରି ହୋଇଥାଏ; କାହିଁକି ନା ପ୍ରକୃତିର କାର୍ଯ୍ୟ ବୁଦ୍ଧି ପ୍ରକୃତିରୁ ଅତୀତ ନିର୍ଗୁଣ-ତତ୍ତ୍ୱକୁ ଧରି ପାରେ ନାହିଁ । ସେଥିପାଇଁ ନିର୍ଗୁଣ ଉପାସକମାନଙ୍କର ଲକ୍ଷ୍ୟ ତ ନିର୍ଗୁଣ-ନିରାକାର ହୋଇଥାଏ, କିନ୍ତୁ ବୁଦ୍ଧିରେ ସେ ସଗୁଣନିରାକାରର ହିଁ ଚିନ୍ତନ କରୁଥାଏ ।

୫. ଜ୍ଞାନମାର୍ଗ ଓ ଭକ୍ତିମାର୍ଗ

ଭକ୍ତି ଓ ଜ୍ଞାନ ମଧ୍ୟରେ, ଦ୍ୱୈତ ଓ ଅଦ୍ୱୈତ ମଧ୍ୟରେ ପରସ୍ପର ଲେଶମାତ୍ର ବିରୋଧ ନାହିଁ । ଭକ୍ତିରେ ଜ୍ଞାନ ବିଘ୍ନ ନୁହେଁ, ବରଂ ଭକ୍ତି ପ୍ରତି ଥିବା ଆଗ୍ରହ ହିଁ ବିଘ୍ନ । ସେହିପରି ଜ୍ଞାନରେ ଭକ୍ତି ବିଘ୍ନ ନୁହେଁ, ବରଂ ଜ୍ଞାନ ପ୍ରତି ଥିବା ଆଗ୍ରହ ହିଁ ବିଘ୍ନ । ପୁସ୍ତକୀୟ ଜ୍ଞାନ ଅଥବା ବାଚିକ ଜ୍ଞାନ ହେବା ଯୋଗୁଁ ସେଥିରେ ଭକ୍ତି (ଦ୍ୱୈତଭାବ) ବିଘ୍ନ ଭଳି ଜଣାପଡୁଛି । ପୁସ୍ତକୀୟ ବା ବାଚିକ ଜ୍ଞାନ ବିଷୟରେ ଗୋସ୍ୱାମୀ ତୁଳସୀଦାସ ଲେଖିଛନ୍ତି—

ବ୍ରହ୍ମ ଗ୍ୟାନ ବିନୁ ନାରି ନର କହହିଁ ନ ଦୂସରି ବାତ ।
କୌଡ଼ୀ ଲାଗି ଲୋଭ ବସ କରହିଁ ବିପ୍ର ଗୁର ଘାତ ॥

(ମାନସ, ଉତ୍ତର. ୯୯ କ)

ଜ୍ଞାନର ଅନୁଭବ ହୋଇଗଲେ ସେଥିରେ ଭକ୍ତି ବାଧା ଦିଏ ନାହିଁ। ଶିବ, ସନକାଦି ଋଷି, ନାରଦ, ବେଦବ୍ୟାସ, ଶୁକଦେବ ପ୍ରଭୃତି ପୂର୍ଣ୍ଣ ଜ୍ଞାନୀ ହୋଇଥିଲେ ମଧ୍ୟ ଭଗବାନଙ୍କର ଲୀଳା, ଚରିତ୍ର ଇତ୍ୟାଦିର କଥନ ଓ ଶ୍ରବଣ କରିବାରେ ମଗ୍ନ ହୋଇଯାଆନ୍ତି । ବାସ୍ତବରେ ବାଧକ ହେଉଛି ସାଂସାରିକ ଆସକ୍ତି । ଅତଏବ ଜ୍ଞାନରେ ଦ୍ୱୈତବୁଦ୍ଧି ବାଧକ ନୁହେଁ, ବରଂ ବାଧକ ସାଂସାରିକ ଆସକ୍ତି । ଭକ୍ତିରେ ପ୍ରେମ ହୋଇଥାଏ, ଆସକ୍ତି ହୁଏ ନାହିଁ। ପ୍ରେମ ଆସକ୍ତିକୁ ନଷ୍ଟ କରିଦିଏ । ଏଣୁ ଜ୍ଞାନରେ ଭକ୍ତି ବାଧକ ନୁହେଁ।

ଯଦି ସାଧକ ପ୍ରଥମରୁ ହିଁ ନିଜର ଏକ ନିର୍ଦ୍ଦିଷ୍ଟ ଧାରଣା କରିନିଏ ଯେ ପରମାତ୍ମା କେବଳ ନିର୍ଗୁଣ ଅଟନ୍ତି ଅଥବା କେବଳ ସଗୁଣ ଅଟନ୍ତି, ଦ୍ୱୈତମାର୍ଗ ହିଁ ଠିକ୍ ଅଥବା ଅଦ୍ୱୈତମାର୍ଗ ହିଁ ଠିକ୍, ତେବେ ତାକୁ ସେହିପରି ହିଁ ଦେଖାଯାଏ। ବାସ୍ତବରେ ଏପରି କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଧାରଣା କରିନେବାରୁ ତତ୍ତ୍ୱପ୍ରାପ୍ତିରେ ବାଧା ଉପୁଜେ । ବିଭିନ୍ନ ସମ୍ପ୍ରଦାୟରେ ଦେଖିଲେ ହଁ ରେ ହଁ ମାରିବା ଲୋକ ବହୁତ ମିଳିବେ, କିନ୍ତୁ ତତ୍ତ୍ୱ ଅନୁଭବୀ ଅତ୍ୟନ୍ତ ବିରଳ। ଯେ ନିଜର ସମ୍ପ୍ରଦାୟ ଅନୁସାରେ ଆଚରଣ କରୁଥିଲେ ମଧ୍ୟ ପ୍ରକୃତ ତତ୍ତ୍ୱ ବିଷୟରେ ଜାଣିବା ପାଇଁ ଜିଜ୍ଞାସା ରଖେ ଏବଂ ନିଜ ମତର ଆଗ୍ରହ ରଖେ ନାହିଁ, ତାକୁ ସହଜରେ ତତ୍ତ୍ୱବୋଧ ହୋଇପାରେ । ପ୍ରକୃତରେ ଜ୍ଞାନ ଓ ଭକ୍ତିରେ କୌଣସି ପାର୍ଥକ୍ୟ ନାହିଁ। ଜ୍ଞାନ ବିନା ପ୍ରେମ ଆସକ୍ତି ଅଟେ ଏବଂ ପ୍ରେମ ବିନା ଜ୍ଞାନ ଶୂନ୍ୟ ଅଟେ । କିନ୍ତୁ ଜ୍ଞାନମାର୍ଗୀ ଭକ୍ତିମାର୍ଗୀର ତିରସ୍କାର (ଉପେକ୍ଷା, ନିନ୍ଦା ବା ଖଣ୍ଡନ) କରୁଥିଲେ ଜ୍ଞାନର ସିଦ୍ଧିରେ ବିଘ୍ନ ଉପୁଜିବ ଏବଂ ଭକ୍ତିମାର୍ଗୀ ଜ୍ଞାନମାର୍ଗୀର ତିରସ୍କାର କରୁଥିଲେ ଭକ୍ତିର ସିଦ୍ଧିରେ ବିଘ୍ନ ଉପୁଜିବ । ବସ୍ତୁତଃ ଅଭେଦବାଦୀ ଯେପରି ଭେଦବାଦୀମାନଙ୍କର ନିନ୍ଦା କରନ୍ତି, ଭେଦବାଦୀ ଅଭେଦବାଦୀମାନଙ୍କର ସେପରି ନିନ୍ଦା କରନ୍ତି ନାହିଁ। ଭେଦବାଦୀମାନେ କେବଳ ସେମାନଙ୍କୁ ମାୟାବାଦୀ ବୋଲି କହନ୍ତି; କାରଣ ସେମାନେ ସଂସାରକୁ ମାୟା ମନେ କରୁଆନ୍ତି। କିନ୍ତୁ ପ୍ରକୃତରେ ଅଭେଦବାଦୀମାନେ ମାୟାବାଦୀ ନୁହନ୍ତି, ବରଂ ବ୍ରହ୍ମବାଦୀ ଅଟନ୍ତି ।

ବେଦାନ୍ତ ପଢ଼ିଥିବା କେତେକ ଅଭେଦବାଦୀ ଭକ୍ତିକୁ ପରାଧୀନ (ଛୋଟ) କହନ୍ତି । ବାସ୍ତବରେ ଭକ୍ତି ପରମ ସ୍ୱତନ୍ତ୍ର—*'ଭକ୍ତି ସୁତଂତ୍ର ସକଲ ସୁଖ ଖାନୀ'* (ମାନସ, ଉତ୍ତର. ୪୫ । ୩) । ଯଦି ପରମାତ୍ମାଙ୍କୁ 'ପର' ମାନିନିଆଯାଏ, ତେବେ ଅଦ୍ୱୈତ ସିଦ୍ଧାନ୍ତ ମଧ୍ୟ ଯୁକ୍ତିଯୁକ୍ତ ହୋଇ ପାରିବ ନାହିଁ; କାରଣ ପରମାତ୍ମାଙ୍କୁ 'ପର' ମାନିଲେ ଜୀବ ଓ ବ୍ରହ୍ମର ଏକତ୍ୱ ହେବ କିପରି? ଏଣୁ ପରମାତ୍ମା 'ପର' ନୁହନ୍ତି, ବରଂ ସେ 'ସ୍ୱ' ଅଟନ୍ତି । 'ସ୍ୱ'ର ଦୁଇଟି ଅର୍ଥ ହୋଇପାରେ—ସ୍ୱୟଂ (ସ୍ୱରୂପ) ଓ ସ୍ୱକୀୟ । ପରମାତ୍ମା ସ୍ୱକୀୟ (ଆପଣାର) ଅଟନ୍ତି । ସ୍ୱକୀୟର ଅଧୀନତା ପରମ ସ୍ୱାଧୀନତା ଅଟେ । ଏଣୁ ଭକ୍ତିରେ ପରମ ସ୍ୱାଧୀନତା, ପ୍ରଭୁତା, ଐଶ୍ୱର୍ଯ୍ୟ, ବିଲକ୍ଷଣତା ଆଦି ବିଦ୍ୟମାନ ।

ଅଭେଦବାଦୀମାନେ କହନ୍ତି ଯେ ଭକ୍ତିରେ ଭଗବାନ ଓ ଭକ୍ତଙ୍କ ମଧ୍ୟରେ ଦ୍ୱୈତଭାବ ରହେ ଏବଂ ଦ୍ୱିତୀୟଠାରୁ ବା ଅନ୍ୟଠାରୁ ଭୟ ଜାତ ହୁଏ—**'ଦ୍ୱିତୀୟାଦ୍ ବୈ ଭୟଂ ଭବତି'** (ବୃହଦାରଣ୍ୟକ. ୧ । ୪ । ୨) । ଭୟ ଅନ୍ୟଠାରୁ ହୁଏ ସତ, କିନ୍ତୁ ଆତ୍ମୀୟଠାରୁ ହୁଏ ନାହିଁ । ଭଗବାନ ଅନ୍ୟ ନୁହନ୍ତି, ସେ ଆତ୍ମୀୟ । ଶିଶୁ ପାଇଁ ମାଆ ଅନ୍ୟ ନୁହେଁ, ବରଂ ଆତ୍ମୀୟ । ସେଥିପାଇଁ ଶିଶୁ ମାଆକୁ ଭୟ କରେ ନାହିଁ । ଶିଶୁ ମାଆ କୋଳକୁ ଗଲେ ଯେପରି ଅଭୟ ହୋଇଯାଏ, ସେହିପରି ଭଗବାନଙ୍କ ଶରଣାପନ୍ନ ହୋଇଗଲେ ମନୁଷ୍ୟ ସବୁଦିନ ପାଇଁ ଅଭୟ ହୋଇଯାଏ ।

ଅସତ୍ (ସଂସାର) ପ୍ରତି ଆକର୍ଷଣ ହିଁ ଅସାଧନା, ଯାହା କି ପତନ କରାଏ ଏବଂ ସତ୍ (ପରମାତ୍ମାଙ୍କ) ପ୍ରତି ଆକର୍ଷଣ ହିଁ ସାଧନା, ଯାହା କି ଉତ୍ଥାନ କରାଏ । 'ଜ୍ଞାନ'ରେ ତ ସବୁ କଥା ଠିକ୍‌ଭାବେ ବୁଝି ହୋଇଯାଏ, କିନ୍ତୁ ସାଂସାରିକ ଆକର୍ଷଣ ନଷ୍ଟ ହୁଏ ନାହିଁ । ସାଂସାରିକ ଆକର୍ଷଣ ପ୍ରେମ ଦ୍ୱାରା ହିଁ ନଷ୍ଟ ହୁଏ ।* ତତ୍ତ୍ୱଜ୍ଞାନ ହେବାପରେ ମଧ୍ୟ ପରମାତ୍ମାଙ୍କ ପ୍ରତି ଆକର୍ଷଣ (ପ୍ରେମ) ନ ହେଲେ

---

* ନିଜ ସତ୍ତାର ଅଭାବ କେହି ଚାହେଁ ନାହିଁ—ଏହା ହେଉଛି ନିର୍ଗୁଣ ପ୍ରତି ପ୍ରେମ । କିନ୍ତୁ ଏହି (କେବଳ ସତ୍ତା ପ୍ରତି) ପ୍ରେମରେ ସାଂସାରିକ ଆକର୍ଷଣ ନଷ୍ଟ ହୁଏ ନାହିଁ । କାରଣ ଏଥିରେ ବିବେକର ପ୍ରାଧାନ୍ୟ ଥାଏ । ବିବେକରେ ସତ୍ ଓ ଅସତ୍ ଦୁଇଟିଯାକ ରହିଥାଏ । ସେଥିପାଇଁ ଅସତ୍ କଳ୍ପିତ ହୋଇଥିଲେ ମଧ୍ୟ ବିବେକର ପ୍ରାଧାନ୍ୟ ଦ୍ୱାରା ତାହାର ସତ୍ତା ନଷ୍ଟ ହୁଏ ନାହିଁ ! କିନ୍ତୁ ପରମାତ୍ମାଙ୍କ ପ୍ରତି ପ୍ରଗାଢ଼ ଆକର୍ଷଣ (ପ୍ରେମ) ହୋଇଗଲେ ଅସତ୍ ପ୍ରତି ଆକର୍ଷଣ ନଷ୍ଟ ହୋଇଯାଏ । ଏଣୁ ଶ୍ରୀରାମଚରିତମାନସରେ କୁହାଯାଇଛି— *'ପ୍ରେମ ଭଗତି ଜଲ ବିନୁ ରଘୁରାଈ । ଅଭିଅଂତର ମଲ କବହୁଁ ନ ଜାଈ ॥'* (ଉତ୍ତର. ୪୯ । ୩)

ସାଂସାରିକ ଆକର୍ଷଣ ସମ୍ପୂର୍ଣ୍ଣ ନଷ୍ଟ ହୁଏ ନାହିଁ। ସେଥିପାଇଁ ଜ୍ଞାନଠାରୁ ମଧ୍ୟ ପ୍ରେମ ଶ୍ରେଷ୍ଠ । ସେହି ପ୍ରେମ ଭଗବାନଙ୍କୁ ଆପଣାର ମାନିଲେ ଓ ସଂସାରକୁ ଆପଣାର ନ ମାନିଲେ ହିଁ ଉଦୟ ହୁଏ। ଏଣୁ ସଗୁଣ ପ୍ରତି ଭକ୍ତି ମୁଖ୍ୟ ଅଟେ।

କର୍ମଯୋଗୀର ବଳ ତ୍ୟାଗ ଓ ଜ୍ଞାନଯୋଗୀର ବଳ ବିବେକ, କିନ୍ତୁ ଭକ୍ତିଯୋଗୀର ବଳ ହେଉଛି ଭଗବାନଙ୍କ ପ୍ରତି ବିଶ୍ୱାସ । ଭଗବଦ୍‌ବିଶ୍ୱାସରୂପୀ ବଳ ଥିବାରୁ ଭକ୍ତ ଅଚିରେ ସମସ୍ତ ବିକାରରୁ ମୁକ୍ତ ହୋଇଯାଏ । ଜ୍ଞାନମାର୍ଗୀ ସାଧକମାନଙ୍କର ମଧ୍ୟ ଏହା ଅନୁଭବ ଯେ ବିକାର ଯୋଗୁଁ ମନରେ ଚାଞ୍ଚଲ୍ୟ ଦେଖାଦେବା ସମୟରେ ଭଗବାନଙ୍କର ଶରଣାପନ୍ନ ହୋଇ ତାଙ୍କୁ ପ୍ରାର୍ଥନା କଲେ ଯେତେ ସଫଳତା ମିଳେ, କେବଳ ବିଚାର ଦ୍ୱାରା ସେତେ ମିଳେ ନାହିଁ। ସେଥିପାଇଁ ଭଗବାନ ଜ୍ଞାନମାର୍ଗୀ ସାଧକ ପାଇଁ ମଧ୍ୟ ଭଗବତ୍‌ପରାୟଣ ହେବାକୁ କହିଛନ୍ତି—

ମନଃ ସଂଯମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ ।

(ଗୀତା ୬ । ୧୪)

ତାନି ସର୍ବାଣି ସଂଯମ୍ୟ ଯୁକ୍ତ ଆସୀତ ମତ୍ପରଃ ॥

(ଗୀତା ୨ । ୬୧)

ଏହା ହିଁ ଭକ୍ତିର ବିଶେଷତ୍ୱ !

୬ . ଭକ୍ତିର ପ୍ରାଧାନ୍ୟ

ପରମାତ୍ମପ୍ରାପ୍ତିର ସମସ୍ତ ସାଧନା ମଧ୍ୟରେ ଭକ୍ତି ହେଉଛି ମୁଖ୍ୟ। ଜ୍ଞାନମାର୍ଗୀମାନେ କହନ୍ତି ଯେ ଯେକୌଣସି ମାର୍ଗରେ ଚାଲୁଥାଅ ପଛେ, ଶେଷରେ ଜ୍ଞାନମାର୍ଗକୁ ହିଁ ଧରିବାକୁ ପଡ଼ିବ, କିନ୍ତୁ ଏ କଥା ଠିକ୍ ଲାଗୁ ନାହିଁ। ବାସ୍ତବରେ ଭକ୍ତି ହିଁ ସବୁଠୁ ଶେଷସୀମା। ଜ୍ଞାନର ରସ ତ ଅଖଣ୍ଡ ଓ ସ୍ଥିର, କିନ୍ତୁ ଭକ୍ତିର ରସ ହେଉଛି ଅନନ୍ତ ଓ ପ୍ରତିକ୍ଷଣ ବର୍ଦ୍ଧମାନ। ଭକ୍ତି ଏତେ ବ୍ୟାପକ ଯେ ତାହା ସମସ୍ତ ସାଧନାର ଆଦିରେ ଓ ଅନ୍ତରେ ରହିଥାଏ। ଭକ୍ତି ପ୍ରତ୍ୟେକ ସାଧନାର ଆରମ୍ଭରେ ପାରମାର୍ଥିକ ଆକର୍ଷଣ ରୂପେ ରହିଥାଏ, କାରଣ ପରମାତ୍ମାଙ୍କ ପ୍ରତି ଆକର୍ଷଣ ନ ହେଲେ କୌଣସି ମନୁଷ୍ୟ ସାଧନାରେ ସଂଲଗ୍ନ ହୋଇ ପାରିବ ନାହିଁ। ସାଧନାର ଶେଷରେ ପ୍ରତିକ୍ଷଣ ବର୍ଦ୍ଧମାନ ପ୍ରେମରୂପରେ ମଧ୍ୟ ଭକ୍ତି ରହିଥାଏ—'**ମଦ୍ଭକ୍ତିଂ ଲଭତେ ପରାମ୍**' (ଗୀତା ୧୮ । ୫୪), କାରଣ ଏହାର ପ୍ରାପ୍ତିରେ ହିଁ ସାଧନାର ପୂର୍ଣ୍ଣତ୍ୱ ନିହିତ। ଏଣୁ ବ୍ରହ୍ମସୂତ୍ରରେ ଅନ୍ୟ ସମସ୍ତ ଧର୍ମ

ଅପେକ୍ଷା ଭଗବଦ୍‌ଭକ୍ତିବିଷୟକ ଧର୍ମକୁ ଶ୍ରେଷ୍ଠ କୁହାଯାଇଛି—'**ଅତସ୍ତ୍ୱିତରଜ୍ଜ୍ୟାୟୋ ଲିଙ୍ଗାଚ୍ଚ**' (୩ । ୪ । ୩୯) ।

ଗୀତାରେ ମଧ୍ୟ ଅର୍ଜୁନଙ୍କର ସଗୁଣ ଓ ନିର୍ଗୁଣ ଉପାସକମାନଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱ ବିଷୟକ ପ୍ରଶ୍ନର ଉତ୍ତରରେ ଭଗବାନ ସଗୁଣ ଉପାସକମାନଙ୍କୁ ଶ୍ରେଷ୍ଠ କହିଛନ୍ତି—

ମୟ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ ।
ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ ॥

(୧୨ । ୨)

"ମୋ'ଠାରେ ମନୋନିବେଶ କରି ନିରନ୍ତର ମୋ'ଠାରେ ସଂଲଗ୍ନ ରହୁଥିବା ଯେଉଁ ଭକ୍ତମାନେ ପରମ ଶ୍ରଦ୍ଧାଯୁକ୍ତ ହୋଇ ମୋର ଉପାସନା କରନ୍ତି, ସେମାନେ ମୋ ମତରେ ସର୍ବଶ୍ରେଷ୍ଠ ଯୋଗୀ ।"

ପ୍ରତ୍ୟେକ ସାଧକକୁ ଶେଷରେ ଭକ୍ତିକୁ ହିଁ ଆସିବାକୁ ପଡ଼ିବ, କାରଣ ପ୍ରକୃତ ଅଦ୍ୱୈତ ଭକ୍ତିରେ ହିଁ ବିଦ୍ୟମାନ । ଗୀତାରେ ଅଛି—

ଅହଂକାରଂ ବଳଂ ଦର୍ପଂ କାମଂ କ୍ରୋଧଂ ପରିଗ୍ରହମ୍ ।
ବିମୁଚ୍ୟ ନିର୍ମମଃ ଶାନ୍ତୋ ବ୍ରହ୍ମଭୂୟାୟ କଳ୍ପତେ ॥
ବ୍ରହ୍ମଭୂତଃ ପ୍ରସନ୍ନାତ୍ମା ନ ଶୋଚତି ନ କାଂକ୍ଷତି ।
ସମଃ ସର୍ବେଷୁ ଭୂତେଷୁ ମଦ୍‌ଭକ୍ତିଂ ଲଭତେ ପରାମ୍ ॥
ଭକ୍ତ୍ୟା ମାମଭିଜାନାତି ଯାବାନ୍ ଯଶ୍ଚାସ୍ମି ତତ୍ତ୍ୱତଃ ।
ତତୋ ମାଂ ତତ୍ତ୍ୱତୋ ଜ୍ଞାତ୍ୱା ବିଶତେ ତଦନନ୍ତରମ୍ ॥

(୧୮ । ୫୩—୫୫)

"ଅହଂକାର, ବଳ, ଦର୍ପ, କାମ, କ୍ରୋଧ ଓ ପରିଗ୍ରହ ତ୍ୟାଗ କରି ଏବଂ ମମତାଶୂନ୍ୟ ତଥା ଶାନ୍ତ ହୋଇ ସାଧକ ବ୍ରହ୍ମପ୍ରାପ୍ତିର ପାତ୍ର ହୋଇଯାଏ ।"

"ବ୍ରହ୍ମଭୂତ ଅବସ୍ଥାପ୍ରାପ୍ତ ସେହି ପ୍ରସନ୍ନମନା ସାଧକ କାହାରି ପାଇଁ ଶୋକ କରେ ନାହିଁ କି କିଛି ଇଚ୍ଛା କରେ ନାହିଁ । ଏପରି ସମସ୍ତ ପ୍ରାଣୀଙ୍କ ଠାରେ ସମଭାବାପନ୍ନ ସାଧକ ମୋର ପରାଭକ୍ତି ଲାଭ କରେ ।"

"ସେହି ପରା ଭକ୍ତି ଦ୍ୱାରା ସାଧକ ମୁଁ ଯେତେ ଓ ଯିଏ, ତାହାକୁ ତତ୍ତ୍ୱତଃ ଜାଣିଯାଏ ଏବଂ ମୋତେ ତତ୍ତ୍ୱତଃ ଜାଣି ମୋ'ଠାରେ ତତ୍କାଳ ପ୍ରବିଷ୍ଟ ହୋଇଯାଏ ।"

"ମୁଁ ଯେତେ ଓ ଯିଏ **(ଯାବାନ୍ ଯଶ୍ଚାସ୍ମି)**—ଏହା ସଗୁଣର ବିଷୟ; କାରଣ **'ଯାବାନ୍ ଓ ତାବାନ୍'** ନିର୍ଗୁଣ ପାଇଁ କୁହାଯାଇ ପାରିବ ନାହିଁ, ଏହା କେବଳ ସଗୁଣ ପାଇଁ ହିଁ କୁହାଯାଇ ପାରେ* । ଏଥିରୁ ସଗୁଣର ବିଶେଷତ୍ୱ ଓ ଶ୍ରେଷ୍ଠତ୍ୱ ପ୍ରମାଣିତ ହୁଏ । ଜ୍ଞାନମାର୍ଗରେ ତ ତତ୍ତ୍ୱତଃ ଜାଣିବା **(ଜ୍ଞାତ୍ୱା)** ଓ ପ୍ରବିଷ୍ଟ ହେବା **(ବିଶତେ)**—ଏ ଦୁଇଟି ସମ୍ଭବ, କିନ୍ତୁ ଭକ୍ତିମାର୍ଗରେ ତତ୍ତ୍ୱତଃ ଜାଣିବା **(ଜ୍ଞାତୁମ୍)** ଓ ପ୍ରବିଷ୍ଟ ହେବା **(ପ୍ରବେଷ୍ଟୁମ୍)** ସହିତ ଦର୍ଶନ ମିଳିବା **(ଦ୍ରଷ୍ଟୁମ୍)** କଥା ମଧ୍ୟ ଭଗବାନ କହିଛନ୍ତି☫ । ଭଗବାନ ଇନ୍ଦ୍ରିୟଗଣଙ୍କର ବିଷୟ ହୋଇ ନ ଥିଲେ ମଧ୍ୟ ଇନ୍ଦ୍ରିୟଗଣଙ୍କର ବିଷୟ ହୋଇଯାଆନ୍ତି—ଏହା ଭଗବାନଙ୍କର ବିଶେଷ କୃପା! ଏହି ବୈଶିଷ୍ଟ୍ୟ ଭକ୍ତିରେ ହିଁ ଅଛି, ଜ୍ଞାନରେ ନାହିଁ ।

ଜ୍ଞାନର ପ୍ରାଧାନ୍ୟରେ ସାଧକ ଭଗବାନଙ୍କର ନିର୍ଗୁଣରୂପକୁ ହିଁ ଜାଣେ, କିନ୍ତୁ ଭକ୍ତିର ପ୍ରାଧାନ୍ୟରେ ସାଧକ ଭଗବାନଙ୍କର ସମଗ୍ରରୂପକୁ ଜାଣିଯାଏ । ବାଛୁରୀ ତା' ମାଆର ଗୋଟିଏ ଚିରରୁ କ୍ଷୀର ପିଇବା ଆରମ୍ଭ କଲେ ଯେପରି ଗାଈର ପ୍ରତ୍ୟେକ ଚିରରୁ କ୍ଷୀର ସ୍ରବିତ ହୁଏ, ସେହିପରି ଭକ୍ତର ଭଗବାନଙ୍କ ପ୍ରତି ଆକର୍ଷଣ (ପ୍ରେମ) ହେଲେ ଭଗବାନ କୃପାପରବଶ ହୋଇ ଭକ୍ତ ପାଇଁ ନିଜର ସମଗ୍ରରୂପକୁ ବ୍ୟକ୍ତ କରି ଦିଅନ୍ତି । ଭଗବାନ ଭକ୍ତର ଅଜ୍ଞାନାନ୍ଧକାରକୁ ଦୂର କରିଦିଅନ୍ତି§ ଏବଂ ତାହାର ଉଦ୍ଧାର ମଧ୍ୟ ଭଗବାନ ନିଜେ କରନ୍ତି¥ । ଅଭିପ୍ରାୟ ହେଲା, ଅନନ୍ୟ ଭକ୍ତକୁ ନିଜର

---

* ଚତୁଃଶ୍ଳୋକୀ ଭାଗବତରେ ମଧ୍ୟ ଭଗବାନ 'ଯାବାନ୍' ପଦ ପ୍ରୟୋଗ କରି ବ୍ରହ୍ମାଙ୍କୁ କହିଛନ୍ତି—

ଯାବାନହଂ ଯଥାଭାବୋ ଯଦ୍ରୂପଗୁଣକର୍ମକଃ ।
ତଥୈବ ତତ୍ତ୍ୱବିଜ୍ଞାନମସ୍ତୁ ତେ ମଦନୁଗ୍ରହାତ୍ ॥ (ଶ୍ରୀମଭା. ୨ । ୯ । ୩୧)

"ମୁଁ ଯେତେ, ଯେଉଁ ଭାବରେ ଯୁକ୍ତ, ଯେଉଁ ରୂପ, ଗୁଣ ଓ ଲୀଳାରେ ସମନ୍ୱିତ, ସେ ସମସ୍ତ ତତ୍ତ୍ୱର ବିଜ୍ଞାନ ତୁମକୁ ମୋ କୃପାରୁ ଯଥାବତ୍ ପ୍ରାପ୍ତ ହେଉ ।"

☫ ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜୁନ ।
ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ॥ (ଗୀତା ୧୧ । ୫୪)

§ ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ ।
ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା ॥ (ଗୀତା ୧୦ । ୧୧)

¥ ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାରସାଗରାତ୍ ।
ଭବାମି ନଚିରାତ୍ପାର୍ଥ ମୟ୍ୟାବେଶିତଚେତସାମ୍ ॥ (ଗୀତା ୧୨ । ୭)

ଉଦ୍ଧାର ପାଇଁ କିଛି କରିବାକୁ ପଡ଼େ ନାହିଁ। ତାକୁ ଜ୍ଞାନ ଲାଭ କରାଇବାର ଓ ତା'ର ଉଦ୍ଧାର କରିବାର ଦାୟିତ୍ୱ ଭଗବାନଙ୍କ ଉପରକୁ ଆସିଯାଏ। ଭକ୍ତ ସମସ୍ତ କ୍ରିୟା କରୁଥିଲେ ମଧ୍ୟ ଭଗବାନଙ୍କ ଠାରେ ହିଁ କରୁଥାଏ, ସେ ଭଗବାନଙ୍କ ଠାରେ ହିଁ ସ୍ଥିତ ହୋଇଥାଏ* । କେବଳ ସେତିକି ନୁହେଁ, ଭକ୍ତ ଯୋଗଭ୍ରଷ୍ଟ ମଧ୍ୟ ହୁଏ ନାହିଁ; କାରଣ ସେ ନିଜ ସାଧନାର ଆଶ୍ରୟ ନ ନେଇ ଭଗବାନଙ୍କର ଆଶ୍ରୟ ଗ୍ରହଣ କରିଥାଏ। ସେଥିପାଇଁ ଭଗବାନ କହିଛନ୍ତି—

ସର୍ବକର୍ମାଣ୍ୟପି ସଦା କୁର୍ବାଣୋ ମଦ୍‌ବ୍ୟପାଶ୍ରୟଃ ।
ମତ୍ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ ॥

(ଗୀତା ୧୮ । ୫୬)

"ମୋର ଆଶ୍ରିତ ଭକ୍ତ ସର୍ବଦା ସମସ୍ତ କର୍ମ କରି ମଧ୍ୟ ମୋ କୃପାରୁ ଶାଶ୍ୱତ ଅବିନାଶୀ ପଦ ପ୍ରାପ୍ତ ହୁଏ।"

ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍ପ୍ରସାଦାତ୍ତରିଷ୍ୟସି ।

(ଗୀତା ୧୮ । ୫୮)

"ମଦ୍‌ଗତଚିତ୍ତ ହୋଇ ତୁମେ ମୋ କୃପାରୁ ସମସ୍ତ ବିଘ୍ନକୁ ଅତିକ୍ରମ କରିଯିବ।"

ତାତ୍ପର୍ଯ୍ୟ ହେଲା, ଭଗବାନ ଭକ୍ତ ଉପରେ ବିଶେଷ ଅନୁଗ୍ରହ କରି ତା'ର ସାଧନାମାର୍ଗର ସମସ୍ତ ବାଧାବିଘ୍ନକୁ ଦୂର କରି ଦିଅନ୍ତି ଏବଂ ନିଜେ ମଧ୍ୟ ତାକୁ ମିଳିଯାଆନ୍ତି। ସେଥିପାଇଁ ବ୍ରହ୍ମସୂତ୍ରରେ କୁହାଯାଇଛି—**'ବିଶେଷାନୁଗ୍ରହଶ୍ଚ'** (୩। ୪। ୩୮) 'ଭଗବାନଙ୍କୁ ଭକ୍ତି କଲେ ବିଶେଷ ଅନୁଗ୍ରହ ପ୍ରାପ୍ତ ହୁଏ।'

ଯେଉଁଠି ଭକ୍ତି ଥାଏ, ସେଠାକୁ ଜ୍ଞାନ ଓ ବୈରାଗ୍ୟ ଆପେ ଆପେ ଆସିଯାଆନ୍ତି। ତେଣୁ ଭକ୍ତକୁ ଜ୍ଞାନ ଓ ବୈରାଗ୍ୟ ଲାଭ କରିବା ପାଇଁ ପରିଶ୍ରମ କରିବାକୁ ପଡ଼େ ନାହିଁ। ଶ୍ରୀମଦ୍ଭାଗବତମାହାତ୍ମ୍ୟରେ ଜ୍ଞାନ ଓ ବୈରାଗ୍ୟକୁ ଭକ୍ତିର ଦୁଇଟି ପୁଅ ବୋଲି କୁହାଯାଇଛି—

ଅହଂ ଭକ୍ତିରିତି ଖ୍ୟାତା ଇମୌ ମେ ତନୟୌ ମତୌ ।
ଜ୍ଞାନବୈରାଗ୍ୟନାମାନୌ କାଳଯୋଗେନ ଜର୍ଜରୌ ॥

(୧ । ୪୫)

---

* ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ॥ (ଗୀତା ୬ । ୩୧)

ମାଆ ଯେଉଁଠିକି ଯିବ, ସେଠାକୁ ତାହାର ପୁଅମାନେ ମଧ୍ୟ ଯିବେ! ଏଣୁ ବୋଧସାରରେ ଅଛି—

ଯଦ୍ୟନ୍ୟଦ୍ ସାଧନଂ ନାସ୍ତି ଭକ୍ତିରସ୍ତି ମହେଶ୍ୱରେ ।
ତଦା କ୍ରମେଣ ସିଧ୍ୟନ୍ତି ବିରକ୍ତିଜ୍ଞାନମୁକ୍ତୟଃ ॥

(ବୋଧସାର, ଭକ୍ତି ୫)

"ଯଦି ନିଜ ହୃଦୟ ମନ୍ଦିରରେ ପରମେଶ୍ୱରଙ୍କ ପ୍ରତି ଭକ୍ତି ବିଦ୍ୟମାନ, ତେବେ ଅନ୍ୟ କୌଣସି ସାଧନ ନ ଥିଲେ ମଧ୍ୟ କ୍ରମେ କ୍ରମେ ବୈରାଗ୍ୟ, ଜ୍ଞାନ ଓ ମୋକ୍ଷ ମିଳିଯାଏ ।"

ଯେଉଁଠି ଶୁଦ୍ଧ ଭକ୍ତିର ବର୍ଣ୍ଣନା ହୋଇଛି, ସେଠାରେ ତାହାକୁ ନିର୍ଗୁଣ (ଗୁଣାତୀତ) କୁହାଯାଇଛି; ଯଥା—**'ମନ୍ନିଷେବାୟାଂ ତୁ ନିର୍ଗୁଣା'** (ଶ୍ରୀମଦ୍ଭା. ୧୧ । ୨୫ । ୨୭) ଇତ୍ୟାଦି । କିନ୍ତୁ ଜ୍ଞାନମାର୍ଗର ଅନୁସରଣକାରୀ ଓ ଜ୍ଞାନସଂସ୍କାରଯୁକ୍ତ ଲୋକେ ଭକ୍ତିର ବର୍ଣ୍ଣନା କଲେ ସେଥିରେ ସତ୍ତ୍ୱଗୁଣର ପ୍ରାଧାନ୍ୟ ରହିଥାଏ । ଏଣୁ ଜ୍ଞାନୀଲୋକେ ଭକ୍ତି(ପ୍ରେମ)ର ଯେଉଁ ବର୍ଣ୍ଣନା କରନ୍ତି, ତାହା ପ୍ରକୃତ (ଶୁଦ୍ଧ) ଭକ୍ତିର ବର୍ଣ୍ଣନା ନୁହେଁ, ବରଂ ଜ୍ଞାନମିଶ୍ରିତ ଭକ୍ତିର ବର୍ଣ୍ଣନା, ଯାହା କି ବିକ୍ଷେପ-ଦୋଷ ଦୂର କରୁଥିବାରୁ ଜ୍ଞାନର ସାଧନ ଅଟେ । ଏହା ପ୍ରେମାଭକ୍ତି ନୁହେଁ । ପ୍ରେମାଭକ୍ତି ତ ତତ୍ତ୍ୱଜ୍ଞାନଠାରୁ ମଧ୍ୟ ଉଚ୍ଚତର । ଜ୍ଞାନମାର୍ଗୀମାନେ ପ୍ରେମକୁ ଅନ୍ତଃକରଣର ଏକ ବୃତ୍ତି (ସାତ୍ତ୍ୱିକ ଭାବ) ବୋଲି ମନେ କରନ୍ତି, କିନ୍ତୁ ପ୍ରକୃତରେ ପ୍ରେମ ଅନ୍ତଃକରଣର ବୃତ୍ତି ନୁହେଁ । ପ୍ରେମ ତ 'ସ୍ୱୟଂ' ଦ୍ୱାରା ହୁଏ । ପ୍ରେମରେ ଗୁଣ(ଜଡ଼ତା)ର ସ୍ଥାନ ନାହିଁ* । ମୀରାବାଈଙ୍କ ଠାରେ ବିଶୁଦ୍ଧ ପ୍ରେମ ଥିବାରୁ ତାଙ୍କ ଶରୀର ମଧ୍ୟ ଚିନ୍ମୟ ହୋଇ ଭଗବାନଙ୍କ ଶ୍ରୀବିଗ୍ରହରେ ଲୀନ ହୋଇଗଲା; କାରଣ ଭକ୍ତିରେ ଜଡ଼ ବସ୍ତୁ ବୋଲି କିଛି ରହେ ନାହିଁ, ସବୁକିଛି ଚିନ୍ମୟ ହୋଇଯାଏ । ଗୋପୀମାନଙ୍କୁ ସର୍ବତ୍ର କୃଷ୍ଣ ହିଁ ଦେଖାଯାଉଥିଲେ । ସେମାନଙ୍କର ଶରୀର ମଧ୍ୟ ଚିନ୍ମୟ ହୋଇ ଗୋଟିଏ ପୁଷ୍କରିଣୀରେ ଲୀନ ହୋଇଗଲା, ଯାହା କି

---

* ଗୁଣରହିତଂ କାମନାରହିତଂ ପ୍ରତିକ୍ଷଣବର୍ଦ୍ଧମାନମବିଚ୍ଛିନ୍ନଂ ସୂକ୍ଷ୍ମତରମନୁଭବରୂପମ୍ ॥
(ନାରଦଭକ୍ତିସୂତ୍ର ୫୪)

"ଏହି ପ୍ରେମ ଗୁଣରହିତ, କାମନାରହିତ, ପ୍ରତିକ୍ଷଣବର୍ଦ୍ଧମାନ, ଅବିଚ୍ଛିନ୍ନ, ସୂକ୍ଷ୍ମରୁ ସୂକ୍ଷ୍ମତର ଓ ଅନୁଭବରୂପ ଅଟେ ।"

ଆଜି 'ଗୋପୀତଲାଈ' (ଦ୍ୱାରକା ଅନ୍ତର୍ଗତ) ନାମରେ ପ୍ରସିଦ୍ଧ । ସେହି ପୁଷ୍କରିଣୀର ମାଟିକୁ 'ଗୋପୀଚନ୍ଦନ' କୁହାଯାଉଛି ।

ଜ୍ଞାନମାର୍ଗ ଦୃଷ୍ଟିରୁ ତ ସଂସାରର ସ୍ୱତନ୍ତ୍ର ସତ୍ତା ନାହିଁ, କିନ୍ତୁ ଭକ୍ତିମାର୍ଗ ଦୃଷ୍ଟିରୁ ସ୍ୱତନ୍ତ୍ର ତତ୍ତ୍ୱ ମଧ୍ୟ ନାହିଁ, ବରଂ ସବୁକିଛି ଭଗବାନ—**'ବାସୁଦେବଃ ସର୍ବମ୍ ।'** ଜ୍ଞାନମାର୍ଗୀମାନେ ମୁକ୍ତିକୁ ସର୍ବଶ୍ରେଷ୍ଠ ମନେ କରନ୍ତି, ପୁଣି ସେମାନେ ମୁକ୍ତିଠାରୁ ଉଚ୍ଚତର (ପ୍ରେମାଭକ୍ତି ବା ପରାଭକ୍ତି) କଥା କିପରି ବା ବୁଝି ପାରିବେ? ମୁକ୍ତିରେ ଅଖଣ୍ଡ ରସ ମିଳୁଥିବା ସ୍ଥଳେ ପ୍ରେମରେ ଅନନ୍ତ ରସ ମିଳେ । ପ୍ରେମ ମୁକ୍ତି, ତତ୍ତ୍ୱଜ୍ଞାନ, ସ୍ୱରୂପବୋଧ, ଆତ୍ମସାକ୍ଷାତ୍କାର ଓ କୈବଲ୍ୟଠାରୁ ମଧ୍ୟ ଉଚ୍ଚତର । 'ବୋଧସାର'ରେ ଅଛି—

ଦ୍ୱୈତଂ ମୋହାୟ ବୋଧାତ୍ପ୍ରାଗ୍ଜାତେ ବୋଧେ ମନୀଷୟା ।
ଭକ୍ତ୍ୟର୍ଥଂ କଳ୍ପିତଂ ଦ୍ୱୈତମଦ୍ୱୈତାଦପି ସୁନ୍ଦରମ୍ ॥

(ବୋଧସାର, ଭକ୍ତି. ୪୨)

"ବୋଧ ହେବା ପୂର୍ବର ଦ୍ୱୈତ ମୋହରେ ପକାଇ ପାରେ, କିନ୍ତୁ ବୋଧପ୍ରାପ୍ତି ହେବାପରେ ଭକ୍ତି ପାଇଁ କଳ୍ପିତ ଦ୍ୱୈତ ଅଦ୍ୱୈତଠାରୁ ମଧ୍ୟ ଅଧିକ ସୁନ୍ଦର ହୋଇଥାଏ ।"

ପ୍ରେମାଭକ୍ତି ତତ୍ତ୍ୱଜ୍ଞାନ ହେବାପରେ ମଧ୍ୟ ହୋଇପାରେ ଏବଂ ସିଧାସଳଖ ମଧ୍ୟ ହୋଇପାରେ । ଭକ୍ତର ଭଗବାନଙ୍କ ସହିତ ଆତ୍ମୀୟତା ପ୍ରଗାଢ଼ ହୋଇଗଲେ ତତ୍ତ୍ୱଜ୍ଞାନ ହୋଇ ନ ଥିଲେ ମଧ୍ୟ ସିଧାସଳଖ ପ୍ରେମାଭକ୍ତି ପ୍ରାପ୍ତ ହୋଇପାରେ । ପ୍ରେମାଭକ୍ତି ପ୍ରାପ୍ତ ହେବାପରେ ଭଗବତ୍କୃପାରୁ ଆପେ ଆପେ ତତ୍ତ୍ୱଜ୍ଞାନ ହୋଇଯାଏ—

ମମ ଦରସନ ଫଲ ପରମ ଅନୂପା । ଜୀଵ ପାଵ ନିଜ ସହଜ ସରୂପା ॥

(ମାନସ, ଅରଣ୍ୟ. ୩୬ । ୫)

ଭଗବାନ କହିଛନ୍ତି—

ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍ ।
ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ ॥
ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ ।
ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା ॥

(ଗୀତା ୧୦ । ୧୦,୧୧)

"ନିରନ୍ତର ମୋ'ଠାରେ ସଂଲଗ୍ନ ଓ ପ୍ରେମପୂର୍ବକ ମୋର ଭଜନରତ ସେହି ଭକ୍ତମାନଙ୍କୁ ମୁଁ ସେହି ବୁଦ୍ଧିଯୋଗ ପ୍ରଦାନ କରେ, ଯାହାଦ୍ୱାରା ସେମାନେ ମୋତେ ପାଇ ପାରନ୍ତି। ସେହି ଭକ୍ତମାନଙ୍କ ଉପରେ କୃପା କରିବା ପାଇଁ ସେମାନଙ୍କ ସ୍ୱରୂପରେ ଅବସ୍ଥିତ ମୁଁ ଦେଦୀପ୍ୟମାନ ଜ୍ଞାନପ୍ରଦୀପ ଦ୍ୱାରା ସେମାନଙ୍କର ଅଜ୍ଞାନାନ୍ଧକାରକୁ ନଷ୍ଟ କରିଦିଏ।"

ଗୁରୁଜନଙ୍କ ଠାରୁ ପ୍ରାପ୍ତ ଜ୍ଞାନ ଅପେକ୍ଷା ଜଗଦ୍‌ଗୁରୁ ଭଗବାନଙ୍କ ଠାରୁ ପ୍ରାପ୍ତ ଜ୍ଞାନ ଅତ୍ୟନ୍ତ ଅସାଧାରଣ ଓ ବିଲକ୍ଷଣ!

ଜ୍ଞାନୀଙ୍କର ଆନନ୍ଦ ଅଖଣ୍ଡ, କିନ୍ତୁ ପ୍ରେମୀଭକ୍ତଙ୍କର ଆନନ୍ଦ ପ୍ରତିକ୍ଷଣ-ବର୍ଦ୍ଧମାନ। ସେଥିପାଇଁ ଭକ୍ତ ଜ୍ଞାନୀ ଭଳି ଶାନ୍ତ ଓ ସ୍ଥିର ରହେ ନାହିଁ, ତା'ଠାରେ ବିଭିନ୍ନ ବିଚିତ୍ର ବିଚିତ୍ର ଭାବ ତରଙ୍ଗାୟିତ ହେଉଥାଏ—

ବାଗ୍‌ଗଦ୍‌ଗଦା ଦ୍ରବତେ ଯସ୍ୟ ଚିତ୍ତଂ
ରୁଦତ୍ୟଭୀକ୍ଷ୍ଣଂ ହସତି କ୍ୱଚିଚ୍ଛ।
ବିଲଜ୍ଜ ଉଦ୍‌ଗାୟତି ନୃତ୍ୟତେ ଚ
ମଦ୍ଭକ୍ତିଯୁକ୍ତୋ ଭୁବନଂ ପୁନାତି॥

(ଶ୍ରୀମଦ୍‌ଭା. ୧୧।୧୪।୨୪)

"ଯାହାର ବାଣୀ ମୋର ନାମ, ଗୁଣ ଓ ଲୀଳା ବର୍ଣ୍ଣନା କରୁ କରୁ ଗଦ୍‌ଗଦ ହୋଇଯାଏ, ଯାହାର ଚିତ୍ତ ମୋର ରୂପ, ଗୁଣ, ପ୍ରଭାବ ଓ ଲୀଳାଗୁଡ଼ିକର ଚିନ୍ତନ କରି ଦ୍ରବିତ ହୋଇଯାଏ, ଯେ ବାରମ୍ବାର କାନ୍ଦୁଥାଏ, କେବେ କେବେ ହସୁଥାଏ, କେବେ ଲଜ୍ଜା ଛାଡ଼ି ଉଚ୍ଚସ୍ୱରରେ ଗାନ କରେ ତ କେବେ କେବେ ନାଚିବାରେ ମଗ୍ନ ରହେ, ମୋର ସେପରି ଭକ୍ତ ସମଗ୍ର ସଂସାରକୁ ପବିତ୍ର କରିଦିଏ।"

✦✦✦

୪. ପ୍ରେମ, ପ୍ରେମୀ ଓ ପ୍ରେମାସ୍ପଦ

୧. ଭଗବାନଙ୍କ ମଧ୍ୟରେ ଆମେ ଓ ଆମ ମଧ୍ୟରେ ଭଗବାନ

ଗୋଟିଏ ରହସ୍ୟମୟ ବିଷୟ ହେଲା, ଆମେ ବାସ୍ତବରେ ଯାହା ଚାହୁଁଛୁ, ତାହା ସର୍ବଦା ଆମ ଭିତରେ ଅଛି ଏବଂ ଆମେ ସର୍ବଦା ତା' ଭିତରେ ଅଛୁ। ଆମର ତିନୋଟି ଇଚ୍ଛା ପ୍ରକୃତ ଇଚ୍ଛା ଅଟେ—(୧) ମୁଁ ସର୍ବଦା ଜୀବିତ ରହେ, କଦାପି ନ ମରେ—ଏହା 'ସତ୍' ବିଷୟକ ଇଚ୍ଛା; (୨) ମୁଁ ସବୁକିଛି ଜାଣିଯାଏ, କୌଣସି ବିଷୟରେ କଦାପି ଅଜ୍ଞ ହୋଇ ନ ରହେ—ଏହା 'ଚିତ୍' ବିଷୟକ ଇଚ୍ଛା ଏବଂ (୩) ମୁଁ ସର୍ବଦା ସୁଖୀ ରହେ, କେବେ ଦୁଃଖୀ ନ ହୁଏ—ଏହା 'ଆନନ୍ଦ' ବିଷୟକ ଇଚ୍ଛା। ଏହି ତିନୋଟି ଇଚ୍ଛା ପ୍ରକୃତରେ ସତ୍-ଚିତ୍-ଆନନ୍ଦସ୍ୱରୂପ ପରମାତ୍ମାଙ୍କୁ ପାଇବାର ହିଁ ଇଚ୍ଛା। ସେହି ସଚ୍ଚିଦାନନ୍ଦଘନ ପରମାତ୍ମା ସର୍ବଦା ଆମଠାରେ ଅଛନ୍ତି ଓ ଆମେ ସର୍ବଦା ତାଙ୍କଠାରେ ରହିଛୁ। କିନ୍ତୁ ଆମର ଭୁଲ୍ ହେଉଛି ଯେ ଯାହା କଦାପି ଆମ ସଙ୍ଗରେ ରହୁ ନାହିଁ ଏବଂ ଆମେ କଦାପି ଯାହା ସଙ୍ଗରେ ରହୁ ନାହୁଁ, ତାହାରି ଦ୍ୱାରା ଆମେ ସେହି ଇଚ୍ଛାଗୁଡ଼ିକୁ ପୂରଣ କରିବାକୁ ଚାହୁଁଛୁ। ଅନ୍ୟ ଶବ୍ଦରେ କହିଲେ, ଆମେ ଶରୀରରେ ବଞ୍ଚିବାକୁ ଚାହୁଁଛୁ, ବୁଦ୍ଧିରେ ସବୁକିଛି ଜାଣିବାକୁ ଚାହୁଁଛୁ ଏବଂ ଇନ୍ଦ୍ରିୟଗଣଙ୍କ ଦ୍ୱାରା ସୁଖୀ ହେବାକୁ ଚାହୁଁଛୁ। ଏହିରୂପେ ଆମେ ତିନୋଟିଯାକ ଇଚ୍ଛାକୁ ସଂସାରରୁ ପୂରଣ କରିବାକୁ ଚାହୁଁଛୁ, ଯାହା କି ଅସତ୍, ଜଡ଼ ଓ ଦୁଃଖସ୍ୱରୂପ। ସେଥିପାଇଁ ଏହି ଇଚ୍ଛାଗୁଡ଼ିକ କଦାପି ପୂରଣ ହେଉ ନାହିଁ ଏବଂ ଆମେ ଅନାଦିକାଳରୁ ଦୁଃଖ ପାଉଛୁ। ଇଚ୍ଛା ହେଉଛି ସତ୍-ଚିତ୍-ଆନନ୍ଦ ବିଷୟକ, ଅଥଚ ଆମେ ତାହାକୁ ପୂର୍ଣ୍ଣ କରିବାକୁ ଚାହୁଁଛୁ ଅସତ୍-ଜଡ଼-ଦୁଃଖସ୍ୱରୂପ ସଂସାରରୁ! ଏହା ଆମର କେଡ଼େ ମୂର୍ଖତା!

ଶରୀର ଓ ସଂସାରର ନିରନ୍ତର ପରିବର୍ତ୍ତନ ହେବା କଥା ସମସ୍ତଙ୍କର ଅନୁଭବ ଅଛି, କିନ୍ତୁ ନିଜର ପରିବର୍ତ୍ତନର ଅନୁଭବ କାହାରିକୁ ହୁଏ ନାହିଁ। ଶରୀର ବାଳକରୁ ଯୁବକ ଓ ଯୁବକରୁ ବୃଦ୍ଧ ହୁଏ, କିନ୍ତୁ ସ୍ୱୟଂର କେବେ କୌଣସି ପରିବର୍ତ୍ତନ ହୁଏ ନାହିଁ। 'ଅବସ୍ଥା ବଦଳିଥିଲେ ମଧ୍ୟ ମୁଁ ସେହି ଅଟେ'—ଏହି ଅନୁଭବ ସମସ୍ତଙ୍କୁ ହୋଇଥାଏ। ସୁତରାଂ ଆମେ ସଂସାରରେ

ନାହୁଁ କି ସଂସାର ଆମଠାରେ ନାହିଁ। ତାତ୍ପର୍ଯ୍ୟ ହେଲା, ସଂସାର ଆମଠାରୁ ପୃଥକ୍ ଓ ପରମାତ୍ମା ଆମକୁ ନିତ୍ୟପ୍ରାପ୍ତ । ଯିଏ ପୃଥକ୍, ତାହାକୁ ପ୍ରାପ୍ତ ମନେ କରିବା ଏବଂ ଯିଏ ନିତ୍ୟପ୍ରାପ୍ତ, ତାହାକୁ ପୃଥକ୍ (ଅପ୍ରାପ୍ତ) ମନେ କରିବା ଭଳି ଅନ୍ୟ କୌଣସି ପାପ ନାହିଁ।

ଯୋଽନ୍ୟଥା ସନ୍ତମାତ୍ମାନମନ୍ୟଥା ପ୍ରତିପଦ୍ୟତେ ।
କିଂ ତେନ ନ କୃତଂ ପାପଂ ଚୌରେଣାତ୍ମାପହାରିଣା ॥

(ମହାଭାରତ. ୪୨ । ୩୭)

"ଅନ୍ୟ ପ୍ରକାରର ହୋଇଥିଲେ ମଧ୍ୟ ଆତ୍ମାକୁ ଯେ ଆଉ ଏକ ଭିନ୍ନ ପ୍ରକାର ବୋଲି ମନେକରେ, ସେହି ଆତ୍ମଘାତୀ ଚୋରର କେଉଁ ପାପ ଆଉ ନ କଲା? ଅର୍ଥାତ୍ ସେ ସବୁ ପାପ କଲା ।"

ଯିଏ ଆମଠାରୁ ପୃଥକ୍, ତାହାର ସେବା କରିବା ଉଚିତ ଏବଂ ଯିଏ ଆମଠାରେ ବିଦ୍ୟମାନ, ତାକୁ ଆପଣାର ମନେକରିବା ଉଚିତ । ଏପରି କଲେ ସଂସାର ସହିତ ସ୍ୱୀକୃତ ସମ୍ବନ୍ଧ ଛିନ୍ନ ହୋଇଯିବ ଏବଂ ପରମାତ୍ମାଙ୍କ ସହିତ ଥିବା ପ୍ରକୃତ ସମ୍ବନ୍ଧ ଜାଗ୍ରତ ହୋଇଯିବ । ପରମାତ୍ମାଙ୍କ ସହିତ ଥିବା ସମ୍ବନ୍ଧ ଜାଗ୍ରତ ହୋଇଗଲେ ପ୍ରେମପ୍ରାପ୍ତି ହୋଇଯିବ, ଯାହା କି ମାନବଜୀବନର ଚରମ ଲକ୍ଷ୍ୟ।

୨ . ଭଗବାନ ଆମର ଆତ୍ମୀୟ

ସଂସାର ସହିତ ସମ୍ବନ୍ଧ ମାନିଥିବା ପର୍ଯ୍ୟନ୍ତ ମନୁଷ୍ୟକୁ ଯାହା କିଛି ମିଳେ, ତାହାକୁ ସେ ନିଜର ମନେକରେ । କିନ୍ତୁ ସତ୍‌ସଙ୍ଗ ଦ୍ୱାରା ଯେତେବେଳେ ତାକୁ ଜଣାପଡ଼େ ଯେ, 'ସଂସାର ମୋର ନୁହେଁ, ଭଗବାନ ହିଁ ମୋର', ସେତେବେଳେ ତା'ର ଅନୁଭବ ହୁଏ ଯେ, ଯେଉଁ ଜିନିଷ ମୋତେ ମିଳିଛି, ତାହା ଭଗବାନଙ୍କର ଏବଂ ଭଗବାନଙ୍କ ଠାରୁ ହିଁ ମିଳିଛି । ଅତଏବ କୌଣସି ବସ୍ତୁ ଆମର ନିଜର ନୁହେଁ, ବରଂ ତାହାର ଦାତା ହେଉଛନ୍ତି ଆମର ନିଜର।

ମନୁଷ୍ୟର ବଡ଼ ଭୁଲ୍ ହେଉଛି ଯେ ସେ ମିଳିଥିବା ବସ୍ତୁଗୁଡ଼ିକୁ ତ ଦେଖେ, କିନ୍ତୁ ସେଗୁଡ଼ିକର ଦାତା ଆଡ଼କୁ ତା'ର ଦୃଷ୍ଟି ଯାଏ ନାହିଁ! ସେ ବସ୍ତୁଗୁଡ଼ିକୁ ନିଜର ମନେକରେ, ଅଥଚ ସେଗୁଡ଼ିକର ଦାତାକୁ ନିଜର ମନେକରେ ନାହିଁ! ବାସ୍ତବରେ ମିଳିଥିବା ଜିନିଷ ଯେତେ ପ୍ରିୟ ଲାଗେ, ଭଗବାନ (ଦାତା) ତାହାଠାରୁ ଅଧିକ ପ୍ରିୟ ଲାଗିବା ଉଚିତ । ମିଳିଥିବା ବସ୍ତୁଗୁଡ଼ିକୁ ଭଲ ପାଇବା ଏବଂ ତାହାର ଦାତାକୁ ଭଲ ନ ପାଇବା ଅକୃତଜ୍ଞତା ଓ ଭୋଗବୁଦ୍ଧି ଅଟେ ।

ପ୍ରତିକ୍ଷଣ ବର୍ଦ୍ଧମାନ ଆନନ୍ଦ(ପ୍ରେମ)ର ଆସ୍ୱାଦନ ଜଣକ ଦ୍ୱାରା (ଏକୁଟିଆ) ହୋଇପାରେ ନାହିଁ—**'ଏକାକୀ ନ ରମତେ'** (ବୃହଦାରଣ୍ୟକ. ୧।୪।୩)। ସେଥିଯୋଗୁଁ ପ୍ରେମଲୀଳା ଆସ୍ୱାଦନ ଉଦ୍ଦେଶ୍ୟରେ ଭଗବାନ 'ମୁଁ ଜଣେ ବହୁତ ରୂପରେ ହୋଇଯାଏଁ'—ଏପରି ସଂକଳ୍ପ କଲେ—**'ସୋଽକାମୟତ ବହୁ ସ୍ୟାଂ ପ୍ରଜାୟେୟେତି'** (ତୈତ୍ତିରୀୟ. ୨।୬)। ଭଗବାନଙ୍କର ଏହି ସଙ୍କଳ୍ପରୁ ଅସଂଖ୍ୟ ଜୀବ ସୃଷ୍ଟି ହେଲେ। ଭଗବାନ ଶ୍ରୀରାଧାଙ୍କୁ ମଧ୍ୟ ନିଜଠାରୁ ପ୍ରକଟ କଲେ, ଜୀବମାନଙ୍କୁ ମଧ୍ୟ ନିଜଠାରୁ ପ୍ରକଟ କଲେ ଏବଂ ସଂସାରକୁ ମଧ୍ୟ ନିଜଠାରୁ ପ୍ରକଟ କଲେ। ଯେତେବେଳେ ପ୍ରେମୀ ଓ ପ୍ରେମାସ୍ପଦ ଦୁହେଁ ଏକ ସମାନ ହୋଇଥାନ୍ତି, ସେମାନଙ୍କ ମଧ୍ୟରେ ଛୋଟ ବଡ଼ ଭେଦଭାବ ରହେ ନାହିଁ, ସେତେବେଳେ ହିଁ ପ୍ରେମଲୀଳା ସମ୍ଭବ ହୁଏ। ସେଥିପାଇଁ ଭଗବାନ ଜୀବମାନଙ୍କୁ ନିଜ ସମାନ କରିଦେଲେ ଅର୍ଥାତ୍ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କଲେ। ଏହି ପ୍ରେମଲୀଳାରେ ଶ୍ରୀରାଧାଙ୍କର କେବଳ ଭଗବାନଙ୍କ ପ୍ରତି ଆକର୍ଷଣ ରହିଲା, ତାଙ୍କର କୌଣସି ଭୁଲ୍ ହେଲା ନାହିଁ, କିନ୍ତୁ ଅନ୍ୟ ଜୀବମାନେ ମିଳିଥିବା ସ୍ୱାଧୀନତାର ଦୁରୁପଯୋଗ କରି ଲୀଳାରେ ବ୍ୟବହାର୍ଯ୍ୟ ବସ୍ତୁଗୁଡ଼ିକୁ (ସଂସାରକୁ) ନିଜର ମନେକଲେ ଏବଂ ସେଗୁଡ଼ିକ ପ୍ରତି ଆକୃଷ୍ଟ ହୋଇଗଲେ! ସେମାନେ ଭଗବାନଙ୍କୁ ପ୍ରେମ ନ କରି ତାଙ୍କ ଦ୍ୱାରା ପ୍ରଦତ୍ତ ବସ୍ତୁଗୁଡ଼ିକରେ ରମଣ କରିବାକୁ ଲାଗିଲେ। ସେମାନେ ନିଜେ ସେଗୁଡ଼ିକର ମାଲିକ ହୋଇଗଲେ ଏବଂ ନିଜର ମାଲିକକୁ ଭୁଲିଗଲେ। ସେମାନେ ବସ୍ତୁଗୁଡ଼ିକୁ ତ ନିଜର ମାନିନେଲେ, କିନ୍ତୁ ସେଗୁଡ଼ିକୁ ଯିଏ ଦେଇଥିଲା, ସେହି ଦାତା ପ୍ରତି ବିମୁଖ ହୋଇଗଲେ। ଏହିରୂପେ ପ୍ରାପ୍ତ ସ୍ୱାଧୀନତାର ଦୁରୁପଯୋଗ କରି ଜୀବ ପରାଧୀନ ହୋଇଗଲା ଓ ଜନ୍ମମରଣରୂପକ ବନ୍ଧନରେ ପଡ଼ିଗଲା।

ଭଗବାନ ଅନୁଗ୍ରହ କରି ଜୀବକୁ ବିବେକ ପ୍ରଦାନ କରନ୍ତି। ମନୁଷ୍ୟ ସେହି ବିବେକକୁ ମହତ୍ତ୍ୱ ଦେଲେ ଭଗବାନ ତାକୁ ବୋଧ ପ୍ରଦାନ କରନ୍ତି। ବୋଧ ପ୍ରାପ୍ତ କରି ମନୁଷ୍ୟ ନିଜକୁ ପୂର୍ଣ୍ଣ ଅନୁଭବ କରେ ଏବଂ 'ମୁଁ ଧନ୍ୟ! ମୁଁ ଧନ୍ୟ!!' କହି ହର୍ଷିତ ହୋଇଉଠେ। କିନ୍ତୁ ଏହା ମଧ୍ୟ ତା'ର ଏକପ୍ରକାର ଭୁଲ୍। ବାସ୍ତବରେ ଏହି ପୂର୍ଣ୍ଣତ୍ୱ ଆମର ନିଜର ନୁହେଁ, ବରଂ ଏହି ପୂର୍ଣ୍ଣତ୍ୱର ଦାତା ହିଁ ଆମର ନିଜର। ଏଣୁ ଆମର ପୂର୍ଣ୍ଣତ୍ୱ ଆବଶ୍ୟକ ନାହିଁ, ଭଗବାନ

ଆବଶ୍ୟକ। ମନୁଷ୍ୟ ମୁକ୍ତ ଓ ସ୍ୱାଧୀନ ହୋଇ ଭଗବାନଙ୍କ ସହ ପ୍ରେମ ଆଦାନପ୍ରଦାନ କରିବ—ଏହି ଉଦ୍ଦେଶ୍ୟରେ ଭଗବାନ ତାକୁ ବୋଧ ପ୍ରଦାନ କରନ୍ତି। କିନ୍ତୁ ମନୁଷ୍ୟ ଯେତେବେଳେ ସେହି ବୋଧରେ ସନ୍ତୁଷ୍ଟ ହୋଇ ଭଗବାନଙ୍କୁ ଭୁଲିଯାଏ, ସେତେବେଳେ ଭଗବାନ ତା' ଉପରେ କୃପା କରି ତାକୁ ପ୍ରେମାସ୍ୱାଦନ କରାଇବା ଉଦ୍ଦେଶ୍ୟରେ ସେହି ବୋଧକୁ ମଧ୍ୟ ନୀରସ କରି ଦିଅନ୍ତି! ସେଥିପାଇଁ ବୋଧବାନ୍ ମନୁଷ୍ୟକୁ କେବେ କେବେ ନିଜ ମଧ୍ୟରେ ଅପାର ଆନନ୍ଦ ଅନୁଭୂତ ହୁଏ ତ ଆଉ କେବେ କେବେ ନୀରସତା ଅନୁଭୂତ ହୁଏ, କେବେ କେବେ ପୂର୍ଣ୍ଣତ୍ୱ ଦେଖାଯାଏ ତ ଆଉ କେବେ ନ୍ୟୂନତା ଦେଖାଯାଏ। କହିବାର ଉଦ୍ଦେଶ୍ୟ ହେଲା ଯେ ସାଧକ ହୁଏତ ଭଗବାନଙ୍କୁ ଭୁଲିଯାଇ ପାରେ, ଭଗବାନ କଦାପି ତାକୁ ଭୁଲନ୍ତି ନାହିଁ, ସେ ତାକୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଚେଷ୍ଟା କରନ୍ତି।

ଭଗବାନଙ୍କର ଏହା ଉଦାର ସ୍ୱଭାବ ଯେ, ସେ କିଛି ଦେବାବେଳେ ଏତେ ବିଚିତ୍ର ଢଙ୍ଗରେ ନିଜକୁ ଗୁପ୍ତ ରଖି ଦିଅନ୍ତି ଯେ ନେଉଥିବା ଲୋକକୁ ତାହା ତା'ର ନିଜର ପରି ମନେହୁଏ! ସଂସାରରେ ଦେଉଥିବା ଲୋକ ବଡ଼ ଓ ନେଉଥିବା ଲୋକ ଛୋଟ ବୋଲି ବିବେଚିତ ହୁଏ। ଏଥିପାଇଁ ଭଗବାନ ନିଜକୁ ଗୁପ୍ତ ରଖି ଦିଅନ୍ତି, ଯଦ୍ଦ୍ୱାରା ତାଙ୍କ ନିଜଠାରେ ବଡ଼ପଣିଆ ଆସିବ ନାହିଁ କି ନେଉଥିବା ଲୋକ ନିଜକୁ ଛୋଟ ଭାବିବ ନାହିଁ! ମିଳିଥିବା ବସ୍ତୁଗୁଡ଼ିକ ପାଇଁ ନିଜଠାରେ ଅଭିମାନକୁ ସ୍ଥାନ ଦେବା ଉଚିତ ନୁହେଁ, ବରଂ ଏଥିପାଇଁ ଭଗବାନଙ୍କ ନିକଟରେ କୃତଜ୍ଞ ରହିବା ଉଚିତ। ଯେତେବେଳେ ନେଉଥିବା ବ୍ୟକ୍ତି ପ୍ରାପ୍ତ ବସ୍ତୁଗୁଡ଼ିକୁ ନିଜର ମନେ ନ କରି ସେଗୁଡ଼ିକର ଦାତା ଭଗବାନଙ୍କୁ ନିଜର ମନେକରେ, ସେତେବେଳେ ଭଗବାନ ତା'ର ଋଣୀ ହୋଇଯାଆନ୍ତି ଏବଂ କହନ୍ତି—**'ମୁଁ ଅଟେ ଭକତର ଦାସ, ଭକତ ମୋହର ସର୍ବସ୍ୱ'**!

ଭକ୍ତ ନିଜକୁ ଭଗବାନଙ୍କ ନିକଟରେ ସମର୍ପିତ କରିଦେଲେ ଭଗବାନ ମଧ୍ୟ ନିଜକୁ ଭକ୍ତ ନିକଟରେ ସମର୍ପିତ କରି ଦିଅନ୍ତି। ଭକ୍ତ ଭଗବାନଙ୍କୁ ପ୍ରେମରସ ପ୍ରଦାନ କରେ ଏବଂ ଭଗବାନ ମଧ୍ୟ ଭକ୍ତକୁ ପ୍ରେମରସ ପ୍ରଦାନ କରନ୍ତି—**'ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍'** (ଗୀତା ୪।୧୧)। ଏହି ପ୍ରତିକ୍ଷଣ ବର୍ଦ୍ଧମାନ ପ୍ରେମଲୀଳାରେ କିଏ ଭକ୍ତ ଓ କିଏ

ଭଗବାନ, ତାହା ଜଣାପଡ଼େ ନାହିଁ । ମୁକ୍ତିର ରସ ଅଖଣ୍ଡ, କିନ୍ତୁ ପ୍ରେମର ରସ ଅନନ୍ତ । ଏହି ଅନନ୍ତ ରସ ଲାଭ କରିବାରେ ହିଁ ମାନବଜୀବନର ପୂର୍ଣ୍ଣତ୍ୱ ନିହିତ ।

୩. ଭଗବାନ ପ୍ରେମର ଅଧୀନ

ଭଗବଦ୍‌ପ୍ରେମରେ କେତେ ଯେ ଆନନ୍ଦ ଅଛି, ତାହାର ବର୍ଣ୍ଣନା ଅସମ୍ଭବ । ସେହି ପ୍ରେମରେ ଯେଉଁ ଆନନ୍ଦ ଅଛି, ତାହା ମୁକ୍ତିରେ ବା ଜନ୍ମମରଣରୁ ମୁକ୍ତ ହେବାରେ ନାହିଁ । କାରଣ ମୁକ୍ତିରେ ବା ଜନ୍ମମରଣରୁ ମୁକ୍ତ ହୋଇଗଲେ ସମସ୍ତ ଦୁଃଖର ବିନାଶ ଘଟେ ଏବଂ ମନୁଷ୍ୟ ସନ୍ତୁଷ୍ଟ ହୋଇଯାଏ, କୃତକୃତ୍ୟ, ଜ୍ଞାତଜ୍ଞାତବ୍ୟ ଓ ପ୍ରାପ୍ତପ୍ରାପ୍ତବ୍ୟ ହୋଇଯାଏ; ମାତ୍ର ପ୍ରେମପ୍ରାପ୍ତି ହେଲେ ମନୁଷ୍ୟ ସନ୍ତୁଷ୍ଟ ହୁଏ ନାହିଁ, ବରଂ ତାହାର ଆନନ୍ଦ ଉତ୍ତରୋତ୍ତର ବୃଦ୍ଧି ପାଉଥାଏ । ସେହି ପ୍ରେମ ଅବିନାଶୀ ଓ ଚିନ୍ମୟ । ତାହା କୌଣସି କ୍ରିୟା, ଅଭ୍ୟାସ ବା ବିଗ୍ରହ ଦ୍ୱାରା ପ୍ରାପ୍ତ ହୁଏ ନାହିଁ । ବିଗ୍ରହ ଦ୍ୱାରା ଜଡ଼ତ୍ୱ ତ୍ୟାଗ ହୋଇପାରେ, ନିଜ ସ୍ୱରୂପର ବୋଧ ହୋଇପାରେ, କିନ୍ତୁ ପ୍ରେମପ୍ରାପ୍ତି ହୋଇଯିବା ସମ୍ଭବ ନୁହେଁ । ପ୍ରେମପ୍ରାପ୍ତି ହୁଏ 'ମୁଁ ଭଗବାନଙ୍କର ଓ ଭଗବାନ ମୋର'—ଏହି ବିଶ୍ୱାସ ପ୍ରଗାଢ଼ ହେଲେ । ଅନ୍ୟ ଶବ୍ଦରେ କହିଲେ ସଂସାର ପ୍ରତି ଯେଉଁ ଆକର୍ଷଣ ରହିଛି, ତାହା ଭଗବାନଙ୍କ ପ୍ରତି ହୋଇଗଲେ ପ୍ରେମପ୍ରାପ୍ତି ହୁଏ । ପ୍ରକୃତରେ ସେହି ପ୍ରେମର ଦାତା ମଧ୍ୟ ଭଗବାନ ।

ଭଗବାନଙ୍କ ପ୍ରଦତ୍ତ ସାମର୍ଥ୍ୟରେ ହିଁ ମନୁଷ୍ୟ କର୍ମଯୋଗୀ ହୁଏ, ତାଙ୍କ ପ୍ରଦତ୍ତ ଜ୍ଞାନରେ ମନୁଷ୍ୟ ଜ୍ଞାନୀ ହୁଏ ଏବଂ ତାଙ୍କ ପ୍ରଦତ୍ତ ପ୍ରେମରେ ମନୁଷ୍ୟ ପ୍ରେମୀ ହୁଏ । ମନୁଷ୍ୟଠାରେ ଯାହା ବି ବିଶେଷତ୍ୱ ଓ ବୈଚିତ୍ର୍ୟ ପରିଲକ୍ଷିତ ହୁଏ, ସେସବୁ ତାଙ୍କରି ଦାନ । ସବୁକିଛି ଦେଇ ମଧ୍ୟ ନିଜକୁ ପ୍ରକାଶ ନ କରିବା ତାଙ୍କର ସ୍ୱଭାବ ।

ଯଦି ଭଗବାନଙ୍କୁ କିଛି ମାଗିବାକୁ ଚାହାନ୍ତି, ତେବେ ପ୍ରେମ ହିଁ ମାଗନ୍ତୁ, କିଛି ପାଇବାକୁ ଚାହିଁଲେ ପ୍ରେମ ହିଁ ଚାହାନ୍ତୁ । କେବଳ ପ୍ରେମ ବ୍ୟତୀତ ମନୁଷ୍ୟର ଆଉ କିଛି ଦରକାର ନାହିଁ । ମନୁଷ୍ୟକୁ ସେହି ପ୍ରେମରସର ଆସ୍ୱାଦନ କରାଇବା ପାଇଁ ଭଗବାନ ମନୁଷ୍ୟରୂପରେ ଅବତାର ଗ୍ରହଣ କରି ସଂସାରକୁ ଆସନ୍ତି, ନିଜକୁ ବ୍ୟକ୍ତ କରନ୍ତି, ବିବିଧ ଲୀଳା କରନ୍ତି ଏବଂ

ତାଙ୍କ ହୃଦୟର ଚରମ ତଥା ସର୍ବଗୁହ୍ୟତମ (ସବୁଠୁ ଗୋପନୀୟ) କଥା ଶରଣାଗତି ସମ୍ବନ୍ଧରେ ଉପଦେଶ ପ୍ରଦାନ କରନ୍ତି* ।

ଭଗବାନ ମନୁଷ୍ୟର ସର୍ଜନା ନିଜ ସୁଖ ପାଇଁ କରି ନାହାନ୍ତି କି ତାହାକୁ ଭୋଗରେ ପ୍ରବୃତ୍ତ କରାଇବା ପାଇଁ କରି ନାହାନ୍ତି କିମ୍ବା ତା' ଉପରେ ଶାସନ କରିବାକୁ କରି ନାହାନ୍ତି, ବରଂ ଜୀବ ତାଙ୍କୁ ପ୍ରେମ କରିବ ଏବଂ ସେ ଜୀବକୁ ପ୍ରେମ କରିବେ, ଜୀବ ତାଙ୍କୁ ଆପଣାର କହିବ ଏବଂ ସେ ଜୀବକୁ ଆପଣାର କହିବେ, ଜୀବ ତାଙ୍କୁ ଦେଖୁଥିବ ଓ ସେ ଜୀବକୁ ଦେଖୁଥିବେ—ଏହି ଉଦ୍ଦେଶ୍ୟରେ ମନୁଷ୍ୟକୁ ସୃଷ୍ଟି କରିଛନ୍ତି । ଅଭିପ୍ରାୟ ହେଲା, ଭଗବାନ ମନୁଷ୍ୟକୁ ନିଜର ଦାସ (ଅଧୀନ) କରନ୍ତି ନାହିଁ, ବରଂ ନିଜ ସମାନ କରି ଦିଅନ୍ତି, ନିଜ ସମାନ ଆଦର ଦିଅନ୍ତି । ଭକ୍ତିରେ ମନୁଷ୍ୟ ଭଗବାନଙ୍କର ଦାସ ହୋଇଯାଉଥିବାରୁ ଭଗବାନ ଭକ୍ତି ଦେବାକୁ ସଂକୋଚ ବୋଧ କରନ୍ତି । ଏଣୁ ଭାଗବତରେ କୁହାଯାଇଛି—

ମୁକ୍ତିଂ ଦଦାତି କର୍ହିଚିତ୍ସ୍ମ ନ ଭକ୍ତିଯୋଗମ୍ । (ଶ୍ରୀମଦ୍ଭା. ୫ । ୬ । ୧୮)

"ଭଗବାନ ମୁକ୍ତି ତ ଦେଇ ଦିଅନ୍ତି, କିନ୍ତୁ ଭକ୍ତି ସହଜରେ ଦିଅନ୍ତି ନାହିଁ ।"

ଭଗବାନ ରାମଚନ୍ଦ୍ର କାକଭୁଶୁଣ୍ଡିକୁ ଯେତେବେଳେ ଅଣିମାଦି ସିଦ୍ଧି, ଜ୍ଞାନ, ବୈରାଗ୍ୟ, ମୁକ୍ତି ଇତ୍ୟାଦିର ବର ମାଗିବାକୁ କହିଲେ, ସେତେବେଳେ କାକଭୁଶୁଣ୍ଡି ବିଚାର କଲେ ଯେ ଭଗବାନ ସବୁକିଛି ଦେବା ପାଇଁ କହିଲେ, ହେଲେ ନିଜର ଭକ୍ତି ଦେବା ପାଇଁ ତ କହିଲେ ନାହିଁ !—

ସୁନି ପ୍ରଭୁ ବଚନ ଅଧିକ ଅନୁରାଗେଉଁ । ମନ ଅନୁମାନ କରନ ତବ ଲାଗେଉଁ ॥
ପ୍ରଭୁ କହ ଦେନ ସକଲ ସୁଖ ସହୀ । ଭଗତି ଆପନୀ ଦେନ ନ କହୀ ॥
ଭଗତି ହୀନ ଗୁନ ସବ ସୁଖ ଐସେ । ଲବନ ବିନା ବହୁ ବିଂଜନ ଜୈସେ ॥

(ମାନସ, ଉତ୍ତର. ୮୪ । ୨,୩)

ସେଥିପାଇଁ କାକଭୁଶୁଣ୍ଡି ଅନ୍ୟ କିଛି ନ ମାଗି ଭକ୍ତିର ବର ମାଗିଲେ । ଏଥିରେ ଭଗବାନ ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ 'ଏବମସ୍ତୁ' କହି କହିଲେ—

---

* ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥ (ଗୀତା ୧୮ । ୬୬)

"ସମସ୍ତ ଧର୍ମର ଆଶ୍ରୟ ଛାଡ଼ି ତୁମେ କେବଳ ମୋର ଶରଣକୁ ଆସିଯାଅ । ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ତୁମେ ଚିନ୍ତା କର ନାହିଁ ।"

ସୁନୁ ବାୟସ ତୈଁ ସହଜ ସୟାନା । କାହେ ନ ମାଗସି ଅସ ବରଦାନା ॥
ସବ ସୁଖ ଖାନି ଭଗତି ତୈଁ ମାଗୀ । ନହିଁ ଜଗ କୋଉ ତୋହି ସମ ବଡ଼ ଭାଗୀ ॥
ଜୋ ମୁନି କୋଟି ଜତନ ନହିଁ ଲହହୀଁ । ଜେ ଜପ ଜୋଗ ଅନଲ ତନ ଦହହୀଁ ॥
ରୀଝେଉଁ ଦେଖି ତୋରି ଚତୁରାଈ । ମାଗେହୁ ଭଗତି ମୋହି ଅତି ଭାଈ ॥

(ମାନସ, ଉତ୍ତର. ୮୫ । ୧—୩)

ତାତ୍ପର୍ଯ୍ୟ ହେଲା ଯେ ଭଗବାନ ତାଙ୍କ ଆଡ଼ୁ ଭକ୍ତି ଦିଅନ୍ତି ନାହିଁ, କିନ୍ତୁ କେହି କେବଳ ଭକ୍ତି ମାଗିଲେ ସେ ଭକ୍ତି ଦେଇ ଅତ୍ୟନ୍ତ ପ୍ରସନ୍ନ ହୁଅନ୍ତି; କାରଣ ଭକ୍ତିରେ ଭଗବାନ ଓ ଭକ୍ତ ଉଭୟଙ୍କୁ ଆନନ୍ଦ ମିଳେ । ସେଥିପାଇଁ ଭଗବାନ ଭକ୍ତି ମାଗୁଥିବା ଭକ୍ତକୁ ଭକ୍ତି ପ୍ରଦାନ କରି ନିଜେ ତାହାର ଦାସ ହୋଇଯାଆନ୍ତି ।

'ମୁଁ ଅଟେ ଭଗତର ଦାସ । ଭକତ ମୋହର ସର୍ବସ୍ୱ ॥

ଭଗବାନ ଦୁର୍ବାସାଙ୍କୁ କହିଛନ୍ତି—

ଅହଂ ଭକ୍ତପରାଧୀନୋ ହ୍ୟସ୍ୱତନ୍ତ୍ର ଇବ ଦ୍ୱିଜ ।
ସାଧୁଭିର୍ଗ୍ରସ୍ତହୃଦୟୋ ଭକ୍ତୈର୍ଭକ୍ତଜନପ୍ରିୟଃ ॥

(ଶ୍ରୀମଭା. ୯ । ୪ । ୬୩)

''ହେ ଦ୍ୱିଜ! ମୁଁ ଭକ୍ତମାନଙ୍କର ସମ୍ପୂର୍ଣ୍ଣ ଅଧୀନ, ଆଦୌ ସ୍ୱତନ୍ତ୍ର ନୁହେଁ । ଭକ୍ତଜନ ମୋର ଅତ୍ୟନ୍ତ ପ୍ରିୟ । ମୋ ହୃଦୟ ଉପରେ ସେମାନଙ୍କର ପୂର୍ଣ୍ଣ ଅଧିକାର ରହିଛି ।''

ମୟି ନିର୍ବଦ୍ଧହୃଦୟାଃ ସାଧବଃ ସମଦର୍ଶିନାଃ ।
ବଶୀକୁର୍ବନ୍ତି ମାଂ ଭକ୍ତ୍ୟା ସଦ୍‌ସ୍ତ୍ରିୟଃ ସତ୍ପତିଂ ଯଥା ॥

(ଶ୍ରୀମଭା. ୯ । ୪ । ୬୬)

''ସତୀ ସ୍ତ୍ରୀ ଯେପରି ନିଜର ପତିବ୍ରତା ଧର୍ମ ଦ୍ୱାରା ସଦାଗ୍ରରୀ ପତିକୁ ବଶ କରିଦିଏ, ସେହିପରି ମୋ ସହିତ ନିଜ ନିଜର ହୃଦୟକୁ ପ୍ରେମବନ୍ଧନରେ ବାନ୍ଧି ରଖିଥିବା ସମଦର୍ଶୀ ସାଧୁଜନ ଭକ୍ତି ଦ୍ୱାରା ମୋତେ ସେମାନଙ୍କର ବଶ କରିଦିଅନ୍ତି ।''

ଭଗବାନ କୌଣସି ସାଧନା ବଳରେ ବଶୀଭୂତ ହୁଅନ୍ତି ନାହିଁ, କିନ୍ତୁ ଭକ୍ତିରେ ବଶୀଭୂତ ହୋଇଯାଆନ୍ତି । ସେଥିପାଇଁ ଭଗବାନ କହିଛନ୍ତି—

ନ ସାଧୟତି ମାଂ ଯୋଗେ ନ ସାଙ୍ଖ୍ୟଂ ଧର୍ମ ଉଦ୍ଧବ।
ନ ସ୍ୱାଧ୍ୟାୟସ୍ତପସ୍ତ୍ୟାଗୋ ଯଥା ଭକ୍ତିର୍ମମୋର୍ଜିତା ॥

(ଶ୍ରୀମଭା. ୧୧।୧୪।୨୦)

"ହେ ଉଦ୍ଧବ! ମୋତେ ବଶୀଭୂତ କରିବାରେ ଅନନ୍ୟ ଭକ୍ତି ଯେତେ ସମର୍ଥ, ଯୋଗ, ସାଙ୍ଖ୍ୟ (ଜ୍ଞାନ), ଧର୍ମ, ସ୍ୱାଧ୍ୟାୟ, ତପ ଓ ତ୍ୟାଗ ମଧ୍ୟ ସେତେ ସମର୍ଥ ନୁହେଁ।"

ପରାଧୀନ ହୋଇଥିବାରୁ ଜୀବକୁ ସ୍ୱାଧୀନ ହେଲେ ଆନନ୍ଦ ମିଳେ, କିନ୍ତୁ ପରମ ସ୍ୱତନ୍ତ୍ର ହୋଇଥିବାରୁ ଭଗବାନଙ୍କୁ ପରାଧୀନ ହେବାରେ ଆନନ୍ଦ ମିଳେ! କାରଣ ଜୀବ ପାଇଁ ସ୍ୱାଧୀନତା ଦୁର୍ଲଭ ଏବଂ ଭଗବାନଙ୍କ ପାଇଁ ପରାଧୀନତା ଦୁର୍ଲଭ।

୪. ନିତ୍ୟବିରହ ଓ ନିତ୍ୟମିଳନ

'ମୁଁ ଭଗବାନଙ୍କର ଓ ଭଗବାନ ମୋର'—ଏହିପରି ଆତ୍ମୀୟତା ସଙ୍ଗେ ଅନ୍ୟ କୌଣସି ସାଧନ ବା ଭଜନ ସମକକ୍ଷ ନୁହେଁ। ଆତ୍ମୀୟତାରୁ ଆନନ୍ଦଘନ ପରମାତ୍ମାଙ୍କୁ ମଧ୍ୟ ଆନନ୍ଦ ମିଳେ। ଭଗବାନ ତାଙ୍କ ଆତ୍ମୀୟଜନଙ୍କୁ ସର୍ବସ୍ୱ ଦେଇଦିଅନ୍ତି। ଭଗବାନ ସେମାନଙ୍କୁ ନିଜର ଅନନ୍ତରସ (ପ୍ରେମ) ପ୍ରଦାନ କରନ୍ତି। କିନ୍ତୁ ଯେଉଁମାନେ ପରାଧୀନତା ଓ ଜନ୍ମମରଣର ବନ୍ଧନ ହେତୁ ଦୁଃଖୀ ହୋଇ ମୁକ୍ତିର କାମନା କରନ୍ତି, ଭଗବାନ ସେମାନଙ୍କୁ ମୁକ୍ତି ପ୍ରଦାନ କରନ୍ତି ସିନା, କିନ୍ତୁ ନିଜେ ଲୁଚି ରହନ୍ତି। ଯେତେବେଳେ ମୁକ୍ତ ପୁରୁଷକୁ ମୁକ୍ତିରେ ମଧ୍ୟ ସନ୍ତୁଷ୍ଟି ମିଳେ ନାହିଁ, ସେତେବେଳେ ତା'ଠାରେ ଅନନ୍ତରସ ପାଇଁ ଅଭିଳାଷ ଜାଗ୍ରତ ହୁଏ। ମୁକ୍ତ ହୋଇଗଲେ ନାଶବାନ୍ ରସର କାମନା ନଷ୍ଟ ହୋଇଯାଏ ସତ, କିନ୍ତୁ ଅନନ୍ତରସର ଅଭିଳାଷ ନଷ୍ଟ ହୁଏ ନାହିଁ। ସେଥିପାଇଁ ବ୍ରହ୍ମସୂତ୍ରରେ କୁହାଯାଇଛି—

ମୁକ୍ତୋପସୃପ୍ୟବ୍ୟପଦେଶାତ୍। (୧।୩।୨)

"ସେହି ପ୍ରେମସ୍ୱରୂପ ଭଗବାନ ମୁକ୍ତ ପୁରୁଷଙ୍କ ପାଇଁ ମଧ୍ୟ ପ୍ରାପ୍ତବ୍ୟ ବୋଲି କୁହାଯାଇଛି।" ଏଥିପାଇଁ ଭଗବାନଙ୍କର ଗୋଟିଏ ନାମ ହେଉଛି 'ଆତ୍ମାରାମଗଣାକର୍ଷୀ'।

ବୋଧରେ ଅନନ୍ତରସ ନ ଥାଏ, ଏହା ପ୍ରେମରେ ଥାଏ। ଏହି ଅନନ୍ତରସର ଅଭିଳାଷ ହିଁ ଜୀବର ପ୍ରକୃତ ତଥା ଚରମ ଅଭିଳାଷ ଏବଂ ପ୍ରେମପ୍ରାପ୍ତି ହିଁ

ଜୀବର ବାସ୍ତବିକ ତଥା ଚରମ ଲାଭ। ମୁକ୍ତିର ସୀମା ଅଛି,* କିନ୍ତୁ ପ୍ରେମର କୌଣସି ସୀମା ନ ଥାଏ। ପ୍ରେମପ୍ରାପ୍ତି ପାଇଁ 'ଭଗବାନ କିପରି'—ଏହା ଜାଣିବା ଦରକାର ନାହିଁ, ବରଂ 'ଭଗବାନ ମୋର ନିଜର'—ଏହା ମାନିବା ଆବଶ୍ୟକ। 'ଭଗବାନ ମୋର ନିଜର'—ଏହି ଆତ୍ମୀୟତା ଭକ୍ତ ଓ ଭଗବାନ ଉଭୟଙ୍କୁ ଆନନ୍ଦ ଓ ଅନନ୍ତରସ ପ୍ରଦାନ କରେ। କୌଣସି ବସ୍ତୁ ସମ୍ବନ୍ଧରେ ଜ୍ଞାନ ହୋଇଗଲେ କେବଳ ଅଜ୍ଞାନ ହିଁ ଦୂର ହୁଏ, କିଛି ମିଳେ ନାହିଁ। କିନ୍ତୁ 'ଏହି ଜିନିଷଟି ମୋର'—ଏପରି ତାହା ସହିତ ମମତା ହୋଇଗଲେ ସେଥିରୁ ଏକପ୍ରକାର ରସ ମିଳେ। ଅଭିପ୍ରାୟ ହେଲା, ବସ୍ତୁ ପ୍ରତି ଆକର୍ଷଣରେ ଯେତେ ଆନନ୍ଦ, ବସ୍ତୁକୁ ଜାଣିବାରେ ସେତେ ଆନନ୍ଦ ନ ଥାଏ। ସାଂସାରିକ ବସ୍ତୁ ପ୍ରତି ଆକର୍ଷଣ ତ ନିଜ ସୁଖ ପାଇଁ ହୁଏ, କିନ୍ତୁ ଭଗବାନଙ୍କ ପ୍ରତି ଆକର୍ଷଣ ତାଙ୍କୁ ସୁଖ ଦେବା ପାଇଁ ହୋଇଥାଏ—'**ତତ୍ସୁଖେ ସୁଖିତ୍ୱମ୍ ।**' ଏହି କାରଣରୁ ସାଂସାରିକ ଆକର୍ଷଣ ସମାପ୍ତ ହୋଇଯାଉଥିବା ସ୍ଥଳେ ଭଗବାନଙ୍କ ପ୍ରତି ଆକର୍ଷଣ ସମାପ୍ତ ହୁଏ ନାହିଁ। ଭୋଗେଚ୍ଛାର ଅନ୍ତ ହୁଏ, ମୁମୁକ୍ଷା ଅଥବା ଜିଜ୍ଞାସାର ପୂର୍ତ୍ତି ହୁଏ, କିନ୍ତୁ ପ୍ରେମପିପାସାର ଅନ୍ତ ହୁଏ ନାହିଁ କି ପୂର୍ତ୍ତି ହୁଏ ନାହିଁ, ବରଂ ତାହା ପ୍ରତିକ୍ଷଣ ବୃଦ୍ଧି ପାଉଥାଏ—'**ପ୍ରତିକ୍ଷଣବର୍ଦ୍ଧମାନମ୍**' (ନାରଦଭକ୍ତିସୂତ୍ର ୫୪)।

ପ୍ରେମୀକୁ ସବୁବେଳେ ନିଜଠାରେ ପ୍ରେମର ସ୍ୱଳ୍ପତା ଦେଖାଯାଏ। ଯେପରି ଧନୀ ଲୋକକୁ ସବୁବେଳେ ଧନ କମ୍ ଜଣାପଡୁଥାଏ, ଧନ ଯେତେ ଅଧିକ ହୁଏ, ତାକୁ ସେତେ କମ୍ ଜଣାପଡ଼େ,† ସେହିପରି ପ୍ରେମୀକୁ ନିଜଠାରେ

---

* ଯସ୍ତ୍ୱାତ୍ମରତିରେବ ସ୍ୟାଦାତ୍ମତୃପ୍ତଶ୍ଚ ମାନବଃ।
ଆତ୍ମନ୍ୟେବ ଚ ସନ୍ତୁଷ୍ଟସ୍ତସ୍ୟ କାର୍ଯ୍ୟଂ ନ ବିଦ୍ୟତେ ॥

(ଗୀତା ୩। ୧୭)

"ଯେଉଁ ମନୁଷ୍ୟ ନିଜଠାରେ ହିଁ ରମଣ କରେ ଏବଂ ନିଜଠାରେ ହିଁ ତୃପ୍ତ ତଥା ସନ୍ତୁଷ୍ଟ, ତା' ପାଇଁ କୌଣସି କର୍ତ୍ତବ୍ୟ ବାକି ନାହିଁ।"

† ବାସ୍ତବରେ *'ଜିମି ପ୍ରତିଲାଭ ଲୋଭ ଅଧିକାଈ'* ରୂପକ ବୃତ୍ତି ପ୍ରତିକ୍ଷଣବର୍ଦ୍ଧମାନ ଭଗବତ୍‌ପ୍ରେମ ପାଇଁ ହିଁ ଜୀବଠାରେ ଥିଲା, କିନ୍ତୁ ତାହାକୁ ସେ ସଂସାରରେ, ଭୋଗ ଓ ସଂଗ୍ରହରେ ଲଗାଇଦେଲା। ଜୀବଠାରେ ତ ଅବିନାଶୀ ଭଗବାନଙ୍କ ପ୍ରତି ଆକର୍ଷଣ ରହିଥିଲା, କିନ୍ତୁ ସେହି ଆକର୍ଷଣକୁ ସେ ନାଶବାନ୍ ସଂସାରରେ ଲଗାଇଦେଲା। ଆକର୍ଷଣ ତ ପୂର୍ବବତ୍ ରହିଲା, କିନ୍ତୁ କୁସଙ୍ଗରୁ, ଭୋଗର ସୁଖ ଉପଭୋଗ କରିବାରୁ ସେହି ଆକର୍ଷଣର ଲକ୍ଷ୍ୟ ପରିବର୍ତ୍ତିତ ହୋଇଗଲା। ସାଂସାରିକ ଆକର୍ଷଣ ପତନ ଆଡ଼କୁ ଟାଣିନିଏ ଏବଂ ଭଗବାନଙ୍କ ପ୍ରତି ଆକର୍ଷଣ (ପ୍ରେମ) ଉତ୍‌ଥାନ ଦିଗରେ ଆଗେଇ ନିଏ। ସାଂସାରିକ ଆକର୍ଷଣ ପ୍ରତିକ୍ଷଣ

ପ୍ରେମର ସ୍ୱଳ୍ପତା ହିଁ ପରିଲକ୍ଷିତ ହେଉଥାଏ । ସେଥିପାଇଁ ପ୍ରେମକୁ ପ୍ରତିକ୍ଷଣବର୍ଦ୍ଧମାନ କୁହାଯାଇଛି । ଯଦି ପ୍ରେମୀକୁ ପ୍ରେମରେ ସ୍ୱଳ୍ପତା ପରିଲକ୍ଷିତ ହେଉ ନ ଥାନ୍ତା, ତେବେ ପ୍ରେମ ବଢ଼ନ୍ତା କିପରି? ନିଜକୁ ପୂର୍ଣ୍ଣ ମନେ ନ କରିବା, ନିଜଠାରେ ସର୍ବଦା ପ୍ରେମର ନ୍ୟୂନତା ଅନୁଭବ କରିବା ହିଁ 'ନିତ୍ୟବିରହ' । ନିତ୍ୟବିରହ ଓ ନିତ୍ୟମିଳନ (ନିତ୍ୟଯୋଗ) ଦୁଇଟିଯାକ ନିତ୍ୟ । ଏଣୁ ଏଥିରେ ପ୍ରେମାସ୍ପଦଙ୍କ ସହିତ ମିଶିବାର ଲାଳସା ପୂର୍ଣ୍ଣ ହୁଏ ନାହିଁ କି ପ୍ରେମାସ୍ପଦଙ୍କ ଠାରୁ ବିୟୋଗ ହୁଏ ନାହିଁ । ନିତ୍ୟବିରହରେ ପ୍ରେମ ବର୍ଦ୍ଧିତ ହୁଏ ଏବଂ ନିତ୍ୟମିଳନରେ ପ୍ରେମରେ ପ୍ରାଣସଞ୍ଚାର ହୁଏ, ସେଥିରେ ଚେତନତା ଓ ଅତ୍ୟନ୍ତ ବିଲକ୍ଷଣତା ଆସେ । ନିତ୍ୟବିରହ ଓ ନିତ୍ୟମିଳନ ପ୍ରେମର ହିଁ ଦୁଇଟି ରୂପ ।

ଅରବରାତ ମଲିବେକୋ ନିସିଦିନ,
ମିଲେଇ ରହତ ମନୁ କବହୁଁ ମିଲୈ ନା ।
'ଭଗବତରସିକ' ରସିକ କୀ ବାତେଁ,
ରସିକ ବିନା କୋଉ ସମୁଝି ସକୈ ନା ॥

ଗୋସ୍ୱାମୀ ତୁଳସୀଦାସ ନିତ୍ୟବିରହ ଓ ନିତ୍ୟମିଳନର ଉଦାହରଣ ଦେଇ ମାତା କୌଶଲ୍ୟାଙ୍କ ଅବସ୍ଥାର ବର୍ଣ୍ଣନ କରୁଛନ୍ତି—

ମାଈ ରୀ! ମୋହି କୋଉ ନ ସମୁଝାୱୈ ।
ରାମ-ଗୱନ ସାଁଚ୍ୱେ କିଧୌଁ ସପନୋ, ମନ ପରତୀତି ନ ଆୱୈ ॥ ୧ ॥
ଲଗେଇ ରହତ ମେରେ ନୈନନି ଆଗେ, ରାମ ଲଖନ ଅରୁ ସୀତା ।
ତଦପି ନ ମିଟତ ଦାହ ୟା ଉରକୋ, ବିଧି ଜୋ ଭୟୋ ବିପରୀତା ॥ ୨ ॥
ଦୁଖ ନ ରହୈ ରଘୁପତିହି ବିଲୋକତ, ତନୁ ନ ରହୈ ବିନୁ ଦେଖେ ।
କରତ ନ ପ୍ରାନ ପ୍ରୟାନ, ସୁନହୁ ସଖି! ଅରୁଝି ପରୀ ୟହି ଲେଖେ ॥ ୩ ॥
କୌସଲ୍ୟା କେ ବିରହ-ବଚନ ସୁନି ରୋଇ ଉଠୀଁ ସବ ରାନୀ ।
ତୁଲସୀଦାସ ରଘୁବୀର-ବିରହକୀ ପୀର ନ ଜାତି ବଖାନୀ ॥ ୪ ॥

(ଗୀତାବଳୀ, ଅଯୋଧ୍ୟା. ୫୩)

ଏହି ନିତ୍ୟବିରହ ଓ ନିତ୍ୟମିଳନ ମଧ୍ୟ ଭଗବାନ ନିଜପକ୍ଷରୁ କୃପା କରି ପ୍ରଦାନ କରନ୍ତି ।

✦✦✦

କ୍ଷୟ ହୋଇ ହୋଇ ଦୁଃଖରେ ଓ ନୀରସତାରେ ପରିଣତ ହୁଏ, କିନ୍ତୁ ଭଗବାନଙ୍କ ପ୍ରତି ଆକର୍ଷଣ ପ୍ରତିକ୍ଷଣବର୍ଦ୍ଧମାନ ଆନନ୍ଦରେ ପରିଣତ ହୋଇଯାଏ ।

୫. ସର୍ବଶ୍ରେଷ୍ଠ ସାଧନ

ଭଗବାନଙ୍କୁ ପାଇବାର ତିନୋଟି ସାଧନ ଅଛି—

୧. ଜଗତରେ ଭଗବାନଙ୍କୁ ଦେଖିବା—**'ଯୋ ମାଂ ପଶ୍ୟତି ସର୍ବତ୍ର'**

(ଗୀତା ୬ । ୩୦)

୨. ଭଗବାନଙ୍କ ଠାରେ ଜଗତକୁ ଦେଖିବା—**'ସର୍ବଂ ଚ ମୟି ପଶ୍ୟତି'**

(ଗୀତା ୬ । ୩୦)

୩. ଜଗତକୁ ଭଗବତ୍‌ସ୍ୱରୂପ ଦେଖିବା—**'ବାସୁଦେବଃ ସର୍ବମ୍'**

(ଗୀତା ୭ । ୧୯)

—ଏ ତିନୋଟି ମଧ୍ୟରୁ ଶୀଘ୍ର ଭଗବତ୍‌ପ୍ରାପ୍ତିକାରକ ଓ ସର୍ବଶ୍ରେଷ୍ଠ ସାଧନ ହେଉଛି ଜଗତକୁ ଭଗବତ୍‌ସ୍ୱରୂପ ଦେଖିବା ଅର୍ଥାତ୍ 'ସବୁକିଛି ଭଗବାନ' ବୋଲି ସ୍ୱୀକାର କରିବା । ଏହି ସାଧନଟିକୁ ସର୍ବଶ୍ରେଷ୍ଠ କହିବାର କାରଣ ହେଲା ଯେ ଯେଉଁ ଭାବ (**ବାସୁଦେବଃ ସର୍ବମ୍**) ପ୍ରଥମ ଦୁଇଟି ସାଧନର ଶେଷରେ ଆସେ, ସେହି ଭାବ ଏହି (ତୃତୀୟ) ସାଧନର ଆରମ୍ଭରୁ ହିଁ ଆସିଥାଏ । ଶ୍ରୀମଦ୍ଭାଗବତରେ ଅଛି—

ଅୟଂ ହି ସର୍ବକଳ୍ପାନାଂ ସଧ୍ରୀଚୀନୋ ମତୋ ମମ ।
ମଦ୍ଭାବଃ ସର୍ବଭୂତେଷୁ ମନୋବାକ୍‌କାୟବୃତ୍ତିଭିଃ ॥

(୧୧ । ୨୯ । ୧୯)

"ମୋତେ ପାଇବା ପାଇଁ ଯେତେ ସବୁ ସାଧନ ରହିଛି, ସେଥିମଧ୍ୟରୁ ମୋ ମତରେ ସର୍ବଶ୍ରେଷ୍ଠ ସାଧନ ହେଲା ସମସ୍ତ ପ୍ରାଣୀ ଓ ପଦାର୍ଥରେ ତଥା କାୟମନୋବାକ୍ୟର ସମସ୍ତ ବ୍ୟବହାରରେ ମୋତେ ଦେଖିବା ।"

ଉପନିଷଦ୍‌ରେ ଏ କଥା ବୁଝାଇବା ପାଇଁ ତିନୋଟି ଜିନିଷର ଦୃଷ୍ଟାନ୍ତ ଦିଆଯାଇଛି—ସୁନା, ଲୁହା ଓ ମାଟି । ସୁନାରେ ଅନେକ ଗହଣା ତିଆରି କରାଯାଏ । ସେହି ଗହଣାଗୁଡ଼ିକର ଆକୃତି, ନାମ, ରୂପ, ଓଜନ, ଉପଯୋଗ ଆଦି ଭିନ୍ନ ଭିନ୍ନ ହୋଇଥାଏ, କିନ୍ତୁ ସବୁଥିରେ ସୁନା ହିଁ ରହିଥାଏ । ସୁନା ବ୍ୟତୀତ ସେଥିରେ ଆଉ କିଛି ନ ଥାଏ । ଲୁହାରେ ଅନେକ ଅସ୍ତ୍ରଶସ୍ତ୍ର ତିଆରି ହୁଏ, କିନ୍ତୁ ସେଗୁଡ଼ିକରେ କେବଳ ଲୁହା ବ୍ୟତୀତ ଅନ୍ୟ କିଛି ନ ଥାଏ ।

ସେହିପରି ମାଟିରେ ଅନେକ ପାତ୍ର ତିଆରି ହୁଏ, କିନ୍ତୁ ସେଗୁଡ଼ିକରେ କେବଳ ମାଟି ବ୍ୟତୀତ ଅନ୍ୟ କିଛି ନ ଥାଏ। ଏଣୁ ସୁନାରେ ତିଆରି ଗହଣାଗୁଡ଼ିକୁ ସୁନାରୂପେ ଦେଖିବା ଉଚିତ, ଲୁହାରେ ତିଆରି ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଲୁହାରୂପେ ଦେଖିବା ଉଚିତ ଏବଂ ମାଟିରେ ତିଆରି ପାତ୍ରଗୁଡ଼ିକୁ ମାଟିରୂପେ ଦେଖିବା ଉଚିତ। ସେହିପରି ପରମାତ୍ମାଙ୍କ ଠାରୁ ସୃଷ୍ଟ ସୃଷ୍ଟିକୁ ପରମାତ୍ମରୂପରେ ଦେଖିବା ଉଚିତ। ଏ ସମଗ୍ର ଜଗତ ପରମାତ୍ମସ୍ୱରୂପ—ଏ କଥାକୁ ଠିକ୍‌ଭାବେ ବୁଝିବା ପାଇଁ ବର୍ତ୍ତମାନ ଆଲୋଚନା କରାଯାଉଛି।

ସଂସାରରେ ଯେତେ ବି ବସ୍ତୁ ରହିଛି, ସବୁରି ମୂଳରେ ଏକ ଅନୁତ୍ପନ୍ନ ତତ୍ତ୍ୱ ରହିଛି, ଯାହାକୁ ତିଆରି କରିବା ମନୁଷ୍ୟ ପକ୍ଷେ ଅସମ୍ଭବ। ଉଦାହରଣ-ସ୍ୱରୂପ—ଆମେ ଗହମରୁ ଅନେକ ପ୍ରକାର ଜିନିଷ ତିଆରି କରି ପାରିବା, କିନ୍ତୁ ଗହମ ତିଆରି କରି ପାରିବା ନାହିଁ। ସୋଲାରୁ ଅନେକ ଜିନିଷ ତିଆରି କରିଦେଇ ପାରିବା, କିନ୍ତୁ ସୋଲା ତିଆରି କରି ପାରିବା ନାହିଁ। ଆଳୁରୁ ଅନେକ ଜିନିଷ ତିଆରି କରିଦେଇ ପାରିବା, କିନ୍ତୁ ଆଳୁ ତିଆରି କରି ପାରିବା ନାହିଁ। ଗୋଟିଏ ମନୁଷ୍ୟଶରୀରରୁ ଅନେକ ମନୁଷ୍ୟ ସୃଷ୍ଟି ହୋଇ ପାରିବେ, କିନ୍ତୁ ଶରୀର ଯେଉଁ ରଜ-ବୀର୍ଯ୍ୟରୁ ଗଠିତ ହୋଇଛି, ସେହି ରଜ-ବୀର୍ଯ୍ୟକୁ ଆମେ ତିଆରି କରି ପାରିବା ନାହିଁ। କହିବାର ଅଭିପ୍ରାୟ ହେଲା, ଯେତେ ସବୁ ଜିନିଷ ରହିଛି, ସେଗୁଡ଼ିକର ମୂଳଭୂତ ଧାତୁ(ବୀଜ)କୁ ଯେତେ ବଡ଼ ବୈଜ୍ଞାନିକ ହେଲେ ବି ତିଆରି କରି ପାରିବ ନାହିଁ। ସେହି ଜିନିଷଗୁଡ଼ିକରେ ଆମେ ପରିବର୍ତ୍ତନ ଆଣି ପାରିବା, ଦୁଇଟିକୁ ମିଶାଇ ଦେଇ ପାରିବା। ଗଛଲତାକୁ କଲମି କରି ସେଥିରେ ଅନ୍ୟ ଫଳ ଧରାଇ ପାରିବା, ବିକୃତି ଜାତ କରାଇ ପାରିବା, କିନ୍ତୁ ତାହାର ମୂଳତତ୍ତ୍ୱକୁ ସୃଷ୍ଟି କରି ପାରିବା ନାହିଁ। କାରଣ ସେହି ମୂଳତତ୍ତ୍ୱ ସ୍ୱତଃସିଦ୍ଧ ଅଟେ। ତାହା ମନୁଷ୍ୟ ଦ୍ୱାରା ସୃଷ୍ଟ ନୁହେଁ, ବରଂ ଭଗବାନଙ୍କ ଦ୍ୱାରା ସୃଷ୍ଟ।* ସେହି ପରମାତ୍ମା ସମଗ୍ର ସଂସାରର ଆଦି ବୀଜ। ଭଗବାନ କହିଛନ୍ତି—

---

* ମମ ଯୋନିର୍ମହଦ୍‌ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଧାମ୍ୟହମ୍।
ସମ୍ଭବଃ ସର୍ବଭୂତାନାଂ ତତୋ ଭବତି ଭାରତ॥ (ଗୀତା ୧୪।୩)

"ହେ ଭାରତ! ମୋର ମୂଳ ପ୍ରକୃତି ହେଉଛି ଉତ୍ପତ୍ତିସ୍ଥାନ ଏବଂ ମୁଁ ସେଥିରେ ଗର୍ଭ (ବୀଜ) ସ୍ଥାପନ କରେ। ଏହାଦ୍ୱାରା ସମସ୍ତ ପ୍ରାଣୀଙ୍କର (ସମଷ୍ଟି ବ୍ରହ୍ମାଣ୍ଡର) ଉତ୍ପତ୍ତି ହୁଏ।"

ଯଚ୍ଚାପି ସର୍ବଭୂତାନାଂ ବୀଜଂ ତଦହମର୍ଜୁନ ।
ନ ତଦସ୍ତି ବିନା ଯତ୍ସ୍ୟାନ୍ମୟା ଭୂତଂ ଚରାଚରମ୍ ॥

(ଗୀତା ୧୦ । ୩୯)

"ହେ ଅର୍ଜୁନ! ମୁଁ ହେଉଛି ସମସ୍ତ ପ୍ରାଣୀଙ୍କର ବୀଜ । କାରଣ ମୋ ବିନା କୌଣସି ଚର ବା ଅଚର ପ୍ରାଣୀ ନାହିଁ ଅର୍ଥାତ୍ ଚର-ଅଚର ସବୁକିଛି ମୁଁ ହିଁ ଅଟେ ।"

ସାଂସାରିକ ବୀଜ ତ ବୃକ୍ଷରୁ ଉତ୍ପନ୍ନ ହୁଏ, କିନ୍ତୁ ଭଗବାନ ଉତ୍ପନ୍ନ ହୁଅନ୍ତି ନାହିଁ । ସେଥିପାଇଁ ଭଗବାନ ନିଜକୁ 'ସନାତନ ବୀଜ' କହିଛନ୍ତି—

ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନମ୍ ।

(ଗୀତା ୭ । ୧୦)

ସାଂସାରିକ ବୀଜ ତ ବୃକ୍ଷକୁ ଜନ୍ମ ଦେଇ ନିଜେ ନଷ୍ଟ ହୋଇଯାଏ, କିନ୍ତୁ ଭଗବାନ ଅନନ୍ତ ସୃଷ୍ଟିକୁ ଉତ୍ପନ୍ନ କରୁଥିଲେ ମଧ୍ୟ ନିଜେ ଯଥାବତ୍ ରହନ୍ତି । ସେଥିପାଇଁ ଭଗବାନ ନିଜକୁ 'ଅବ୍ୟୟ ବୀଜ' କହିଛନ୍ତି—

ପ୍ରଭବଃ ପ୍ରଳୟଃ ସ୍ଥାନଂ ନିଧାନଂ ବୀଜମବ୍ୟୟମ୍ ॥

(ଗୀତା ୯ । ୧୮)

ତାତ୍ପର୍ଯ୍ୟ ହେଲା, ଭଗବାନ ସମଗ୍ର ଜଗତର ଆଦିରେ ମଧ୍ୟ ରହନ୍ତି ଓ ଅନ୍ତରେ ମଧ୍ୟ ରହନ୍ତି । ଯେ ଆଦି ଓ ଅନ୍ତରେ ରହିଥାଏ, ସେ ମଧ୍ୟରେ (ବର୍ତ୍ତମାନରେ) ବି ରହିଥାଏ—ଏହା ସିଦ୍ଧାନ୍ତ । ଅନେକ ଜିନିଷ ମାଟିରୁ ଜାତ ହୁଏ, ମାଟିରେ ରହେ ଓ ପରିଶେଷରେ ମାଟିରେ ହିଁ ଲୀନ ହୋଇଯାଏ । ସେହିପରି ସମଗ୍ର ସଂସାରର ପ୍ରତ୍ୟେକ ବୀଜ ଭଗବାନଙ୍କ ଠାରୁ ଜାତ ହୁଏ, ଭଗବାନଙ୍କ ଠାରେ ରହେ ଏବଂ ପରିଶେଷରେ ଭଗବାନଙ୍କ ଠାରେ ହିଁ ଲୀନ ହୋଇଯାଏ । କହିବାର ଉଦ୍ଦେଶ୍ୟ ହେଲା, ସାଂସାରିକ ବୀଜ ତ ଉତ୍ପନ୍ନ ହୋଇ ନଷ୍ଟ ହୋଇଯାଏ, କିନ୍ତୁ ଭଗବାନରୂପୀ ଅବିନାଶୀ ବୀଜ ଆଦି, ମଧ୍ୟ ଓ ଅନ୍ତରେ ଯଥାବତ୍ ବିଦ୍ୟମାନ ରହେ । ଅତଏବ ବର୍ତ୍ତମାନ ସଂସାରରୂପରେ

ସର୍ବଯୋନିଷୁ କୌନ୍ତେୟ ମୂର୍ତ୍ତୟଃ ସମ୍ଭବନ୍ତି ଯାଃ ।
ତାସାଂ ବ୍ରହ୍ମ ମହଦ୍‌ଯୋନିରହଂ ବୀଜପ୍ରଦଃ ପିତା ॥ (ଗୀତା ୧୪ । ୪)

"ହେ କୌନ୍ତେୟ! ସମସ୍ତ ଯୋନିରେ ପ୍ରାଣୀମାନଙ୍କର ଯେତେ ବି ଶରୀର ସୃଷ୍ଟି ହୁଅନ୍ତି, ମୂଳ ପ୍ରକୃତି ହେଉଛି ସେସବୁର (ବ୍ୟଷ୍ଟି ଶରୀରଗୁଡ଼ିକର) ମାତା ଏବଂ ମୁଁ ହେଉଛି ବୀଜ-ସ୍ଥାପନକାରୀ ପିତା ।"

ଦୃଶ୍ୟ ହେଉଥିବା ସବୁକିଛି ଭଗବାନ ହିଁ ଅଟନ୍ତି। ଭଗବାନଙ୍କ ବ୍ୟତୀତ ଆଉ କିଛି ନାହିଁ।

ପ୍ରଶ୍ନ—ବର୍ତ୍ତମାନ ତ ପଞ୍ଚମହାଭୂତ ଦ୍ୱାରା ସୃଷ୍ଟ ଜଡ଼ ସଂସାର ହିଁ ପ୍ରତ୍ୟକ୍ଷ ଦେଖାଯାଉଛି, ଯାହା କି ଉତ୍ପତ୍ତି-ବିନାଶଶୀଳ। ତେବେ ଏହାକୁ ଅବିନାଶୀ ଭଗବତ୍‌ସ୍ୱରୂପ ବୋଲି କିପରି ମାନିବୁ?

ଉତ୍ତର—ବୀଜରୁ ଯେତେ ଜିନିଷ ସୃଷ୍ଟି ହୁଏ, ସେସବୁ ବୀଜରୂପ ହିଁ ହୋଇଥାଏ। ଉଦାହରଣାର୍ଥ—ଧାନରୁ ହୋଇଥିବା ସବୁଜ ଫସଲକୁ ଧାନ କୁହାଯାଏ। କୃଷକମାନେ କହନ୍ତି ଯେ ଧାନ ଭଲ ହୋଇଛି; ଦେଖ, ବିଲରେ ଧାନ ଠିଆ ହୋଇଛି, ଧାନ ଏତେ ଏତେ ଉଚ୍ଚ ବଢ଼ିଛି, ଇତ୍ୟାଦି! କିନ୍ତୁ ସହରରେ ରହୁଥିବା କୌଣସି ବ୍ୟବସାୟୀ ତାହାକୁ ଧାନ ବୋଲି କିପରି ମାନିବ? ସେ ବରଂ କହିବ ଯେ ମୁଁ ବସ୍ତା ବସ୍ତା ଧାନ କିଣାବିକା କରିଛି, ମୁଁ କଣ ଜାଣିନି ଯେ ଧାନ କେମିତିକା? ଏହା ଧାନ ନୁହେଁ, ଏହା ତ ଘାସ, ନଡ଼ା ଓ ପତର। କିନ୍ତୁ ଜଣେ ଚାଷୀ କେବେ ତାହାକୁ ଗାଈ ଖାଉଥିବା ଘାସ କହିବ ନାହିଁ। ସେ ତାହାକୁ ଧାନ ହିଁ କହିବ। ବିଲରେ ଗାଈ ଖାଇଗଲେ ସେ କହେ ଯେ ଗାଈ ଆମର ଧାନ ଖାଇଗଲା, କିନ୍ତୁ ଗାଈ ଧାନର ଗୋଟିଏ କେଣ୍ଡା ବି ଖାଇ ନ ଥାଏ। ବିଲରେ ଗୋଟିଏ ହେଲେ ଧାନକେଣ୍ଡା ବାହାରି ନ ଥିଲେ ବି ତାହା ଯେ ଧାନ, ଏଥିରେ ଆଦୌ ସନ୍ଦେହ ନାହିଁ। କାରଣ ପୂର୍ବରୁ ତାହା ଧାନ ଥିଲା ଓ ଶେଷରେ ମଧ୍ୟ ସେଥିରୁ ଧାନ ବାହାରିବ। ତେଣୁ ମଝିରେ ଫସଲରୂପରେ ତାହା ଧାନ ହିଁ ଅଟେ। ଏବେ ସିନା ସବୁଜ ଘାସ ଭଳି ଦେଖାଯାଉଛି, କିନ୍ତୁ ଅମଳ ସମୟ ହେଲେ ସେଥିରୁ ଧାନ ହିଁ ବାହାରିବ। ସେହିପରି ସଂସାରର ପୂର୍ବରୁ ମଧ୍ୟ ପରମାତ୍ମା ଥିଲେ—**'ସଦେବ ସୋମ୍ୟେଦମଗ୍ର ଆସୀଦେକମେବାଦ୍ୱିତୀୟମ୍'** (ଛାନ୍ଦୋଗ୍ୟ. ୬।୨।୧), ଶେଷରେ ମଧ୍ୟ ପରମାତ୍ମା ହିଁ ରହିବେ—**'ଶିଷ୍ୟତେ ଶେଷସଂଜ୍ଞଃ'** (ଶ୍ରୀମଦ୍ଭା. ୧୦।୩।୨୫)। ଅତଏବ ମଝିରେ ମଧ୍ୟ ସବୁକିଛି ପରମାତ୍ମା ହିଁ ଅଟନ୍ତି—**'ବାସୁଦେବଃ ସର୍ବମ୍'** (ଗୀତା ୭।୧୯), **'ସଦସଚ୍ଚାହମ୍'** (ଗୀତା ୯।୧୯)

ଭଗବାନ ସମଗ୍ର ସୃଷ୍ଟିକୁ ନିଜଠାରୁ ହିଁ ଉତ୍ପନ୍ନ କରିଛନ୍ତି, ତେଣୁ ଭଗବାନଙ୍କ ବ୍ୟତୀତ ଆଉ କିଛି ନାହିଁ। ମନରେ ଯାହା କଳ୍ପନା କରି ହୁଏ ଏବଂ ଯାହା କଳ୍ପନାରୁ ଅତୀତ, ସବୁକିଛି ଭଗବତ୍‌ସ୍ୱରୂପ। ଜାଗ୍ରତ ଓ ସ୍ୱପ୍ନରେ ଯାହା କିଛି

ଦେଖାଯାଏ, ସେସବୁ କେବଳ ଭଗବାନ । ସତ୍ ମଧ୍ୟ ଭଗବାନ ଓ ଅସତ୍ ମଧ୍ୟ ଭଗବାନ ଏବଂ ସତ୍-ଅସତ୍‌ରୁ ଊର୍ଦ୍ଧ୍ୱରେ ମଧ୍ୟ ଭଗବାନ—**'ସଦସତ୍ତତ୍ପରଂ ଯତ୍'** (ଗୀତା ୧୧ । ୩୭) । ଯାହାଙ୍କ ଚରଣଚିହ୍ନକୁ ଭଗବାନ ବି ନିଜର ହୃଦୟରେ ଧାରଣ କରିଛନ୍ତି, ସେପରି ପୂଜ୍ୟ ବ୍ରାହ୍ମଣ ଓ ଅତ୍ୟନ୍ତ ନୀଚ ଚଣ୍ଡାଳ ଉଭୟେ ଭଗବାନଙ୍କର ହିଁ ସ୍ୱରୂପ । ଯେପରି ସୁନାର ଗଣେଶଙ୍କୁ ଲୋକେ ପୂଜା କରୁଥିଲେ ମଧ୍ୟ ଏବଂ ସୁନାର ମୂଷାକୁ ପୂଜା ନ କରୁଥିଲେ ମଧ୍ୟ ବଣିଆ ଦୃଷ୍ଟିରେ ଉଭୟର ମୂଲ୍ୟ ସମାନ ହୋଇଥାଏ, ସେହିପରି ବ୍ରାହ୍ମଣ ଓ ଚଣ୍ଡାଳ, ସାଧୁ ଓ କଂସେଇ, ଗାଈ ଓ କୁକୁର, ହାତୀ ଓ ପିମ୍ପୁଡ଼ି, ମାଟି ପିଣ୍ଡୁଳା ଓ ସୁନାମୁଣ୍ଡା ପ୍ରଭୃତି ଜାତି, ଗୁଣ, କର୍ମ ଆଦି ଦୃଷ୍ଟିରୁ ବିଷମ ହୋଇଥିଲେ ମଧ୍ୟ ଭକ୍ତଦୃଷ୍ଟିରେ ସମ ଅର୍ଥାତ୍ ଭଗବତ୍‌ସ୍ୱରୂପ—**'ବାସୁଦେବଃ ସର୍ବମ୍'** । ଯେପରି ଶରୀରର ସମସ୍ତ ଅଙ୍ଗ ସହିତ ଯଥାଯୋଗ୍ୟ (ଭିନ୍ନ ଭିନ୍ନ ପ୍ରକାର) ବ୍ୟବହାର କରୁଥିଲେ ମଧ୍ୟ ଆମର ସେଗୁଡ଼ିକ ପ୍ରତି ଆତ୍ମବୁଦ୍ଧି ସମାନ ହୋଇଥାଏ ତଥା ସେହି ଅଙ୍ଗଗୁଡ଼ିକର ପୀଡ଼ା ଦୂର କରିବା ଓ ସେଗୁଡ଼ିକୁ ସୁଖ ଦେବାର ଚେଷ୍ଟା ମଧ୍ୟ ସମାନ ହୋଇଥାଏ, ସେହିପରି ***'ଯେପରି ଠାକୁର, ସେପରି ପୂଜା'*** ନ୍ୟାୟରେ ବ୍ରାହ୍ମଣ ଓ ଚଣ୍ଡାଳ ପ୍ରଭୃତି ସମସ୍ତଙ୍କ ସହିତ ଶାସ୍ତ୍ରମର୍ଯ୍ୟାଦା ଅନୁସାରେ ଯଥାଯୋଗ୍ୟ ବ୍ୟବହାର କରୁଥିଲେ ମଧ୍ୟ ଭକ୍ତର ଭଗବଦ୍‌ବୁଦ୍ଧିରେ ତଥା ସେମାନଙ୍କ ଦୁଃଖ ଦୂର କରିବା ଓ ସେମାନଙ୍କୁ ସୁଖ ପ୍ରଦାନ କରିବାର ଚେଷ୍ଟାରେ କୌଣସି ପ୍ରଭେଦ ରହେ ନାହିଁ ।

ସଂସାରରେ ଯେଉଁ ପରିବର୍ତ୍ତନ ଦୃଷ୍ଟିଗୋଚର ହେଉଛି, ତାହା ଭଗବାନଙ୍କର ହିଁ ଗୋଟିଏ ଝଲକ, ଆଭା, ସ୍ଫୂର୍ତ୍ତି ବା ଲୀଳା । ସଂସାରୀ ମନୁଷ୍ୟ ଭଗବାନଙ୍କର ସେହି ଝଲକକୁ ଦେଖି ସେଥିରେ ଲିପ୍ତ ହୋଇଯାଏ । ଭୋଗବୁଦ୍ଧି କାରଣରୁ ତାହାର ଦୃଷ୍ଟି ପରିବର୍ତ୍ତନଶୀଳ ସଂସାରରେ ହିଁ ଅଟକି ଯାଏ, ଭଗବାନଙ୍କ ପର୍ଯ୍ୟନ୍ତ ଯାଇପାରେ ନାହିଁ । ଯେତେବେଳେ ସତ୍‌ସଙ୍ଗ ପ୍ରଭାବରୁ ସେ ସଂସାରରୁ ବିମୁଖ ହୋଇ ଭଗବଦ୍ ଅଭିମୁଖୀ ହୋଇଯାଏ, ସେତେବେଳେ ଭଗବାନ ବିଶେଷ କୃପା କରି ତାକୁ ଅଦ୍ୱୈତ ଭକ୍ତି ଅର୍ଥାତ୍ ଭଗବଦ୍‌ଭାବ ପ୍ରଦାନ କରନ୍ତି ।

ସବୁକିଛି ଭଗବାନ—ଏହାଠାରୁ ବଳି ଅନ୍ୟ କୌଣସି ଶ୍ରେଷ୍ଠ ସାଧନ ବା ଭଜନ ନାହିଁ । ଏହି ଭଗବଭାବରୁ ଅତି ସହଜରେ ଭଗବଦ୍‌ପ୍ରାପ୍ତି ହୋଇଯାଏ ।

ଏହି ଭଗବଭାବର ଉପଦେଶ ପ୍ରଦାନ କରି ଭଗବାନ ବ୍ରହ୍ମାଙ୍କୁ କହିଛନ୍ତି—

ଅହମେବାସମେବାଗ୍ରେ ନାନ୍ୟଦ୍ ଯତ୍ ସଦସତ୍ ପରମ୍ ।
ପଶ୍ଚାଦହଂ ଯଦେତଚ୍ଚ ଯୋଽବଶିଷ୍ୟେତ ସୋଽସ୍ମ୍ୟହମ୍ ॥

(ଶ୍ରୀମଭା. ୨ । ୯ । ୩୨)

"ସୃଷ୍ଟି ପୂର୍ବରୁ ମଧ୍ୟ ମୁଁ ହିଁ ଥିଲି, ମୋ ବ୍ୟତୀତ ଆଉ କିଛି ନ ଥିଲା ଏବଂ ସୃଷ୍ଟି ହେବାପରେ ଏ ଯେଉଁ ଦୃଶ୍ୟବର୍ଗ ଦେଖାଯାଉଛି, ତାହା ମଧ୍ୟ ମୁଁ ହିଁ ଅଟେ । ସତ୍, ଅସତ୍ ଓ ଏହାଠାରୁ ପରେ ଯାହା କିଛି ଅଛି, ସେସବୁ ମଧ୍ୟ ମୁଁ ତଥା ସୃଷ୍ଟିର ଶେଷରେ ମଧ୍ୟ ମୁଁ ହିଁ ରହେ ଏବଂ ଏସବୁର ବିନାଶ ହୋଇଗଲା ପରେ ଯାହା ବାକି ରହେ, ତାହା ମଧ୍ୟ ମୁଁ ହିଁ ଅଟେ ।

ଗୀତାରେ ମଧ୍ୟ ଭଗବାନ କହିଛନ୍ତି—

ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ ।

(୧୦ । ୨୦)

"ସମସ୍ତ ପ୍ରାଣୀଙ୍କର ଆଦିରେ ବି ମୁଁ, ମଧ୍ୟରେ ବି ମୁଁ ଏବଂ ଅନ୍ତରେ ବି ମୁଁ ହିଁ ବିଦ୍ୟମାନ ।"

ସର୍ଗାଣାମାଦିରନ୍ତଶ୍ଚ ମଧ୍ୟଂ ଚୈବାହମର୍ଜୁନ ॥

(୧୦ । ୩୨)

"ହେ ଅର୍ଜୁନ! ସମଗ୍ର ସୃଷ୍ଟିର ଆଦିରେ ବି ମୁଁ, ମଧ୍ୟରେ ବି ମୁଁ ଓ ଅନ୍ତରେ ବି ମୁଁ ହିଁ ବିଦ୍ୟମାନ ।"

ଏହିରୂପେ ପରମାତ୍ମାଙ୍କ ଠାରୁ ଉତ୍ପନ୍ନ ସୃଷ୍ଟିକୁ ପରମାତ୍ମସ୍ୱରୂପ ଜାଣିବା ହିଁ ଜ୍ଞାନ । ଯେପରି ଧାନ ଫସଲକୁ ଧାନରୂପରେ ଦେଖିବା ଜ୍ଞାନ ଓ ଘାସରୂପରେ ଦେଖିବା ଅଜ୍ଞାନ, ସେହିପରି ନିଜର ଓ ସଂସାରର ପୃଥକ୍ ସତ୍ତା ଦେଖାଯାଉଥିବା ପର୍ଯ୍ୟନ୍ତ ଅଜ୍ଞାନ ରହିଛି ବୋଲି ଜାଣିବାକୁ ହେବ ।

ପ୍ରଶ୍ନ—ଧାନରୁ ଧାନ ହିଁ ହୁଏ, ଗହମରୁ ଗହମ ହିଁ ହୁଏ; ତେବେ ପରମାତ୍ମାଙ୍କ ଠାରୁ ବିଭିନ୍ନ ସ୍ଥାବର ଓ ଜଙ୍ଗମ ପ୍ରାଣୀ ସୃଷ୍ଟି ହୁଅନ୍ତି କିପରି?

ଉତ୍ତର—ଧାନ, ଗହମ ଇତ୍ୟାଦି ଲୌକିକ ବୀଜ, କିନ୍ତୁ ଭଗବାନ ଅଲୌକିକ ଓ ବିଲକ୍ଷଣ (ସନାତନ ଓ ଅବ୍ୟୟ) ବୀଜ । ସେଥିପାଇଁ ଏକମାତ୍ର ଭଗବାନଙ୍କ ଠାରୁ ବିଭିନ୍ନ ପ୍ରକାର ସୃଷ୍ଟି ଉତ୍ପନ୍ନ ହୁଏ । ତିନି ଲୋକ, ଚଉଦ ଭୁବନ, ଜଡ଼-ଚେତନ, ସ୍ଥାବର-ଜଙ୍ଗମ, ଜଳଚର-ସ୍ଥଳଚର-ନଭଚର, ଜରାୟୁଜ-

ଅଣ୍ଡଜ-ସ୍ୱେଦଜ-ଉଦ୍ଭିଜ୍ଜ, ସାତ୍ତ୍ୱିକ-ରାଜସ-ତାମସ, ମନୁଷ୍ୟ, ଦେବତା, ପଶୁ, ପକ୍ଷୀ, ଭୂତ-ପ୍ରେତ-ପିଶାଚ, ବ୍ରହ୍ମରାକ୍ଷସ ପ୍ରଭୃତି ସବୁକିଛି ସେହି ଅଲୌକିକ ବୀଜର ହିଁ ସବୁଜ ଫସଲ! ଗୀତାରେ ଭଗବାନ କହିଛନ୍ତି—

'ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି' (୭ । ୭)

"ମୋ ବ୍ୟତୀତ ଏହି ସଂସାରର ଅନ୍ୟ କୌଣସି କାରଣ ନାହିଁ ।"

ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ଯେ ।
ମତ୍ତ ଏବେତି ତାନ୍ ବିଦ୍ଧି........................ ॥

(୭ । ୧୨)

"ଯେତେ ବି ସାତ୍ତ୍ୱିକ, ରାଜସ ଓ ତାମସ ଭାବ ରହିଛି, ସେସବୁ ମୋ'ଠାରୁ ହିଁ ଉତ୍ପନ୍ନ ହୁଅନ୍ତି ବୋଲି ତୁମେ ଜାଣ ।"

ଭବନ୍ତି ଭାବା ଭୂତାନାଂ ମତ୍ତ ଏବ ପୃଥଗ୍‌ବିଧାଃ ॥ (୧୦ । ୫)

"ପ୍ରାଣୀମାନଙ୍କର (ବୁଦ୍ଧି, ଜ୍ଞାନ, ଅସମ୍ମୋହ ଆଦି) ଅନେକ ପ୍ରକାରର ଓ ପୃଥକ୍ ପୃଥକ୍ ଭାବ ମୋ'ଠାରୁ ହିଁ ଉତ୍ପନ୍ନ ହୁଅନ୍ତି ।"

'ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ' (୧୫ । ୧୫)

"ସ୍ମୃତି, ଜ୍ଞାନ ଓ ଅପୋହନ (ସଂଶୟାଦି ଦୋଷର ବିନାଶକାର୍ଯ୍ୟ) ମୋ'ଠାରୁ ହିଁ ହୁଏ ।"

ଶ୍ରୀମଦ୍ଭାଗବତରେ ଭଗବାନ କହିଛନ୍ତି—

ମନସା ବଚସା ଦୃଷ୍ଟ୍ୟା ଗୃହ୍ୟତେଽନ୍ୟୈରପୀନ୍ଦ୍ରିୟୈଃ ।
ଅହମେବ ନ ମତ୍ତୋଽନ୍ୟଦିତି ବୁଧ୍ୟଧ୍ୱମଞ୍ଜସା ॥

(୧୧ । ୧୩ । ୨୪)

"ମନ ଦ୍ୱାରା, ବାଣୀ ଦ୍ୱାରା, ଦୃଷ୍ଟି ଦ୍ୱାରା ତଥା ଅନ୍ୟ ଇନ୍ଦ୍ରିୟମାନଙ୍କ ଦ୍ୱାରା ଯାହା କିଛି (ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଆଦି) ଗ୍ରହଣ କରାଯାଉଛି, ସେସବୁ ମୁଁ ହିଁ ଅଟେ । ଅତଏବ ମୋ ବ୍ୟତୀତ ଆଉ କିଛି ନାହିଁ—ଏ ସିଦ୍ଧାନ୍ତକୁ ବିଗ୍ଧରପୂର୍ବକ ଯଥାଶୀଘ୍ର ବୁଝି ନିଅ ଅର୍ଥାତ୍ ସ୍ୱୀକାର କରି ନିଅ ।"

ମୋଟ ଉପରେ କହିଲେ ଶରୀର, ଇନ୍ଦ୍ରିୟ, ମନ, ବୁଦ୍ଧି ଦ୍ୱାରା ଯାହା କିଛି ସାତ୍ତ୍ୱିକ, ରାଜସ ଓ ତାମସ ଭାବ, କ୍ରିୟା, ପଦାର୍ଥ ଇତ୍ୟାଦି ଗ୍ରହଣ କରାଯାଏ, ସେସବୁ ଭଗବାନ ହିଁ ଅଟନ୍ତି । ମନର ଭଲ ବା ମନ୍ଦ ପ୍ରତ୍ୟେକ ସ୍ଫୁରଣ ଭଗବାନ ହିଁ ଅଟନ୍ତି । ସଂସାରରେ ଭଲ-ମନ୍ଦ, ଶୁଦ୍ଧ-ଅଶୁଦ୍ଧ, ଶତ୍ରୁ-ମିତ୍ର,

ଦୁର୍ଜନ-ସଜ୍ଜନ, ପାପାତ୍ମା-ପୁଣ୍ୟାତ୍ମା, ଆପଣା-ପର ଆଦି ଯାହା କିଛି ଦେଖିବା, ଶୁଣିବା, କହିବା, ବିଗ୍ଭର କରିବା ଓ ବୁଝିବାର ଅନ୍ତର୍ଗତ ହେଉଛି, ସେସବୁ କେବଳ ଭଗବାନ ହିଁ ଅଟନ୍ତି । ଶରୀର-ଶରୀରୀ, କ୍ଷେତ୍ର-କ୍ଷେତ୍ରଜ୍ଞ, ପରା-ଅପରା, କ୍ଷର-ଅକ୍ଷର—ସବୁକିଛି ଭଗବାନ । ଭଗବାନଙ୍କ ବ୍ୟତୀତ ଆଉ କିଛି ନାହିଁ— **'ମୟା ତତମିଦଂ ସର୍ବମ୍'** (ଗୀତା ୯ । ୪) । ଯଦି ସବୁକିଛି ଭଗବାନ, ତେବେ 'ମୁଁ' (ବ୍ୟକ୍ତିତ୍ୱ) କୁଆଡୁ ଆସିବ? ମୁଁ ବୋଲି କିଛି ନାହିଁ, ସବୁକିଛି ତୁ ହିଁ ତୁ!

ଜ୍ଞାନ ଦୃଷ୍ଟିରୁ ଯେପରି ଗୁଣମାନେ ହିଁ ଗୁଣମାନଙ୍କରେ ପ୍ରବର୍ତ୍ତିତ ହେଉଥାନ୍ତି—**'ଗୁଣା ଗୁଣେଷୁ ବର୍ତ୍ତନ୍ତେ'** (ଗୀତା ୩ । ୨୮), ଭକ୍ତି ଦୃଷ୍ଟିରୁ ସେହିପରି ଭଗବାନଙ୍କର ବସ୍ତୁ ହିଁ ଭଗବାନଙ୍କୁ ଅର୍ପିତ ହେଉଛି । ଯେପରି ଗଙ୍ଗାଜଳରେ ଗଙ୍ଗାଙ୍କୁ ପୂଜା କରାଯାଏ, ଦୀପ ଦେଖାଇ ସୂର୍ଯ୍ୟଙ୍କୁ ପୂଜା କରାଯାଏ, ପୃଥିବୀରୁ ଜାତ ପୁଷ୍ପରେ ପୃଥିବୀକୁ ପୂଜା କରାଯାଏ, ସେହିପରି ଭଗବାନଙ୍କ ପ୍ରଦତ୍ତ ବସ୍ତୁଗୁଡ଼ିକ ଦ୍ୱାରା ଭଗବାନଙ୍କର ହିଁ ପୂଜା ହେଉଛି । ବାସ୍ତବରେ ଦେଖିବାକୁ ଗଲେ ପୂଜ୍ୟ ମଧ୍ୟ ଭଗବାନ, ପୂଜାସାମଗ୍ରୀ ମଧ୍ୟ ଭଗବାନ ଏବଂ ପୂଜକ ମଧ୍ୟ ଭଗବାନ! ଭଗବାନ କହିଛନ୍ତି—

ଅହଂ କ୍ରତୁରହଂ ଯଜ୍ଞଃ ସ୍ୱଧାହମହମୌଷଧମ୍ ।
ମନ୍ତ୍ରୋଽହମହମେବାଜ୍ୟମହମଗ୍ନିରହଂ ହୁତମ୍ ॥

(ଗୀତା ୯ । ୧୬)

"କ୍ରତୁ ମଧ୍ୟ ମୁଁ, ଯଜ୍ଞ ମଧ୍ୟ ମୁଁ, ସ୍ୱଧା ମଧ୍ୟ ମୁଁ, ଔଷଧ ମଧ୍ୟ ମୁଁ, ମନ୍ତ୍ର ମଧ୍ୟ ମୁଁ, ଘୃତ ମଧ୍ୟ ମୁଁ, ଅଗ୍ନି ମଧ୍ୟ ମୁଁ ଓ ହବନରୂପୀ କ୍ରିୟା ମଧ୍ୟ ମୁଁ ।"

ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ॥

(ଗୀତା ୪ । ୨୪)

"ଯେଉଁ ଯଜ୍ଞରେ ଅର୍ପଣ ମଧ୍ୟ ବ୍ରହ୍ମ, ହବି ମଧ୍ୟ ବ୍ରହ୍ମ, ବ୍ରହ୍ମସ୍ୱରୂପ କର୍ତ୍ତା ଦ୍ୱାରା ବ୍ରହ୍ମସ୍ୱରୂପ ଅଗ୍ନିରେ ଆହୁତି ପ୍ରଦାନରୂପୀ କ୍ରିୟା ମଧ୍ୟ ବ୍ରହ୍ମ, ଏପରି ଯଜ୍ଞ କରୁଥିବା ଯେଉଁ ମନୁଷ୍ୟର ବ୍ରହ୍ମରେ ହିଁ କର୍ମ-ସମାଧି ହୋଇଯାଇଛି, ତା' ଦ୍ୱାରା ପ୍ରାପ୍ତ ହେଉଥିବା ଫଳ ମଧ୍ୟ ବ୍ରହ୍ମ ହିଁ ଅଟେ ।"

ଏହିପ୍ରକାରେ ସବୁଠାରେ ଭଗବାନଙ୍କୁ ଦେଖିଲେ ସାଧକର ରାଗ-ଦ୍ୱେଷ ରହେ ନାହିଁ! ଯଦି ସବୁକିଛି ଭଗବାନ, ତେବେ ରାଗ-ଦ୍ୱେଷ କିଏ କରିବ ଓ କାହା ପ୍ରତି କରିବ?

ଉମା ଜେ ରାମ ଚରନ ରତ ବିଗତ କାମ ମଦ କ୍ରୋଧ।
ନିଜ ପ୍ରଭୁମୟ ଦେଖହିଁ ଜଗତ କେହି ସନ କରହିଁ ବିରୋଧ॥

(ମାନସ, ଉତ୍ତର. ୧୧୨ ଖ)

ଗୋଟିଏ ରହସ୍ୟମୟ କଥା ହେଲା, 'ସବୁକିଛି ପରମାତ୍ମା' ଏପରି ଅନୁଭବ କରିବା ପାଇଁ କ୍ରିୟା ଓ ପଦାର୍ଥର କୌଣସି ଆବଶ୍ୟକତା ନାହିଁ, ବରଂ ଏଥିପାଇଁ ବିବେକ ଅଥବା ଭାବ ଆବଶ୍ୟକ। ବିବେକ ଦ୍ୱାରା ଅନ୍ୱେଷଣ ହୁଏ ଏବଂ ଭାବ ଦ୍ୱାରା ସ୍ୱୀକୃତି ହୁଏ। ବିବେକ ଓ ଭାବ ପରିଶେଷରେ ତତ୍ତ୍ୱଜ୍ଞାନରେ ପରିଣତ ହୋଇଯାଆନ୍ତି। ଜ୍ଞାନମାର୍ଗରେ ବିବେକ ମୁଖ୍ୟ ଓ ଭକ୍ତିମାର୍ଗରେ ଭାବ ମୁଖ୍ୟ। ଜ୍ଞାନରେ ଜାଣିବାପରେ ମାନି ନିଆଯାଏ ଏବଂ ଭକ୍ତିରେ ମାନିବାପରେ ଜାଣି ନିଆଯାଏ। ଉଭୟର ପରିଣାମ ସମାନ ହୋଇଥାଏ। ତାତ୍ପର୍ଯ୍ୟ ହେଲା, ତତ୍ତ୍ୱକୁ ଜାଣିବାର ପରିଣାମ ଯାହା ହୁଏ, ଭକ୍ତିମାର୍ଗରେ ଦୃଢ଼ଭାବେ ସ୍ୱୀକାର କରିବା ଦ୍ୱାରା ମଧ୍ୟ ସେଇଆ ହୋଇଥାଏ।* ଭକ୍ତିମାର୍ଗରେ ଭକ୍ତ ପ୍ରଥମେ 'ସବୁକିଛି ଭଗବାନ' ବୋଲି ଦୃଢ଼ଭାବେ ମାନିନିଏ, ପରେ ତାହାକୁ ତତ୍ତ୍ୱତଃ ଜାଣିଯାଏ ଅର୍ଥାତ୍ ତାକୁ 'ସବୁକିଛି ଭଗବାନ' ବୋଲି ଅନୁଭବ ହୋଇଯାଏ।

ଜ୍ଞାନଯୋଗ ଦୃଷ୍ଟିରୁ ସମସ୍ତ ଗୁଣ (ସତ୍ତ୍ୱ, ରଜ ଓ ତମ) ପ୍ରକୃତିରୁ ଉତ୍ପନ୍ନ ହୁଅନ୍ତି—'ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତିସମ୍ଭବାଃ' (ଗୀତା ୧୪।୫) ଏବଂ ଭକ୍ତିଯୋଗ ଦୃଷ୍ଟିରୁ ସମସ୍ତ ଗୁଣ ଭଗବାନଙ୍କ ଠାରୁ ଉତ୍ପନ୍ନ ହୁଅନ୍ତି— **ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ଯେ। ମତ୍ତ** ଏବେତି

---

* ମନୁଷ୍ୟର ତିନୋଟି ଶକ୍ତି ଅଛି—କରିବା ଶକ୍ତି, ଜାଣିବା ଶକ୍ତି ଓ ମାନିବା ଶକ୍ତି। ଯେପରି ଜ୍ଞାନଯୋଗରେ ଜାଣିବା ଶକ୍ତିର ଓ ଭକ୍ତିଯୋଗରେ ମାନିବା ଶକ୍ତିର ଉପଯୋଗ ହୁଏ, ସେହିପରି କର୍ମଯୋଗରେ କରିବା ଶକ୍ତିର ଉପଯୋଗ ହୁଏ। କର୍ମଯୋଗୀ କାୟମନୋବାକ୍ୟରେ ନିଷ୍କାମଭାବପୂର୍ବକ ପ୍ରତ୍ୟେକ ପ୍ରାଣୀର ସେବା କରେ ଅର୍ଥାତ୍ ସଂସାରରୁ ପ୍ରାପ୍ତ ସାମର୍ଥ୍ୟ ଓ ସାମଗ୍ରୀକୁ ସଂସାରର ମନେକରି ସଂସାରସେବାରେ ବିନିଯୋଗ କରିଦିଏ। ଏହିପରି ସେବା କରିବା ଦ୍ୱାରା ତା'ର ସଂସାରରୁ ସମ୍ବନ୍ଧ ଛିନ୍ନ ହୋଇଯାଏ ଏବଂ ତାକୁ ସର୍ବତ୍ର ପରିପୂର୍ଣ୍ଣ ପରମାତ୍ମତତ୍ତ୍ୱର ଅନୁଭବ ହୁଏ। ଅତଏବ ଯେଉଁ ତତ୍ତ୍ୱ ଜ୍ଞାନଯୋଗ ଓ ଭକ୍ତିଯୋଗ ଦ୍ୱାରା ମିଳେ, ସେହି ତତ୍ତ୍ୱ କର୍ମଯୋଗ ଦ୍ୱାରା ମଧ୍ୟ ମିଳେ।

ତାତ୍ ବିଦ୍ଧି....' (ଗୀତା ୭ । ୧୨) । ଅତଏବ ଜ୍ଞାନଯୋଗୀ ଦୃଷ୍ଟିରେ ଯାହା କିଛି ଦେଖାଯାଉଛି, ସେସବୁ ପ୍ରକୃତି* ଏବଂ ଯାହା ବି ପରିବର୍ତ୍ତନ ହେଉଛି, ତାହା ହେଲା ଗୁଣମାନଙ୍କର ଗୁଣମାନଙ୍କରେ ପ୍ରବର୍ତ୍ତନ । ଭକ୍ତିଯୋଗୀ ଦୃଷ୍ଟିରେ ଯାହା କିଛି ଦୃଶ୍ୟ ହେଉଛି, ସେସବୁ ଭଗବାନଙ୍କର ହିଁ ରୂପ❦ ଏବଂ ଯାହା ବି ପରିବର୍ତ୍ତନ ହେଉଛି, ତାହା ଭଗବାନଙ୍କର ଲୀଳା ।

ଜୀବନ୍ମୁକ୍ତ, ତତ୍ତ୍ୱଜ୍ଞ, ଭଗବତ୍‌ପ୍ରେମୀ ମହାପୁରୁଷଙ୍କ ଦୃଷ୍ଟିରେ ଜଗତ ନ ଥାଏ କି ଭଗବାନଙ୍କ ଦୃଷ୍ଟିରେ ଜଗତ ନ ଥାଏ । ଯାହାଠାରେ ଜଗତର ବାସନା ଥାଏ ଅର୍ଥାତ୍ ଯେ ଜଗତକୁ ସତ୍ତା ଓ ମହତ୍ତ୍ୱ ଦେଇଛି, ସେହି ଜୀବ ଦୃଷ୍ଟିରେ ହିଁ ଜଗତ ରହିଥାଏ—**'ଜୀବଭୂତାଂ ମହାବାହୋ ଯୟେଦଂ ଧାର୍ଯ୍ୟତେ ଜଗତ୍'** (ଗୀତା ୭ । ୫) । ଜଗତର ବାସନା ହିଁ ଜନ୍ମମରଣରୂପକ ବନ୍ଧନର ବୀଜ—

ବାସନା ଯସ୍ୟ ଯତ୍ର ସ୍ୟାତ୍ ସ ତଂ ସ୍ୱପ୍ନେଷୁ ପଶ୍ୟତି ।
ସ୍ୱପ୍ନବନ୍ମରଣେ ଜ୍ଞେୟଂ ବାସନା ତୁ ବପୁର୍ନୃଣାମ୍ ॥

"ଯେଉଁ ମନୁଷ୍ୟର ଯେଉଁଠି ବାସନା ଥାଏ, ସେ ସେହି ବାସନାର ଅନୁରୂପ ସ୍ୱପ୍ନ ଦେଖେ । ମୃତ୍ୟୁ ଠିକ୍ ସ୍ୱପ୍ନ ପରି ଅର୍ଥାତ୍ ଅନ୍ତସମୟରେ ବାସନାର ଅନୁରୂପ ଚିନ୍ତନ ହୁଏ ଏବଂ ସେହି ଚିନ୍ତନ ଅନୁସାରେ ମନୁଷ୍ୟର ଗତି ହୁଏ ।"

ଏହି ବାସନାକୁ ହିଁ ଗୀତାରେ ଗୁଣସଙ୍ଗ କୁହାଯାଇଛି—**'କାରଣଂ ଗୁଣସଙ୍ଗୋଽସ୍ୟ ସଦସଦ୍‌ଯୋନିଜନ୍ମସୁ'** (୧୩ । ୨୧) 'ଗୁଣଗୁଡ଼ିକର ସଙ୍ଗ ହିଁ ଜୀବର ଉଚ୍ଚ-ନୀଚ ଯୋନିମାନଙ୍କରେ ଜନ୍ମ ନେବାର କାରଣ ହୋଇଥାଏ ।' ଯଦି ବାସନା ନ ଥାଏ, ତେବେ ଜୀବ-ବୁଦ୍ଧି ଓ ଜଗତ-ବୁଦ୍ଧି ନ ରହି କେବଳ ଭଗବାନ ଅଛନ୍ତି ବୋଲି ଅନୁଭବ ହୋଇଯାଏ—**'ବାସୁଦେବଃ ସର୍ବମ୍'** ।

---

* ନ ତଦସ୍ତି ପୃଥିବ୍ୟାଂ ବା ଦିବି ଦେବେଷୁ ବା ପୁନଃ ।
ସତ୍ତ୍ୱଂ ପ୍ରକୃତିଜୈର୍ମୁକ୍ତଂ ଯଦେଭିଃ ସ୍ୟାତ୍ତ୍ରିଭିର୍ଗୁଣୈଃ ॥ (ଗୀତା ୧୮ । ୪୦)
"ପୃଥିବୀରେ ବା ସ୍ୱର୍ଗରେ ଅଥବା ଦେବତାମାନଙ୍କ ଠାରେ କିଂବା ଅନ୍ୟ କେଉଁଠି ବି ଏପରି କୌଣସି ବସ୍ତୁ ନାହିଁ, ଯାହା କି ତିନିଗୁଣରୁ ମୁକ୍ତ ହୋଇଥିବ ।"

❦ ନ ତଦସ୍ତି ବିନା ଯତ୍ସ୍ୟାନ୍ମୟା ଭୂତଂ ଚରାଚରମ୍ ॥ (ଗୀତା ୧୦ । ୩୯)
"ମୋ ବିନା କୌଣସି ଚର ବା ଅଚର ପ୍ରାଣୀ ନାହିଁ ।"

ଜ୍ଞାନମାର୍ଗରେ ସାଧକ ବିବେକପୂର୍ବକ ଜଗତରୁ ଅସଙ୍ଗ ହୁଏ ଏବଂ ଭକ୍ତିମାର୍ଗରେ ସାଧକ ଭାବ (ଶ୍ରଦ୍ଧା)ପୂର୍ବକ ଜଗତକୁ ଭଗବତ୍‌ସ୍ୱରୂପ ଦେଖେ। 'ସବୁକିଛି ଭଗବାନ'—ଏହା ବିବେକର ବିଷୟ ନୁହେଁ, ବରଂ ଭାବ(ଶ୍ରଦ୍ଧା)ର ବିଷୟ। ସେଥିପାଇଁ 'ସବୁକିଛି ଭଗବାନ'—ଏପରି ଉକ୍ତି ଭକ୍ତମାନଙ୍କ ବାଣୀରେ ଅଧିକ ଦେଖିବାକୁ ମିଳେ।

ଯେପର୍ଯ୍ୟନ୍ତ ସତ୍ ଓ ଅସତ୍‌ର ଅଥବା ବ୍ରହ୍ମ ଓ ଜଗତର ପୃଥକ୍ ପୃଥକ୍ ସତ୍ତା ରହିଥାଏ, ସେପର୍ଯ୍ୟନ୍ତ ବିବେକ ଥାଏ। ଅସତ୍ ବା ଜଗତର ଧାରଣା ଦୂର ହୋଇଗଲାପରେ ଆଉ ବିବେକ ରହେ ନାହିଁ, ବରଂ ତତ୍ତ୍ୱବୋଧ ହିଁ ଅବଶେଷ ରହିଯାଏ। ବିବେକପୂର୍ବକ ଜଗତକୁ ପୃଥକ୍ କରି ଭଗବାନଙ୍କୁ ଦେଖିଲେ ଜଗତର ସତ୍ତା ରହେ; କାରଣ ଜଗତର ସତ୍ତା ସ୍ୱୀକାର କରାଯାଇଥିବାରୁ ହିଁ ତ ତାହାକୁ ନିଷେଧ କରାଗଲା। ମାତ୍ର ଭାବପୂର୍ବକ ଜଗତକୁ ଭଗବତ୍‌ସ୍ୱରୂପ ଦେଖିଲେ ଜଗତର ସ୍ୱତନ୍ତ୍ର ସତ୍ତା ରହେ ନାହିଁ। ସାଧକ ଦୃଷ୍ଟିରେ ଭଗବାନଙ୍କର ଓ ଜଗତର ପୃଥକ୍ ପୃଥକ୍ ସତ୍ତା ଥିବାପର୍ଯ୍ୟନ୍ତ ତା' ଜୀବନରେ ଅଖଣ୍ଡ ଆନନ୍ଦ ରହେ ନାହିଁ, କେବେ ଆନନ୍ଦ ରହେ ତ କେବେ ନୀରସତା ଆସେ। କେବେ ସାଧକକୁ ନିଜର ସାଧନାରେ ଅଧିକ ଉନ୍ନତି ହେବାପରି ଦେଖାଯାଏ ତ ଆଉ କେବେ କିଛି ଉନ୍ନତି ନ ହେବାପରି ଦେଖାଯାଏ! ଅତଏବ ଜଗତକୁ ଭଗବତ୍‌ସ୍ୱରୂପ ଦେଖିବା ଅର୍ଥାତ୍ ଜଗତରୂପରେ ଭଗବାନ ବିଦ୍ୟମାନ ବୋଲି ଦେଖିବା ହିଁ ସାଧକ ପାଇଁ ସର୍ବଶ୍ରେଷ୍ଠ ସାଧନ।

'ସବୁକିଛି ଭଗବାନ ହିଁ ଅଟନ୍ତି'—ଏପରି ଅନୁଭବ କରିବାକୁ ହେଲେ ସାଧକ ଦୃଢ଼ଭାବରେ ମାନିନେବା ଉଚିତ ଯେ, ମୁଁ ବୁଝିପାରେ ବା ନ ପାରେ, ଏହା ହିଁ ସତ୍ୟ। ତାକୁ ଅତି ବିରାଟ ବା ଅତି କ୍ଷୁଦ୍ର ଯେକୌଣସି ବସ୍ତୁ ଦେଖାଗଲେ ବି ସେଥିରେ ଭଗବାନ ପୂର୍ଣ୍ଣରୂପେ ବିଦ୍ୟମାନ ବୋଲି ସେ ମାନିବା ଉଚିତ। ଯେପରି ଗୋଟିଏ କ୍ଷୁଦ୍ର ଜଳକଣାରେ ଓ ସମୁଦ୍ରରେ ଏକମାତ୍ର ଜଳ-ତତ୍ତ୍ୱ ହିଁ ପରିପୂର୍ଣ୍ଣ, ସେହିପରି ମାଟିପିଣ୍ଡୁଳା ହୋଇଥାଉ ବା ପୃଥିବୀ ହୋଇଥାଉ, ସବୁଥିରେ ଭଗବାନ ପୂର୍ଣ୍ଣରୂପେ ବିଦ୍ୟମାନ—**'ଅଣୋରଣୀୟାନ୍ମହତୋ ମହୀୟାନ୍'** (କଠ. ୧।୨।୨୦, ଶ୍ୱେତା. ୩।୨୦)। ଏପରି ଭାବି ସେ ସବୁବେଳେ ମନେ ମନେ ସମସ୍ତଙ୍କୁ

ନମସ୍କାର କରୁ*। ଏପରି କଲେ ତାକୁ ସର୍ବତ୍ର ଭଗବାନ ହିଁ ଦୃଶ୍ୟ ହେବେ। ଗୋଟିଏ ଦୃଷ୍ଟିରୁ ଦେଖିବାକୁ ଗଲେ ଜ୍ଞାନମାର୍ଗରେ ଦ୍ୱୈତଭାବ ଓ ଭକ୍ତିଯୋଗରେ ଅଦ୍ୱୈତଭାବ ଥାଏ। କାରଣ ଜ୍ଞାନମାର୍ଗରେ ପ୍ରକୃତି ଓ ପୁରୁଷ, ସତ୍ ଓ ଅସତ୍, ବ୍ରହ୍ମ ଓ ଜୀବ, ନିତ୍ୟ ଓ ଅନିତ୍ୟ, ଜଡ଼ ଓ

---

* ବାୟୁର୍ଯମୋଽଗ୍ନିର୍ବରୁଣଃ ଶଶାଙ୍କଃ ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ।
ନମୋ ନମୋସ୍ତେଽସ୍ତୁ ସହସ୍ରକୃତ୍ୱଃ ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ॥
ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ ନମୋଽସ୍ତୁ ତେ ସର୍ବତ ଏବ ସର୍ବ।
ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ॥
(ଗୀତା ୧୧।୩୯,୪୦)

"ଆପଣ ହିଁ ବାୟୁ, ଯମରାଜ, ଅଗ୍ନି, ବରୁଣ, ଚନ୍ଦ୍ର, ଦକ୍ଷାଦି ପ୍ରଜାପତି ଓ ପ୍ରପିତାମହ (ବ୍ରହ୍ମାଙ୍କର ମଧ୍ୟ ପିତା) ଅଟନ୍ତି। ଆପଣଙ୍କୁ ସହସ୍ରବାର ନମସ୍କାର! ନମସ୍କାର!! ଏବଂ ପୁନଶ୍ଚ ଆପଣଙ୍କୁ ବାରମ୍ବାର ନମସ୍କାର! ନମସ୍କାର!! ହେ ସର୍ବ! ଆପଣଙ୍କୁ ଆଗରୁ ନମସ୍କାର! ପଛରୁ ନମସ୍କାର! ସବୁଆଡୁ ନମସ୍କାର! ହେ ଅନନ୍ତବୀର୍ଯ୍ୟ! ଅମିତ ବିକ୍ରମଶାଳୀ ଆପଣ ସମସ୍ତଙ୍କୁ ସମାବୃତ କରି ରଖିଛନ୍ତି, ତେଣୁ ସବୁକିଛି ଆପଣ ହିଁ ଅଟନ୍ତି।"

ଖଂ ବାୟୁମଗ୍ନିଂ ସଲିଳଂ ମହୀଂ ଚ ଜ୍ୟୋତୀଂଷି ସତ୍ତ୍ୱାନି ଦିଶୋ ଦ୍ରୁମାଦୀନ୍।
ସରିତ୍ସମୁଦ୍ରାଂଶ୍ଚ ହରେଃ ଶରୀରଂ ଯତ୍ କିଞ୍ଚ ଭୂତଂ ପ୍ରଣମେଦନନ୍ୟଃ॥
(ଶ୍ରୀମଭା. ୧୧।୨।୪୧)

"ଆକାଶ, ବାୟୁ, ଅଗ୍ନି, ଜଳ, ପୃଥିବୀ, ଗ୍ରହ, ନକ୍ଷତ୍ର, ଜୀବଜନ୍ତୁ, ଦିଗବିଦିଗ, ବୃକ୍ଷ, ନଦୀ, ସମୁଦ୍ର ସବୁକିଛି ଭଗବାନଙ୍କର ହିଁ ଶରୀର—ଏପରି ଭାବି ଭକ୍ତ ସମସ୍ତଙ୍କୁ ଅନନ୍ୟଭାବରେ ପ୍ରଣାମ କରେ।"

ବିସୃଜ୍ୟ ସ୍ମୟମାନାନ୍ ସ୍ୱାନ୍ ଦୃଶଂ ବ୍ରୀଡାଂ ଚ ଦୈହିକୀମ୍।
ପ୍ରଣମେଦ୍ ଦଣ୍ଡବଦ୍ ଭୂମାବାଶ୍ୱଚଣ୍ଡାଳଗୋଖରମ୍॥
(ଶ୍ରୀମଭା. ୧୧।୨୯।୧୬)

"ନିଜର ସ୍ୱଜନମାନେ ହସିଲେ ହସୁଥାନ୍ତୁ, ସେଥିପ୍ରତି ଭ୍ରୂକ୍ଷେପ କର ନାହିଁ; 'ମୁଁ ଭଲ, ସେ ଖରାପ'—ଏପରି ଦେହଦୃଷ୍ଟି ଓ ଲୋକଲଜ୍ଜା ଛାଡ଼ି କୁକୁର, ଚଣ୍ଡାଳ, ଗାଈ ଓ ଗଧକୁ ମଧ୍ୟ ଭୂମିରେ ଲମ୍ବ ହୋଇ ସାଷ୍ଟାଙ୍ଗ ଦଣ୍ଡବତ୍ ପ୍ରଣାମ କର।"

ଗୋସ୍ୱାମୀ ତୁଳସୀଦାସ କହିଛନ୍ତି—
ଜଡ଼ ଚେତନ ଜଗ ଜୀୱ ଜତ ସକଲ ରାମମୟ ଜାନି।
ବଂଦଉଁ ସବ କେ ପଦ କମଲ ସଦା ଜୋରି ଜୁଗ ପାନି॥
(ମାନସ, ବାଲ. ୭ ଗ)

ଚେତନ, ଶରୀର ଓ ଶରୀରୀ, କ୍ଷେତ୍ର ଓ କ୍ଷେତ୍ରଜ୍ଞ ଇତ୍ୟାଦି ପ୍ରଭେଦ ରହିଥାଏ; କିନ୍ତୁ ଭକ୍ତିମାର୍ଗରେ ଏକମାତ୍ର ଭଗବାନଙ୍କ ବ୍ୟତୀତ ଆଉ କିଛି ନ ଥାଏ। ଜ୍ଞାନମାର୍ଗରେ ତ ବ୍ରହ୍ମ ସତ୍ ଓ ଜଗତ ଅସତ୍ ଅଟେ—**'ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା'**, କିନ୍ତୁ ଭକ୍ତିମାର୍ଗରେ ସତ୍-ଅସତ୍ ସବୁକିଛି ଭଗବାନ ହିଁ ଅଟନ୍ତି—**'ସଦସଚ୍ଚାହମର୍ଜୁନ'** (ଗୀତା ୯ । ୧୯)। ଅତଏବ 'ସବୁକିଛି ଭଗବାନ' ବୋଲି ମାନି ଯେ ଭଗବାନଙ୍କ ନିକଟରେ ଶରଣାପନ୍ନ ହୋଇଯାଏ ଅର୍ଥାତ୍ ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ('ମୁଁ'ଭାବ) ନ ରଖି ଭଗବାନଙ୍କ ଠାରେ ଲୀନ ହୋଇଯାଏ, ଭଗବାନ ତାକୁ 'ଜ୍ଞାନୀ' କହିଛନ୍ତି—**'ବାସୁଦେବଃ ସର୍ବମିତି ଜ୍ଞାନବାନ୍ମାଂ ପ୍ରପଦ୍ୟତେ'** (ଗୀତା ୭ । ୧୯)। ଏପରି ଜ୍ଞାନୀ ଭକ୍ତକୁ ଭଗବାନ ତାଙ୍କର ଅତ୍ୟନ୍ତ ପ୍ରିୟ କହିଛନ୍ତି—**'ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ'** (ଗୀତା ୭ । ୧୭) ଏବଂ ତାକୁ ନିଜର ସ୍ୱରୂପ କହିଛନ୍ତି—**'ଜ୍ଞାନୀ ତ୍ୱାତ୍ମୈବ ମେ ମତମ୍'** (୭ । ୧୮)। ତାତ୍ପର୍ଯ୍ୟ ଏହି ଯେ ବିବେକଠାରୁ ମଧ୍ୟ ଭାବ ବଳବାନ୍। ଏଣୁ ଭାବପୂର୍ବକ ଜଗତକୁ ଭଗବତ୍ସ୍ୱରୂପ ଦେଖିବା ସର୍ବଶ୍ରେଷ୍ଠ ସାଧନ ଅଟେ।

✦✦✦

ଆକର ଚ୍ୟାରି ଲାଖ ଚୌରାସୀ । ଜାତି ଜୀଵ ଜଲ ଥଲ ନଭ ବାସୀ ॥
ସୀୟ ରାମମୟ ସବ ଜଗ ଜାନୀ । କରଉଁ ପ୍ରନାମ ଜୋରି ଜୁଗ ପାନୀ ॥
(ମାନସ, ବାଲ. ୮ । ୧)

'ସୀୟ ରାମମୟ' କହିବାର ଉଦ୍ଦେଶ୍ୟ ହେଲା, ସ୍ତ୍ରୀବାଚକ ଓ ପୁରୁଷବାଚକ ସମସ୍ତ ପ୍ରାଣୀ ଓ ପଦାର୍ଥ ସୀତାରାମଙ୍କର ହିଁ ସ୍ୱରୂପ ଅଟନ୍ତି। ସୀତାରାମ କହନ୍ତୁ, ରାଧେଶ୍ୟାମ କହନ୍ତୁ, ଗୌରୀଶଙ୍କର କହନ୍ତୁ ବା ଲକ୍ଷ୍ମୀନାରାୟଣ କହନ୍ତୁ, ଏକା କଥା।

୬. ସବୁକିଛି ଭଗବାନ

ଗୀତାରେ ଭଗବାନ କହିଛନ୍ତି—

ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ମାଂ ପ୍ରପଦ୍ୟତେ ।
ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ॥

(୭ । ୧୯)

"ଅନେକ ଜନ୍ମର ଶେଷରେ 'ସବୁକିଛି ଭଗବାନ' ଏତାଦୃଶ ଜ୍ଞାନ ଲାଭ କରିଥିବା ଯେଉଁ ବ୍ୟକ୍ତି ମୋର ଶରଣାପନ୍ନ ହୁଏ, ସେହି ମହାତ୍ମା ଅତ୍ୟନ୍ତ ଦୁର୍ଲଭ ।"

କହିବାର ଉଦ୍ଦେଶ୍ୟ ହେଲା, 'ସବୁକିଛି ଭଗବାନ'—ଏହା ହିଁ ପ୍ରକୃତ ଜ୍ଞାନ । ଏପରି ଜ୍ଞାନସମ୍ପନ୍ନ ମହାତ୍ମା* ଭଗବାନଙ୍କର ଶରଣାପନ୍ନ ହୁଅନ୍ତି ଅର୍ଥାତ୍ ନିଜର ଅସ୍ତିତ୍ୱ ('ମୁଁ'ଭାବ) ନଷ୍ଟ କରି ଭଗବାନଙ୍କ ଠାରେ ଲୀନ ହୋଇଯାଆନ୍ତି । ତେଣିକି 'ମୁଁ'ଭାବ ରହେ ନାହିଁ ଅର୍ଥାତ୍ ଜ୍ଞାନୀ ରହେ ନାହିଁ, ବରଂ କେବଳ ଜ୍ଞାନସ୍ୱରୂପ ଭଗବାନ ହିଁ ରହିଯାଆନ୍ତି, ଯାହାଙ୍କ ଠାରେ ମୁଁ, ତୁ, ଏ ଓ ସେ ନ ଥାଏ ।

ସଂସାରର ମୂଳ ହେଉଛି 'ଅହମ୍' ('ମୁଁ'ଭାବ); ତେଣୁ ଯେକୌଣସି ସାଧନାରେ ହେଉ ପଛେ, ଅହମ୍‌କୁ ନଷ୍ଟ କରିବା ଆବଶ୍ୟକ । ସବୁକିଛି ଭଗବାନ—ଏହି ଭାବ ରଖିଲେ 'ଅହମ୍' ଅତି ସହଜରେ ନଷ୍ଟ ହୋଇଯାଏ । ଅହମ୍ ଯୋଗୁଁ ହିଁ ସଂସାର ଦେଖାଯାଉଛି ଅର୍ଥାତ୍ ଅହଂଭାବ(ବ୍ୟକ୍ତିତ୍ୱ)କୁ ସ୍ୱୀକାର କରିବାରୁ ଓ ଅହମ୍‌ର ସଂସ୍କାର ରହିବାରୁ ହିଁ ସଂସାରର ସ୍ୱତନ୍ତ୍ର ସତ୍ତା ଦେଖାଯାଉଛି । ଅହଂଭାବ ନଷ୍ଟ ହୋଇଯିବାମାତ୍ରେ ସଂସାରର ସ୍ୱତନ୍ତ୍ର

---

* 'ମହାତ୍ମା' ଶବ୍ଦର ଅର୍ଥ—ମହାନ୍ ଆତ୍ମା ଅର୍ଥାତ୍ ଅହଂଭାବ, ବ୍ୟକ୍ତିତ୍ୱ, ଏକଦେଶୀୟତା ବିବର୍ଜିତ ଆତ୍ମା । ଯାହାଠାରେ ଅହଂଭାବ, ବ୍ୟକ୍ତିତ୍ୱ ଓ ଏକଦେଶୀୟତା ଥାଏ, ସେ ହେଉଛି 'ଅଳ୍ପାତ୍ମା' । ଗୀତାରେ ଭଗବାନ ମହାତ୍ମା ଶବ୍ଦ କେବଳ ଭକ୍ତ ପାଇଁ ପ୍ରୟୋଗ କରିଛନ୍ତି । ଯେଉଁମାନେ ଭକ୍ତିମାର୍ଗର ପଥିକ, ସେହି ସାଧକମାନଙ୍କୁ ମଧ୍ୟ ମହାତ୍ମା କହିଛନ୍ତି (୯ । ୧୩), ଯେଉଁମାନେ ଭଗବାନଙ୍କ ସହିତ ଅଭିନ୍ନ ହୋଇଯାଇଛନ୍ତି, ସେମାନଙ୍କୁ ମଧ୍ୟ ମହାତ୍ମା କହିଛନ୍ତି (୭ । ୧୯) ଏବଂ ଯେଉଁମାନେ ପରମସିଦ୍ଧି (ପରମପ୍ରେମ) ପ୍ରାପ୍ତ କରି ସାରିଛନ୍ତି, ସେମାନଙ୍କୁ ମଧ୍ୟ ମହାତ୍ମା କହିଛନ୍ତି (୮ । ୧୫) ।

ସତ୍ତା ନଷ୍ଟ ହୋଇଯାଏ ଏବଂ 'ସବୁକିଛି ଭଗବାନ' ବୋଲି ଅନୁଭବ ହୋଇଯାଏ । ଅତଏବ ନିଜର ଅଥବା ସଂସାରର ସ୍ୱତନ୍ତ୍ର ସତ୍ତା ଦେଖାଯାଉଥିବା ପର୍ଯ୍ୟନ୍ତ ମୁକ୍ତି ବା ପ୍ରକୃତ ଜ୍ଞାନ ହୋଇ ନାହିଁ ବୋଲି ବୁଝିବାକୁ ହେବ ।

ସବୁକିଛି ଭଗବାନ—**'ସର୍ବଂ ଖଲ୍ୱିଦଂ ବ୍ରହ୍ମ'** (ଛାନ୍ଦୋଗ୍ୟ. ୩ । ୧୪ । ୧), **'ବ୍ରହ୍ମୈବେଦଂ ବିଶ୍ୱମିଦଂ ବରିଷ୍ଠମ୍'** (ମୁଣ୍ଡକ. ୨ । ୨ । ୧୧) । ଏକ ପରମତତ୍ତ୍ୱ ଭଗବାନଙ୍କ ବ୍ୟତୀତ ଆଉ କିଛି ନ ଥିଲା, ନାହିଁ, ହେବ ନାହିଁ, କି ହୋଇ ପାରିବ ନାହିଁ ମଧ୍ୟ* । ସବୁକିଛି ଭଗବାନ ବୋଲି ଜାଣୁଥିବା ବ୍ୟକ୍ତି ମଧ୍ୟ ଭଗବାନ; କାରଣ ଭଗବାନଙ୍କ ଠାରେ ମୁଁ, ତୁ, ଏ ଓ ସେ ନ ଥାଏ । ଭଗବାନଙ୍କୁ ଜାଣିବା ଲୋକର ସତ୍ତା ପ୍ରତୀତ ହେଉଥିବା ପର୍ଯ୍ୟନ୍ତ **'ବାସୁଦେବଃ ସର୍ବମ୍'** ସିଦ୍ଧ ହୋଇ ନାହିଁ ବୋଲି ବୁଝିବାକୁ ହେବ । ଏହା ସିଦ୍ଧ ହେଲାପରେ ସ୍ୱୟଂର ପୃଥକ୍ ସତ୍ତା ଓ ଅସ୍ତିତ୍ୱ ରହେ ନାହିଁ, ବରଂ ଏକମାତ୍ର ଭଗବାନ ହିଁ ଅବଶେଷ ରହିଯାଆନ୍ତି । ଏଣୁ କୁହାଯାଇଛି—

ଢୂଁଢା ସବ ଜହାଁ ମେଁ, ପାୟା ପତା ତେରା ନହାଁ ।
ଜବ ପତା ତେରା ଲଗା, ଅବ ପତା ମେରା ନହାଁ ॥

ଅର୍ଜୁନ କହିଛନ୍ତି—

ସ୍ୱୟମେବାତ୍ମନାତ୍ମାନଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ ।

(ଗୀତା ୧୦ । ୧୫)

"ହେ ପୁରୁଷୋତ୍ତମ! ଆପଣ ନିଜେ ହିଁ ନିଜ ଦ୍ୱାରା ନିଜକୁ ଜାଣନ୍ତି ।"

ନିଷ୍କର୍ଷ ହେଲା ଯେ ଜ୍ଞାତା ମଧ୍ୟ ଭଗବାନ, ଜ୍ଞେୟ ମଧ୍ୟ ଭଗବାନ ଓ ଜ୍ଞାନ ମଧ୍ୟ ଭଗବାନ ଅର୍ଥାତ୍ ଭଗବାନ ହିଁ ସବୁକିଛି ଅଟନ୍ତି । ତାଙ୍କ ବ୍ୟତୀତ ଆଉ କିଛି ନାହିଁ । ଭଗବାନ ନିଜେ କହିଛନ୍ତି—

---

* ଦୃଷ୍ଟଂ ଶ୍ରୁତଂ ଭୂତଭବଦ୍ ଭବିଷ୍ୟତ୍ ସ୍ଥାସ୍ନୁଶ୍ଚରିଷ୍ଣୁର୍ମହଦଳ୍ପକଂ ଚ ।
ବିନାଚ୍ୟୁତାଦ୍ ବସ୍ତୁ ତରାଂ ନ ବାଚ୍ୟଂ ସ ଏବ ସର୍ବଂ ପରମାର୍ଥଭୂତଃ ॥

(ଶ୍ରୀମଭା. ୧୦ । ୪୬ । ୪୩)

"ଯାହା ବି ଦେଖାଯାଉଛି ଓ ଶୁଣାଯାଉଛି, ତାହା ଭୂତକାଳର ହୋଇଥାଉ, ବର୍ତ୍ତମାନକାଳର ହୋଇଥାଉ ବା ଭବିଷ୍ୟତକାଳର ହୋଇଥାଉ, ସ୍ଥାବର ହୋଇଥାଉ ବା ଜଙ୍ଗମ ହୋଇଥାଉ, ମହାନ୍ ହୋଇଥାଉ ବା ଅଳ୍ପ ହୋଇଥାଉ, କୌଣସି ବସ୍ତୁକୁ ଭଗବାନଙ୍କ ଠାରୁ ଭିନ୍ନ କୁହାଯାଇପାରିବ ନାହିଁ । ସବୁକିଛି ଭଗବାନ, ସେ ହିଁ ପରମାର୍ଥ ସତ୍ୟ ।"

ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି ଧନଞ୍ଜୟ ।
ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ ॥

(ଗୀତା ୭ । ୭)

"ହେ ଧନଞ୍ଜୟ! ମୋ'ଠାରୁ ବଳି ଏହି ଜଗତର ଅନ୍ୟ କୌଣସି କିଞ୍ଚିନ୍ମାତ୍ର କାରଣ ଓ କାର୍ଯ୍ୟ ନାହିଁ। ଯେପରି ସୂତାନିର୍ମିତ ମାଳିଦାନାଗୁଡ଼ିକ ସୂତାରେ ହିଁ ଗୁନ୍ଥା ହୋଇଥାଆନ୍ତି, ସେହିପରି ଏ ସମଗ୍ର ଜଗତ ମୋ'ଠାରେ ହିଁ ଓତପ୍ରୋତ ହୋଇଛି।"

ତାତ୍ପର୍ଯ୍ୟ ଏହି ଯେ ସୂତା ମଧ୍ୟ ଭଗବାନ ଓ ମାଳିଦାନା ମଧ୍ୟ ଭଗବାନ; ମାଳା ମଧ୍ୟ ଭଗବାନ ଓ ମାଳା ଜପ କରୁଥିବା ଲୋକ ମଧ୍ୟ ଭଗବାନ ଅର୍ଥାତ୍ ସବୁକିଛି ଭଗବାନ। ଭକ୍ତ ପ୍ରହ୍ଲାଦ ଭଗବାନଙ୍କୁ କହିଛନ୍ତି—

ତ୍ୱଂ ବାୟୁରଗ୍ନିରବନିର୍ବିୟଦମ୍ବୁମାତ୍ରାଃ
ପ୍ରାଣେନ୍ଦ୍ରିୟାଣି ହୃଦୟଂ ଚିଦନୁଗ୍ରହଶ୍ଚ।
ସର୍ବଂ ତ୍ୱମେବ ସଗୁଣୋ ବିଗୁଣଶ୍ଚ ଭୂମନ୍
ନାନ୍ୟତ୍ ତ୍ୱଦସ୍ତ୍ୟପି ମନୋବଚସା ନିରୁକ୍ତମ୍ ॥

(ଶ୍ରୀମଦ୍ଭା. ୭ । ୯ । ୪୮)

"ହେ ଅନନ୍ତ ପ୍ରଭୁ! ବାୟୁ, ଅଗ୍ନି, ପୃଥିବୀ, ଆକାଶ, ଜଳ, ପଞ୍ଚତନ୍ମାତ୍ରା, ପ୍ରାଣ, ଇନ୍ଦ୍ରିୟ, ମନ, ଚିତ୍ତ, ଅହଂକାର, ସମଗ୍ର ଜଗତ ଏବଂ ସଗୁଣ ଓ ନିର୍ଗୁଣ—ସବୁକିଛି କେବଳ ଆପଣ ହିଁ ଅଟନ୍ତି। ଆଉ ଅଧିକ କଣ ବା କହିବି, ମନ ଓ ବାଣୀ ଦ୍ୱାରା ଯାହା ବି ନିରୂପଣ କରାଯାଇଛି, ସେସବୁ ଆପଣଙ୍କ ଠାରୁ ପୃଥକ୍ ନୁହେଁ।"

'ସବୁକିଛି ଭଗବାନ'—ଏହି ଭାବନା ବିବେକଠାରୁ ମଧ୍ୟ ଶକ୍ତିଶାଳୀ। ଜ୍ଞାନମାର୍ଗରେ ବିବେକର ଓ ଭକ୍ତିମାର୍ଗରେ ଭାବର ପ୍ରାଧାନ୍ୟ ଥାଏ। ଜ୍ଞାନମାର୍ଗରେ ଜଡ଼ ଓ ଚେତନ, ସତ୍ ଓ ଅସତ୍ ବିଷୟକ ବିବେକ ମୁଖ୍ୟ ହୋଇଥିବାରୁ ଏହା ହେଉଛି ଦ୍ୱୈତମାର୍ଗ, କିନ୍ତୁ ଭକ୍ତିମାର୍ଗରେ ଏକମାତ୍ର ଭଗବଦ୍‌ଭାବ ମୁଖ୍ୟ ହୋଇଥିବାରୁ ଏହା ହେଉଛି ଅଦ୍ୱୈତମାର୍ଗ। ଜ୍ଞାନଯୋଗର ଆରମ୍ଭରେ ବିବେକ ରହିଥାଏ, କିନ୍ତୁ ଭକ୍ତିଯୋଗରେ ଆରମ୍ଭରୁ ହିଁ ଭଗବାନଙ୍କ ସହିତ ସମ୍ବନ୍ଧ ରହିଥାଏ। ତେଣୁ ଭକ୍ତି ଜ୍ଞାନ ଅପେକ୍ଷା ଶ୍ରେଷ୍ଠ।

ଅତ୍ୟନ୍ତ ବୈରାଗ୍ୟବାନ୍ ସାଧକମାନଙ୍କ ପାଇଁ ଜ୍ଞାନଯୋଗ ଉଦ୍ଦିଷ୍ଟ—

'ନିର୍ବିଣ୍ଣାନାଂ ଜ୍ଞାନଯୋଗଃ' (ଶ୍ରୀମଭା. ୧୧ । ୨୦ । ୭) । ଯେଉଁମାନେ ଅତ୍ୟନ୍ତ ବୈରାଗ୍ୟବାନ୍ ନୁହନ୍ତି କି ଅତ୍ୟନ୍ତ ଆସକ୍ତ ନୁହନ୍ତି, ସେମାନଙ୍କ ପାଇଁ ଭକ୍ତିଯୋଗ ସିଦ୍ଧିପ୍ରଦ ହୋଇଥାଏ—**'ନ ନିର୍ବିଣ୍ଣୋ ନାତିସକ୍ତୋ ଭକ୍ତି-ଯୋଗୋଽସ୍ୟ ସିଦ୍ଧିଦଃ'** (ଶ୍ରୀମଭା. ୧୧ । ୨୦ । ୮) । ଜ୍ଞାନଯୋଗ ହେଉଛି ବିବେକମାର୍ଗ । ବିବେକ ତତ୍ତ୍ୱଜ୍ଞାନ ନୁହେଁ, ବରଂ ଏହା ତତ୍ତ୍ୱଜ୍ଞାନପ୍ରାପ୍ତିର ସାଧନ । ଅତ୍ୟନ୍ତ ବୈରାଗ୍ୟ ନ ହେଲେ ବିବେକମାର୍ଗରେ ଅସତ୍‌ର ସତ୍ତା ରହେ । ଅସତ୍‌ର ସତ୍ତା ରହିବାରୁ ବିବେକପ୍ରଧାନ ସାଧକଠାରେ ନିରନ୍ତର ଆନନ୍ଦ ବିଦ୍ୟମାନ ରହିପାରେ ନାହିଁ । କାରଣ ସଂସାର ହେଉଛି ଦୁଃଖାଳୟ, ଏଣୁ ସଂସାରର ସତ୍ତାର କିଞ୍ଚିନ୍ମାତ୍ର ସଂସ୍କାର ରହିଥିବା ପର୍ଯ୍ୟନ୍ତ ବିବେକ ଥିଲେ ମଧ୍ୟ ଦୁଃଖ ଆସିଯିବ । ସାଧକଠାରେ ଏହି ଅସତ୍ ସତ୍ତାର ସଂସ୍କାର ରହୁଥିବାରୁ ତା'ର ଅଭିଯୋଗ ରହୁଛି ଯେ ସବୁ କଥା ଠିକ୍‌ଭାବେ ବୁଝି ହେଉଛି, କିନ୍ତୁ ସେଭଳି ସ୍ଥିତି ହେଉ ନାହିଁ! ତାକୁ କେବେ କେବେ ନିଜର ସାଧନାରେ ଭଲ ସ୍ଥିତି ଦେଖାଯାଏ ତ ଆଉ କେବେ ରାଗ-ଦ୍ୱେଷ ଅଧିକ ହେଲେ ଗ୍ଲାନି ଅନୁଭବ ହୁଏ ଏବଂ ସେ ବ୍ୟାକୁଳ ହୋଇପଡ଼େ ଯେ ସାଧନ କରି କରି ଏତେ ବର୍ଷ ବିତିଯିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଅନୁଭବ ହେଲା ନାହିଁ! ଭାବନାରେ ସତ୍ ଓ ଅସତ୍ ଉଭୟ ରହୁଥିବାରୁ ଏପରି ଦ୍ୱିଧା ସୃଷ୍ଟି ହୁଏ । ଯଦି ଭାବନାରେ ଏକମାତ୍ର ଭଗବାନ ରହିଯିବେ—**'ବାସୁଦେବଃ ସର୍ବମ୍'**, ତେବେ ଏପରି ଦ୍ୱିଧା ସୃଷ୍ଟି ହେବ ନାହିଁ ।

ଜ୍ଞାନମାର୍ଗରେ ସାଧକ ଅସତ୍‌କୁ ତ୍ୟାଗ କରୁଥିବାରୁ ତା'ଠାରେ ଅହମ୍ (ତ୍ୟାଗୀ) ରହିଯାଇ ପାରେ । କିନ୍ତୁ ଭକ୍ତିମାର୍ଗରେ ଭଗବାନଙ୍କର (ପ୍ରାପଣୀୟ ତତ୍ତ୍ୱର) ପ୍ରାଧାନ୍ୟ ରହୁଥିବାରୁ ପ୍ରେମ ବର୍ଦ୍ଧିତ ହୁଏ ଏବଂ ପ୍ରେମ ବର୍ଦ୍ଧିତ ହେଲେ ଅହମ୍ ଆପେ ଆପେ ନଷ୍ଟ ହୋଇଯାଏ । ତାତ୍ପର୍ଯ୍ୟ ହେଲା, ଜ୍ଞାନମାର୍ଗରେ ଅନୁଭବିତା(ସାଧକ)ର ପ୍ରାଧାନ୍ୟ ଥାଏ ଏବଂ ଭକ୍ତିମାର୍ଗରେ ଅନୁଭାବ୍ୟର (ଭଗବାନଙ୍କର) ପ୍ରାଧାନ୍ୟ ଥାଏ । ସେଥିପାଇଁ ଜ୍ଞାନମାର୍ଗରେ ଅହଂଭାବ ବହୁଦୂର ପର୍ଯ୍ୟନ୍ତ ରହୁଥିବା ସ୍ଥଳେ ଭକ୍ତିମାର୍ଗରେ ଖୁବ୍ ଶୀଘ୍ର ନଷ୍ଟ ହୋଇଯାଏ । ଉଦାହରଣାର୍ଥ—'ମୁଁ ଦେଖୁଛି'ରେ 'ମୁଁ'(ଦ୍ରଷ୍ଟା)ର ପ୍ରାଧାନ୍ୟ ରହେ ଏବଂ 'ସେ ଦେଖୁଛି'ରେ 'ସେ'(ଦ୍ରଷ୍ଟା)ର ପ୍ରାଧାନ୍ୟ ରହେ । 'ସବୁକିଛି ଭଗବାନ'—ଏଥିରେ ଅନୁଭବ, ଅନୁଭାବ୍ୟ ଓ ଅନୁଭବିତା କେହି ହେଲେ ରହନ୍ତି ନାହିଁ ।

ବିବେକମାର୍ଗରେ ସାଧକ ଅସତ୍‌କୁ ନିଷେଧ କରେ । ନିଷେଧ କରିବାରୁ ଅସତ୍‌ର ସତ୍ତା ଜୀବିତ ରହେ । ସାଧକ ଅସତ୍‌ର ନିଷେଧ ଉପରେ ଯେତେ ଗୁରୁତ୍ୱ ଦିଏ, ଅସତ୍‌ର ସତ୍ତା ସେତେ ଦୃଢ଼ୀଭୂତ ହୁଏ । ଏଣୁ ଅସତ୍‌କୁ ଉପେକ୍ଷା କରିଦେବା ଯେତେ ଭଲ, ନିଷେଧ କରିବା ସେତେ ଭଲ ନୁହେଁ । ଉପେକ୍ଷା କରିବାଠାରୁ 'ସବୁକିଛି ଭଗବାନ' ବୋଲି ଭାବନା କରିବା ଆହୁରି ଭଲ । ଭକ୍ତ ଅସତ୍‌କୁ ନିଷେଧ କରେ ନାହିଁ କି ଉପେକ୍ଷା କରେ ନାହିଁ, ବରଂ ସତ୍ ଓ ଅସତ୍ ସବୁକିଛି ପରମାତ୍ମା ବୋଲି ମାନିନିଏ—**'ସଦସଚ୍ଚାହମର୍ଜୁନ'** (ଗୀତା ୯ । ୧୯) ।

ଜ୍ଞାନମାର୍ଗର ସିଦ୍ଧାନ୍ତ ଅନୁସାରେ **'ଗୁଣା ଗୁଣେଷୁ ବର୍ତ୍ତନ୍ତେ'** 'ଗୁଣମାନେ ଗୁଣମାନଙ୍କରେ ହିଁ ପ୍ରବର୍ତ୍ତିତ ହେଉଛନ୍ତି' । ଏଥିରେ ଇନ୍ଦ୍ରିୟଗଣ, ବିଷୟ ଓ କ୍ରିୟା ତିନିହେଁ ଥାଆନ୍ତି; କିନ୍ତୁ **'ବାସୁଦେବଃ ସର୍ବମ୍'** 'ସବୁକିଛି ଭଗବାନ'— ଏଥିରେ ଇନ୍ଦ୍ରିୟଗଣ, ବିଷୟ (ପଦାର୍ଥ) ଓ କ୍ରିୟା କେହି ହେଲେ ନ ଥାନ୍ତି, କେବଳ ଭଗବାନ ହିଁ ଥାଆନ୍ତି ।

ଜ୍ଞାନମାର୍ଗରେ ଯେପରି ପ୍ରବଳ ବୈରାଗ୍ୟ ଆବଶ୍ୟକ, ଭକ୍ତିମାର୍ଗରେ ସେହିପରି ଦୃଢ଼ ସ୍ୱୀକୃତି ଅର୍ଥାତ୍ ଅଟଳ ବିଶ୍ୱାସ ଆବଶ୍ୟକ । ଯେପରି ପ୍ରବଳ ବୈରାଗ୍ୟ ହେଲେ ବିବେକ ବୋଧରେ ପରିଣତ ହୋଇଯାଏ, ସେହିପରି ଅଟଳ ବିଶ୍ୱାସ ହେଲେ **'ବାସୁଦେବଃ ସର୍ବମ୍'**ରୂପକ ସ୍ୱୀକୃତି ଅନୁଭବରେ ପରିଣତ ହୋଇଯାଏ ।

ପ୍ରକୃତରେ ଦେଖିବାକୁ ଗଲେ ସଂସାରର ସ୍ୱୀକୃତ ସତ୍ତାକୁ ଦୂର କରିବା ପାଇଁ ହିଁ **'ବାସୁଦେବଃ ସର୍ବମ୍'** ରୂପକ ଦୃଢ଼ ସ୍ୱୀକୃତି ଆବଶ୍ୟକ, ଅନ୍ୟଥା ଏହା **(ବାସୁଦେବଃ ସର୍ବମ୍)** ସ୍ୱୀକୃତି ନୁହେଁ, ବରଂ ବାସ୍ତବିକତା । ସ୍ୱୀକାର କଲେ ସ୍ୱୀକାର କରୁଥିବା ବ୍ୟକ୍ତି (ଅହମ୍) ରହିଯାଏ, ମାତ୍ର **'ବାସୁଦେବଃ ସର୍ବମ୍'**ରେ ସ୍ୱୀକାର କରୁଥିବା ବ୍ୟକ୍ତି ବା ଅନୁଭବକାରୀ ରହେ ନାହିଁ, ବରଂ ବାସୁଦେବ ହିଁ ରହିଯାଆନ୍ତି । ଅହମ୍ ଥିବାପର୍ଯ୍ୟନ୍ତ ଅର୍ଥାତ୍ ସ୍ୱୀକାର କରୁଥିବା ବ୍ୟକ୍ତି ବା ଅନୁଭବକାରୀ ରହିଥିବା ପର୍ଯ୍ୟନ୍ତ ସଂସାରର ସତ୍ତା ରହିଥାଏ ।

ପ୍ରଶ୍ନ—'ବାସୁଦେବଃ ସର୍ବମ୍' ଭାବ ବିଧ୍ୟାତ୍ମକ ସାଧନ, ନା ନିଷେଧାତ୍ମକ ସାଧନ?

ଉତ୍ତର—ବିଧି ଓ ନିଷେଧ ହେଉଛି କର୍ମଯୋଗ ଓ ଜ୍ଞାନଯୋଗର ବିଷୟ । ଭକ୍ତିଯୋଗ କର୍ମଯୋଗ ଓ ଜ୍ଞାନଯୋଗଠାରୁ ଉର୍ଦ୍ଧ୍ୱରେ । କାରଣ କର୍ମଯୋଗ ଓ ଜ୍ଞାନଯୋଗ ଲୌକିକ ନିଷ୍ଠା ହୋଇଥିବା ସ୍ଥଳେ ଭକ୍ତିଯୋଗ

ଲୌକିକ ନିଷ୍ଠା ନୁହେଁ।* ବିଧି ଓ ନିଷେଧ ସଂସାରରେ ଲାଗୁ ହୁଏ, ଭଗବାନ ସଂସାରରୁ ଅତୀତ। 'ସବୁକିଛି ଭଗବାନ' ଏହି ଭାବରେ ନିଷିଦ୍ଧ ବସ୍ତୁ(ଅସତ୍)ର ସତ୍ତା ନାହିଁ। ଅତଏବ କର୍ମଯୋଗ ଓ ଜ୍ଞାନଯୋଗରେ ନିଷିଦ୍ଧର ତ୍ୟାଗ ହେଉଛି ମୁଖ୍ୟ ଏବଂ ଭକ୍ତିଯୋଗରେ ବିଶ୍ୱାସପୂର୍ବକ ଭଗବାନଙ୍କର ଆଶ୍ରୟ ଗ୍ରହଣ କରିବା ହେଉଛି ମୁଖ୍ୟ। ଭଗବାନଙ୍କର ଆଶ୍ରୟ ଗ୍ରହଣ କରିବା ନିଷିଦ୍ଧର ତ୍ୟାଗଠାରୁ ମଧ୍ୟ ବଳବାନ୍। ଆଶ୍ରୟ ନେବାର ଅର୍ଥ—'ସବୁକିଛି ଭଗବାନ' ବୋଲି ଦୃଢ଼ଭାବରେ ସ୍ୱୀକାର କରି 'ମୁଁ' ଓ 'ମୋର'କୁ ଭଗବାନଙ୍କ ଠାରେ ବିଲୀନ କରିଦେବା।

ପ୍ରଶ୍ନ—'ସବୁକିଛି ପରମାତ୍ମା'—ଏ କଥାକୁ ଶିଖିଯିବା ଓ ଅନୁଭବ କରିବା ମଧ୍ୟରେ ପାର୍ଥକ୍ୟ କ'ଣ?

ଉତ୍ତର—ଶିଖିଗଲେ ମନୁଷ୍ୟ 'ସବୁକିଛି ପରମାତ୍ମା' ବୋଲି ମନେରଖି ପାରିବ, ଏ ବିଷୟରେ ଠିକ୍‌ଭାବେ ବର୍ଣ୍ଣନା କରିଦେବ, ବହି ଲେଖିଦେଇ ପାରିବ, ବ୍ୟାଖ୍ୟାନ ଦେଇ ପାରିବ, କିନ୍ତୁ ତା' ଅନ୍ତରରେ ଜଗତର ସତ୍ତା ରହିବ। ଅନୁଭବ ହେବାପରେ ସେ ଏକମାତ୍ର ପରମାତ୍ମତତ୍ତ୍ୱରେ ହିଁ ସଦାସର୍ବଦା ସମାନରୂପେ ସ୍ଥିତ ରହିବ। ତାତ୍ପର୍ଯ୍ୟ ହେଲା, ଶିଖିଗଲେ ଜଗତର ସତ୍ତା ରହିଥାଏ ଏବଂ ଅନୁଭବ କଲେ ଜଗତର ସ୍ୱତନ୍ତ୍ର ସତ୍ତା ରହେ ନାହିଁ, ବରଂ ସର୍ବଦା ଓ ସର୍ବତ୍ର ଏକମାତ୍ର ପରମାତ୍ମା ହିଁ ରହିଯାଆନ୍ତି।

ସବୁକିଛି ପରମାତ୍ମା ବୋଲି କେବଳ ଶିଖିଗଲେ କେବେ କେବେ ଏପରି ଲାଗିବ ଯେ 'ମୁଁ ପରମାତ୍ମାଙ୍କୁ ପ୍ରାପ୍ତ ହୋଇ ସାରିଛି' ଏବଂ ଅତ୍ୟନ୍ତ

---

* ଗୀତାରେ ଅଛି—

ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ।
ଜ୍ଞାନଯୋଗେନ ସାଂଖ୍ୟାନାଂ କର୍ମଯୋଗେନ ଯୋଗିନାମ୍॥ (୩।୩)

କର୍ମଯୋଗ 'କ୍ଷର'(ସଂସାର) ଉପରେ ଓ ଜ୍ଞାନଯୋଗ 'ଅକ୍ଷର'(ଜୀବାତ୍ମା) ଉପରେ ଆଧାରିତ। କ୍ଷର ଓ ଅକ୍ଷର ଲୋକର ଅନ୍ତର୍ଗତ—'ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ' (ଗୀତା ୧୫।୧୬)। ଅତଏବ କର୍ମଯୋଗ ଓ ଜ୍ଞାନଯୋଗ ଲୌକିକ ନିଷ୍ଠା। କିନ୍ତୁ ଭକ୍ତିଯୋଗ ପରମାତ୍ମାଙ୍କ ଉପରେ ଆଧାରିତ, ଯେ କି କ୍ଷର ଓ ଅକ୍ଷରର ଊର୍ଦ୍ଧ୍ୱରେ—'ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ' (ଗୀତା ୧୫।୧୭)। ଅତଏବ ଭକ୍ତିଯୋଗ ଲୌକିକ ନିଷ୍ଠା ନୁହେଁ।

ଶାନ୍ତି ଓ ଆନନ୍ଦ ଅନୁଭବ ହେବ। କିନ୍ତୁ କେବେ କେବେ ଏହି ଧାରଣା କୋହଳ ହୋଇଯିବ ଏବଂ ଜଗତର ସତ୍ତା ସମ୍ମୁଖକୁ ଆସିଯିବ, ସେତେବେଳେ ଏପରି ଅନୁଭବ ହେବ ଯେ 'ମୁଁ ଯେପରି ଭାବୁଥିଲି, ମୋର ସ୍ଥିତି ସେପରି ହୋଇ ନାହିଁ'। କେବେ କେବେ ଏପରି ମନେହେବ ଯେ ମୁଁ ଯେତେବେଳେ ଏ ବିଷୟ ଜାଣି ନ ଥିଲି, ସେତେବେଳେ ଯେପରି ଶାନ୍ତି ଥିଲା, ଏବେ ମଧ୍ୟ ସେପରି ନାହିଁ, ମନ ଭିତରେ ବହୁତ ଆନ୍ଦୋଳନ, ଗୁଞ୍ଜଲ୍ୟ ସୃଷ୍ଟି ହେଉଛି'! ଜଗତର ସତ୍ତା ଯେତେ ଦୃଢ଼ ହେବ, ସେତେ ଅଧିକ ଅଶାନ୍ତି, ଦୁଃଖ ଓ ସନ୍ତାପ ଉତ୍ପନ୍ନ ହେବ ଏବଂ ଯେତେବେଳେ ବିବେକପୂର୍ବକ ଜଗତର ସତ୍ତା ଦୂର ହୋଇଯିବ, ସେତେବେଳେ ସବୁକିଛି ପରମାତ୍ମା ବୋଲି ଦୃଶ୍ୟ ହେବ। କିନ୍ତୁ 'ସବୁକିଛି ପରମାତ୍ମା' ବୋଲି ଯେତେବେଳେ ଅନୁଭବ ହୋଇଯିବ, ସେତେବେଳେ ଏଥିରେ ଆଦୌ ପରିବର୍ତ୍ତନ ଦେଖାଯିବ ନାହିଁ। କାରଣ ଭଗବାନଙ୍କ ଠାରେ ଜଗତ ନାହିଁ।

ପ୍ରଶ୍ନ—'ସବୁକିଛି ଭଗବାନ'—ଏହା କରଣସାପେକ୍ଷ, ନା କରଣନିରପେକ୍ଷ?

ଉତ୍ତର—ଏହା କରଣନିରପେକ୍ଷ। ଯେପରି ଆମେ ଶିଢ଼ି ମାଧ୍ୟମରେ ଛାତ ଉପରକୁ ଚଢ଼ିଗଲା ପରେ ଶିଢ଼ି ଆପେ ଆପେ ପୃଥକ୍ ରହିଯାଏ, ସେହିପରି ଭକ୍ତିରେ କରଣ ଆପେ ଆପେ ଦୂରେଇଯାଏ, ତାହାକୁ ଛାଡ଼ିବାକୁ ପଡ଼େ ନାହିଁ। ବିବେକମାର୍ଗର ସାଧକ ବିବେକ-ବିଗ୍ରହପୂର୍ବକ ଶିଢ଼ିକୁ ଛାଡ଼ି ଉପରକୁ ଯାଏ; ସେଥିପାଇଁ ଛାଡୁଥିବା ଲୋକର ଓ ଛାଡ଼ିଯାଉଥିବା ଶିଢ଼ିର ସତ୍ତା ରହୁଥିବାରୁ ଅହଂକାର ବହୁଦୂର ପର୍ଯ୍ୟନ୍ତ ସଙ୍ଗରେ ରହେ। କିନ୍ତୁ ଭକ୍ତ ଆରମ୍ଭରୁ ହିଁ ଭଗବନ୍ନିଷ୍ଠ ଅର୍ଥାତ୍ ଭଗବାନଙ୍କର ପରାୟଣ (ଆଶ୍ରିତ) ହୋଇଥାଏ। ସେଥିପାଇଁ ଭକ୍ତିରେ 'ମୁଁ ସାଧନା କରୁଛି'—ଏହିରୂପେ ଭକ୍ତ ସାଧନନିଷ୍ଠ ହେଉଥିଲେ ମଧ୍ୟ କରଣ ସହିତ ତା'ର ସମ୍ବନ୍ଧ ରହେ ନାହିଁ, ବରଂ କରଣର ସମ୍ବନ୍ଧ ଭଗବାନଙ୍କ ସହିତ ରହେ। ଭକ୍ତିରେ ସାଧ୍ୟ ତ ଭଗବାନ, ଏହାଛଡ଼ା ସାଧନ ମଧ୍ୟ ଭଗବାନଙ୍କର ଆଶ୍ରୟ। ବାସ୍ତବରେ 'ମୁଁ ସାଧନା କରୁଛି' ଏପରି ଭାବନା ଭକ୍ତର ରହେ ନାହିଁ, ବରଂ ସେ ଭାବେ ଯେ ଭଗବାନଙ୍କ କୃପାରୁ ସାଧନା ହେଉଛି ଅର୍ଥାତ୍ ଭଗବାନ କରାଉଛନ୍ତି, ମୁଁ କରୁ ନାହିଁ— ***'କରୀ ଗୋପାଲ କୀ ସବ ହୋଇ।'***

ସେଥିପାଇଁ ଭକ୍ତଠାରେ କର୍ତ୍ତୃତ୍ୱ ରହେ ନାହିଁ। କଦାଚିତ୍ କିଛି ରହି ଗଲେ ମଧ୍ୟ ଭଗବାନ ତାହାକୁ ନଷ୍ଟ କରିଦିଅନ୍ତି*।

ପ୍ରଶ୍ନ—'ସବୁକିଛି ଭଗବାନ'—ଏପରି ଅନୁଭବ କରିବାର ସାଧନ (ଉପାୟ) କ'ଣ?

ଉତ୍ତର—ଏହାକୁ ଅନୁଭବ କରିବା ପାଇଁ ତିନୋଟି ସାଧନ ରହିଛି—କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ। କର୍ମଯୋଗରେ ସାଧକ କର୍ମରେ ଅକର୍ମ ଓ ଅକର୍ମରେ କର୍ମ ଦେଖେ—

କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ।

(ଗୀତା ୪।୧୮)

ଜ୍ଞାନଯୋଗରେ ସାଧକ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମାକୁ ଓ ଆତ୍ମାରେ ସମସ୍ତ ପ୍ରାଣୀଙ୍କୁ ଦେଖେ—

ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି।

(ଗୀତା ୬।୨୯)

ଭକ୍ତିଯୋଗରେ ସାଧକ ସଂସାରରେ ଭଗବାନଙ୍କୁ ଓ ଭଗବାନଙ୍କ ଠାରେ ସଂସାରକୁ ଦେଖେ—

ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି।

(ଗୀତା ୬।୩୦)

କର୍ମରେ ଅକର୍ମ ଓ ଅକର୍ମରେ କର୍ମ ଦେଖିଲେ କର୍ମ ରହେ ନାହିଁ, ବରଂ 'ଅକର୍ମ' ହିଁ ଅବଶେଷ ରହେ। ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମାକୁ ଓ ଆତ୍ମାରେ ସମସ୍ତ ପ୍ରାଣୀଙ୍କୁ ଦେଖିଲେ ପ୍ରାଣୀମାନେ ରହନ୍ତି ନାହିଁ, ବରଂ 'ଆତ୍ମା' ହିଁ ଅବଶେଷ ରହିଯାଏ। ସଂସାରରେ ଭଗବାନଙ୍କୁ ଓ ଭଗବାନଙ୍କ ଠାରେ ସଂସାରକୁ ଦେଖିଲେ ସଂସାର ରହେ ନାହିଁ, ବରଂ ଏକମାତ୍ର 'ଭଗବାନ' ଅବଶେଷ ରହିଯାଆନ୍ତି। ଅକର୍ମ (ନିର୍ଲିପ୍ତତା), ଆତ୍ମା ଓ ଭଗବାନ—ତିନିହେଁ ସମାନ। ସୁତରାଂ କର୍ମଯୋଗ,

---

* ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍।
ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ॥
ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ।
ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା॥
(ଗୀତା ୧୦।୧୦,୧୧)

ଜ୍ଞାନଯୋଗ ଓ ଭକ୍ତିଯୋଗ ତିନୋଟିଯାକ ଯୋଗର ପରିଣାମରେ 'ସବୁକିଛି ଭଗବାନ' ବୋଲି ଅନୁଭବ ହୋଇଯାଏ।

କର୍ମଯୋଗୀ ସ୍ୱାର୍ଥଭାବ ତ୍ୟାଗ କରି କେବଳ ଅନ୍ୟମାନଙ୍କ ସୁଖ ପାଇଁ ସମସ୍ତ କର୍ମ କରେ, ତେଣୁ ତା'ର ସୁଖାସକ୍ତି ନଷ୍ଟ ହୋଇଯାଏ। ସୁଖାସକ୍ତି ନଷ୍ଟ ହୋଇଗଲେ ତା'ର 'ମୁଁ ଓ ମୋର'ଭାବ ରହେ ନାହିଁ। 'ମୁଁ ଓ ମୋର'ଭାବ ନଷ୍ଟ ହୋଇଗଲେ ସଂସାରର ସ୍ୱତନ୍ତ୍ର ସତ୍ତାର ଅଭାବ ହୋଇଯାଏ ଏବଂ ଏକମାତ୍ର ଭଗବାନ ହିଁ ରହିଯାଆନ୍ତି।

ଜ୍ଞାନଯୋଗୀ ସତ୍-ଅସତ୍ ସମ୍ବନ୍ଧୀୟ ବିବେକକୁ ମହତ୍ତ୍ୱ ଦେଇ ଅସତ୍‌କୁ ବର୍ଜନ କରେ ଓ ସତ୍‌ରେ ସ୍ଥିତ ହୁଏ। ବିବେକ ଦ୍ୱାରା ସତ୍‌ରେ ସ୍ଥିତ ହେଲେ ମଧ୍ୟ ସଂସାରର ସତ୍ତା ସୂକ୍ଷ୍ମରୂପେ ରହିଥାଏ; କାରଣ ସାଧନାବସ୍ଥାରେ ତୀବ୍ର ବୈରାଗ୍ୟ ନ ଥିଲା। ତୀବ୍ର ବୈରାଗ୍ୟ ନ ଥିବାରୁ ଅନୁଭବ ହେବା ପରେ ମଧ୍ୟ ଆସକ୍ତିର ସାମାନ୍ୟ ଅଂଶ ଅଥବା 'ମୁଁ' ଓ 'ମୋର' ଭାବ ସୂକ୍ଷ୍ମରୂପେ ରହିଯାଏ। ସେହି ସୂକ୍ଷ୍ମ 'ମୁଁ'ଭାବ ରହୁଥିବା ହେତୁ ବିବିଧ ଦର୍ଶନ ମଧ୍ୟରେ ମତଭେଦ ରହେ ଏବଂ ନିଜର ଦର୍ଶନ, ସିଦ୍ଧାନ୍ତ, ସାଧନ ଇତ୍ୟାଦି ଉତ୍ତମ ମନେହୁଏ। ତୀବ୍ର ବୈରାଗ୍ୟ ଆସିଗଲେ ଓ ପ୍ରକୃତ ତତ୍ତ୍ୱର ସାକ୍ଷାତ୍‌କାର ହୋଇଗଲେ ଏହି ସୂକ୍ଷ୍ମ 'ମୁଁ'ଭାବ ରହେ ନାହିଁ ଏବଂ 'ସବୁକିଛି ଭଗବାନ' ବୋଲି ଅନୁଭବ ହୋଇଯାଏ।*

ଭକ୍ତିଯୋଗୀ ସମସ୍ତଙ୍କ ଠାରେ ଭଗବାନଙ୍କୁ ଓ ଭଗବାନଙ୍କ ଠାରେ ସମସ୍ତଙ୍କୁ ଦେଖୁଥିବାରୁ ତା' ଦୃଷ୍ଟିରେ ମୁଁ-ମୋର, ତୁ-ତୋର, ଏ-ଏହାର ଓ ସେ-ତାହାର ଭାବନା ନ ଥାଏ, ବରଂ କେବଳ ଭଗବାନ ହିଁ ଥାଆନ୍ତି। ସାଧାରଣତଃ ସମସ୍ତଙ୍କର 'ମୁଁ ଅଛି, ଜଗତ ଅଛି ଓ ଭଗବାନ ଅଛନ୍ତି'—ଏପରି ଭାବନା ରହିଥାଏ, କିନ୍ତୁ ଭକ୍ତର କେବଳ ଭଗବଦ୍‌ଭାବ ରହିଥାଏ। ସେଥିପାଇଁ ତା'ର 'ମୁଁ ଓ ମୋର'ଭାବ ସହଜରେ ନଷ୍ଟ ହୋଇଯାଏ✝ ଏବଂ ତାକୁ 'ସବୁକିଛି ଭଗବାନ' ବୋଲି ଅନୁଭବ ହୋଇଯାଏ।

---

* ବିବେକମାର୍ଗରେ ସାଧକ ଯଦି ଆରମ୍ଭରୁ ବୁଝିନେବ ଯେ ଅସତ୍‌ର ସତ୍ତା ନାହିଁ—'ନାସତୋ ବିଦ୍ୟତେ ଭାବଃ' (ଗୀତା ୨ । ୧୬), ତେବେ ତା' ବୁଦ୍ଧିରେ ସ୍ଥାନ ପାଇଥିବା ଅସତ୍‌ର ସତ୍ତା ଅତି ସହଜରେ ଦୂର ହୋଇଯିବ।

✝ ଭକ୍ତିମାର୍ଗରେ ଯଦିଓ 'ମୁଁ'ଭାବ ରହିଥାଏ, ତଥାପି 'ମୁଁ ଭଗବାନଙ୍କର' ବୋଲି ମାନିନେଲେ ସେହି 'ମୁଁ'ଭାବ ବିଘ୍ନକାରକ ହୁଏ ନାହିଁ— *'ଅସ ଅଭିମାନ ଜାଇ ଜନି*

ପ୍ରଶ୍ନ—ଯଦି ସବୁକିଛି ଭଗବାନ, ତେବେ ସାତ୍ତ୍ୱିକ, ରାଜସ ଓ ତାମସ ଭାବ ବର୍ଜନୀୟ କାହିଁକି?

ଉତ୍ତର—ଯେପରି ଭୂଗର୍ଭରେ ସବୁଆଡ଼େ ଜଳ ଥିଲେ ମଧ୍ୟ ତାହାର ପ୍ରାପ୍ତିସ୍ଥାନ ହେଉଛି କୂଅ, ସେହିପରି ଭଗବାନ ସର୍ବତ୍ର ଥିଲେ ମଧ୍ୟ ତାଙ୍କୁ ପାଇବାର ସ୍ଥାନ ହେଉଛି ହୃଦୟ—**'ହୃଦି ସର୍ବସ୍ୟ ବିଷ୍ଠିତମ୍'** (ଗୀତା ୧୩ । ୧୭), **'ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟଃ'** (ଗୀତା ୧୫ । ୧୫) । କିନ୍ତୁ ସାତ୍ତ୍ୱିକ, ରାଜସ ଓ ତାମସ ଭାବ ଭଗବାନଙ୍କୁ ପାଇବାର ସ୍ଥାନ ନୁହେଁ । ତେଣୁ ଏଗୁଡ଼ିକ ସାଧକ ପାଇଁ ଅନୁପଯୋଗୀ । ଏଥିପାଇଁ ଭଗବାନ କହିଛନ୍ତି ଯେ ଏହି ଭାବଗୁଡ଼ିକ ମୋ'ଠାରୁ ଉତ୍ପନ୍ନ ହେଉଥିଲେ ମଧ୍ୟ ମୁଁ ଏଗୁଡ଼ିକରେ ନାହିଁ କି ଏଗୁଡ଼ିକ ମୋ'ଠାରେ ନାହାନ୍ତି—

ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ଯେ ।
ମତ୍ତ ଏବେତି ତାନ୍ ବିଦ୍ଧି ନ ତ୍ୱହଂ ତେଷୁ ତେ ମୟି ॥

(ଗୀତା ୭ । ୧୨)

ଧାନଫସଲରେ ଧାନ ହିଁ ମୁଖ୍ୟ, ପତ୍ର, କାଣ୍ଡ ଆଦି ମୁଖ୍ୟ ନୁହେଁ । ଧାନ ଅମଳ କରିବା ହିଁ କୃଷକର ମୁଖ୍ୟ ଲକ୍ଷ୍ୟ ହୋଇଥାଏ । ବହୁତ ଧାନ ପାଇବା ପାଇଁ ସେ ଜମିରେ ପାଣି, ସାର ଆଦି ପ୍ରୟୋଗ କରେ । ଠିକ୍ ସେହିପରି ସାଧକର ଲକ୍ଷ୍ୟ ସଂସାର ନ ହୋଇ ଏକମାତ୍ର ପରମାତ୍ମା ହିଁ ହେବା ଉଚିତ । ଭଗବାନଙ୍କୁ ପାଇବା ପାଇଁ ସେ ସଂସାରର ସେବା କରିବା ଉଚିତ । ସେବ୍ୟ ବ୍ୟତୀତ ସଂସାର ସହିତ ଅନ୍ୟ କୌଣସି ସମ୍ପର୍କ ରଖିବା ଠିକ୍ ନୁହେଁ । ସବୁ ମହତ୍ତ୍ୱ ଧାନର, ପତ୍ର, କାଣ୍ଡ ଇତ୍ୟାଦିର କୌଣସି ମହତ୍ତ୍ୱ ନାହିଁ; କାରଣ ଆରମ୍ଭରେ ହିଁ ଧାନ ଥାଏ ଓ ଶେଷରେ ମଧ୍ୟ ଧାନ ଅମଳ ହୁଏ । ଧାନ ଅମଳ କରି ସାରିବା ପରେ ଆଉ ଯାହା (ପତ୍ର, କାଣ୍ଡ ଇତ୍ୟାଦି) ବଳିପଡ଼େ, ସେସବୁ କୃଷକ ପାଇଁ ଅନୁପଯୋଗୀ, ବରଂ ସେଗୁଡ଼ିକ ପଶୁମାନଙ୍କର ଖାଦ୍ୟ ହୋଇଥାଏ । ସେହିପରି ସାତ୍ତ୍ୱିକ, ରାଜସ ଓ ତାମସ ଭାବ ସାଂସାରିକ ବ୍ୟବହାର ପାଇଁ ଆବଶ୍ୟକ, ନିଜ ପାଇଁ ଏଗୁଡ଼ିକର କୌଣସି ଉପଯୋଗିତା ନାହିଁ ।

ଭୋରେ । ମୈଁ ସେୱକ ରଘୁପତି ପତି ମୋରେ ॥' (ମାନସ, ୩ । ୧୧ । ୧୧) । ଅଭିପ୍ରାୟ ହେଲା, ଭକ୍ତର 'ମୁଁ' ଭାବ ଭଗବାନଙ୍କର ଆଶ୍ରିତ ହୋଇଥାଏ, ସ୍ୱତନ୍ତ୍ର ହୋଇ ରହେ ନାହିଁ । ସ୍ୱତନ୍ତ୍ର ହୋଇ ରହିଲେ ହିଁ 'ମୁଁ' ଭାବ ବିଘ୍ନକାରକ ହୁଏ ।

ଯେପରି ଧାନ(ମଞ୍ଜି)ରୁ ପତ୍ର, କାଣ୍ଡ ଇତ୍ୟାଦି ମିଳୁଥିଲେ ମଧ୍ୟ ପତ୍ର-କାଣ୍ଡରେ ଧାନ ନ ଥାଏ ଏବଂ ଧାନରେ ପତ୍ର-କାଣ୍ଡ ନ ଥାଏ, ସେହିପରି ଭଗବାନଙ୍କ ଠାରୁ ଉତ୍ପନ୍ନ ହୋଇଥିଲେ ମଧ୍ୟ ସାତ୍ତ୍ୱିକ, ରାଜସ ଓ ତାମସ ଭାବରେ ଭଗବାନ ନ ଥାନ୍ତି, କି ଭଗବାନଙ୍କ ଠାରେ ଏହି ସାତ୍ତ୍ୱିକ, ରାଜସ ଓ ତାମସ ଭାବମାନ ନ ଥାନ୍ତି—**'ନ ତ୍ୱହଂ ତେଷୁ ତେ ମୟି ।'**

ଯେପରି ପତ୍ର ଓ କାଣ୍ଡ ଉତ୍ପତ୍ତି-ବିନାଶଶୀଳ ହୋଇଥିଲେ ମଧ୍ୟ ଏବଂ ସେଗୁଡ଼ିକରେ ଧାନ ଦେଖାଯାଉ ନ ଥିଲେ ମଧ୍ୟ ସେଗୁଡ଼ିକ ଧାନଠାରୁ ପୃଥକ୍ ନୁହେଁ, କାରଣ ସେଗୁଡ଼ିକର ଆରମ୍ଭ ଓ ଶେଷରେ ଧାନ ହିଁ ରହିଥାଏ, ସେହିପରି ସଂସାର ଉତ୍ପତ୍ତି-ବିନାଶଶୀଳ ହୋଇଥିଲେ ମଧ୍ୟ ଏବଂ ଏଥିରେ ଭଗବାନ ଦେଖାଯାଉ ନ ଥିଲେ ମଧ୍ୟ ଏହା ଭଗବାନଙ୍କ ଠାରୁ ପୃଥକ୍ ନୁହେଁ, କାରଣ ଏହାର ଆରମ୍ଭରେ ମଧ୍ୟ ଭଗବାନ ଥିଲେ ଓ ଶେଷରେ ମଧ୍ୟ ଭଗବାନ ରହିବେ । ଯେପରି ତତ୍ତ୍ୱଦୃଷ୍ଟିରୁ ଦେଖୁ ନ ଥିବା ଅଜ୍ଞ ଲୋକ ଧାନଫସଲକୁ ସବୁଜ ଘାସ ବୋଲି କହେ, ସେହିପରି ଅଜ୍ଞାନୀ ମନୁଷ୍ୟ ସମସ୍ତ ଦୃଶ୍ୟବର୍ଗକୁ ଭଗବାନ ବୋଲି ସ୍ୱୀକାର ନ କରି ସଂସାର ବୋଲି କହେ ।* କିନ୍ତୁ ତତ୍ତ୍ୱଦୃଷ୍ଟିରୁ ଦେଖୁଥିବା ଜ୍ଞାନୀ ମହାପୁରୁଷଙ୍କ ଦୃଷ୍ଟିରେ ସଂସାର ନ ଥାଏ, ତାଙ୍କୁ ସବୁକିଛି ଭଗବାନ ଦେଖାଯାଏ—**'ବାସୁଦେବଃ ସର୍ବମ୍'** । ଯେଉଁମାନେ ଧାନକୁ ଦେଖନ୍ତି, ସେମାନେ ହିଁ ବାସ୍ତବରେ ମନୁଷ୍ୟ । ଯେଉଁମାନେ କେବଳ ଘାସକୁ ଦେଖନ୍ତି, ସେମାନେ ହେଉଛନ୍ତି ପଶୁ! ମନୁଷ୍ୟ ଘାସକୁ ବାଦ୍‌ଦେଇ ଧାନ ଅମଳ କରୁଥିବା ସ୍ଥଳେ ପଶୁମାନେ କେବଳ ଘାସ ହିଁ ଖାଆନ୍ତି! କାରଣ ସେମାନଙ୍କ ଦୃଷ୍ଟିରେ ଘାସ ବ୍ୟତୀତ ଆଉ କିଛି ନ ଥାଏ—**'କାମୋପଭୋଗପରମା ଏତାବଦିତି ନିଶ୍ଚିତାଃ'** (ଗୀତା ୧୬ । ୧୧) ।

✦✦✦

---

* ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍ ।
ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ ॥ (ଗୀତା ୭ । ୧୩)

"ଏହି ତିନିଗୁଣରୂପକ ଭାବଗୁଡ଼ିକରେ ମୋହିତ ଏ ସମଗ୍ର ଜଗତ ତ୍ରିଗୁଣାତୀତ ଅବିନାଶୀ ମୋତେ ଜାଣେ ନାହିଁ ।"

୭. ବିଲକ୍ଷଣ ଭଗବତ୍‌କୃପା

ଭଗବାନଙ୍କ ଉପରେ ବିଶ୍ୱାସ କରିବା ଉଚିତ, କଦାପି ସଂସାର ଉପରେ ବିଶ୍ୱାସ କରିବା ଉଚିତ ନୁହେଁ । ଏହା ସମସ୍ତଙ୍କର ଅନୁଭବ ଯେ ଦେଖିବା, ଶୁଣିବା ଓ ବୁଝିବାର ଅନ୍ତର୍ଗତ ହେଉଥିବା ସବୁକିଛି ପ୍ରତିକ୍ଷଣ ପରିବର୍ତ୍ତିତ ହେଉଛି; ପୁଣି ତାହା ଉପରେ ବିଶ୍ୱାସ କରାଯିବ କିପରି? ସଂସାର ଆଦୌ ବିଶ୍ୱାସର ପାତ୍ର ନୁହେଁ, ବରଂ ସେ ସେବାର ପାତ୍ର । ଯେଉଁ ଭଗବାନ କେବେ ବଦଳନ୍ତି ନାହିଁ, ବଦଳିବେ ନାହିଁ ଏବଂ ବଦଳି ପାରିବେ ନାହିଁ ତଥା ଯେ ଯଥାବତ୍ ରହନ୍ତି, ସେ ହିଁ ବିଶ୍ୱାସର ଯୋଗ୍ୟ । ଆଉ ଗୋଟିଏ କଥା ଉପରେ ବିଶ୍ୱାସ କରିବା ଉଚିତ ଯେ ଭଗବାନ ଯେହେତୁ କୃପା କରି ତାଙ୍କୁ ପାଇବା ପାଇଁ ମାନବଶରୀର ପ୍ରଦାନ କରିଛନ୍ତି, ତେଣୁ ତାଙ୍କୁ ପାଇବାର ଆବଶ୍ୟକ ସାମଗ୍ରୀ ମଧ୍ୟ ସେ ପ୍ରଦାନ କରିଛନ୍ତି । ସାଧନସାମଗ୍ରୀ କମ୍ ଦେଇ ନାହାନ୍ତି, ବରଂ ବହୁତ ଅଧିକ ଦେଇଛନ୍ତି । ଏତେ ଅଧିକ ଦେଇଛନ୍ତି ଯେ ଏହାଦ୍ୱାରା ମନୁଷ୍ୟ ଅନେକ ଥର ଭଗବାନଙ୍କୁ ପାଇ ପାରିବ, ଯଦିଓ ବାସ୍ତବରେ ଭଗବାନଙ୍କ ପ୍ରାପ୍ତି ଥରକ ପାଇଁ ହୁଏ ଓ ସବୁଦିନ ପାଇଁ ହୁଏ ।

ସାଧକକୁ ପ୍ରାୟ ଜଣାପଡ଼େ ଯେ ତା' ପାଖରେ ସାଧନସାମଗ୍ରୀ ନାହିଁ । ତେଣୁ ସେ ଇଚ୍ଛା କରୁଥାଏ, କେଉଁଠୁ କିଛି ସାଧନସାମଗ୍ରୀ ଓ ମାର୍ଗଦର୍ଶନ ମିଳିଯାଆନ୍ତା କି! ଅର୍ଜୁନଙ୍କୁ ମଧ୍ୟ ନିଜଠାରେ ସାଧନସାମଗ୍ରୀ (ଦୈବୀସମ୍ପତ୍ତି) କମ୍ ଥିବାର ଜଣାପଡୁଥିଲା । ତେଣୁ ଭଗବାନ ତାଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ତୁମ ପାଖରେ ଦୈବୀସମ୍ପତ୍ତି କମ୍ ନାହିଁ, ବରଂ ତାହା ସ୍ୱାଭାବିକଭାବେ ତୁମ ପାଖରେ ବିଦ୍ୟମାନ; ତୁମେ ଚିନ୍ତା କର ନାହିଁ କିଂବା ନିରାଶ ହୁଅ ନାହିଁ—**'ମା ଶୁଚଃ ସମ୍ପଦଂ ଦୈବୀମଭିଜାତୋଽସି ପାଣ୍ଡବ'** (ଗୀତା ୧୬ । ୫) । ଜୀବର କଲ୍ୟାଣ (ଉଦ୍ଧାର) ପାଇଁ ଭଗବାନ ମାନବଶରୀର ପ୍ରଦାନ କରି ଜୀବକୁ କଲ୍ୟାଣର ଆବଶ୍ୟକ ସାମଗ୍ରୀ ଯେ ଦେଇ ନାହାନ୍ତି, ସେ କଥା ନୁହେଁ । ଏପରି ଭୁଲ୍ ଭଗବାନଙ୍କ ଦ୍ୱାରା ହେବା ଆଦୌ ସମ୍ଭବ ନୁହେଁ ।

ଭଗବାନ ଆମ୍ଭମାନଙ୍କର କଲ୍ୟାଣ ପାଇଁ ଆମ୍ଭମାନଙ୍କୁ ବିବେକ ମଧ୍ୟ ଦେଇଛନ୍ତି, ଯୋଗ୍ୟତା ମଧ୍ୟ ଦେଇଛନ୍ତି, ଅଧିକାର ମଧ୍ୟ ଦେଇଛନ୍ତି, ସମୟ ମଧ୍ୟ ଦେଇଛନ୍ତି ଓ ସାମର୍ଥ୍ୟ ମଧ୍ୟ ଦେଇଛନ୍ତି । ତେଣୁ ଭଗବାନ ଆମକୁ ସମସ୍ତ ସାଧନସାମଗ୍ରୀ ଦେଇଛନ୍ତି ବୋଲି ବିଶ୍ୱାସ କରିବା ଉଚିତ । ଯଦି ଆମେ ବିଗ୍ୱର କରୁ ଯେ ଭଗବାନ ଆମକୁ ନିଜର କଲ୍ୟାଣ କରିବା ଭଳି ଯୋଗ୍ୟତା, ବୁଦ୍ଧି ଓ ସାମଗ୍ରୀ ଦେଇ ନାହାନ୍ତି, ସହାୟତା କରୁ ନାହାନ୍ତି, ତେବେ ଏହା ଆମର କୃତଘ୍ନତା ଓ ଭୁଲ୍ ହେବ! ସମସ୍ତଙ୍କ ଉପରେ ଅହୈତୁକୀ କୃପା କରୁଥିବା ଭଗବାନ କଣ କେବେ ଊଣା ରଖି ପାରନ୍ତି? ଆଦୌ ସମ୍ଭବ ନୁହେଁ ।

ଯଦି ଆମେ ନିଜର ଆଧ୍ୟାତ୍ମିକ ଉନ୍ନତି ଆଶା କରୁଛୁ, ତେବେ ବିଶ୍ୱାସ କରିବା ଉଚିତ ଯେ ଭଗବାନ ଆମର ସହାୟତା କରିଛନ୍ତି, କରୁଛନ୍ତି ଏବଂ ଆଗକୁ ମଧ୍ୟ କରିବେ । ସେ ବର୍ତ୍ତମାନ ମଧ୍ୟ ସହାୟତା କରୁଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ଆବଶ୍ୟକ ପଡ଼ିଲେ ସହାୟତା କରିବେ । ସେ ସ୍ୱଭାବତଃ ପରମ ଦୟାଳୁ ଅଟନ୍ତି । ସେ ନିଜ ଭକ୍ତମାନଙ୍କୁ ଯେପରି ପାଳନପୋଷଣ କରନ୍ତି, ଅନ୍ୟ ପ୍ରାଣୀମାନଙ୍କୁ ମଧ୍ୟ ସେହିପରି ପାଳନପୋଷଣ କରନ୍ତି । ଯେଉଁମାନେ ଭଗବାନଙ୍କ ଠାରୁ ବିମୁଖ ହୋଇ ତାଙ୍କର ପ୍ରତିକୂଳ ଆଚରଣ କରନ୍ତି, ସେମାନଙ୍କୁ ମଧ୍ୟ ଭଗବାନ ଅନ୍ନ, ଜଳ, ବାୟୁ ଆଦି ଦିଅନ୍ତି । ଯେଉଁ ଦୁଷ୍ଟ ଲୋକେ ସିଦ୍ଧାନ୍ତ ଓ ଶାସ୍ତ୍ରର ବିରୁଦ୍ଧାଚରଣ କରନ୍ତି, ଭଗବାନଙ୍କୁ ନିନ୍ଦା କରନ୍ତି, ସେମାନଙ୍କୁ ମଧ୍ୟ ଭଗବାନ ଜୀବନନିର୍ବାହର ଆବଶ୍ୟକ ସାମଗ୍ରୀ ପ୍ରଦାନ କରନ୍ତି । ସାପ, ସିଂହ ପ୍ରଭୃତିଙ୍କୁ ମଧ୍ୟ ସେ ଜୀବନନିର୍ବାହର ଆବଶ୍ୟକ ସାମଗ୍ରୀ ପ୍ରଦାନ କରନ୍ତି । ଏପରି ପରମ ଦୟାଳୁ ପ୍ରଭୁ କଣ ଆମର ପାଳନପୋଷଣର ବ୍ୟବସ୍ଥା କରିବେ ନାହିଁ?

ଅୟମୁତ୍ତମୋଽୟମଧମୋ ଜାତ୍ୟା ରୂପେଣ ସମ୍ପଦା ବୟସା ।
ଶ୍ଳାଘ୍ୟୋଽଶ୍ଳାଘ୍ୟୋ ବେତ୍ତୁଂ ନ ବେତ୍ତି ଭଗବାନନୁଗ୍ରହାବସରେ ॥
ଅନ୍ତଃସ୍ୱଭାବଭୋକ୍ତା ତତୋଽନ୍ତରାତ୍ମା ମହାମେଘଃ ।
ଖଦିରଶ୍ଚମ୍ପକ ଇବ ବା ପ୍ରବର୍ଷଣଂ କିଂ ବିଗ୍ୱରୟତି ॥

(ପ୍ରବୋଧସୁଧାକର ୨୫୨,୨୫୩)

"କାହା ଉପରେ କୃପା କଲାବେଳେ ଭଗବାନ ଆଦୌ ବିଚ୍ୱର କରନ୍ତି ନାହିଁ ଯେ ଇଏ ଜାତି, ରୂପ, ଧନ ଓ ଆୟୁରେ ଉତ୍ତମ ବା ଅଧମ? ନିନ୍ଦ୍ୟ ବା ସ୍ତୁତ୍ୟ? ଏହି ଅନ୍ତରାତ୍ମାରୂପୀ ମହାମେଘ ଆନ୍ତରିକ ଭାବର ହିଁ ଭୋକ୍ତା ଅଟନ୍ତି। ମେଘ କଣ ବର୍ଷା ସମୟରେ ବିଚ୍ୱର କରେ ଯେ ଏ ବୃକ୍ଷଟି ଖଇର ବା ଚମ୍ପା?"

ତେଣୁ ଆମ୍ଭେମାନେ ଭଗବାନଙ୍କ ଉପରେ ବିଶ୍ୱାସ କରିବା ଉଚିତ ଯେ ଆମ ପାଇଁ ଯାହା ଆବଶ୍ୟକ ହେବ, ଭଗବାନ ତାହା ଅବଶ୍ୟ ଦେବେ। ବର୍ତ୍ତମାନ ଗୀତା, ରାମାୟଣ ଆଦି ସତ୍‌ଶାସ୍ତ୍ର ଦ୍ୱାରା, ସତ୍‌ସଙ୍ଗ ଦ୍ୱାରା ଆମକୁ ଯେଉଁ ସବୁ ସାରଗର୍ଭକ ବିଷୟ ମିଳୁଛି, ତାହା ମଧ୍ୟ ସେଇ ଭଗବାନଙ୍କ କୃପାରୁ ହିଁ ମିଳୁଛି।

ମୂଳତଃ ସବୁକିଛି ଭଗବାନଙ୍କର ହିଁ କୃପା, କିନ୍ତୁ ଏହା ଭିନ୍ନ ଭିନ୍ନ ମାଧ୍ୟମରେ ମିଳୁଥିବାର ଜଣାପଡୁଛି। ଏହାକୁ ବୁଝାଇବା ପାଇଁ ଗୋଟିଏ ଉଦାହରଣ ଦିଆଯାଇପାରେ—ଆମକୁ ଜଣାପଡ଼େ ଯେ ଆମେ ପାଣିକଳ ମୁହଁରୁ ପାଣି ପାଉଛୁ, କିନ୍ତୁ ଏହା ଉପରେ ଟିକେ ଗଭୀର ବିଚ୍ୱର କଲେ ଜଣାଯିବ ଯେ ପାଣିକଳ ମୁହଁକୁ ପାଇପ୍ ଦେଇ ପାଣି ଆସେ, ପାଇପ୍‌କୁ ଟାଙ୍କିରୁ ପାଣି ଆସେ, ଟାଙ୍କିକୁ ନଦୀ, କୂଅ ଆଦିରୁ ପାଣି ଆସେ, ନଦୀ ଆଦିକୁ ବର୍ଷା ହେଲେ ପାଣି ଆସେ ଏବଂ ବର୍ଷା ବା ବାଦଲକୁ ସମୁଦ୍ରରୁ ପାଣି ଆସେ, ସମୁଦ୍ରର ପାଣି ଅଗ୍ନିରୁ ସୃଷ୍ଟି ହୁଏ ଏବଂ ଅଗ୍ନି ବାୟୁରୁ ସୃଷ୍ଟି ହୁଏ, ବାୟୁ ଆକାଶରୁ ସୃଷ୍ଟି ହୁଏ ଏବଂ ଆକାଶ ପରମାତ୍ମାଙ୍କ ଶକ୍ତିରୁ ସୃଷ୍ଟି ହୁଏ। କହିବାର ଉଦ୍ଦେଶ୍ୟ ହେଲା, ସବୁରି ମୂଳରେ ପରମାତ୍ମା ହିଁ ବିଦ୍ୟମାନ। ତାଙ୍କରିଠାରୁ ଏ ସମଗ୍ର ସୃଷ୍ଟି ଉତ୍ପନ୍ନ ହୋଇଛି।

ଆମକୁ ଯାହା ବି ମିଳୁଛି, ଭଗବାନଙ୍କ ଠାରୁ ହିଁ ମିଳୁଛି। ସେ ଆମର ଯୋଗ୍ୟତା ଦେଖି ଆମକୁ ଏସବୁ ଦେଉ ନାହାନ୍ତି, ବରଂ ତାଙ୍କର ଅହୈତୁକୀ କୃପାରୁ ଦେଉଛନ୍ତି। କୌଣସି ମାଆ ପିଲାର ଯୋଗ୍ୟତା, ବଳ, ବୁଦ୍ଧି, ବିଦ୍ୟା, ଗୁଣ ଇତ୍ୟାଦିକୁ ଦେଖି ତା'କୁ ଲାଳନପାଳନ କରି ନ ଥାଏ, ବରଂ ମାଆ ହୋଇଥିବାରୁ ସେ ପିଲାକୁ ଲାଳନପାଳନ କରିଥାଏ। ସେହିପରି ଭଗବାନ ସମସ୍ତଙ୍କର ପିତାମାତା। ସେ କୌଣସି କାରଣରୁ ଯେ କୃପା ବୃଷ୍ଟି କରନ୍ତି,

ତା' ନୁହେଁ, ବରଂ ନିଜର ସ୍ୱାଭାବିକ ସ୍ନେହ ହେତୁ, କୃପା ହେତୁ, ସୁହୃଦ୍‌ଭାବ ହେତୁ ଆମକୁ ପାଳନ କରନ୍ତି। ଏଭଳି ଭଗବାନଙ୍କର କୃପା ଉପରେ ସମସ୍ତେ ଭରସା ରଖିବା ଉଚିତ। ଆମେ ଯେତେ ଅଧିକ ଭରସା ରଖିବା, ତାଙ୍କ କୃପା ସେତେ ଅଧିକ ଫଳୀଭୂତ ହେବ, ସେତେ ଅଧିକ ଅନୁଭୂତ ହେବ, ଫଳରେ ଶାନ୍ତି, ନିଶ୍ଚିନ୍ତତା ଓ ନିର୍ଭୟତା ବିରାଜମାନ କରିବ।

ଆମ୍ଭମାନଙ୍କ ଉପରେ ନିରନ୍ତର ଭଗବାନଙ୍କ କୃପା ବର୍ଷଣ ହେଉଛି, କିନ୍ତୁ ଆମେ ସେ ଦିଗକୁ ଲକ୍ଷ୍ୟ ଦେଉ ନାହୁଁ! ଆମେ ସେହି କୃପାର ଅବଜ୍ଞା, ନିରାଦର ଓ ଅପମାନ କରୁଛୁ, ତଥାପି ଭଗବାନ ନିଜ କୃପାଳୁ ସ୍ୱଭାବକୁ ଛାଡ଼ୁ ନାହାନ୍ତି, ପୂର୍ବବତ୍ କୃପା କରି ଚାଲିଛନ୍ତି। ପିଲା ମାଆକୁ କିଛି କମ୍ ଅସମ୍ମାନିତ କରେ ନାହିଁ। କେଉଁଠି ହଗିଦିଏ ତ ଆଉ କେଉଁଠି ମୂତିଦିଏ, କେଉଁଠି ଛେପ ପକାଇଦିଏ ତ ଆଉ କେଉଁଠି ଅଳିଆ ଗଦା କରେ, କିନ୍ତୁ ମାଆ ସବୁକିଛି ସହିନିଏ। ପିଲା କେତେବେଳେ ସାପ, ବିଛା ଆଦିକୁ ଧରିବାକୁ ଚାହେଁ ତ ଆଉ କେତେବେଳେ ଗରମ ଲଣ୍ଠନକୁ ଧରିବାକୁ ଚାହେଁ, କିନ୍ତୁ ମାଆ ସବୁବେଳେ ତାକୁ ସେଥିରୁ ରକ୍ଷା କରୁଥାଏ। ସେହିପରି ଆମ୍ଭେମାନେ ମଧ୍ୟ ପିଲା ପରି ଓଲଟା ରାସ୍ତାରେ ଚାଲିବାରେ ଧୁରନ୍ଧର, କିନ୍ତୁ କୃପା କରିବାରେ ଭଗବାନ ମାଆଠାରୁ ମଧ୍ୟ ଅନନ୍ତଗୁଣ ଉତ୍ତମ! ତେଣୁ ଆମ୍ଭେମାନେ ତାଙ୍କ କୃପା ଉପରେ ଭରସା ରଖିବା ଉଚିତ।

ଅତ୍ୟନ୍ତ ବିପରୀତ ପରିସ୍ଥିତିରେ ମଧ୍ୟ ଆମ ଉପରେ ଭଗବାନଙ୍କ କୃପା ଯଥାବତ୍ ରହିଥାଏ। ଜ୍ୱର ଆସିବାରେ, କ୍ଷତି ହେବାରେ, ଘରେ କେହି ମରିଯିବାରେ, ଅପଯଶ, ଅପମାନ, ନିନ୍ଦା ଇତ୍ୟାଦି ହେବାରେ ମଧ୍ୟ ଭଗବାନଙ୍କର କୃପା ପରିପୂର୍ଣ୍ଣ। ଆମେ ସେହି କୃପା ଉପରେ ବିଶ୍ୱାସ କରିବା ଉଚିତ।

ଲାଳନେ ତାଡନେ ମାତୁର୍ନାକାରୁଣ୍ୟଂ ଯଥାର୍ଭକେ।
ତଦ୍‌ବଦେବ ମହେଶସ୍ୟ ନିୟନ୍ତୁର୍ଗୁଣଦୋଷୟୋଃ॥

"ଯେପରି ପିଲାକୁ ପାଳନ କରିବାରେ ଓ ତାଡ଼ନା କରିବାରେ ମାଆର କରୁଣା ପରିପୂର୍ଣ୍ଣ, ତା'ର କେବେ ଅକରୁଣା ହୁଏ ନାହିଁ, ସେହିପରି

ଜୀବମାନଙ୍କର ଗୁଣ ଓ ଦୋଷକୁ ନିୟନ୍ତ୍ରଣ କରୁଥିବା ପରମେଶ୍ୱରଙ୍କର କାହା ଉପରେ କଦାପି ଅକରୁଣା ହୁଏ ନାହିଁ।''

ଏହିପରି ବିନା କାରଣରେ କୃପା କରୁଥିବା ପ୍ରଭୁ କୌଣସି ବିଶେଷ କୃପା ଯୋଗୁଁ ଆମକୁ ମାନବଶରୀର ପ୍ରଦାନ କରିଛନ୍ତି—

କବହୁଁକ କରି କରୁନା ନର ଦେହୀ। ଦେତ ଈସ ବିନୁ ହେତୁ ସନେହୀ॥

(ମାନସ, ଉତ୍ତର. ୪୪।୩)

ସଞ୍ଚିତ ପାପସମୂହର କଦାପି ସମାପ୍ତି ଆସେ ନାହିଁ; କାରଣ ପ୍ରତ୍ୟେକ ମନୁଷ୍ୟଜନ୍ମରେ ତାହା ସଞ୍ଚିତ ହୋଇଆସୁଛି। କିନ୍ତୁ ସେହି ପାପଗୁଡ଼ିକ ଥାଉ ଥାଉ ଭଗବାନ ମାନବଶରୀର ପ୍ରଦାନ କରନ୍ତି, ମଝିରେ ମଝିରେ ଜୀବକୁ ଆତ୍ମକଲ୍ୟାଣ ପାଇଁ ସୁଯୋଗ ଦିଅନ୍ତି—ଏହା ହେଉଛି ଭଗବାନଙ୍କର ବିଶେଷ କୃପା। କୃପା କରିବା ଭଗବାନଙ୍କର ସ୍ୱଭାବ ***(ବିନୁ ହେତୁ ସନେହୀ)*** ଏବଂ ତା' ସାଙ୍ଗକୁ କୃପା କରି ମନୁଷ୍ୟଶରୀର ପ୍ରଦାନ କରିବା ହେଲା ତାଙ୍କର ଦ୍ୱିଗୁଣ କୃପା! ଭଗବାନଙ୍କର ଏହି ଅପାର କୃପା ଉପରେ ବିଶ୍ୱାସ କରି ସାଧନା କରାଗଲେ ଅତି ଉତ୍ତମ ଓ ବିଚିତ୍ର ଢଙ୍ଗରେ ସ୍ୱାଭାବିକରୂପେ ପାରମାର୍ଥିକ ଉନ୍ନତି ହେବ। ଆମେ ସେହି କୃପାର ସମ୍ମୁଖ ନ ହେବାରୁ ତାହା କମ୍ ଫଳୀଭୂତ ହୁଏ। ଯଦି ଆମେ ସେହି କୃପାର ସମ୍ମୁଖ ହୋଇଯିବା, ତେବେ ତାହା ବହୁତ ଫଳୀଭୂତ ହେବ। ସେଥିପାଇଁ ଭଗବାନଙ୍କୁ ସ୍ତୁତି କରି ବ୍ରହ୍ମା କହିଛନ୍ତି—

ତତ୍ତେଽନୁକମ୍ପାଂ ସୁସମୀକ୍ଷମାଣୋ ଭୁଞ୍ଜାନ ଏବାତ୍ମକୃତଂ ବିପାକମ୍।
ହୃଦ୍‌ବାଗ୍‌ବପୁର୍ଭିର୍ବିଦଧନ୍ନମସ୍ତେ ଜୀବେତ ଯୋ ମୁକ୍ତିପଦେ ସ ଦାୟଭାକ୍॥

(ଶ୍ରୀମଭା. ୧୦।୧୪।୮)

''ଯିଏ ନିଜକୃତ କର୍ମର ଫଳ ଭୋଗ କଲାବେଳେ ଆପଣଙ୍କ କୃପାକୁ ଦେଖୁଥାଏ ଏବଂ ହୃଦୟ, ବାଣୀ ଓ ଶରୀର ଦ୍ୱାରା ଆପଣଙ୍କୁ ନମସ୍କାର କରୁଥାଏ, ସେ ଆପଣଙ୍କ ପରମପଦ ପାଇଁ ଠିକ୍ ସେହିପରି ଅଧିକାରୀ ହୋଇଯାଏ, ଯେପରି ପିତାଙ୍କ ସମ୍ପତ୍ତିରେ ପୁତ୍ର ଅଧିକାରୀ ହୋଇଥାଏ!''

କେବଳ ଭଗବାନଙ୍କ କୃପା ଆଡ଼କୁ ଦୃଷ୍ଟି ଦେଲେ ମନୁଷ୍ୟ ସବୁଦିନ

ପାଇଁ ସାଂସାରିକ ଦୁଃଖରୁ ମୁକ୍ତ ହୋଇଯିବ। କୃପା ଆଡ଼କୁ ଦୃଷ୍ଟି ନ ଦେବାରୁ ସେ ତାହାକୁ ଗ୍ରହଣ କରି ପାରୁ ନାହିଁ, ଫଳରେ ଦୁଃଖ ପାଉଛି! କିନ୍ତୁ ଭଗବାନଙ୍କ କୃପା କେବେ ଊଣା ହୁଏ ନାହିଁ। ମନୁଷ୍ୟ ଭଗବାନଙ୍କ ସମ୍ମୁଖ ନ ହେଲେ ବି, ତାଙ୍କୁ ନ ମାନିଲେ ବି, ତାଙ୍କର ଖଣ୍ଡନ କଲେ ବି ଭଗବାନ ପୂର୍ବପରି କୃପା କରୁଥାନ୍ତି। ପୁତ୍ର କୁପୁତ୍ର ହୋଇପାରେ, କିନ୍ତୁ ମାତା କେବେହେଲେ କୁମାତା ହୁଏ ନାହିଁ—**'କୁପୁତ୍ରୋ ଜାୟେତ କ୍ୱଚିଦପି କୁମାତା ନ ଭବତି।'** ଭଗବାନ ତ ସଦାକାଳରୁ ଅନନ୍ତ ମାତାଙ୍କର ମଧ୍ୟ ମାତା, ଅନନ୍ତ ପିତାଙ୍କର ମଧ୍ୟ ପିତା। ତେଣୁ ଆମ୍ଭମାନଙ୍କ ଉପରେ ତାଙ୍କର ସ୍ୱତଃ ଅପାର ଓ ଅସୀମ କରୁଣା ରହିଛି। ଯାହା କିଛି ଘଟୁଛି, ସବୁ ଭଗବାନଙ୍କ କୃପାରୁ ହିଁ ଘଟୁଛି। ଯାହା କିଛି ମିଳୁଛି, ତାଙ୍କରି କୃପାରୁ ହିଁ ମିଳୁଛି। ଯେତେବେଳେ କୌଣସି ଉତ୍ତମ ସଙ୍ଗ ମିଳେ, ଭଲ କଥା ମିଳେ, ଭଲ ଭାବ ଉଦୟ ହୁଏ, ଅଗ୍ନନକ ଭଗବାନଙ୍କ କଥା ମନେପଡ଼େ, ସେତେବେଳେ ଭଗବାନ ବିଶେଷ କୃପା କରି ଆମକୁ ମନେ ପକାଉଛନ୍ତି ବୋଲି ବୁଝିବା ଉଚିତ। ଏହିପରି ଭାବରେ ଭଗବାନଙ୍କ କୃପା ଦର୍ଶନ କଲେ, ଭଗବାନଙ୍କ ଉପରେ ଭରସା ରଖିଲେ ତାଙ୍କର କୃପା ବିଶେଷରୂପେ ପ୍ରକଟିତ ହେବ।

ଗୋଟିଏ ଶିଶୁ ଘରେ ଶୋଇଥିଲା। ତା' ମାଆ କୂଅରୁ ପାଣି ଆଣିବା ପାଇଁ ଯାଇଥିଲା। ମାଆ ଯିବାପରେ ଶିଶୁଟିର ନିଦ ଭାଙ୍ଗିଗଲା। ମାଆ ମାଠିଆରେ ପାଣି ଆଣି ଆସୁଥିବାର ଦେଖି ସେ ମାଆ ପାଖକୁ ଦୌଡ଼ିଲା। ସେ ଭାବୁ ନ ଥାଏ ଯେ ମୁଁ ଏଇଠି ବସିଥାଏଁ, ମାଆ ତ ଏ ଆଡ଼କୁ ଆସୁଛି! ଖରା ଦିନ। ବାଲି ଖୁବ୍ ତାତି ଯାଇଥାଏ। ପିଲାଟିର କୋମଳ କୋମଳ ପାଦ ତତଲା ବାଲିରେ ପୋଡ଼ି ଯାଉଥାଏ। ତଥାପି ତାହାକୁ ଖାତିରି ନ କରି ମାଆ ପାଖରେ ପହଞ୍ଚିଗଲା। ମାଆ ମୁଣ୍ଡରେ ପାଣିମାଠିଆ ରଖିଥାଏ। ସେ ତଳକୁ ନଇଁ ପିଲାକୁ କାଖକୁ ନେବ ବା କେମିତି? ମାଆ ପିଲାଟିକୁ ହାତ ଉଠାଇବାକୁ କହିଲା। କିନ୍ତୁ ପିଲାଟି ହାତ ଉଠାଇବ କ'ଣ, ଓଲଟା ଅଳି କରି କାନ୍ଦି କାନ୍ଦି ତଳେ ଗଡ଼ିଗଲା ଏବଂ କହିଲା, ତୁ ମତେ ଛାଡ଼ି କାହିଁକି ଆସିଲୁ? ବାଲି ଗରମ ଥିବାରୁ ତା' ଦେହ ମଧ୍ୟ ପୋଡ଼ିଯାଉଥାଏ ଏବଂ ସେ

ରା'ଧରି କାନ୍ଦୁଥାଏ । ପିଲାଟି ଟିକେ ହାତ ଉପରକୁ ଉଠାଇଦେଲେ ମାଆ ତାକୁ କାଖକୁ ନେଇଯିବ ବୋଲି ବାରମ୍ବାର କହୁଥାଏ, ହେଲେ ପିଲାଟି ତା' କଥା ଶୁଣୁ ନ ଥାଏ! ମାଆ ଆଉ କ'ଣ ବା କରିବ? ଶେଷକୁ ପାଣିମାଠିଆ ଧରି ସେ ଘରକୁ ଆସିଲା ଓ ପିଲାଟି ତା' ପଛେ ପଛେ କାନ୍ଦି କାନ୍ଦି ଦୌଡ଼ିଲା । ସେ ଯଦି ଟିକିଏ ହାତ ଉପରକୁ ଉଠାଇ ଦେଇଥାନ୍ତା, ତେବେ ତା'ର କ'ଣ ବା କ୍ଷତି ହୋଇଯାଇଥାଆନ୍ତା? ଏଥିରେ ତାକୁ କ'ଣ ବା ପରିଶ୍ରମ ପଡୁଥିଲା, ତା'ର କି ମାନହାନି ଅବା ହୋଇଯାଉଥିଲା? ଏଥିପାଇଁ କେଉଁ ଯୋଗ୍ୟତା ବା ଦରକାର ଥିଲା? ସେହିପରି ଭଗବାନ ଆମକୁ କୋଳକୁ ନେବା ପାଇଁ ସର୍ବଦା ପ୍ରସ୍ତୁତ ଅଛନ୍ତି, କେବଳ ଆମେ ଟିକେ ହାତ ଟେକିଦେଲେ ଅର୍ଥାତ୍ ତାଙ୍କର ସମ୍ମୁଖ ହୋଇଗଲେ ହେଲା—

ସନମୁଖ ହୋଇ ଜୀଵ ମୋହି ଜବହୀଁ । ଜନ୍ମ କୋଟି ଅଘ ନାସହିଁ ତବହୀଁ ॥

(ମାନସ, ସୁନ୍ଦର. ୪୪ । ୧)

ଆମେ ଭଗବାନଙ୍କ କୃପା ପ୍ରତି ଦୃଷ୍ଟି ରଖି ତାଙ୍କୁ 'ହେ ପ୍ରଭୁ! ହେ ମୋର ପ୍ରଭୁ!!' କହି ଡାକିବା ଉଚିତ । କେବଳ ଡାକିବାମାତ୍ରେ ଭଗବାନ ଜୀବକୁ ଉଦ୍ଧାର କରି ଦିଅନ୍ତି । ସେ ପୂର୍ବକୃତ ପାପକୁ ଦେଖନ୍ତି ନାହିଁ ଯେ ଇଏ ଏତେ ପାପ କରିଛି, ଏତେ ଅନ୍ୟାୟ କରିଛି ଓ ଏତେ ମୋର ବିରୁଦ୍ଧାଚରଣ କରିଛି—

ଜନ ଅଵଗୁନ ପ୍ରଭୁ ମାନ ନ କାଉ । ଦୀନ ବଂଧୁ ଅତି ମୃଦୁଲ ସୁଭାଉ ॥

(ମାନସ, ଉତ୍ତର. ୧ । ୩)

ରହତି ନ ପ୍ରଭୁ ଚିତ ଚୂକ କିଏ କୀ । କରତ ସୁରତି ସୟ ବାର ହିଏ କୀ ॥

(ମାନସ, ବାଲ. ୨୯ । ୩)

ପିଲାର ଭୁଲ୍ ମାଆର ମନେ ରହେ ନାହିଁ! ପିଲା ଯେତେ ଭୁଲ୍ କରିଥାଉ ନା କାହିଁକି, ସେ ମାଆ ପାଖକୁ ଆସିବାମାତ୍ରେ, ମାଆର କିଛି ମନେ ରହେ ନାହିଁ । ମାଆ ତାକୁ ଅତି ସ୍ନେହରେ କୋଳ କରେ । ସେହିପରି ଭଗବାନଙ୍କର ମଧ୍ୟ ଆମ ଭୁଲ୍‌ଗୁଡ଼ିକ କଥା ମନେ ରହେ ନାହିଁ । କ୍ୟାମେରା ଆଗକୁ ଯେପରି ଦୃଶ୍ୟ ଆସେ, କ୍ୟାମେରା ସେପରି ଉଠାଇ ଦିଏ । କିନ୍ତୁ

ଭଗବାନଙ୍କ କ୍ୟାମେରା ଭିନ୍ନ ପ୍ରକାରର! ଆମେ ଭଜନ କଲାବେଳେ ଭଗବାନ ତାହାକୁ ଉଠାନ୍ତି, କିନ୍ତୁ କୌଣସି ଭୁଲ୍ କରୁଥିଲେ ତାହାକୁ ଉଠାନ୍ତି ନାହିଁ! ଇଏ ମୋର ନାମ ସ୍ମରଣ କରିଛି, ମୋର ଶରଣାପନ୍ନ ହୋଇଛି, ମୋର ଓ ମୋ ଭକ୍ତଜନଙ୍କର ଚରିତ୍ର ଶ୍ରବଣ କରିଛି, ସତ୍‌ସଙ୍ଗ କରିଛି—ଏସବୁ ତ ଭଗବାନଙ୍କ କ୍ୟାମେରାରେ ଅଙ୍କିତ ହୋଇଯାଏ, କିନ୍ତୁ ତାଙ୍କ ବିରୁଦ୍ଧ କଥା ସେଥିରେ ଅଙ୍କିତ ହୁଏ ନାହିଁ, ସେ କଥା ଭଗବାନଙ୍କର ମନେ ରହେ ନାହିଁ!

ମହତ୍ ପୁରୁଷଙ୍କର ସ୍ୱଭାବ ଯେ, ସେମାନେ ଯାହାକୁ ମାର୍ଜିତ କରିବାକୁ ଚାହାନ୍ତି, ପ୍ରଥମେ ତାକୁ ଶାସନ କରନ୍ତି ଏବଂ ତା'ପରେ ତାକୁ ସ୍ନେହ କରନ୍ତି—

ସାସତି କରି ପୁନି କରହିଁ ପସାଉ । ନାଥ ପ୍ରଭୁନ୍ହ କର ସହଜ ସୁଭାଉ ॥

(ମାନସ, ବାଳ. ୮୯ । ୨)

ଶାସନ କରିବାରେ ଓ ସ୍ନେହ କରିବାରେ ଭଗବାନଙ୍କର କୃପା ସମାନ । ଗୀତାରେ ମଧ୍ୟ ଏପରି ଘଟଣା ଦେଖିବାକୁ ମିଳେ । ଭଗବାନ ପ୍ରଥମେ ଅର୍ଜୁନଙ୍କୁ ଧମକ ଦେଇଛନ୍ତି ଯେ ଯଦି ତୁମେ ମୋ କଥା ନ ଶୁଣିବ, ତେବେ ତୁମର ପତନ ହେବ—**'ନ ଶ୍ରୋଷ୍ୟସି ବିନଙ୍‌କ୍ଷ୍ୟସି'** (୧୮ । ୫୮) ଏବଂ ତା'ପରେ ସ୍ନେହରେ କହିଛନ୍ତି—

ସର୍ବଗୁହ୍ୟତମଂ ଭୂୟଃ ଶୃଣୁ ମେ ପରମଂ ବଚଃ ।
ଇଷ୍ଟୋଽସି ମେ ଦୃଢମିତି ତତୋ ବକ୍ଷ୍ୟାମି ତେ ହିତମ୍ ॥

(ଗୀତା ୧୮ । ୬୪)

''ସବୁଠୁ ଗୋପନୀୟ ବଚନ ତୁମେ ପୁନଶ୍ଚ ମୋ'ଠାରୁ ଶୁଣ । ତୁମେ ମୋର ଅତ୍ୟନ୍ତ ପ୍ରିୟ, ତେଣୁ ମୁଁ ତୁମକୁ ତୁମର ହିତ କଥା କହିବି ।''

ଭଗବାନଙ୍କର, ଗୁରୁଜନଙ୍କର ଓ ପିତାମାତାଙ୍କର ଏପରି ଭାବ ଥିବାରୁ ହିଁ ଆମ୍ଭମାନଙ୍କର ଲାଳନପାଳନ ହୋଇଛି, ନଚେତ୍ ଆମ୍ଭମାନଙ୍କର କି ଦଶା ହୋଇଥାନ୍ତା! ସଂସାରର ଲୋକେ ଆମର ଅବଗୁଣ ବିଷୟରେ ଜାଣିଗଲେ ଆମକୁ ଘୃଣା କରିବେ! କିନ୍ତୁ ଭଗବାନ ସବୁକିଛି ଟିକିନିଖି ଜାଣି ମଧ୍ୟ ସହଜ ଓ ସ୍ୱାଭାବିକଭାବେ କୃପା କରନ୍ତି!

ଐସୋ କୋ ଉଦାର ଜଗ ମାହାଁ।
ବିନୁ ସେବା ଜୋ ଦ୍ରବୈ ଦୀନପର, ରାମ ସରିସ କୋଉ ନାହାଁ॥

(ବିନୟପତ୍ରିକା ୧୬୨)

ଲୋକମାନଙ୍କ ଆଗରେ ଆମର ଅବଗୁଣ ପ୍ରକାଶ ପାଉ ନାହିଁ, ସେଥିପାଇଁ ଆମର କାମ ଚଳିଯାଉଛି। ଆମ ମନରେ ଯେତେ ସବୁ ଖରାପ କଥା ଆସୁଛି, ସେଗୁଡ଼ିକୁ ଯଦି ଲୋକମାନେ ଜାଣିଯିବେ, ତେବେ ଦିନକ ଭିତରେ କେତେ ଥର ଯେ ମାଡ଼ ବସିବ, ତାହାର ଠିକଣା ନାହିଁ! କିନ୍ତୁ ଲୋକମାନଙ୍କୁ ସେ ବିଷୟରେ ଜଣାପଡୁ ନାହିଁ। ଭଗବାନ ଆମର ଅନ୍ତରର ସବୁ କଥା ଜାଣୁଛନ୍ତି। ସବୁ ଜାଣି ମଧ୍ୟ ସେ ଆମକୁ ପରିତ୍ୟାଗ କରୁ ନାହାନ୍ତି, ବରଂ ଆଖିବୁଜି ସବୁ ସହି ଯାଉଛନ୍ତି ଏବଂ ଭାବୁଛନ୍ତି ଯେ ଛାଡ଼, ପିଲାଲୋକ କଣ କରିବା! ଏହି କାରଣରୁ ଆମର କାମ ଚଳିଯାଉଛି, ନଚେତ୍ ବଡ଼ ସମସ୍ୟା ହୋଇଯାଆନ୍ତା! ଯଦି ଭଗବାନ ଆମର ଲକ୍ଷଣଗୁଡ଼ିକୁ ଦେଖିବେ, ତେବେ ଆମର ଉଦ୍ଧାର ହେବା ତ ଦୂରର କଥା, ଜୀବନନିର୍ବାହ ମଧ୍ୟ କଷ୍ଟକର ହୋଇପଡ଼ିବ! କିନ୍ତୁ ଭଗବାନ ଏସବୁ ଦେଖନ୍ତି ନାହିଁ। ଏପରି କୃପାସିନ୍ଧୁ ଭଗବାନଙ୍କ କୃପା ଉପରେ ବିଶ୍ୱାସ ଓ ଭରସା ରଖନ୍ତୁ—

ଏକ ଭରୋସୋ ଏକ ବଲ ଏକ ଆସ ବିସ୍ୱାସ।
ଏକ ରାମ ଘନ ସ୍ୟାମ ହିତ ଗ୍ୱତକ ତୁଲସୀଦାସ॥

(ଦୋହାବଲୀ ୨୭୭)

✦✦✦

୮. ବାସ୍ତବ ସିଦ୍ଧିର ମାର୍ଗ

ଯେଉଁଠି ଆମର ବିଜୟ ସୁନିଶ୍ଚିତ, ସେଠାରେ ମନୁଷ୍ୟ କାପୁରୁଷ ହେବା ଠିକ୍ ନୁହେଁ। ସାଂସାରିକ କାର୍ଯ୍ୟରେ ସଫଳତା ଓ ଅସଫଳତା ଉଭୟ ମିଳେ, ତେଣୁ ଭଗବାନ ସେଥିରେ ସମ ଓ ନିର୍ବିକାର ରହିବା ପାଇଁ ଆଦେଶ ଦେଇଛନ୍ତି—**'ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା'** (ଗୀତା ୨।୪୮) **'ସମଃ ସିଦ୍ଧାବସିଦ୍ଧୌ ଚ'** (ଗୀତା ୪।୨୨), **'ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ'** (ଗୀତା ୧୮।୨୬)। କିନ୍ତୁ ପରମାତ୍ମତତ୍ତ୍ୱପ୍ରାପ୍ତି କ୍ଷେତ୍ରରେ ସଫଳତା ହିଁ ମିଳେ। ସାଂସାରିକ ସିଦ୍ଧି ଓ ଅସିଦ୍ଧିରେ ସମ ରହିବା ମଧ୍ୟ ବାସ୍ତବିକ ସିଦ୍ଧି (ପରମାତ୍ମପ୍ରାପ୍ତି) ପାଇଁ ଉଦ୍ଦିଷ୍ଟ; କାରଣ ସାଂସାରିକ ସିଦ୍ଧି ଓ ଅସିଦ୍ଧିର କୌଣସି ମୂଲ୍ୟ ନାହିଁ। ସାଂସାରିକ ସିଦ୍ଧି ଅନିଶ୍ଚିତ, କାରଣ ସେଥିରେ ମନୁଷ୍ୟ ପରାଧୀନ; କିନ୍ତୁ ପାରମାର୍ଥିକ ସିଦ୍ଧି ସୁନିଶ୍ଚିତ, କାରଣ ଏଥିରେ ମନୁଷ୍ୟ ପରାଧୀନ ନୁହେଁ ଏବଂ ମାନବଦେହ ମଧ୍ୟ ଏଇଥିପାଇଁ ମିଳିଛି। ତେଣୁ ସାଧକ ପରମାତ୍ମତତ୍ତ୍ୱ ପ୍ରାପ୍ତି ବିଷୟରେ ନିଜଠାରେ କାପୁରୁଷ ଭାବକୁ ସ୍ଥାନ ଦେବା ଉଚିତ ନୁହେଁ, ନିରାଶ ହେବା ଠିକ୍ ନୁହେଁ, ବରଂ ଏଥିପାଇଁ ମନରେ ନିତ୍ୟ ନବୀନ ଉତ୍ସାହ ଜାଗ୍ରତ କରିବା ଉଚିତ।

ପିଲା ମାଆ ଉପରେ ନିଜର ଅଧିକାର ସାବ୍ୟସ୍ତ କରେ ଯେ, ଏ ମୋ ମାଆ। କୌଣସି ମାଆର ଯଦି ପାଞ୍ଚ-ଦଶଟି ପିଲା ଥାଆନ୍ତି, ତେବେ ପ୍ରତ୍ୟେକ ପିଲା ମାଆକୁ ପୂର୍ଣ୍ଣରୂପେ ନିଜର ମାନନ୍ତି। ଏପରି କଦାପି ହୁଏ ନାହିଁ ଯେ ଦଶ ଜଣ ପିଲାଙ୍କ ପାଇଁ ମାଆକୁ ଦଶ ଭାଗ ହେବାକୁ ପଡ଼େ ଏବଂ ପ୍ରତ୍ୟେକ ପିଲା ମାଆର ଏକ ଦଶମାଂଶକୁ ନିଜର ମନେକରେ। ସେହିପରି ଭଗବାନ ପ୍ରତ୍ୟେକ ଜୀବ ପାଇଁ ପୂର୍ଣ୍ଣରୂପେ ଆପଣାର। ମାଆ ହୁଏତ ପକ୍ଷପାତ କରିପାରେ, କିନ୍ତୁ ଆମେ ପ୍ରକୃତରେ ଯାହାଙ୍କର ସନ୍ତାନ, ସେହି ଭଗବାନଙ୍କ ମନରେ ପକ୍ଷପାତର ସ୍ଥାନ ନାହିଁ। ସେହି ଭଗବାନ ହିଁ ଆମର ପ୍ରକୃତ ମାତାପିତା।

ତ୍ୱମେବ ମାତା ଚ ପିତା ତ୍ୱମେବ
ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ ।
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ
ତ୍ୱମେବ ସର୍ବଂ ମମ ଦେବଦେବ ॥

(ଗର୍ଗସଂହିତା, ଦ୍ୱାରକା. ୧୨ । ୧୯)

"ତୁମେ ହିଁ ମାତା, ତୁମେ ହିଁ ପିତା, ତୁମେ ହିଁ ବନ୍ଧୁବାନ୍ଧବ, ତୁମେ ହିଁ ମିତ୍ର, ତୁମେ ହିଁ ବିଦ୍ୟା, ତୁମେ ହିଁ ଧନ; ହେ ଦେବଦେବ! ତୁମେ ହିଁ ମୋର ସବୁକିଛି ।"

ସୋ ଅନନ୍ୟ ଜାକେଁ ଅସି ମତି ନ ଟରଇ ହନୁମଂତ ।
ମୈଁ ସେୱକ ସଚରାଚର ରୂପ ସ୍ୱାମି ଭଗୱଂତ ॥

(ମାନସ, କିଷ୍କିନ୍ଧା. ୩)

ଦେବତା, ମନୁଷ୍ୟ, ପଶୁପକ୍ଷୀ, କୀଟପତଙ୍ଗ, ଗଛଲତା, ପାହାଡ଼ ଆଦି ଯାହା କିଛି ଅଛି, ପ୍ରତ୍ୟେକ ରୂପରେ ଆମର ପ୍ରଭୁ ହିଁ ବିରାଜମାନ । ଯେଉଁମାନେ ଏହି ରହସ୍ୟକୁ ଠିକ୍‌ଭାବେ ଜାଣିଯାଇଛନ୍ତି, ସେମାନଙ୍କ ଉପରେ ସଂସାରର ପ୍ରଭାବ ପଡ଼ି ନାହିଁ । ପ୍ରହ୍ଲାଦ, ମୀରାବାଈ ପ୍ରଭୃତି ଏହି ରହସ୍ୟକୁ ଜାଣିଯାଇଥିଲେ, ତେଣୁ ସେମାନଙ୍କ ଉପରକୁ ବଡ଼ ବଡ଼ ବିପଦ ଆସିଥିଲେ ମଧ୍ୟ ସେମାନେ ବିଚଳିତ ହୋଇ ନ ଥିଲେ; କାରଣ ସେମାନେ ସର୍ବତ୍ର ନିଜ ଇଷ୍ଟଙ୍କୁ ଦର୍ଶନ କରୁଥିଲେ । ସେହି ପରମାତ୍ମା ହିଁ ଆମର ପ୍ରକୃତ ପିତାମାତା । ଶରୀର ତ ଲୌକିକ ପିତାମାତାଙ୍କର ଅଂଶ, ଯାହା କି ଦିନେ ମରିଯିବ, କିନ୍ତୁ ସ୍ୱୟଂ (ସ୍ୱରୂପ) ହେଉଛି ପରମାତ୍ମାଙ୍କର ଅଂଶ । ଏହା କଦାପି ମରି ନାହିଁ, ମରିବ ନାହିଁ ଏବଂ ମରିବା ସମ୍ଭବ ମଧ୍ୟ ନୁହେଁ । ତେଣୁ କୌଣସି ଭାଇଭଉଣୀ କଦାପି ନିଜ ମନରେ ଏପରି କାପୁରୁଷତାକୁ ସ୍ଥାନ ଦିଅନ୍ତୁ ନାହିଁ ଯେ ମୋ ଉପରେ ଭଗବାନଙ୍କ କୃପା କମ୍, ଅଥବା ମୋର ଆଚରଣ ଠିକ୍ ନୁହେଁ, ମୋର ଭାବ ଠିକ୍ ନୁହେଁ, ମୋ'ଠାରେ ଭକ୍ତି ନାହିଁ, ଜ୍ଞାନ ନାହିଁ, ପରମାତ୍ମପ୍ରାପ୍ତିର ଯୋଗ୍ୟତା ନାହିଁ, ବଳ ନାହିଁ, ତେଣୁ ମୋତେ ପରମାତ୍ମା ମିଳିବେ ନାହିଁ । ଆମର ଯୋଗ୍ୟତା ଅଯୋଗ୍ୟ ପାଖରେ କାମ କରେ, ଆମର

ବଳ ନିର୍ବଳ ପାଖରେ କାମ କରେ, ଆମର ବିଦ୍ୟା ମୂର୍ଖ ପାଖରେ କାମ କରେ । ଭଗବାନଙ୍କ ପାଖରେ ଏସବୁ କାମ କରେ ନାହିଁ । ତେଣୁ ଆମେ ନିଜଠାରେ ବଳ, ବୁଦ୍ଧି, ବିଦ୍ୟା, ଯୋଗ୍ୟତା, କୁଳ, ଧର୍ମ, ଜାତି, ବର୍ଣ୍ଣ, ଆଶ୍ରମ ଆଦି ଯାହା କିଛି ଥିବା ସ୍ୱୀକାର କରୁଛେ, ପରମାତ୍ମାଙ୍କୁ ପାଇବା ପାଇଁ ସେଗୁଡ଼ିକର କୌଣସି ପ୍ରୟୋଜନୀୟତା ନାହିଁ । 'ଭଗବାନ ମୋର'—ଏହି ଭାବ ଯେତେ ବଳବାନ୍, ଆମର ବଳ, ବୁଦ୍ଧି, ବିଦ୍ୟା ଇତ୍ୟାଦି ସେତେ ବଳବାନ୍ ନୁହନ୍ତି । ଜ୍ଞାନୀମାନଙ୍କର ଜ୍ଞାନ ମଧ୍ୟ ଏତେ ବଳବାନ୍ ନୁହେଁ । ଭଗବାନ ଯେତେ ରକ୍ଷା କରନ୍ତି, ଜ୍ଞାନ (ବିବେକ) ସେତେ କରିପାରେ ନାହିଁ!

ପିଲା ମାଆ କୋଳରେ ବସି ରାଜାକୁ ମଧ୍ୟ ଧମକ ଦେଇଥାଏ । ଯଦିବା ତା' ମାଆ ଏତେ ସମର୍ଥ ନୁହେଁ, ତଥାପି ପିଲା ଭାବେ ଯେ ମୁଁ ଯେଉଁ ମାଆ କୋଳରେ ବସିଛି, ତା' ଭଳି ଆଉ କେହି ନାହିଁ । କିନ୍ତୁ ଆମର ପ୍ରକୃତ ମାଆ—ଭଗବାନଙ୍କ ସମାନ ତ୍ରୈଲୋକ୍ୟରେ ଆଉ କେହି ନାହିଁ । ଅର୍ଜୁନ ମଧ୍ୟ କହିଛନ୍ତି—

ନ ତ୍ୱତ୍ସମୋଽସ୍ତ୍ୟଭ୍ୟଧିକଃ କୁତୋଽନ୍ୟୋ
ଲୋକତ୍ରୟେଽପ୍ୟପ୍ରତିମପ୍ରଭାବ ॥

(ଗୀତା ୧୧ । ୪୩)

"ହେ ଅନନ୍ତ ପ୍ରଭାବଶାଳୀ ଭଗବନ୍! ଏହି ତ୍ରୈଲୋକ୍ୟରେ ଆପଣଙ୍କ ସମାନ ମଧ୍ୟ ଅନ୍ୟ କେହି ନାହିଁ, ପୁଣି ଆପଣଙ୍କ ଠାରୁ କେହି ଅଧିକ ହୋଇ ପାରିବ ବା କିପରି?"

ଆମେ ନିଜର ଶରୀର, କୁଟୁମ୍ବ, ସମ୍ପ୍ରଦାୟ, ବର୍ଣ୍ଣ, ଆଶ୍ରମ, ଯୋଗ୍ୟତା, ବୁଦ୍ଧି ପ୍ରଭୃତିକୁ ଶ୍ରେଷ୍ଠ ମନେ କରୁଛୁ ଏବଂ ଏଗୁଡ଼ିକ ସହିତ ନିଜର ସମ୍ବନ୍ଧ ସ୍ଥାପନ କରି ନିଜକୁ ବଡ଼ ମନେ କରୁଛୁ । ଏହା ଆମର ବିରାଟ ଭୁଲ୍ । ଭଗବାନଙ୍କ ଆଗରେ ଏସବୁର କୌଣସି ମୂଲ୍ୟ ନାହିଁ! ଭଗବାନଙ୍କ ବଳ ନିର୍ବଳକୁ ସାହାଯ୍ୟ ଦିଏ—

ଜବ ଲଗି ଗଜ ବଲ ଅପନୋ ବରତ୍ୟୋ, ନେକ ସର୍‌ୟୋ ନହିଁ କାମ ।
ନିରବଲ ହ୍ୱୈ ବଲରାମ ପୁକାର୍‌ୟୋ ଆୟେ ଆଧେ ନାମ ॥
ସୁନେ ରୀ ମୈଁନେ ନିରବଲ କେ ବଲ ରାମ ।

ନିଜ ବଳ, ବୁଦ୍ଧି, ଯୋଗ୍ୟତା ଇତ୍ୟାଦିର ଅଭିମାନ ଭଗବତ୍‌ପ୍ରାପ୍ତିରେ

ବିରାଟ ପ୍ରତିବନ୍ଧକ। ନିଜ ସାଧନାରୂପୀ ବଳର ଅଭିମାନ ମଧ୍ୟ ବିଘ୍ନ। ଏହାର ଅର୍ଥ ନୁହେଁ ଯେ ସାଧନା କରିବା ନାହିଁ। ସାଧନା ନ କରି ଆଉ କରିବା ବା କ'ଣ? ଏଣୁ ସାଧନା ରାତିଦିନ କରିବା କଥା, କିନ୍ତୁ ସାଧନାର ବଳ ଯୋଗୁଁ ଅଭିମାନ କରିବା ଠିକ୍ ନୁହେଁ। ସାଧନା ବଳରେ ଆମେ ପରମାତ୍ମାଙ୍କୁ ପାଇ ପାରିବା ନାହିଁ। ପରମାତ୍ମାଙ୍କୁ କେବଳ ତାଙ୍କର ଶରଣାପନ୍ନ ହୋଇ ପାଇବା ସମ୍ଭବ।

ଏଡ଼େ ବଳଟେ ଶିଶୁ ରାତି ଅଧରେ କାନ୍ଦିବା ଆରମ୍ଭ କରି ସମଗ୍ର ପରିବାରକୁ ନଗ୍ରଇ ଦିଏ। କେଉଁ ବଳରେ ଜାଣନ୍ତି? କେବଳ କାନ୍ଦିବା ବଳରେ। ପ୍ରକୃତରେ କାନ୍ଦିବା କୌଣସି ବଳରେ ଗଣା ନୁହେଁ। କାନ୍ଦିବା ହେଉଛି ନିର୍ବଳତାର ପରିଚୟ। କିନ୍ତୁ କୌଣସି ବଳବାନ୍ ଗ୍ରେର ଘରେ ପଶୁଥିଲେ ପିଲାର କାନ୍ଦ ଶୁଣି ପଳାଇଯାଏ—ଏହା ହେଉଛି କାନ୍ଦିବାର ବଳ! ସେହିପରି ଆମେ ଭଗବାନଙ୍କ ଆଗରେ କାନ୍ଦିବା କଥା। ଆମର ଭୁଲ୍ ହେଉଛି ଯେ ଆମେ ଧନ ପାଇଁ, ପରିବାର ପାଇଁ, ସ୍ତ୍ରୀପୁତ୍ର ପ୍ରଭୃତିଙ୍କ ପାଇଁ, ମାନସମ୍ମାନ ପାଇଁ, ବଞ୍ଚି ରହିବା ପାଇଁ ଓ ଶରୀର ପାଇଁ କାନ୍ଦୁଛୁ। ଆମର କାନ୍ଦ ପ୍ରକୃତରେ କେବଳ ଭଗବାନଙ୍କ ପାଇଁ ହେବା ଉଚିତ। ସେ ଆମର ଓ ଆମେ ତାଙ୍କର। ପିଲା ତା' ମାଆକୁ ଅତି ଆପଣାର କରିଥାଏ। ଅନ୍ୟ ମାଆମାନେ ଯେତେ ସୁନ୍ଦର ହୋଇଥିଲେ ବି, ଯେତେ ସୁନ୍ଦର ସୁନ୍ଦର ବସ୍ତ୍ରାଳଙ୍କାର ପିନ୍ଧି ବସିଥିଲେ ବି ପିଲା ସେମାନଙ୍କୁ ନିଜର ମାଆ ବୋଲି କହେ ନାହିଁ। ପିଲାର ମାଆ ଯେତେ କାଳୀ ଓ କୁରୂପା ହୋଇଥିଲେ ବି, ସୁନ୍ଦର ଲୁଗାପଟା ଓ ଅଳଙ୍କାର ପିନ୍ଧି ନ ଥିଲେ ବି ପିଲାଟି ତାକୁ ମାଆ ମାଆ କହି ତା' ଛାତିରେ ଯାଇ ଲାଖିଯାଏ! ସେ ଲୁଗାପଟା, ଅଳଙ୍କାର ଇତ୍ୟାଦିକୁ ଦେଖି ମାଆ ପାଖକୁ ଯାଏ ନାହିଁ, ବରଂ ଆତ୍ମୀୟତାକୁ ଦେଖି ଯାଏ। ସେହିପରି ଭଗବାନ ହେଉଛନ୍ତି ଆମ୍ଭମାନଙ୍କର ପ୍ରକୃତ ମାଆ। ଦୁନିଆରେ ଅନେକ ବଳବାନ୍ ଥାଇ ପାରନ୍ତି, ଅନେକ ଧନବାନ୍ ଥାଇ ପାରନ୍ତି, ଅନେକ ବିଦ୍ୱାନ୍ ଥାଇ ପାରନ୍ତି, ଅନେକ ସିଦ୍ଧ ପୁରୁଷ ଥାଇ ପାରନ୍ତି, ଅନେକ ଦେବତା ଥାଇ ପାରନ୍ତି, କିନ୍ତୁ ଆମର ମାଆ—ଭଗବାନଙ୍କ ଭଳି କେହି ହୋଇ ପାରିବେ ନାହିଁ! ଆମେ ତାଙ୍କର ଶରଣାପନ୍ନ ହୋଇଯିବା ଉଚିତ।

ଅର୍ଜୁନ ଭଗବାନଙ୍କର ଶରଣାପନ୍ନ ହୋଇ କହିଲେ ଯେ ଧର୍ମ ନିର୍ଣ୍ଣୟ କରିବାରେ ମୋର ବୁଦ୍ଧି କାମ କରୁ ନାହିଁ ଯେ, ମୁଁ କ'ଣ କରିବି—'**ପୃଚ୍ଛାମି ତ୍ୱାଂ ଧର୍ମସମ୍ମୂଢଚେତାଃ**' (ଗୀତା ୨ । ୭)? ଏଥିନେଇ ଭଗବାନ କହୁଛନ୍ତି, ତୁମର ଧର୍ମ ନିର୍ଣ୍ଣୟ କରିବା କ'ଣ ଦରକାର? ତୁମେ ସବୁ ଧର୍ମର ଆଶ୍ରୟ ଛାଡ଼ି କେବଳ ମୋର ଶରଣକୁ ଆସିଯାଅ, ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ଚିନ୍ତା କର ନାହିଁ—

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥

(ଗୀତା ୧୮ । ୬୬)

କହିବାର ଉଦ୍ଦେଶ୍ୟ ହେଲା, ତୁମେ ଧର୍ମ ପାଳନ କର, କିନ୍ତୁ ଧର୍ମର ଆଶ୍ରିତ ନ ହୋଇ ମୋର ଆଶ୍ରିତ ହୁଅ । ତୁମେ ନିଜର ବଳ, ବୁଦ୍ଧି, ବିଦ୍ୟା ଇତ୍ୟାଦି କାହା ଉପରେ ବି ଭରସା ରଖ ନାହିଁ ।

ଏକ ଭରୋସୋ ଏକ ବଲ ଏକ ଆସ ବିସ୍ୱାସ ।
ଏକ ରାମ ଘନ ସ୍ୟାମ ହିତ ଚାତକ ତୁଲସୀଦାସ ॥

(ଦୋହାବଳୀ ୨୭୭)

ଯେଉଁମାନେ ସାଧନା ବଳରେ ଚାଲନ୍ତି, ସେମାନେ ମଜୁରିଆ ପରି । ମାଆ କଦାପି ନିଜ ପିଲାର କାମର ହିସାବ ରଖେ ନାହିଁ ଯେ ପିଲା ଏତିକି କାମ କଲା, ତେଣୁ ତାକୁ ଏତିକି ଖାଇବାକୁ ଦେବି, ଏତିକି ସ୍ନେହ କରିବି । ମଜୁରିଆ ବା ଚାକର କରୁଥିବା କାମର ହିସାବ ହୁଏ ଯେ ଇଏ ଏତିକି କାମ କରିଛି ଏବଂ ସେହି ଅନୁସାରେ ଏହାକୁ ଏତିକି ମଜୁରି ଦେବାକୁ ହେବ । ଲୋକମାନଙ୍କର ତ ଧନ, ସମ୍ପତ୍ତି, ବୈଭବ ଇତ୍ୟାଦି ଆବଶ୍ୟକ, କିନ୍ତୁ ଭଗବାନଙ୍କର କୌଣସି ଜିନିଷ ଆବଶ୍ୟକ ନାହିଁ! ଅତଏବ ଯେଉଁମାନେ ନିଜ ବଳର ଆଶ୍ରୟରେ ରହି ଭଜନ, ସାଧନ, ମନନ, ବିଚାର ଇତ୍ୟାଦି କରନ୍ତି, ସତେ ଯେପରି ସେମାନେ ମୂଲ ଲାଗନ୍ତି । ଏଣୁ ମଜୁରିର ବଳ ଉପରେ ଭରସା ନ ରଖି ଆତ୍ମୀୟତା ବଳରେ ଭଗବାନଙ୍କ ଉପରେ ଭରସା ରଖିବା ଉଚିତ । ମଜୁରି ଲାଗିବା କ୍ଷେତ୍ରରେ ହିଁ ଏପରି ଭୀରୁତା ଆସେ ଯେ

ମୋର ବଳ ନାହିଁ, ଯୋଗ୍ୟତା ନାହିଁ, ଏତେ ସାଧନ ନାହିଁ, ଅନେକ ନ୍ୟୂନତା ରହିଛି ଇତ୍ୟାଦି!

ଭରତ ରାମଚନ୍ଦ୍ରଙ୍କୁ ଭେଟିବା ପାଇଁ ଯିବାବେଳେ ତାଙ୍କ ଗତିରେ ତିନି ପ୍ରକାର ପରିବର୍ତ୍ତନ ଘଟୁଥିଲା। ସେ ଯେତେବେଳେ ନିଜ ବଳ ଆଡ଼କୁ ଦୃଷ୍ଟି ଦେଉଥିଲେ, ସେତେବେଳେ ସ୍ଥିର ହୋଇ ଠିଆ ହୋଇଯାଉଥିଲେ। ଯେତେବେଳେ ମାଆର ଦୁଷ୍କର୍ମ ପ୍ରତି ଦୃଷ୍ଟି ଦେଉଥିଲେ, ତାଙ୍କ ଗୋଡ଼ ପଛେଇ ଯାଉଥିଲା। କିନ୍ତୁ ଯେତେବେଳେ ଭଗବାନଙ୍କ ପ୍ରତି ଦୃଷ୍ଟି ଦେଉଥିଲେ, ସେତେବେଳେ ଉତ୍ସାହରେ ଆଗଭର ହୋଇ ଦୌଡୁଥିଲେ—

ଜବ ସମୁଝତ ରଘୁନାଥ ସୁଭାଉ। ତବ ପଥ ପରତ ଉତାଇଲ ପାଉ॥

(ମାନସ, ଅଯୋଧ୍ୟା. ୨୩୪।୩)

ସେହିପରି ଆମେ ନିଜର କର୍ମ, ବଳ, ମନ, ବୁଦ୍ଧି ଇତ୍ୟାଦି ପ୍ରତି ଦୃଷ୍ଟି ନ ଦେଇ ଭଗବାନଙ୍କ ଆଡ଼କୁ ଦେଖିବା ଉଚିତ। ମାଆ କଣ କେବେ ଦେଖେ ଯେ ପିଲା ଆଜି କେତେ କାମଧନ୍ଦା କରିଛି? ସେ କଣ କାମ ଅନୁସାରେ ପିଲାକୁ କ୍ଷୀର ପିଆଏ? କାମଧନ୍ଦା କରିବା କଥା କିଏ ପଗ୍ଚରେ, ପିଲାଟି ଓଲଟା ଘରକାମରେ ବିଘ୍ନ ସୃଷ୍ଟି କରୁଥାଏ। ଏହା ସତ୍ତ୍ୱେ ମାଆ ତାକୁ ପେଟପୂରା କ୍ଷୀର ପିଆଏ। ପିଲା ତା' ଇଚ୍ଛା ଅନୁସାରେ କ୍ଷୀର ପିଏ, ଯେମିତି ପୋଷାକ ପିନ୍ଧିବାକୁ ଗ୍ଚହେଁ ପିନ୍ଧେ, ଯେଉଁଠି ଶୋଇବାକୁ ଗ୍ଚହେଁ ଶୁଏ। ଖଟ ଉପରେ ନ ଶୋଇ ମାଆ କୋଳରେ ଶୋଇପଡ଼େ। ଏହା ହେଲା ଲୌକିକ ମାଆର କଥା। ଆମର ପ୍ରକୃତ ମାଆ ଭଗବାନ ଆହୁରି ବିଲକ୍ଷଣ ଓ ଶ୍ରେଷ୍ଠ। ଏପରି ମାଆର କୋଳକୁ ଯିବା ପାଇଁ ନିଜର ଯୋଗ୍ୟତା ଇତ୍ୟାଦି ଦେଖିବା ମଧ୍ୟ ମୂର୍ଖତା ଏବଂ ସାଧନାରେ, ଭଜନସ୍ମରଣରେ ଅବହେଳା କରିବା ମଧ୍ୟ ମୂର୍ଖତା। ଭଜନସ୍ମରଣରେ ଅବହେଳା କରିବା ଠିକ୍ ନୁହେଁ ଏବଂ ଭଜନସ୍ମରଣ ବଳରେ ଆମେ ଭଗବାନଙ୍କୁ ଯେ ପାଇଯିବା, ଏପରି ଅଭିମାନ କରିବା ମଧ୍ୟ ଠିକ୍ ନୁହେଁ। ଆମେ ନିଜ ବଳରେ ଭଗବାନଙ୍କୁ କିଣିବା ନାହିଁ, ବରଂ ନିଜକୁ ତାଙ୍କ ନିକଟରେ ସମର୍ପିତ କରିଦେବା। ପ୍ରକୃତରେ ଆମେ ନିଜ ବଳର ଅଭିମାନ ରଖିବାରୁ ହିଁ ନିର୍ବଳ ହେଉଛୁ। ନିଜ ପାଖରେ ଥିବା ଧନ ପାଇଁ

ଅଭିମାନ କରିବାରୁ ହିଁ ନିର୍ଦ୍ଧନ ହେଉଛୁ। ଯୋଗ୍ୟତାର ଅଭିମାନ ଯୋଗୁଁ ହିଁ ଅଯୋଗ୍ୟ ହେଉଛୁ। ଚତୁରତାର ଅଭିମାନ ଯୋଗୁଁ ହିଁ ମୂର୍ଖ ହେଉଛୁ। ବିଦ୍ୟାର ଅଭିମାନ ଯୋଗୁଁ ହିଁ ଅବିଦ୍ୱାନ୍ ହେଉଛୁ। କ୍ରିୟାର ଅଭିମାନ ଯୋଗୁଁ ହିଁ ତଳକୁ ଖସିଯାଉଛୁ। ବାସ୍ତବରେ ଆମ ପାଖରେ 'ନିଜର' ମାନିବା ଭଳି ଜିନିଷ କିଛି ନାହିଁ; କାରଣ ସବୁକିଛି ମିଳିଛି ଓ ଛାଡ଼ି ଚ୍ଛାଲିଯିବ। ଆମ ପାଖରେ ଯାହା ବି ଅଛି, ସବୁ ଭଗବାନଙ୍କର ଦାନ। ମିଳିଥିବା ବସ୍ତୁକୁ ନିଜର ମାନିବା ଏବଂ ତାହାର ଦାତାକୁ ନିଜର ନ ମାନିବା ଅତ୍ୟନ୍ତ କୃତଘ୍ନତା। ଏହାକୁ ଛାଡ଼ିବାକୁ ହେବ।

ଭଗବାନଙ୍କର ସ୍ୱଭାବ ଏତେ ଉଦାର ଯେ ସବୁକିଛି ଦେଉଥିଲେ ମଧ୍ୟ ସେ ନିଜକୁ ପ୍ରକାଶ ନ କରି ଗୁପ୍ତ ରଖନ୍ତି। ସେ ଶରୀର, ଇନ୍ଦ୍ରିୟ, ମନ, ବୁଦ୍ଧି, ପ୍ରାଣ ସବୁକିଛି ଦେଇଛନ୍ତି, କିନ୍ତୁ ଗ୍ରହଣ କରିଥିବା ଲୋକକୁ ଏସବୁ ନିଜର ଭଳି ଦେଖାଯାଉଛି। ଯଦି ଏ ଶରୀର ନିଜର, ତେବେ ଆପଣ ଏହାକୁ ମରିବାକୁ ଦେଉଛନ୍ତି କାହିଁକି? ଯଦି ଆଖି ନିଜର, ତେବେ ଏହାକୁ ଶକ୍ତିହୀନ ହେବାକୁ ଦେଉଛନ୍ତି କାହିଁକି? ପଇସା ଯଦି ନିଜେ ଉପାର୍ଜନ କରୁଛନ୍ତି, ତେବେ କ୍ଷତି ହେବାକୁ ସୁଯୋଗ ଦେଉଛନ୍ତି କାହିଁକି?

ରାବଣ ଶିବଙ୍କର ବଡ଼ ଭକ୍ତ ଥିଲା, କିନ୍ତୁ ସେ ପ୍ରାପ୍ତ ବଳକୁ ଶିବଙ୍କର ନ ମାନି ନିଜର ମାନୁଥିଲା। ସେଥିପାଇଁ ରାବଣ ଶରାଘାତରେ ମଲାବେଳେ ଶିବ ଆକାଶରେ ଥାଇ ସବୁ ନାଟ ଦେଖୁଥିଲେ!

ସୁର ବ୍ରହ୍ମାଦି ସିଦ୍ଧ ମୁନି ନାନା। ଦେଖତ ରନ ନଭ ଚଢ଼େ ବିମାନା॥
ହମହୂ ଉମା ରହେ ତେହିଁ ସଂଗା। ଦେଖତ ରାମ ଚରିତ ରନ ରଂଗା॥

(ମାନସ, ଲଙ୍କା. ୮୧।୧)

ରାବଣ ନିଜ ବଳ ପାଇଁ ଅଭିମାନ ନ କରି ଯଦି ଭଗବାନ ଶିବଙ୍କ ବଳ ଉପରେ ଭରସା କରିଥାନ୍ତା, ତେବେ ଶିବ ମଧ୍ୟ ତା'ର ସହାୟତା ପାଇଁ ଯୁଦ୍ଧକୁ ଡେଇଁ ପଡ଼ିଥାନ୍ତେ! ବାସ୍ତବରେ ସବୁ ବଳ ଭଗବାନଙ୍କର, ନିଜର ବା କ'ଣ ବଳ ଅଛି? ପିଲାର ବଳ ବା କେତେ? ସେ କାଉ ଓ କୁକୁରଙ୍କୁ ମଧ୍ୟ ଡରେ। ତା' ପାଖରେ କେବଳ ମାଆର ବଳ ଥାଏ। ମାଆର

ବଳ ସୀମିତ। ପିଲା ମରିଗଲେ ମାଆ ତାକୁ ଜୀବନ ଦେଇପାରେ ନାହିଁ। ମାତ୍ର ଭଗବାନଙ୍କ ବଳ ଅସୀମ। ହିରଣ୍ୟକଶିପୁ ନିଜକୁ ବଡ଼ ବଳବାନ୍ ମନେକରୁଥିଲା, କିନ୍ତୁ ଶେଷକୁ ତା' ବଳ କେଉଁ କାମରେ ଲାଗିଲା? ଯିଏ ବଜ୍ରସମ କଠୋର ଅସ୍ତ୍ରଶସ୍ତ୍ରରେ ମଧ୍ୟ ମରିବ ନାହିଁ ବୋଲି ବର ପାଇଥିଲା, ସେ ଭଗବାନଙ୍କର ସାମାନ୍ୟ ନଖରେ ମରିଗଲା! ନଖରେ କଣ କେହି ମରିପାରେ? ହିରଣ୍ୟକଶିପୁର ଭୟରେ ଦେବତାମାନେ ମଧ୍ୟ ଥରହର ହେଉଥିଲେ, କିନ୍ତୁ ଭକ୍ତ ପ୍ରହ୍ଲାଦ ତା' ଆଗରେ ନିର୍ଭୀକ ହୋଇ କଥା କହୁଥିଲେ। ଯଦି ଭଗବାନ ଆମର, ପୁଣି ଡର କେଉଁଥିପାଇଁ? ପ୍ରହ୍ଲାଦ ଯେପରି ଭଗବାନଙ୍କର ଆପଣାର ଥିଲେ, ଆମେ ମଧ୍ୟ ସେହିପରି ଭଗବାନଙ୍କର ଆପଣାର। ଭଗବାନଙ୍କ ଅଂଶ ହିସାବରେ ପୁରୁଷାନୁକ୍ରମେ ସେ ଭଗବାନଙ୍କର ଯେ ନିକଟତର ଥିଲେ ଓ ଆମେ ଭଗବାନଙ୍କ ଠାରୁ ଯେ ଦୂରରେ ଅଛୁ, ସେ କଥା ନୁହେଁ। ଭଗବାନଙ୍କ ସହିତ ସମସ୍ତଙ୍କର ସମ୍ବନ୍ଧ ସମାନ। ଭଗବାନ କହିଛନ୍ତି— ***'ସବ ମମ ପ୍ରିୟ ସବ ମମ ଉପଜାଏ'*** (ମାନସ, ଉତ୍ତର. ୮୬। ୨), **'ସମୋଽହଂ ସର୍ବଭୂତେଷୁ'** (ଗୀତା ୯। ୨୯), **'ମମୈବାଂଶୋ ଜୀବଲୋକେ'** (ଗୀତା ୧୫। ୭)। ତଫାତ୍ କେବଳ ଏତିକି ଯେ ପ୍ରହ୍ଲାଦ ଭଗବାନଙ୍କୁ ନିଜର ମାନୁଥିଲେ, କିନ୍ତୁ ଆମେ ନିଜର ମାନୁ ନାହୁଁ।

ଯିଏ ଯେପରି ହୋଇଥାଉ ନା କାହିଁକି, ଯେକୌଣସି ବର୍ଣ୍ଣର, ଯେକୌଣସି ଦେଶର, ଯେକୌଣସି ବେଶର, ଯେକୌଣସି ଆଶ୍ରମର, ଯେକୌଣସି ସମ୍ପ୍ରଦାୟର ହୋଇଥାଉ ନା କାହିଁକି, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଇହୁଦୀ, ପାରସୀ ଇତ୍ୟାଦି ଯେ କେହି ହୋଇଥାଉ ନା କାହିଁକି, ସମସ୍ତଙ୍କ ପାଇଁ ଭଗବାନ ସମାନ। ଭଗବାନ କାହାର ଯେ ନିକଟତର ଓ କାହାଠାରୁ ଯେ ଦୂର, ସେ କଥା ନୁହେଁ। ଯାହାର ଭାବ ଯେପରି, ତା' ପାଇଁ ଭଗବାନ ସେହିପରି ଅଟନ୍ତି—**'ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍'** (ଗୀତା ୪। ୧୧)। ଏଣୁ ନିଜ ପ୍ରଭୁଙ୍କ ଠାରୁ ଦୂରତ୍ୱ ସ୍ୱୀକାର କରି ସାହସ ହରାଇବା ଉଚିତ ନୁହେଁ। ଯଦି ଆମେ ଭଗବାନଙ୍କ ବଳରେ ବଳୀୟାନ୍, ତେବେ ସାହସ ହରାଇବା କାହିଁକି?

ହିମ୍ମତ ମତ ଛାଡ଼ୋ ନରାଁ, ମୁଖ ତେ କହତାଁ ରାମ ।
ହରିୟା ହିମ୍ମତ ସୁଁ କିୟା, ଧ୍ରୁବ କା ଅଟଲ ଧାମ ॥

ଆମେ ନିଜ ବଳରେ ଭଗବାନଙ୍କୁ ପାଇ ପାରିବା ନାହିଁ, ବରଂ ଭଗବାନଙ୍କ ବଳରେ, ତାଙ୍କ କୃପାରୁ ହିଁ ତାଙ୍କୁ ପାଇ ପାରିବା । ତାଙ୍କ କୃପା ବଳରେ ସବୁ କାମ ହୋଇଛି, ହେଉଛି ଏବଂ ହେବ ମଧ୍ୟ । ବର୍ତ୍ତମାନ ନିଜ ଜୀବନ ଉପରେ ଦୃଷ୍ଟି ଦେଇ ଦେଖନ୍ତୁ ଯେ ଆମକୁ ଏ ମାନବଶରୀର କେମିତି ମିଳିଲା? ଆମେ କଣ ଜାଣିଶୁଣି ଏଠାରେ ଜନ୍ମ ନେଇଛେ? ପିଲାଦିନଠାରୁ ଆଜି ପର୍ଯ୍ୟନ୍ତ ଆମର ପାଳନପୋଷଣ କେମିତି ହେଲା? ଗୀତା, ରାମାୟଣ ପ୍ରଭୃତି ଗ୍ରନ୍ଥ ସହିତ କିଏ ପରିଚୟ କରାଇଲା? ସତ୍‌ସଙ୍ଗ କେମିତି ମିଳିଲା? ଆଧ୍ୟାତ୍ମିକ ଭାବଧାରାର ପୁସ୍ତକ କେମିତି ମିଳିଲା? ଉତ୍ତମ ସଙ୍ଗ କେମିତି ମିଳିଲା? ଏସବୁ ପାଇଁ ଆମେ କଣ କୌଣସି ପୁରୁଷାର୍ଥ କରିଛୁ? କୌଣସି ଉଦ୍ୟମ କରିଛୁ? କିଛି ବଳ ବା ପଇସା ଖର୍ଚ୍ଚ କରିଛୁ, ନା କୌଣସି ପରିଶ୍ରମ କରିଛୁ? କିଛି କରି ନାହୁଁ । ସବୁ ଭଗବାନଙ୍କ କୃପାରୁ ହିଁ ହୋଇଛି । ତା'ହେଲେ ଆମେ ପୁଣି ଚିନ୍ତା କରିବା କାହିଁକି? ଧରାଯାଉ କେହି ଜଣେ କୌଣସି ବ୍ରାହ୍ମଣଙ୍କୁ ଭୋଜନ ପାଇଁ ନିମନ୍ତ୍ରଣ ଦେଇ ଘରକୁ ଡାକିଲା । ବସିବା ପାଇଁ ପିଢ଼ା ପକାଇଦେଲା । ଖାଇବା ପାଇଁ ପତ୍ର ପକାଇଦେଲା । ପାଣିଢାଳ ଆଣି ଆଗରେ ରଖିଦେଲା । ଏବେ 'ସେ ଖାଇବାକୁ ଦେବ କି ନାହିଁ' ଏଭଳି ଚିନ୍ତା କରିବା କ'ଣ ଦରକାର? ଯଦି ଖାଇବାକୁ ନ ଦେବା ପାଇଁ ତା' ମନରେ ଥାଆନ୍ତା, ସେ ଏତେ କାମ କାହିଁକି କରିଥାଆନ୍ତା? ସେହିପରି ଭଗବାନ କୃପା ପରବଶ ହୋଇ ଆମକୁ ମନୁଷ୍ୟଶରୀର ପ୍ରଦାନ କରିଛନ୍ତି, ଗୀତା, ରାମାୟଣ ଭଳି ଗ୍ରନ୍ଥ ସହିତ ପରିଚୟ କରାଇ ଦେଇଛନ୍ତି, ସତ୍‌ସଙ୍ଗର ରହସ୍ୟମୟ ବିଷୟ ଜଣାଇ ଦେଇଛନ୍ତି । ଆମେ ତ ତାଙ୍କୁ ଏସବୁ କରିବା ପାଇଁ କହି ନ ଥିଲେ! ଆମେ ନ କହୁଣୁ ଯିଏ ଏତେ ଦେଇଛି, ସେ ଆଗକୁ ମଧ୍ୟ ସବୁ ଦେବ । ନ ଦେଲେ ବି କାହାର କଣ ହୋଇଯିବ? ଭଗବାନଙ୍କର ହିଁ ସମ୍ମାନ ଯିବ! ଦ୍ରୌପଦୀ ବସ୍ତ୍ରହରଣ ସମୟରେ ଭଗବାନଙ୍କୁ କହିଥିଲେ— ***'ଜାୟଗୀ ଲାଜ ତିହାରୀ ନାଥ ମେରୋ କା ବିଗଡୈଗୋ'!***

ଏଣୁ ଆମେ ଚିନ୍ତା କରିବାର କୌଣସି କାରଣ ନାହିଁ । ଏଥିପ୍ରତି ବିଶ୍ୱାସ ହେଉ ନ ଥିଲେ ବିଶ୍ୱାସ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରନ୍ତୁ । କହନ୍ତୁ, "ହେ ପ୍ରଭୁ! ମୋତେ ବିଶ୍ୱାସ ଦିଅ, ପ୍ରେମ ଦିଅ, ତୁମେ ନ ଦେଲେ ଆଉ କିଏ ଦେବ?" ମାଆର କ୍ଷୀର ତା' ନିଜ ପାଇଁ କୌଣସି କାମରେ ଲାଗେ ନାହିଁ, ତାହା ପିଲା ପାଇଁ ହିଁ ଉପଯୋଗୀ ହୋଇଥାଏ । ସେହିପରି ଭଗବାନଙ୍କର ଶକ୍ତି ଆମ ପାଇଁ ଉପଯୋଗୀ । ଆମେ କେବଳ ତାଙ୍କର ଶରଣାଗତ ହୋଇଗଲେ ଆମ କାମ ଶେଷ ।

ସାଂସାରିକ କାମରେ ଲାଭ ଓ କ୍ଷତି ଉଭୟ ହୁଏ, କିଏ ଜନ୍ମ ହୁଏ ତ କିଏ ମରିଯାଏ, ଆମେ ଗୋଟିଏ କଥା ଗ୍ରହୁଁଥିବାବେଳେ ଆଉ ଗୋଟିଏ କଥା ହୋଇଯାଏ । ତାତ୍ପର୍ଯ୍ୟ ଏହି ଯେ ସାଂସାରିକ କାର୍ଯ୍ୟରେ ସଫଳତା ଅବଶ୍ୟମ୍ଭାବୀ ନୁହେଁ, କିନ୍ତୁ ପାରମାର୍ଥିକ ମାର୍ଗରେ ସଫଳତା (ଭଗବତ୍‌ପ୍ରାପ୍ତି) ଅବଶ୍ୟମ୍ଭାବୀ । ଏହି ମାର୍ଗରେ ଆମର ବିଜୟ ସୁନିଶ୍ଚିତ ।

✦✦✦

୯. ପ୍ରାର୍ଥନା ଓ ଶରଣାଗତି

ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ଓ ତାଙ୍କର ଶରଣାପନ୍ନ ହେବା—ଏ ଦୁଇଟି ତତ୍କାଳ ସିଦ୍ଧି ପ୍ରଦାନ କରେ । କୌଣସି ବିପଦ, ଦୁଃଖ, ସନ୍ତାପ, ସଂଶୟ ଇତ୍ୟାଦି ଉପସ୍ଥିତ ହେଲେ ଭଗବାନଙ୍କୁ ଆର୍ତ୍ତଭାବରେ ଡାକନ୍ତୁ, ତାଙ୍କ ନିକଟରେ ପ୍ରାର୍ଥନା କରନ୍ତୁ, ତତ୍କାଳ ଲାଭ ମିଳିବ । ଗଜେନ୍ଦ୍ର, ଦ୍ରୌପଦୀ, ଉତ୍ତରା ପ୍ରଭୃତି ବିପଦବେଳେ ଭଗବାନଙ୍କୁ ସ୍ମରଣ କରିଥିଲେ ଏବଂ ଆର୍ତ୍ତଭାବରେ ଡାକିଥିଲେ, ତେଣୁ ଭଗବାନ ତତ୍‌କ୍ଷଣାତ୍ ସେମାନଙ୍କୁ ରକ୍ଷା କଲେ । ଯେତେବେଳେ ନିଜର କୌଣସି ବଳ କାମ କରେ ନାହିଁ, ବୁଦ୍ଧି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ, ସେତେବେଳେ ଶରଣାପନ୍ନ ହେଲେ ଭଗବାନଙ୍କ କୃପା କାମ କରେ । ଗଜରାଜ ଯେତେବେଳେ କୁମ୍ଭୀରଠାରୁ ନିଜକୁ ମୁକ୍ତ କରି ନ ପାରି ନିଜ ବଳଠାରୁ ଓ ସହଯୋଗୀମାନଙ୍କ ଠାରୁ ନିରାଶ ହେଲା, ସେତେବେଳେ ସେ ଭଗବାନଙ୍କର ଶରଣାପନ୍ନ ହେଲା ଏବଂ ଭଗବାନ ତାକୁ କୁମ୍ଭୀରଠାରୁ ମୁକୁଳାଇଲେ । ବସ୍ତ୍ରହରଣ ସମୟରେ ଦ୍ରୌପଦୀ ଯେତେବେଳେ ସବୁଆଡୁ ନିରାଶ ହେଲେ, କେହିହେଲେ ତାଙ୍କ ପ୍ରାର୍ଥନା ଶୁଣିଲେ ନାହିଁ, ସେତେବେଳେ ସେ ଭଗବାନଙ୍କୁ ଡାକିଲେ ଏବଂ ଭଗବାନ ଆସି ତାଙ୍କୁ ରକ୍ଷା କଲେ । ଅଶ୍ୱତ୍‌ଥାମା ଦ୍ୱାରା ପ୍ରେରିତ ଅସ୍ତ୍ର ଯେତେବେଳେ ଉତ୍ତରାଙ୍କ ଗର୍ଭକୁ ନଷ୍ଟ କରିବା ପାଇଁ ମାଡ଼ି ଆସିଲା, ସେତେବେଳେ ଉତ୍ତରା ଭଗବାନଙ୍କର ସଂପୂର୍ଣ୍ଣ ଶରଣାପନ୍ନ ହୋଇ ତାଙ୍କୁ ଡାକିବାରୁ ଭଗବାନ ଆସି ତାଙ୍କର ଗର୍ଭକୁ ରକ୍ଷା କଲେ । ଅର୍ଜୁନ ଯେତେବେଳେ କର୍ତ୍ତବ୍ୟାକର୍ତ୍ତବ୍ୟର ନିର୍ଣ୍ଣୟ କରି ନ ପାରି ନିଜ ବୁଦ୍ଧି ଉପରୁ ଆସ୍ଥା ହରାଇଲେ, ସେତେବେଳେ ସେ ଭଗବାନଙ୍କର ଶରଣାପନ୍ନ ହେଲେ ଏବଂ ଭଗବାନ ତାଙ୍କୁ ଗୀତୋପଦେଶ ପ୍ରଦାନ କଲେ ଏବଂ ସଂସାରସାଗରରୁ ଉଦ୍ଧାରକାରୀ ଗୀତୋପଦେଶ ଦ୍ୱାରା ତାଙ୍କର ମୋହ ନଷ୍ଟ କରିଦେଲେ ।

ଭଗବାନଙ୍କ କୃପା ବଳରେ ଯେଉଁ କାମ ହୋଇଯାଏ, ତାହା ନିଜ ବଳ ଓ ବୁଦ୍ଧି ଦ୍ୱାରା ହେବା ଅସମ୍ଭବ । କିନ୍ତୁ ନିଜର ବଳକୁ ସମ୍ପୂର୍ଣ୍ଣ ନ ଲଗାଇବା ପର୍ଯ୍ୟନ୍ତ ହୃଦୟର ଗଭୀରତମ ପ୍ରଦେଶରୁ ପ୍ରକୃତ ପ୍ରାର୍ଥନା ବାହାରେ ନାହିଁ । ନିଜର ବଳକୁ ପୂର୍ଣ୍ଣରୂପେ ଲଗାଇ ଦେବାପରେ ଯେତେବେଳେ ଅସାମର୍ଥ୍ୟ ଅନୁଭୂତ ହୁଏ, ସେତେବେଳେ ନିଜର ବଳ ଉପରୁ ଭରସା ତୁଟିଯାଏ ଏବଂ ତା'ପରେ ହିଁ ହୃଦୟରୁ ପ୍ରକୃତ ପ୍ରାର୍ଥନା ବାହାରେ ।

ବୁଦ୍ଧିର୍ବିକୁଣ୍ଠିତା ନାଥ ସମାପ୍ତା ମମ ଯୁକ୍ତୟଃ ।

ନିଜର ବୁଦ୍ଧି କୁଣ୍ଠିତ ହୋଇଗଲେ ଏବଂ ନିଜର ଉପାୟ, ଉଦ୍ୟମ ସବୁକିଛି ବିଫଳ ହୋଇଗଲେ ହିଁ ପ୍ରକୃତ ପ୍ରାର୍ଥନା ବାହାରେ । ନିଜ ବଳ ଆଦିର ସାମାନ୍ୟ ବି ଅଭିମାନ ରହିଥିଲେ ନକଲି ପ୍ରାର୍ଥନା ହୋଇଥାଏ । ନକଲି ପ୍ରାର୍ଥନାରେ ଉଦ୍ଦେଶ୍ୟ ସଫଳ ହୁଏ ନାହିଁ । ଯେଉଁମାନେ କହନ୍ତି ଯେ ମୁଁ ପ୍ରାର୍ଥନା କଲି, ଅଥଚ କିଛି ଲାଭ ହେଲା ନାହିଁ, ସେମାନେ ପ୍ରକୃତ ପ୍ରାର୍ଥନା କରି ନାହାନ୍ତି! ପ୍ରାର୍ଥନା କରାଯାଏ ନାହିଁ, ବରଂ ତାହା ହୃଦୟର ଗଭୀରତମ ପ୍ରଦେଶରୁ ବାହାରେ ଅର୍ଥାତ୍ ଆପେ ଆପେ ହୁଏ । ହୃଦୟର ସହ ପ୍ରକୃତ ପ୍ରାର୍ଥନା ଦ୍ୱାରା ଅବିଳମ୍ବେ କାର୍ଯ୍ୟ ସଫଳ ହୁଏ ।

ଯେପର୍ଯ୍ୟନ୍ତ ନିଜ ବଳ, ଯୋଗ୍ୟତା, ପଦ, ବିଦ୍ୟା, ବୁଦ୍ଧି, ବର୍ଣ୍ଣ, ଆଶ୍ରମ, ସମ୍ପ୍ରଦାୟ ଇତ୍ୟାଦି ଉପରେ କିଛି ନା କିଛି ଭରସା ରହିଥାଏ, ସେପର୍ଯ୍ୟନ୍ତ ଅନ୍ତରରୁ ପ୍ରକୃତ ପ୍ରାର୍ଥନା ବାହାରେ ନାହିଁ କି ପ୍ରକୃତ ଶରଣାଗତି ହୁଏ ନାହିଁ । କାରଣ ନିଜ ବଳ, ଯୋଗ୍ୟତା ଆଦିର ଆଶ୍ରୟ ଥିଲେ ଅହମ୍ ସଜୀବ ରହେ । ଅହମ୍ ଥିବାପର୍ଯ୍ୟନ୍ତ ପ୍ରକୃତ ପ୍ରାର୍ଥନା ଓ ପ୍ରକୃତ ଶରଣାଗତି ହୋଇପାରେ ନାହିଁ ଏବଂ ପ୍ରକୃତ ପ୍ରାର୍ଥନା ଓ ପ୍ରକୃତ ଶରଣାଗତି ବିନା କାର୍ଯ୍ୟ ହାସଲ ହୁଏ ନାହିଁ ।

ନିଜଠାରେ ସମ୍ପୂର୍ଣ୍ଣ ନିର୍ବଳତାର ଅନୁଭବ ହେଲେ ପ୍ରକୃତ ପ୍ରାର୍ଥନା ବାହାରେ ଓ ପ୍ରକୃତ ଶରଣାଗତି ହୁଏ— ***'ସୁନେ ରୀ ମୈଁନେ ନିରବଲ କେ ବଲ ରାମ ।'*** ନିର୍ବଳତାର ଅର୍ଥ ନୁହେଁ ଯେ ଶରୀର ବଳହୀନ ହୋଇଯିବ, ଶରୀରରେ ଶକ୍ତି ରହିବ ନାହିଁ, ରୋଗ ଧରିବ; ବରଂ ଏହାର ଅର୍ଥ ହେଲା—

ନିଜ ବଳ ଉପରୁ ଆସ୍ଥା ହରାଇବା, ନିଜ ବଳ ଉପରେ କିଞ୍ଚିନ୍ମାତ୍ର ଭରସା, ଆଶ୍ରୟ ଓ ଅଭିମାନ ନ ରଖିବା । ବୁଦ୍ଧିବଳ, ମନୋବଳ, ଧନବଳ, ବାହୁବଳ, ବିଦ୍ୟାବଳ ସବୁଥିରୁ ନିରାଶ ହୋଇଗଲେ ଏବଂ ଭଗବାନଙ୍କୁ ପାଇବା ପାଇଁ ତୀବ୍ର ଉତ୍କଣ୍ଠା ଜାଗି ଉଠିଲେ ସେତେବେଳେ ଯେଉଁ ପ୍ରାର୍ଥନା ବାହାରେ, ତାହା ଠିକ୍ କାମ କରେ । ନିଜ ବଳର ଆଶା ରଖିଲେ ଓ ଭଗବତ୍‌ପ୍ରାପ୍ତି ପାଇଁ ନିରାଶ ହେଲେ ପ୍ରାର୍ଥନା କାମ କରେ ନାହିଁ ।

ଏପରି କୌଣସି ଅସମ୍ଭବ କାମ ନାହିଁ, ଯାହା ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ଦ୍ୱାରା ସମ୍ଭବ ହୋଇ ନ ପାରିବ । ଭଗବାନଙ୍କ ବଳ ଅସୀମ, ଅପାର ଓ ଅନନ୍ତ । ଭଗବାନଙ୍କ ବଳର ବର୍ଣ୍ଣନା ଶବ୍ଦ ଦ୍ୱାରା କେହି କରି ପାରିବ ନାହିଁ । ଆମେ ତାଙ୍କୁ ଯେତେ ଅପାର, ଅସୀମ ଓ ଅନନ୍ତ ମନେକରିଥାଉ, ତାହାଠାରୁ ମଧ୍ୟ ସେ ଆହୁରି ଅଧିକ । ଅପାର, ଅସୀମ ଓ ଅନନ୍ତ ପ୍ରଭୃତି ଶବ୍ଦ ସାପେକ୍ଷ ଅର୍ଥାତ୍ ପାର ଅପେକ୍ଷା ଅପାର, ସୀମ ଅପେକ୍ଷା ଅସୀମ ଓ ଅନ୍ତ ଅପେକ୍ଷା ଅନନ୍ତ ଶବ୍ଦ ପ୍ରୟୋଗ କରାଯାଏ, କିନ୍ତୁ ଭଗବାନ ହେଉଛନ୍ତି ନିରପେକ୍ଷ । ନିର୍ବଳ ହେଲେ ହିଁ ତାଙ୍କୁ ପ୍ରାର୍ଥନା କରିବା ଓ ତାଙ୍କର ଶରଣାଗତ ହେବା ସମ୍ଭବ ହୁଏ—

ଜବ ଲଗି ଗଜ ବଲ ଅପନୋ ବରତ୍ୟୋ, ନେକ ସର୍‌ୟୋ ନହିଁ କାମ ।
ନିରବଲ ହ୍ୱୈ ବଲରାମ ପୁକାର୍‌ୟୋ, ଆୟେ ଆଧେ ନାମ ॥

ଏକମାତ୍ର ଭଗବାନଙ୍କ ବ୍ୟତୀତ ଅନ୍ୟ କୌଣସି ଆଶ୍ରୟ ନ ରହିବା ଉଚିତ—

ଏକ ଭରୋସୋ ଏକ ବଲ ଏକ ଆସ ବିସ୍ୱାସ ।
ଏକ ରାମ ଘନ ସ୍ୟାମ ହିତ ଚାତକ ତୁଲସୀଦାସ ॥

ଯେପର୍ଯ୍ୟନ୍ତ ମନରେ ବଳ, ବୁଦ୍ଧି, ଯୋଗ୍ୟତା, ବର୍ଣ୍ଣ, ଆଶ୍ରମ ଇତ୍ୟାଦିର କିଞ୍ଚିନ୍ମାତ୍ର ଆଶ୍ରୟ ଥାଏ, ସେପର୍ଯ୍ୟନ୍ତ ଭିତରୁ ଅନନ୍ୟ ପ୍ରାର୍ଥନା ବାହାରେ ନାହିଁ । ନିଜ ବଳ, ବୁଦ୍ଧି ଆଦିର କିଞ୍ଚିନ୍ମାତ୍ର ଆଶ୍ରୟ ନ ରହିଲେ ଏବଂ ଏଗୁଡ଼ିକ ଦ୍ୱାରା ଭଗବାନଙ୍କୁ ପାଇବା ଅସମ୍ଭବ ବୋଲି ଅନୁଭବ ହେଲେ ଏବଂ ନିଜେ ନିଜର ଦୁଃଖ ଦୂର କରିବା ପାଇଁ ଅସମର୍ଥ ହୋଇପଡ଼ିଲେ, ସେତେବେଳେ ଯାଇ ଭଗବାନଙ୍କ ବଳ କାମ କରେ ।

ସାଧକ ନିଜକୁ ନିର୍ବଳ ଅନୁଭବ କରି ଭଗବାନଙ୍କ ଉପରେ ନିର୍ଭରଶୀଳ ହୋଇଯାଉ, ଭଗବତ୍‌ପରାୟଣ ହୋଇଯାଉ ଏବଂ ପ୍ରାର୍ଥନା କରୁ "ହେ ପ୍ରଭୁ! ତୁମ ବ୍ୟତୀତ ମୋର ଆଉ କୌଣସି ଆଶ୍ରୟ ନାହିଁ, କୌଣସି ଶକ୍ତି ନାହିଁ।" ଏପରି ପ୍ରାର୍ଥନା କରି ନିଶ୍ଚିନ୍ତ ହୋଇଗଲେ ସାଧନା ବଳରେ ବର୍ଷ ବର୍ଷ ଧରି ଯେଉଁ କାମ ହୋଇପାରେ ନାହିଁ, ତାହା ତତ୍‌କ୍ଷଣାତ୍ ହୋଇଯିବ। ଏଥିରେ ଗୋଟିଏ ମାର୍ମିକ କଥା ହେଲା, ନିଜର ଶକ୍ତିକୁ ତ ପୂର୍ଣ୍ଣରୂପେ ଉପଯୋଗ କରିବା ଉଚିତ, କିନ୍ତୁ ଭଗବାନଙ୍କୁ ହିଁ ଆଶ୍ରା କରିବା ଉଚିତ। ଗୀତାରେ କୁହାଯାଇଛି—

ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ।
ତେ ବ୍ରହ୍ମ ତଦ୍‌ବିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମ ଚାଖିଳମ୍॥

(୭।୨୯)

"ଜରା ଓ ମରଣରୁ ମୁକ୍ତି ପାଇବା ପାଇଁ ମୋର ଆଶ୍ରୟ ନେଇ ଯିଏ ଯତ୍ନ କରେ, ସେ ସେହି ବ୍ରହ୍ମକୁ, ସମ୍ପୂର୍ଣ୍ଣ ଅଧ୍ୟାତ୍ମକୁ ଓ ସମସ୍ତ କର୍ମକୁ ମଧ୍ୟ ଜାଣିଯାଏ।"

ସାଧକ ପ୍ରଯତ୍ନ କରିବା ଆବଶ୍ୟକ, କିନ୍ତୁ ପ୍ରଯତ୍ନ ଉପରେ ଭରସା ନ ରଖି ଭଗବାନଙ୍କ ଉପରେ ଭରସା ରଖିବା ଜରୁରୀ। ଉଦାହରଣାର୍ଥ— ଭଗବାନ ତାଙ୍କ ବାଆଁ ହାତର କାଣି ଆଙ୍ଗୁଠିର ନଖ ଉପରେ ଗୋବର୍ଦ୍ଧନ ପର୍ବତକୁ ଟେକି ଧରିଲେ ଏବଂ ଗୋପବାଳକମାନଙ୍କୁ ସେମାନଙ୍କର ବାଡ଼ି ଢିରା ଲଗାଇବା ପାଇଁ କହିଲେ। ସବୁ ଗୋପବାଳକ ନିଜ ନିଜର ବାଡ଼ି ଢିରା ଲଗାଇଲେ, କିନ୍ତୁ ସେମାନେ ଭାବୁଥିଲେ ଯେ, ଆମେ ସମସ୍ତେ ବାଡ଼ି ଢିରା ଲଗାଇବାରୁ ହିଁ ପର୍ବତଟି ଟେକି ହୋଇ ରହିଛି। ସେମାନଙ୍କ ମନରେ ଏପରି ଭାବ ଜାତ ହେବାରୁ ଭଗବାନ ସେମାନଙ୍କ ଅଭିମାନ ଚୂର୍ଣ୍ଣ କରିବା ପାଇଁ ନିଜର ଆଙ୍ଗୁଠିକୁ ଟିକିଏ ତଳକୁ କରିଦେଲେ, ଫଳରେ ପର୍ବତ ଟିକେ ତଳକୁ ଖସି ଆସିଲା। ଏତିକିରେ ସମସ୍ତେ ଡାକ ଛାଡ଼ିଲେ—"ଆରେ କହ୍ନେଇ, ଆମେ ସବୁ ମଲୁ ରେ! ମଲୁ ରେ!!" ଭଗବାନ ଏପରି ଅଭିନୟ କରି ଗୋପବାଳକମାନଙ୍କୁ ସାବଧାନ କରାଇବାକୁ ଚାହୁଁଥିଲେ ଯେ ତୁମେମାନେ

ବଳ ଖଟାଅ, କିନ୍ତୁ ସେଥିପାଇଁ ଅଭିମାନ କର ନାହିଁ। ପୂର୍ଣ୍ଣ ତତ୍ପରତାର ସହ କାମ କରିବା ଉଚିତ, କିନ୍ତୁ ବଳର ଅଭିମାନ କରିବା ଠିକ୍ ନୁହେଁ। ସେଥିପାଇଁ ଭଗବାନ ଅର୍ଜୁନଙ୍କୁ କହିଛନ୍ତି—

'ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍' (ଗୀତା ୧୧ । ୩୩) ।

"ହେ ସବ୍ୟସାଚୀ! ତୁମେ ନିମିତ୍ତମାତ୍ର ହୁଅ।"

ନିମିତ୍ତମାତ୍ର ହେବାର ଅର୍ଥ ତୁମେ ନିଜର ପୂର୍ଣ୍ଣ ଶକ୍ତି ଉପଯୋଗ କର, କିନ୍ତୁ ତାହା ଉପରେ ତିଳେମାତ୍ର ଭରସା ରଖ ନାହିଁ। ଅଳ୍ପ କାମ କରିବା ନିମିତ୍ତମାତ୍ର ହେବାର ଅର୍ଥ ନୁହେଁ। ଅର୍ଜୁନ ଉଭୟ ହାତରେ ତୀରଚାଳନା କରିପାରୁଥିଲେ। ସେ ଡାହାଣ ହାତରେ ଯେପରି ଲକ୍ଷ୍ୟଭେଦ କରିପାରୁଥିଲେ, ବାମ ହାତରେ ମଧ୍ୟ ସେହିପରି ଲକ୍ଷ୍ୟଭେଦ କରିପାରୁଥିଲେ। ସେଥିପାଇଁ ଅର୍ଜୁନଙ୍କର ନାମ ଥିଲା 'ସବ୍ୟସାଚୀ'। ଭଗବାନ ଅର୍ଜୁନଙ୍କୁ 'ସବ୍ୟସାଚୀ' ସମ୍ବୋଧନ କରି କହିବାକୁ ଚାହାନ୍ତି ଯେ ତୁମେ ନିଜର ପୂର୍ଣ୍ଣ ଶକ୍ତି ଲଗାଅ, କିନ୍ତୁ ମନ ଭିତରେ ମୋ ଉପରେ ଭରସା ରଖ। ତୁମେ ନିଜର ବଳ, ବିଦ୍ୟା ଇତ୍ୟାଦି ଦ୍ୱାରା କାର୍ଯ୍ୟ ସଫଳ ହେବ ବୋଲି ନ ଭାବି ସବୁକିଛି ମୋ ଦ୍ୱାରା ହେବ ବୋଲି ଭାବ। ସୁତରାଂ ଭଗବାନଙ୍କର ଆଶ୍ରୟ ଗ୍ରହଣ କରି ପ୍ରାର୍ଥନା କରାଗଲେ ଭଗବାନଙ୍କର ଅପାର ଅଲୌକିକ ଶକ୍ତି ତତ୍କ୍ଷଣାତ୍ କାମ କରେ। ରାମଚରିତମାନସରେ ଅଛି—

ମସକହି କରହି ବିରଂଚି ପ୍ରଭୁ ଅଜହି ମସକ ତେ ହୀନ।

(ଉତ୍ତର. ୧୨୨ ଖ)

ଜୋ ଚେତନ କହଁ ଜଡ଼ କରଇ ଜଡ଼ହି କରଇ ଚୈତନ୍ୟ।

(ଉତ୍ତର. ୧୧୯ ଖ)

ତୃନ ତେ କୁଲିସ କୁଲିସ ତୃନ କରଈ।

(ଲଙ୍କା. ୩୫ । ୪)

କହିବାର ଉଦ୍ଦେଶ୍ୟ ହେଲା, ଭଗବାନ ଅସମ୍ଭବକୁ ସମ୍ଭବ ଓ ସମ୍ଭବକୁ ଅସମ୍ଭବ କରିବାରେ ସଂପୂର୍ଣ୍ଣ ସମର୍ଥ—**'କର୍ତ୍ତୁମକର୍ତ୍ତୁମନ୍ୟଥାକର୍ତ୍ତୁଂ ସମର୍ଥଃ।'** ତାଙ୍କଠାରେ କୌଣସି ପ୍ରକାରର ଅସାମର୍ଥ୍ୟ ନାହିଁ। ସେ ସବୁ ଦୃଷ୍ଟିରୁ ପୂର୍ଣ୍ଣ।

ବଳ, ବୁଦ୍ଧି, ବିଦ୍ୟା, ଯୋଗ୍ୟତା ଆଦି କୌଣସି ବିଷୟରେ ତାଙ୍କଠାରେ ତିଳେମାତ୍ର ଊଣା ନ ଥାଏ । ଏପରି ସର୍ବଥା ପରିପୂର୍ଣ୍ଣ, ସର୍ବସମର୍ଥ ଭଗବାନଙ୍କ ସହିତ ଆମର ସମ୍ବନ୍ଧ ହୋଇଗଲେ ତାଙ୍କ ଶକ୍ତି ଆମଠାରେ ଅବତରିତ ହୋଇଯିବ । ବିଜୁଳିତାର ସହିତ ସମ୍ପର୍କ ହୋଇଗଲେ ପଙ୍ଖା ଘୂରେ, ହିଟର ଜଳେ, ବରଫ ଜମିବା ଯନ୍ତ୍ରରେ ବରଫ ଜମେ, ବିଜୁଳିବତି ଆଲୋକ ଦିଏ । ଗୋଟିଏ ଶକ୍ତି ଦ୍ୱାରା ଅନେକ ପରସ୍ପରବିରୋଧୀ କାର୍ଯ୍ୟ ମଧ୍ୟ ହୋଇଯାଏ । ସେହିପରି ସଂସାରର ଉତ୍ପତ୍ତି, ପାଳନ ଓ ସଂହାର କରିବାରେ ଗୋଟିଏ ଶକ୍ତି ହିଁ କାମ କରେ । ପ୍ରାର୍ଥନା ମାଧ୍ୟମରେ ଭକ୍ତ ଯେତେବେଳେ ଏଭଳି ସର୍ବସମର୍ଥ ପ୍ରଭୁଙ୍କର ସମକ୍ଷ ହୋଇଯାଏ, ସେତେବେଳେ ତା'ଠାରେ କୌଣସି ପ୍ରକାରର ଊଣା ରହେ ନାହିଁ । ଊଣା ରହିବାର ସମ୍ଭବନା ମଧ୍ୟ ରହେ ନାହିଁ । ଭଗବାନ କହିଛନ୍ତି—

ଯୋ ମାମେବମସମ୍ମୂଢୋ ଜାନାତି ପୁରୁଷୋତ୍ତମମ୍ ।
ସ ସର୍ବବିଭଜତି ମାଂ ସର୍ବଭାବେନ ଭାରତ ॥

(ଗୀତା ୧୫ । ୧୯)

"ହେ ଭାରତ! ଏହିପ୍ରକାରେ ଯେଉଁ ମୋହଶୂନ୍ୟ ମନୁଷ୍ୟ ମୋତେ ପୁରୁଷୋତ୍ତମ ବୋଲି ଜାଣିଯାଏ, ସେହି ସର୍ବବିଦ୍ ମନୁଷ୍ୟ ସର୍ବଭାବରେ ମୋର ଭଜନ କରେ ।"

ଯିଏ ଭଗବାନଙ୍କୁ ପୁରୁଷୋତ୍ତମ ବୋଲି ଜାଣିଯାଏ, ସେ ସର୍ବବିଦ୍ (ସର୍ବଜ୍ଞ) ହୋଇଯାଏ । ସଂସାରର ଅନେକ କଥା ଜାଣିଗଲେ ମଧ୍ୟ ମନୁଷ୍ୟ ସର୍ବବିଦ୍ ହୁଏ ନାହିଁ । ଭଗବାନଙ୍କର ଶକ୍ତି ଅପାର, ଅସୀମ, ଅନନ୍ତ, ଅଗାଧ ବୋଲି ଯାହାର ଦୃଢ଼ ବିଶ୍ୱାସ ଥାଏ, ସେ ସବୁପ୍ରକାରେ ଭଗବାନଙ୍କର ହିଁ ଭଜନ କରେ । ତାହାର ଦୃଷ୍ଟି ଭଗବାନଙ୍କୁ ଛାଡ଼ି ଅନ୍ୟ କୁଆଡ଼େ ଯାଏ ନାହିଁ । ତା' ପାଇଁ ଭଗବାନଙ୍କ ବ୍ୟତୀତ ଅନ୍ୟ କୌଣସି ଭରସା ରହେ ନାହିଁ, ଅନ୍ୟ କାହାରି କୌଣସି ମୂଲ୍ୟ ରହେ ନାହିଁ ଏବଂ ତାହାର କାହାଠାରୁ କୌଣସି ପ୍ରକାର ଆଶା ରହେ ନାହିଁ । ସେ ସବୁ ଦିଗରୁ ଆଶା ଛାଡ଼ିଦିଏ । 'ମୁଁ ନିଜ ବଳରେ ଏହା କରି ପାରିବି'—ଏ କଥା ସବୁଦିନ ପାଇଁ ତା' ହୃଦୟରୁ

ବାହାରିଯାଏ । ଏପରି ସ୍ଥିତିରେ ପ୍ରକୃତ ଶରଣାଗତି ସମ୍ଭବ ହୁଏ, ପ୍ରକୃତ ପ୍ରାର୍ଥନା ଅନ୍ତରରୁ ବାହାରେ । ଭଗବାନ କହିଛନ୍ତି—

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥

(ଗୀତା ୧୮ । ୬୬)

"ସମସ୍ତ ଧର୍ମର ଆଶ୍ରୟ ଛାଡ଼ି ତୁମେ କେବଳ ମୋର ଶରଣକୁ ଆସିଯାଅ । ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ତୁମେ ଚିନ୍ତା କର ନାହିଁ ।"

ନିଜର ବଳ, ବୁଦ୍ଧି, ବିଦ୍ୟା ଇତ୍ୟାଦିର କିଞ୍ଚିନ୍ମାତ୍ର ଆଶ୍ରୟ ବା ଅଭିମାନ ନ ରଖି ଅନନ୍ୟଭାବରେ ଭଗବାନଙ୍କର ଶରଣାପନ୍ନ ହୋଇଯିବା ଆମର କାମ ଏବଂ ସମସ୍ତ ପାପରୁ ମୁକ୍ତ କରିବା ଭଗବାନଙ୍କର କାମ । କାରଣ ଆମେ ହିଁ ଭଗବାନଙ୍କ ଠାରୁ ବିମୁଖ ହୋଇଛୁ, ଭଗବାନ କଦାପି ଆମଠାରୁ ବିମୁଖ ହୋଇ ନାହାନ୍ତି । ଯଦି ଆମେ ଅନନ୍ୟଭାବରେ ଭଗବାନଙ୍କର ଶରଣାପନ୍ନ ହୋଇଯାଉ, ତେବେ ତାଙ୍କ ଶକ୍ତି ବଳରେ ଆମର ଅତି ଶୀଘ୍ର ଓ ସହଜରେ ଉଦ୍ଧାର ହୋଇଯିବ । ଏଥିପାଇଁ ଭଗବାନ ଆଶ୍ୱାସନା ଦେଉଛନ୍ତି—ମୋର ଶରଣକୁ ଆସିଗଲେ ମୁଁ ସମସ୍ତ ପାପ, ଦୁଃଖ ଓ ବନ୍ଧନରୁ ମୁକ୍ତ କରିଦେବି, ପୁଣି ତୁମେ ଚିନ୍ତା କରୁଛ କାହିଁକି?

✦✦✦